

ଜ୍ୟାକ୍ଲିନ୍‌ଙ୍କ ଏଆଇ ଅବତାର

▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 44 •ISSUE-29 •THURSDAY •23 JULY 2026 •PAGE-12 •₹ 7.00 | BHUBANESWAR | •ବର୍ଷ-୪୪ •ସଂଖ୍ୟା-୨୯ •ଗୁରୁବାର •୨୩ ଜୁଲାଇ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦


# ସଡ଼କରୁ ସଂସଦ ହଙ୍ଗାମା

## ଛାତ୍ରଙ୍କ ସମର୍ଥନରେ ସାରାଦେଶରେ ବିକ୍ଷୋଭ; ବିଦେଶରେ ବି ବିରୋଧ

■ ନୂଆଦିଲ୍ଲୀ, ୨୨।୭ (ଏଜେନ୍ସି): ନିଟ୍ ପରୀକ୍ଷା ବିଭ୍ରାଟ ପ୍ରତିବାଦରେ ଆରମ୍ଭ ହୋଇଥିବା କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ଆନ୍ଦୋଳନ ତୀବ୍ର ହେବାକୁ ଲାଗିଛି । ବିଶେଷ କରି ଗତ ୨୦ ତାରିଖରେ ନିରସ୍ତ୍ର ଓ ନିରୀହ ଆନ୍ଦୋଳନକାରୀ ଛାତ୍ରଛାତ୍ରୀଙ୍କ ଉପରେ ଦିଲ୍ଲୀ ପୁଲିସର ଅମାନୁଷିକ ଦମନଲୀଳା ଏହି ଆନ୍ଦୋଳନ ନିଆଁରେ ଘିଅ ଢାଳିବା ଭଳି କାମ କରିଛି । ସଡ଼କରୁ ଆରମ୍ଭ କରି ସଂସଦ ପର୍ଯ୍ୟନ୍ତ ଏହି ପ୍ରସଙ୍ଗରେ ଅଶାନ୍ତ ହୋଇପଡ଼ିଛି । କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ସହିତ ପୁଲିସର ବର୍ବରତା ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ଜୋର୍ ଧରିଛି । ବିଦେଶରେ ଥିବା ଭାରତୀୟ ଦୂତାବାସ ସମ୍ମୁଖରେ ମଧ ଛାତ୍ରଛାତ୍ରୀମାନେ ପୁଲିସ ବର୍ବରତାର ପ୍ରତିବାଦ ଓ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି ।



ସଂସଦ ପରିସରରେ କଳା ପୋଷାକ ପିନ୍ଧି ବିରୋଧୀ ସାଂସଦଙ୍କ ପ୍ରତିବାଦ

ଆନ୍ଦୋଳନ କେବଳ ଦିଲ୍ଲୀରେ ନୁହେଁ; ଦେଶର ବିଭିନ୍ନ ରାଜ୍ୟ ରାଜଧାନୀ ଏହି ଦାବି ଗର୍ଜନରେ ଥରି ଉଠିଛି । ଆନ୍ଦୋଳନକାରୀ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଅଡ଼ିବସିଥିବା ବେଳେ ସଂସଦରେ ମଧ ବିରୋଧୀ ଦଳ ସ୍ପଷ୍ଟ କରିଦେଇଛନ୍ତି ଯେ ଶିକ୍ଷା ମନ୍ତ୍ରୀ ଇସ୍ତଫା ନ ଦେବା ପର୍ଯ୍ୟନ୍ତ ଗୃହକୁ ଚଳାଇ ଦିଆଯିବ ନାହିଁ । ଏହି ଦାବିରେ ସଂସଦ ଆଜି ତୃତୀୟ ଦିନ ଧରି ଅଚଳ ରହିଥିବା ବେଳେ ବିରୋଧୀ ▶ପୃଷ୍ଠା-୭

## ମନାକଲେ ସୁପ୍ରିମକୋର୍ଟ; ନୋଟିସ୍ ଦେଲେ ହାଇକୋର୍ଟ

■ ନୂଆଦିଲ୍ଲୀ, ୨୨।୭ (ଏଜେନ୍ସି): କକ୍ରୋଚ୍ ଜନତା ପାର୍ଟି ଦ୍ୱାରା ଆୟୋଜିତ ସଂସଦ ମାର୍ଚ୍ଚ ସମୟରେ ଆନ୍ଦୋଳନକାରୀଙ୍କ ଉପରେ ମାତ୍ରାଧିକ ଓ ଅମାନୁଷିକ କାର୍ଯ୍ୟାନୁଷ୍ଠାନ ନେଇ ଆବେଦନକାରୀ ସୁପ୍ରିମ କୋର୍ଟ ଏବଂ ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ସୁପ୍ରିମ କୋର୍ଟ ତୁରନ୍ତ ଶୁଣାଣି କରିବା ପାଇଁ ମନା କରିଦେଇଥିବା ବେଳେ ହାଇକୋର୍ଟ ପିଟିସନ ଗ୍ରହଣ କରି କେନ୍ଦ୍ର ସରକାର ଏବଂ ଦିଲ୍ଲୀ ପୁଲିସକୁ ନୋଟିସ ଜାରି କରିଛନ୍ତି । ଏହି ବର୍ବରତା ଦେଶର ବିବେକକୁ ଦୋହଲାଇ ଦେଇଛି ବୋଲି ହାଇକୋର୍ଟ ମନ୍ତବ୍ୟ ଦେଇଛନ୍ତି । ▶ପୃଷ୍ଠା-୭

## ଆଘାତ ଦେଇଛି ଛାତ୍ରଛାତ୍ରୀଙ୍କ ଉପରେ ମାତ୍ରାଧିକ ବଳପ୍ରୟୋଗ: ନବୀନ



### ବିରୋଧୀ ଦଳ ନେତାଙ୍କ ପ୍ରତି ପୁଲିସର ରୁକ୍ଷ ବ୍ୟବହାରକୁ ନିନ୍ଦା

### ଦୋହରାଇଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି

■ ଭୁବନେଶ୍ୱର, ୨୨।୭ (ସମିସ): ଦିଲ୍ଲୀର ଯନ୍ତରମନ୍ତରରେ କଲେଜ ଛାତ୍ରଛାତ୍ରୀଙ୍କ ପରୀକ୍ଷାକୁ ନେଇ ଯାହା ଘଟିଛି, ସେଥିପାଇଁ ସାରା ଦେଶରେ ଆନ୍ଦୋଳନ ଚାଲିଛି । ଏହି ଘଟଣା ସମଗ୍ର ଦେଶକୁ ସ୍ତବ୍ଧ କରିଦେଇଛି । ନିଟ୍ ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ନ୍ୟାୟ ଦାବି କରି ଶାନ୍ତିପୂର୍ଣ୍ଣ ପ୍ରତିବାଦ କରୁଥିବା ଛାତ୍ରଛାତ୍ରୀଙ୍କ ଉପରେ ମାତ୍ରାଧିକ ବଳପ୍ରୟୋଗ ସମସ୍ତଙ୍କୁ ଗଭୀର ଆଘାତ ଦେଇଛି ବୋଲି କ୍ଷୋଭର ସହ କହିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ।

କେବଳ ଛାତ୍ରଛାତ୍ରୀ ନୁହେଁ; ସଂସଦର ବିରୋଧୀ ଦଳର ନେତା ଏବଂ ଅନ୍ୟାନ୍ୟ ବରିଷ୍ଠ ରାଜନେତାଙ୍କ ସହ ମଧ ପୁଲିସ ଅତ୍ୟନ୍ତ ରୁକ୍ଷ ବ୍ୟବହାର କରିଥିଲା । ଏହା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ବୋଲି ସେ କହିଛନ୍ତି । ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ତଥା ଅନ୍ୟ ନେତାଙ୍କୁ ପୁଲିସର ବ୍ୟବହାରକୁ ନବୀନ ଦୃଢ଼ ଶବ୍ଦରେ ନିନ୍ଦା କରିଛନ୍ତି । ନବୀନ କହିଛନ୍ତି ଯେ ଆମେ ଏହି ପ୍ରସଙ୍ଗରେ ଆନ୍ଦୋଳନ କରୁଛୁ, ଓଡ଼ିଶାରେ ମଧ ଆନ୍ଦୋଳନ କରିବୁ । ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି ପ୍ରସଙ୍ଗରେ ଦିଲ୍ଲୀରେ ଗଣମାଧ୍ୟମକୁ ଦେଇଥିବା ମନ୍ତବ୍ୟକୁ ▶ପୃଷ୍ଠା-୭

## ମୁଖ୍ୟମନ୍ତ୍ରୀଙ୍କ ବାହୁଡ଼ା ସମୀକ୍ଷା



### ଆଇନ ଶୃଙ୍ଖଳାରେ ସାଲିସ ନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

### ପ୍ରଶାସନ ଓ ପୁଲିସର ମାର୍ଗଦର୍ଶିକା ପାଳନ କରିବାକୁ ଭକ୍ତଙ୍କୁ ନିବେଦନ

■ ଭୁବନେଶ୍ୱର, ୨୨।୭ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଲୋକସେବା ଭବନରେ ମହାପ୍ରଭୁଙ୍କ ବାହୁଡା ଯାତ୍ରା ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଛନ୍ତି । ବାହୁଡ଼ା ଯାତ୍ରାରେ ଭିଡ ପରିଚାଳନା ଓ ସୂଚନା ସଞ୍ଚାର ଉପରେ ଅଧିକ ଗୁରୁତ୍ୱ ଦେବା ସହ ଆଇନଶୃଙ୍ଖଳରେ କୌଣସି ସାଲିସ ନ କରିବାକୁ ମୁଖ୍ୟମନ୍ତ୍ରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହିତ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ପ୍ରଶାସନ ଓ ପୁଲିସସର ମାର୍ଗଦର୍ଶିକା ପାଳନ କରିବାକୁ ସେ ନିବେଦନ ମଧ କରିଛନ୍ତି । ରଥଯାତ୍ରା ଠାରୁ ଆଜି ପର୍ଯ୍ୟନ୍ତ ମହାପ୍ରଭୁଙ୍କ ସମସ୍ତ ନୀତିକାନ୍ତି ପ୍ରାୟତଃ ଠିକ୍ ଭାବରେ ପରିଚାଳିତ ହୋଇଛି । ଲଗାଣ ବର୍ଷା, ପ୍ରତିକୂଳ ପାଗ, ଗରମ ଓ ଗୁଳୁଗୁଳି ସ ।।ତ୍ତ୍ୱେ ଅଧିକାରୀ ଓ କର୍ମଚାରୀ ତଥା ଭକ୍ତମାନଙ୍କ ସେବା ଓ ସମର୍ପଣ କୌଣସି ମାତ୍ରାରେ ପ୍ରଭାବିତ ହୋଇନାହିଁ । ପୁରୀ ସହରରେ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ସଜାଗ ରହି ସମସ୍ତ ବ୍ୟବସ୍ଥାର ନିୟମିତ ପରିଚାଳନା ଓ ତଦାରଖ କରୁଛନ୍ତି । ପହଣ୍ଡି, ରଥଟଣା, ଦକ୍ଷିଣ ମୋଡ, ଆଡପ ମଣ୍ଡପ ଦର୍ଶନ, ପ୍ରତ୍ୟେକ ସମୟରେ ବରିଷ୍ଠ ▶ପୃଷ୍ଠା-୭

## କାର ସହ ସ୍କୁଟି ଧକ୍କା; ୨ ମୃତ, ଜଣେ ଗୁରୁତର



■ ଢେଙ୍କାନାଳ, ୨୨।୭ (ସମିସ): ୫୫ ନମ୍ବର ଜାତୀୟ ରାଜପଥର ଢେଙ୍କାନାଳ ଟାଉନ ଥାନା ଅନ୍ତର୍ଗତ ମହିଷାପାଟ ନିରୁପମା ହୋଟେଲ ନିକଟରେ ଏକ ଇନୋଭା କାର ସହ ସ୍କୁଟିର ମୁହାଁମୁହିଁ ଧକ୍କା ହେବାରୁ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି । ମୃତକଙ୍କ ପରିଚୟ ମିଳି ନ ଥିବା ବେଳେ ଆହତ ବ୍ୟକ୍ତି ଜଣକ ଗଁଦିଆ ବ୍ଲକ ଯୋରନ୍ଦା ଥାନା ଅନ୍ତର୍ଗତ କାବରା ଗ୍ରାମର ବିଶ୍ୱଜିତ୍ ଦାଶ ବୋଲି ଜଣାପଡ଼ିଛି । ବିଶ୍ୱଜିତଙ୍କୁ କଟକ ଏସ୍‌ସିବି ମେଡିକାଲ ସ୍ଥାନାନ୍ତର କରାଯାଇଛି । ଇନୋଭା କାର ଦ୍ରୁତଗତିରେ ଯାଉଥିବା ବେଳେ ବିପରୀତ ଦିଗରୁ ଏକ ସ୍କୁଟିରେ ତିନି ଜଣ ବସି ଆସୁଥିଲେ । ନିରୁପମା ହୋଟେଲ ନିକଟରେ ଉଭୟ ଗାଡ଼ି ମୁହାଁମୁହିଁ ଧକ୍କା ହୋଇଥିଲା ।

### ଶିକ୍ଷକ ନିଯୁକ୍ତି ଦୁର୍ନୀତି

## ୧୫ ବିଇଡି କଲେଜକୁ ନୋଟିସ୍

### ଏମ୍‌ଇଡି ଯୋଗ୍ୟତା ନ ଥାଇ ପାଇଛନ୍ତି ଅଧ୍ୟାପକ ଚାକିରି

### ନୋଟିସ୍ ପରେ ବଢ଼ିଲା ସ୍ୱୀକୃତି ପ୍ରତ୍ୟାହାର ଆଶଙ୍କା

■ ଭୁବନେଶ୍ୱର, ୨୨।୭ (ସମିସ): ଯୋଗ୍ୟତା ନ ଥିବା ବ୍ୟକ୍ତିମାନଙ୍କୁ ଅଧ୍ୟାପକ ଭାବେ ନିଯୁକ୍ତି ପ୍ରଦାନକୁ ନେଇ ଅଡ଼ୁଆରେ ପଡ଼ିଛନ୍ତି ରାଜ୍ୟର ଅନେକ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ । ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ (ଏନ୍‌ସିଟିଇ) ପକ୍ଷରୁ ଧାର୍ଯ୍ୟ ଶିକ୍ଷାଗତ ଯୋଗ୍ୟତାକୁ ଉଲ୍ଲଂଘନ କରି ଏହି ନିଯୁକ୍ତି ଦିଆଯାଇଥିବାରୁ ୧୫ ବିଇଡ଼ି କଲେଜକୁ ନୋଟିସ ଦିଆଯାଇଛି । ଅଧ୍ୟାପକ ହେବା ପାଇଁ ଦୁଇଟି ସ୍ନାତକୋତ୍ତର ଡିଗ୍ରୀ ଅର୍ଥାତ୍ ଗୋଟିଏ ସ୍ନାତକୋତ୍ତର ଡିଗ୍ରୀ ସହିତ ଏମ୍‌ଇଡି ବାଧ୍ୟତାମୂଳକ ହୋଇଥିବା ବେଳେ କେବଳ ସ୍ନାତକୋତ୍ତର ଓ ବିଇଡ଼ି କରିଥିବା ପ୍ରାର୍ଥୀଙ୍କୁ ନିଯୁକ୍ତି ଦିଆଯାଇଥିବା ଅଭିଯୋଗ ହୋଇଛି ।

ଏନ୍‌ସିଟିଇ ପକ୍ଷରୁ କେନ୍ଦୁଝରସ୍ଥିତ ଆନନ୍ଦପୁର ପ୍ରଶିକ୍ଷଣ ମହାବିଦ୍ୟାଳୟ, ବଲାଙ୍ଗିରର ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ, ବ୍ରହ୍ମପୁରର ଦିବାକର ପଟ୍ଟନାୟକ ଇନଷ୍ଟିଚ୍ୟୁଟ୍ ଅଫ୍ ଆଡ୍‌ଭାନସଡ୍ ଷ୍ଟଡିଜ୍, କଟକର ହିନ୍ଦୀ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଭୁବନେଶ୍ୱରସ୍ଥିତ ନଳିନୀ ଦେବୀ ମହିଳା ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ, ଭବାନୀପାଟଣା ଓ ବାଲେଶ୍ୱରରେ ଥିବା ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ, କନ୍ଧମାଳର କଳିଙ୍ଗାରେ ଥିବା ସରକାରୀ ବିଇଡି ପ୍ରଶିକ୍ଷଣ ମହାବିଦ୍ୟାଳୟ, ଗଞ୍ଜାମ ଭଞ୍ଜନଗରସ୍ଥିତ କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ, ସମ୍ବଲପୁରର ଡ. ପର୍ଶୁରାମ ମିଶ୍ର ଇଷ୍ଟିଚ୍ୟୁଟ୍ ଅଫ୍ ଆଡଭାନସଡ୍ ଷ୍ଟଡି ଇନ୍ ଏଜୁକେସନ୍, ରାଉରକେଲା ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ, କୋରାପୁଟ୍‌ର ଡିଏଭି ଶିକ୍ଷା ମହାବିଦ୍ୟାଳୟ, ଫୁଲବାଣୀର ସରକାରୀ ଶିକ୍ଷକ ▶ପୃଷ୍ଠା-୭








ସକାଳ
THE SAKALA
www.sakalaepaper.com




ଯନ୍ତର ମନ୍ତରରେ ଡେଲିଭରି ବୟଙ୍କ ଭିଡ଼





ଦିଲ୍ଲୀ ଯନ୍ତର ମନ୍ତରରେ ଧାରଣା



ପାଟନାରେ ପୁଲିସ-ଆନ୍ଦୋଳନକାରୀ ମୁହାଁମୁହିଁ

# ତେଜୁଛି କକ୍ରୋଚ୍ ଆନ୍ଦୋଳନ, ବଢୁଛି ସମର୍ଥନ

- ପୁଲିସ କାର୍ଯ୍ୟାନୁଷ୍ଠାନ ପରେ ବଢୁଛି ଜନଆକ୍ରୋଶ
- ମୁମ୍ବାଇରୁ ଆନ୍ଦୋଳନକାରୀଙ୍କ ପାଇଁ ଖାଦ୍ୟ ପଠାଇଲେ
- ପାଟନା, କୋଲକାତା, ମୁମ୍ବାଇରେ ବିକ୍ଷୋଭ

ନୂଆଦିଲ୍ଲୀ, ୨୨।୭(ଏଜେନ୍ସି): ନିଟ୍ ବିଭ୍ରାଟକୁ ନେଇ ଯନ୍ତରମନ୍ତରରେ ଚାଲିଥିବା ପ୍ରତିବାଦ ଆଜି ୨୪ତମ ଦିନରେ ପହଞ୍ଚିଛି। ଜୁଲାଇ ୨୦ରେ ପୁଲିସର ଲାଠିଚାର୍ଜ ଓ ଲୁହବୁହା ଗ୍ୟାସ ପ୍ରୟୋଗ ପରେ ପ୍ରତିବାଦ ଥମିବା ବଦଳରେ ଆହୁରି ଜୋରଦାର ହୋଇଛି। ପୁଲିସର ଅମାନୁଷିକ କାର୍ଯ୍ୟାନୁଷ୍ଠାନରେ ଅନେକ ଛାତ୍ରଛାତ୍ରୀ ଆହତ ହୋଇଛନ୍ତି। ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେବା ପରେ ଅଧିକ ସଂଖ୍ୟାରେ ଯୁବପିଢ଼ି, ଛାତ୍ରଛାତ୍ରୀ ଓ ସାଧାରଣ ଲୋକ ଆନ୍ଦୋଳନରେ ସାମିଲ ହେବାରେ ଲାଗିଛନ୍ତି। ଆନ୍ଦୋଳନକାରୀମାନେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ସହ ପରୀକ୍ଷା ବ୍ୟବସ୍ଥାରେ ସଂସ୍କାର ଦାବି କରୁଛନ୍ତି। ଆନ୍ଦୋଳନ ଏବେ ସାରା ଦେଶରେ ବ୍ୟାପିବାରେ ଲାଗିଛି। ବିହାର ରାଜଧାନୀ ପାଟନା, ମୁମ୍ବାଇ ଏବଂ କୋଲକାତାରେ ମଧ୍ୟ ବଡ଼ ଧରଣର ବିକ୍ଷୋଭ ପ୍ରଦର୍ଶନ ହୋଇଛି। ପୁଲିସ ଓ ଆନ୍ଦୋଳନକାରୀ ମୁହାଁମୁହିଁ ହୋଇଛନ୍ତି। ବିଦେଶରେ ମଧ୍ୟ କକ୍ରୋଚ ପାର୍ଟି ଆନ୍ଦୋଳନ ସମର୍ଥନରେ ବିକ୍ଷୋଭ ହେଉଥିବାର ଖବର ମିଳିଛି।

ଅନ୍ୟପକ୍ଷରେ ଯନ୍ତର ମନ୍ତରରେ ଚାଲିଥିବା ପ୍ରତିବାଦ ମଧ୍ୟରେ ମାନବିକତାର ଏକ ଉଦାହରଣ ସାମ୍ନାକୁ ଆସିଛି। ମୁମ୍ବାଇର ଜଣେ ଯୁବକ ଅନଲାଇନ୍‌ରେ ଖାଦ୍ୟ ଅର୍ଡର କରି ପ୍ରତିବାଦକାରୀଙ୍କ ପାଇଁ ପଠାଇଥିବା ବେଳେ ପ୍ରବଳ ବର୍ଷା ସତ୍ତ୍ୱେ ଜଣେ ଖାଦ୍ୟ ବିତରଣ କର୍ମୀ ସେହି ଖାଦ୍ୟ ଯନ୍ତର ମନ୍ତରରେ ପହଞ୍ଚାଇଥିଲେ। ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେବାରେ ଲାଗିଛି। ଅନେକ ଅଜ୍ଞାତ ବ୍ୟକ୍ତି ଅନଲାଇନ୍‌ରେ ଅର୍ଥ ପ୍ରଦାନ କରି ଯନ୍ତର ମନ୍ତରରେ ଧାରଣାରେ ବସିଥିବା ଆନ୍ଦୋଳନକାରୀଙ୍କୁ ଖାଦ୍ୟ ଯୋଗାଉଛନ୍ତି। ଏହି ଖାଦ୍ୟକୁ ନେଇ ଡେଲିଭରୀ ବୟ ଯନ୍ତରମନ୍ତରରେ ପହଞ୍ଚିଛନ୍ତି। ଏବେ ସେଠାରେ ଡେଲିଭରି ବୟମାନଙ୍କର ଭିଡ଼ ଦେଖିବାକୁ ମିଳିଛି। ଏହି ଭିଡିଓ ସାମାଜିକ ଗଣମାଧ୍ୟମରେ ଦ୍ରୁତ ଗତିରେ ପ୍ରସାରିତ ହେବା ପରେ ଅନେକ ବ୍ୟବହାରକାରୀ ସାଧାରଣ ଲୋକଙ୍କ ଏଭଳି ସହଯୋଗୀ ମନୋଭାବକୁ ପ୍ରଶଂସା କରିଛନ୍ତି। ଏହି ଆନ୍ଦୋଳନ ସହ ଜଡ଼ିତ ବିଭିନ୍ନ ସ୍ୱେଚ୍ଛାସେବୀ ଓ ସାଧାରଣ ଲୋକ ପ୍ରତିବାଦକାରୀଙ୍କ ପାଇଁ ଚା', ଖାଦ୍ୟ ଓ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ପଠାଇ ସହଯୋଗ କରୁଛନ୍ତି।



## ହସ୍ପିଟାଲରେ ଭେଟିଲେ ଦୁଇ କେନ୍ଦ୍ରମନ୍ତ୍ରୀ
# ଅନଶନ ଭାଙ୍ଗିବାକୁ ୱାଙ୍ଗଚୁକ୍‌ଙ୍କ ସର୍ତ୍ତ

ନୂଆଦିଲ୍ଲୀ, ୨୨।୭(ଏଜେନ୍ସି): ନିଟ୍ ପରୀକ୍ଷା ବିଭ୍ରାଟ ବିରୋଧରେ ଅନଶନ ଚଳାଇଛନ୍ତି ସାମାଜିକ କର୍ମୀ ତଥା ଶିକ୍ଷାବିତ୍ ସୋନମ୍ ୱାଙ୍ଗଚୁକ୍। ଗୁରୁତର ଅସୁସ୍ଥତା କାରଣରୁ ମେଦାନ୍ତ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ୱାଙ୍ଗଚୁକ୍‌ଙ୍କୁ ଅନଶନ ପ୍ରତ୍ୟାହାର କରିବା ପାଇଁ ୬୫ ଜଣ ବିରୋଧୀ ସାଂସଦ ଦସ୍ତଖତ କରି ଏକ ଆବେଦନ ପତ୍ର ପଠାଇଛନ୍ତି। ଗତକାଲି ରାତିରେ ଦୁଇ ଜଣ କେନ୍ଦ୍ର ମନ୍ତ୍ରୀ ଜେପି ନଡ୍ଡା ଏବଂ ଜିତେନ୍ଦ୍ର ସିଂହ ମଧ୍ୟ ହସପିଟାଲ ଯାଇ ୱାଙ୍ଗଚୁକଙ୍କୁ ଭେଟିଛନ୍ତି। ଅନଶନ ପ୍ରତ୍ୟାହାର ପାଇଁ ସେମାନେ ମଧ୍ୟ ଅନୁରୋଧ କରିଛନ୍ତି। କିନ୍ତୁ ଅନଶନ ପ୍ରତ୍ୟାହାର ପାଇଁ ୱାଙ୍ଗଚୁକ୍ କେତୋଟି ସର୍ତ୍ତ ରଖିଛନ୍ତି। ପ୍ରମୁଖ ସର୍ତ୍ତଟି ହେଉଛି ଆନ୍ଦୋଳନକାରୀମାନଙ୍କ ବିରୋଧରେ କେନ୍ଦ୍ର ସରକାର କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ନାହିଁ ବୋଲି ଲିଖିତ ପ୍ରତିଶ୍ରୁତି ଦିଅନ୍ତୁ। ତେବେ ଏସଂପର୍କରେ ସରକାରଙ୍କ ପ୍ରତିକ୍ରିୟା ମିଳିନାହିଁ।

ୱାଙ୍ଗଚୁକ୍ 'ଏକ୍ସ'ରେ ଏହି ସୂଚନା ଦେଇ କହିଛନ୍ତି ଯେ ଗତରାତିରେ ଦୁଇ କେନ୍ଦ୍ର ମନ୍ତ୍ରୀ ତାଙ୍କୁ ଭେଟି ପ୍ରତିଶ୍ରୁତି ଦେଇଛନ୍ତି ଯେ ନିଟ୍ ବିଭ୍ରାଟ ପାଇଁ ଆତ୍ମହତ୍ୟା କରିଥିବା ଛାତ୍ରଛାତ୍ରୀଙ୍କ ପରିବାରକୁ ଯଥେଷ୍ଟ କ୍ଷତିପୂରଣ ସହାୟତା ଦିଆଯିବ, ସଂସଦରେ ଏସଂପର୍କରେ ଆଲୋଚନା କରାଯିବ ଏବଂ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି ଉପରେ ବିଚାର କରାଯିବ। ସେ ଆହୁରି କହିଛନ୍ତି ସେ ସରକାର ଏହି ଦାବି ମାନିନେଲେ ଯନ୍ତରମନ୍ତରରେ ଧାରଣାରେ ବସିଥିବା ଆନ୍ଦୋଳନକାରୀଙ୍କୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖିବାକୁ କୁହାଯିବ। ଏହାସହିତ ସେମାନେ ସରକାରଙ୍କ ସହିତ ଆଲୋଚନା କରିବାକୁ ଯିବେ। ଆନ୍ଦେଳନକାରୀ ନେତା ସୌରଭ ଦାସ ଜଣାଇଛନ୍ତି ଯେ ସେମାନେ କୌଣସି ନେତାଙ୍କ ବାସଭବନକୁ ଯିବେ ନାହିଁ, ବରଂ କେନ୍ଦ୍ରମନ୍ତ୍ରୀମାନେ ଯନ୍ତର ମନ୍ତର କିମ୍ବା କୌଣସି ନିରପେକ୍ଷ ସ୍ଥାନକୁ ଆସି ନିରପେକ୍ଷ ଆଲୋଚନା କରନ୍ତୁ।

ଇତିମଧ୍ୟରେ ୱାଙ୍ଗଚୁକ୍‌ଙ୍କ ଅନିର୍ଦ୍ଦିଷ୍ଟକାଳୀନ ଅନଶନ ଆଜି ୨୫ଶ ଦିନରେ ପହଞ୍ଚିଛି। ଦିଲ୍ଲୀ ହାଇକୋର୍ଟଙ୍କ ଆଦେଶ ପରେ ତାଙ୍କୁ ଦିଲ୍ଲୀର ସଫଦରଜଙ୍ଗ ହସ୍ପିଟାଲରୁ ଗୁରୁଗ୍ରାମସ୍ଥିତ ମେଦାନ୍ତ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି। ମଙ୍ଗଳବାର ବିଳମ୍ବିତ ରାତିରେ କେନ୍ଦ୍ରମନ୍ତ୍ରୀ ଜେପି ନଡ୍ଡା ଏବଂ ଜିତେନ୍ଦ୍ର ସିଂହ ହସ୍ପିଟାଲରେ ପହଞ୍ଚି ୱାଙ୍ଗଚୁକ୍‌ଙ୍କ ସହ ଆଲୋଚନା କରିଛନ୍ତି। ରାତି ପ୍ରାୟ ୧୧.୩୦ ସମୟରେ କେନ୍ଦ୍ରମନ୍ତ୍ରୀ ମେଦାନ୍ତ ହସ୍ପିଟାଲର ଆଇସିୟୁ ଭିତରକୁ ଯାଇ ୱାଙ୍ଗଚୁକ୍‌ଙ୍କ ସହ ପ୍ରାୟ ୧୦ ମିନିଟ୍ ଆଲୋଚନା କରିଥିଲେ। ତେବେ କଣ ଆଲୋଚନା ହୋଇଛି, ତାହା ସରକାର କିଛି ଜଣାଇ ନାହାନ୍ତି।

# ୧୦ ବର୍ଷରେ ୧୫୨ ପେପର ଲିକ୍: ରାହୁଲ

ନୂଆଦିଲ୍ଲୀ, ୨୨।୭(ଏଜେନ୍ସି): ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଅଭିଯୋଗ କରିଛନ୍ତି ଯେ ଭାରତର ଶିକ୍ଷା ବ୍ୟବସ୍ଥା ଏକ 'ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥା'ରେ ପରିଣତ ହୋଇଛି। ଆଜି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ରାହୁଲ କହିଛନ୍ତି ଯେ ବିଗତ ଦଶନ୍ଧି ମଧ୍ୟରେ ପ୍ରାୟ ୧୫୨ଟି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ହେବା ସତ୍ତ୍ୱେ ଏପର୍ଯ୍ୟନ୍ତ କାହାରିକୁ ଦଣ୍ଡିତ କରାଯାଇନାହିଁ। ହାରାହାରି ପ୍ରତି ମାସରେ ଗୋଟିଏ ପ୍ରଶ୍ନପତ୍ର ଲିକ୍ ହେଉଛି ଏବଂ ଏହାଦ୍ୱାରା ପ୍ରାୟ ୭.୫ କୋଟି ଛାତ୍ରଛାତ୍ରୀଙ୍କ ସମେତ ସେମାନଙ୍କ ପରିବାର ପ୍ରଭାବିତ ହୋଇଛନ୍ତି। ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏହି ପଦ ପାଇଁ ଅଯୋଗ୍ୟ ବୋଲି କହିବା ସହ ଶିକ୍ଷାମନ୍ତ୍ରୀ ଦେଶର ସବୁଠାରୁ ମୂଲ୍ୟବାନ ସମ୍ପତ୍ତି ବା ଶିକ୍ଷା ବ୍ୟବସ୍ଥାକୁ ନଷ୍ଟ କରିଦେଇଥିବା ସେ ଅଭିଯୋଗ କରିଛନ୍ତି। ଏହାପରେ ରାହୁଲ ଜୁଲାଇ ୨୦ରେ ସଂସଦ ଅଭିମୁଖେ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା କରୁଥିବା ଛାତ୍ରଛାତ୍ରୀଙ୍କ ଉପରେ ହୋଇଥିବା ପୁଲିସ କାର୍ଯ୍ୟାନୁଷ୍ଠାନକୁ କଡ଼ା ନିନ୍ଦା କରିଥିଲେ। ସେ କହିଛନ୍ତି ଯେ ପ୍ରତିବାଦକାରୀ ଛାତ୍ରଛାତ୍ରୀମାନେ ଆତଙ୍କବାଦୀ ନୁହନ୍ତି, ସେମାନେ ଆମ ଦେଶର ଭବିଷ୍ୟତ। ଏହି ମାମଲାରେ ସେ ୩ଟି ମୁଖ୍ୟ ଦାବି ରଖିଛନ୍ତି। ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବହିଷ୍କାର କରାଯାଉ, ଛାତ୍ରଛାତ୍ରୀଙ୍କ ଉପରେ ଆକ୍ରମଣ ପାଇଁ ଦାୟୀ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଛାତ୍ରଛାତ୍ରୀଙ୍କ ନିକଟରେ କ୍ଷମା ପ୍ରାର୍ଥନା କରନ୍ତୁ। ରାହୁଲ କହିଛନ୍ତି ଯେ ଏହି ବ୍ୟବସ୍ଥା କେବଳ ଜାଲିଆତି ନୁହେଁ, ବରଂ ଅତ୍ୟନ୍ତ ବ୍ୟୟବହୁଳ ମଧ୍ୟ। ସେ ଅଭିଯୋଗ କରିଛନ୍ତି ଯେ ପ୍ରତିବର୍ଷ ନିଟ୍ ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀଙ୍କ ପରିବାର ପ୍ରାୟ ୧.୩୨ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି, ଯାହା ଦେଶର ସମଗ୍ର ଶିକ୍ଷା ବଜେଟ୍ ସହ ପ୍ରାୟ ସମାନ। ସେ ଏହାକୁ ମଧ୍ୟବିତ୍ତ ଓ ଗରିବ ପରିବାରଙ୍କ ପକେଟରୁ ଏକ ପ୍ରକାରର ଚୋରି ବୋଲି ବର୍ଣ୍ଣନା କରିଛନ୍ତି।

## ଆମେରିକାଠାରୁ ୧୦ ବିଲିୟନ ଡଲାର ସହାୟତା ମାଗିଲା ପାକିସ୍ତାନ

ନୂଆଦିଲ୍ଲୀ, ୨୨।୭(ଏଜେନ୍ସି): ଘୋର ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ପାକିସ୍ତାନ ପୁଣିଥରେ ଆମେରିକାଠାରୁ ଆର୍ଥିକ ସହାୟତା ଲୋଡ଼ିଛି। ଇରାନ ଯୁଦ୍ଧ ସମୟରେ କୂଟନୈତିକ ମଧ୍ୟସ୍ଥତା କରିବା ପରେ ପାକିସ୍ତାନ ୧୦ ବିଲିୟନ ଆମେରିକୀୟ ଡଲାରର 'ବିନିମୟ ସ୍ଥିରତା ସୁବିଧା' (ଏକ୍ସଚେଞ୍ଜ ଷ୍ଟାବିଲାଇଜେସନ୍ ଫାସିଲିଟି) ମାଗିଛି। ପାକିସ୍ତାନ ନିଜର ବୈଦେଶିକ ମୁଦ୍ରା ଭଣ୍ଡାର ଓ ଆର୍ଥିକ ସ୍ଥିତିକୁ ସୁଧାରିବା ପାଇଁ ଆମେରିକା ନିକଟରେ ଏହି ଆବେଦନ କରିଛି। ପାକିସ୍ତାନର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଆମେରିକା ରାଜକୋଷ ସଚିବ ସ୍କଟ୍ ବେସେଣ୍ଟଙ୍କୁ ୫ ବର୍ଷିଆ ଅବଧି ପାଇଁ ଏହି ଦ୍ୱିପାକ୍ଷିକ ଆର୍ଥିକ ସହାୟତା ଯୋଗାଇଦେବାକୁ ଅନୁରୋଧ କରାଯାଇଛି। ଯଦି ଏହି ପ୍ରସ୍ତାବ ମଞ୍ଜୁର ହୁଏ, ତେବେ ପାକିସ୍ତାନୀ ମୁଦ୍ରା 'ରୁପି' ଉପରୁ ଚାପ କମିବ, ବୈଦେଶିକ ମୁଦ୍ରା ଗଚ୍ଛିତ ପାଣ୍ଠି ବୃଦ୍ଧି ପାଇବ ଏବଂ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ଉପରେ ଏହାର ନିର୍ଭରଶୀଳତା ହ୍ରାସ ପାଇବ। ଟ୍ରମ୍ପ ପ୍ରଶାସନ ସହ ସମ୍ପର୍କ ସୁଧାରିବା ପାଇଁ ପାକିସ୍ତାନ ଡିଜିଟାଲ ମୁଦ୍ରା, ହୋଟେଲ ପୁନଃନିର୍ମାଣ ଏବଂ ଖଣି କ୍ଷେତ୍ରରେ ମଧ୍ୟ ବାଣିଜ୍ୟିକ ଚୁକ୍ତି ଆଡ଼କୁ ଅଗ୍ରସର ହେଉଛି।



## ଦୁର୍ନୀତି, ବୁଲ୍‌ଡୋଜର୍ ନେଇ ବର୍ଷିଲେ ହାଇକୋର୍ଟ

**ଦୁର୍ନୀତି ପାଇଁ ମୃତ୍ୟୁଦଣ୍ଡ ଦରକାର**
**ସୁପ୍ରିମକୋର୍ଟକୁ ମାନୁନି ବୁଲଡୋଜର**

ପ୍ରୟାଗରାଜ, ୨୨।୭(ଏଜେନ୍ସି): ଆହ୍ଲାବାଦ ହାଇକୋର୍ଟର ବିଚାରପତି ଜଷ୍ଟିସ ଅତୁଲ ଶ୍ରୀଧରନ୍ ଦେଶରେ ବ୍ୟାପିଥିବା ଦୁର୍ନୀତି ଏବଂ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନକୁ ନେଇ ବର୍ଷିଛନ୍ତି। ଭାରତୀୟ ସମାଜରେ ଦୁର୍ନୀତି ଏକ ସାଧାରଣ ଚଳଣିରେ ପରିଣତ ହୋଇଛି ବୋଲି କହିବା ସହ ଏହାକୁ ରୋକିବା ପାଇଁ ସେ ମୃତ୍ୟୁଦଣ୍ଡ ଭଳି କଠୋର ଦଣ୍ଡବିଧାନ ପାଇଁ ପ୍ରସ୍ତାବ ଦେଇଛନ୍ତି। ଅଯୋଧ୍ୟା ରାମ ମନ୍ଦିର ପାଇଁ ମିଳିଥିବା ଦାନ ଅର୍ଥର ଚୋରିକୁ ଜଷ୍ଟିସ ଶ୍ରୀଧରନ୍ 'ଭାରତୀୟଙ୍କ ସାଧୁତାର ଚରମ ଅଧୋପତନ' ବୋଲି ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି ଯେ, ଯେଉଁମାନେ ରାମ ମନ୍ଦିର ଭଳି ପବିତ୍ର ସ୍ଥାନରେ ଚୋରି କରି ମଧ୍ୟ ବିଚଳିତ ହେଉନାହାନ୍ତି, ସେମାନଙ୍କୁ କୌଣସି ଜିନିଷ ଲଜ୍ଜିତ କରିପାରିବ ନାହିଁ। ଦୁର୍ନୀତି ନିବାରଣ ଆଇନରେ ସଂଶୋଧନ କରି ଦୋଷୀଙ୍କୁ ମୃତ୍ୟୁଦଣ୍ଡ ଦେବାକୁ ସେ ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ଏହାସହ ଉତ୍ତରପ୍ରଦେଶ ସରକାରଙ୍କ ଦ୍ୱାରା କରାଯାଉଥିବା ବୁଲଡୋଜର କାର୍ଯ୍ୟାନୁଷ୍ଠାନ ଉପରେ ଜଷ୍ଟିସ ଶ୍ରୀଧରନ୍ ପ୍ରବଳ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଯେ, ଏଭଳି କାର୍ଯ୍ୟାନୁଷ୍ଠାନ କେବଳ ସମାଜର ରକ୍ତ ପିପାସା ମେଣ୍ଟାଇବା ପାଇଁ ଉଦ୍ଦିଷ୍ଟ। ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ପ୍ରଶାସନ ଏଭଳି ଭାବେ ଘର ଭାଙ୍ଗୁଛି, ଯେମିତି କୌଣସି ଆଇନର ଅସ୍ତିତ୍ୱ ନାହିଁ।

ଏକ ଦୁର୍ନୀତି ମାମଲାର ଶୁଣାଣି ବେଳେ ଏଭଳି ଭାବରେ ବର୍ଷିଛନ୍ତି ବିଚାରପତି। ଅନଧିକୃତ ନିର୍ମାଣ ପାଇଁ ପ୍ରଶାସନିକ ଅଧିକାରୀଙ୍କୁ ଦାୟୀ କରି ଜଷ୍ଟିସ ଶ୍ରୀଧରନ୍ କହିଛନ୍ତି ଯେ, କୌଣସି ନିର୍ମାଣ ରାତାରାତି ହୋଇନଥାଏ। ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ ରାଜନୈତିକ ସମର୍ଥନ ଯୋଗୁଁ ଏଭଳି ବେଆଇନ କାର୍ଯ୍ୟ ହେଉଛି। ରାଜ୍ୟ ସରକାର ଏଭଳି ସ୍ଥାନକୁ ବିଜୁଳି ଓ ପାଣି ଯୋଗାଇ ଦେଉଥିବାରୁ ସେ ସରକାରଙ୍କୁ ମଧ୍ୟ ଏହି ଅପରାଧର ସହଭାଗୀ ବୋଲି କହିଛନ୍ତି। କ୍ରମାଗତ ଭାବେ ବଢୁଥିବା ଦୁର୍ନୀତି ଯୋଗୁଁ ଦେଶରେ ଅଳ୍ପ କିଛି ଲୋକଙ୍କ ପାଖରେ ଅମାପ ସମ୍ପତ୍ତି ଠୁଳ ହେବାରେ ଲାଗିଛି। ଏହାଫଳରେ ଧନୀ ଓ ଗରିବଙ୍କ ମଧ୍ୟରେ ବ୍ୟବଧାନ ବଢ଼ିବ, ଯାହା ଆଗାମୀ ଦିନରେ ଗୃହଯୁଦ୍ଧ ବା ଗଣଅସନ୍ତୋଷର କାରଣ ସାଜିବ ବୋଲି ସେ ସତର୍କ କରାଇଛନ୍ତି। ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାସନାଲ ୨୦୨୫ ରିପୋର୍ଟ ଅନୁଯାୟୀ ଭାରତ ୧୮୨ଟି ଦେଶ ମଧ୍ୟରୁ ୯୧ତମ ସ୍ଥାନରେ ରହିବା ମଧ୍ୟ ଆମ ପାଇଁ ଚିନ୍ତାର ବିଷୟ ବୋଲି ସେ ମତ ଦେଇଛନ୍ତି।

## ଉପଗ୍ରହ ଚିତ୍ରରେ ଦେଶର ୯୫% ଭୂଭାଗ ମୌସୁମୀ ମେଘାଚ୍ଛନ୍ନ

ନୂଆଦିଲ୍ଲୀ, ୨୨।୭(ଏଜେନ୍ସି): ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ଉପଗ୍ରହ ଜୁଲାଇ ୨୨ ତାରିଖ ସକାଳେ ଉତ୍ତୋଳନ କରିଥିବା ଚିତ୍ରରୁ ଜଣାପଡ଼ିଛି ଯେ ସମଗ୍ର ଭାରତୀୟ ଭୂଖଣ୍ଡର ପ୍ରାୟ ୯୫ ପ୍ରତିଶତ ଅଞ୍ଚଳ ଏବେ ଘନ ମୌସୁମୀ ମେଘମାଳା ଦ୍ୱାରା ଆଚ୍ଛାଦିତ ହୋଇରହିଛି। ଭାରତୀୟ ପାଣିପାଗ ବିଭାଗ ଦ୍ୱାରା ପ୍ରକାଶିତ 'ଇନସାଟ୍' ଉପଗ୍ରହର ଚିତ୍ର ଅନୁଯାୟୀ, ବଙ୍ଗୋପସାଗରରୁ ଆରମ୍ଭ ହୋଇ ଓଡ଼ିଶା, ଛତିଶଗଡ଼, ମଧ୍ୟପ୍ରଦେଶ ଓ ଗୁଜରାଟ ଦେଇ ଆରବ ସାଗର ପର୍ଯ୍ୟନ୍ତ ଏକ ବିଶାଳ ମେଘଖଣ୍ଡ ବିସ୍ତାରିତ ହୋଇ ରହିଛି। କେବଳ ପଶ୍ଚିମ ରାଜସ୍ଥାନ ଓ କଚ୍ଛ ଅଞ୍ଚଳକୁ ଛାଡ଼ି ଦେଲେ ସାରା ଦେଶରେ ମେଘୁଆ ପାଗ ସୃଷ୍ଟି ହୋଇଛି। ପାଣିପାଗ ବିଜ୍ଞାନୀମାନଙ୍କ ଅନୁସାରେ, ମେଘର ଉପରିଭାଗର ତାପମାତ୍ରା ଅତ୍ୟନ୍ତ କମିଯାଇ ପ୍ରାୟ ବିଯୁକ୍ତ ୬୦ ରୁ ବିଯୁକ୍ତ ୮୦ ଡିଗ୍ରୀ ସେଲସିୟସ ମଧ୍ୟରେ ରହିଛି। ବିହାର, ଉତ୍ତର-ପୂର୍ବ ଭାରତ ଏବଂ ହିମାଳୟ ପାଦଦେଶ ଅଞ୍ଚଳରେ ମେଘଗୁଡ଼ିକ ଭୂପୃଷ୍ଠରୁ ପ୍ରାୟ ୧୨ ରୁ ୧୬ କିଲୋମିଟର ଉଚ୍ଚତା ପର୍ଯ୍ୟନ୍ତ ବୃଦ୍ଧି ପାଇଛନ୍ତି। ଏହିପରି ଅତି ଉଚ୍ଚ ଓ ଥଣ୍ଡା ମେଘ ସାଧାରଣତଃ ପ୍ରବଳ ବିଜୁଳି, ଘଡ଼ଘଡ଼ି ସହ ମୁଷଳଧାରାରେ ବର୍ଷା କରାଇଥାଏ। ଉତ୍ତରାଖଣ୍ଡ ଏବଂ ମେଘାଳୟର କେତେକ ସ୍ଥାନରେ ସମ୍ପ୍ରତି ପ୍ରବଳ ବର୍ଷା ରେକର୍ଡ କରାଯାଇଛି। ବର୍ତ୍ତମାନ ମୌସୁମୀ ନିମ୍ନଚାପ ରେଖା ନିଜର ସାଧାରଣ ଅବସ୍ଥାନରେ ରହିଛି। ପଞ୍ଜାବ, ଉତ୍ତର ପ୍ରଦେଶ, ବିହାର, ଝାଡ଼ଖଣ୍ଡ, ରାଜସ୍ଥାନ ଓ ଆସାମ ଉପରେ କ୍ରାନ୍ତିୟ ଆବର୍ତ୍ତ ସୃଷ୍ଟି ହୋଇଛି। ତେବେ କେବଳ ଏହି ବର୍ଷା ଦ୍ୱାରା ଦେଶର ମୋଟ ବର୍ଷା ନିଅଣ୍ଟିଆ ସ୍ଥିତି ସମ୍ପୂର୍ଣ୍ଣ ସୁଧୁରିଯିବ ନାହିଁ।

## ଟିଏମ୍‌ସି ସାଂସଦ କଲ୍ୟାଣ ବାନାର୍ଜୀ ଲୋକସଭାରୁ ନିଲମ୍ବିତ



ନୂଆଦିଲ୍ଲୀ, ୨୨।୭(ଏଜେନ୍ସି): ଜଣେ ମହିଳା ସାଂସଦଙ୍କ ବିରୋଧରେ ଅସଂସଦୀୟ ଭାଷା ବ୍ୟବହାର କରିବା ଅଭିଯୋଗରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସାଂସଦ କଲ୍ୟାଣ ବାନାର୍ଜୀଙ୍କୁ ଚଳିତ ବର୍ଷାକାଳୀନ ଅଧିବେଶନର ଅବଶିଷ୍ଟ ସମୟ ପାଇଁ ଲୋକସଭାରୁ ନିଲମ୍ବିତ କରାଯାଇଛି। ଅଧ୍ୟକ୍ଷତା କରୁଥିବା କୃଷ୍ଣ ପ୍ରସାଦ ତେନ୍ନେଟି କହିଛନ୍ତି, କଲ୍ୟାଣ ବାନାର୍ଜୀଙ୍କ ମନ୍ତବ୍ୟ ସଦନର ମର୍ଯ୍ୟାଦାକୁ କ୍ଷୁଣ୍ଣ କରିଛି। ଏହାପରେ ସଦନରେ ଆଗତ ପ୍ରସ୍ତାବକୁ ବାଚନିକ ଭୋଟରେ ଗୃହୀତ କରାଯାଇ ତାଙ୍କୁ ନିଲମ୍ବନ କରାଯାଇଥିଲା। ଏହାପୂର୍ବରୁ ଲୋକସଭା ମୁଲତବୀ ହେବା ପରେ କଲ୍ୟାଣ ବାନାର୍ଜୀଙ୍କର ତାଙ୍କର ପୂର୍ବତନ ଦଳୀୟ ସହଯୋଗୀ ଏବଂ ବର୍ତ୍ତମାନ ଏନ୍‌ସିପିଆଇର ସାଂସଦ ମିତାଲି ବାଘ, ଶତାବ୍ଦୀ ରାୟ ଓ କାକୋଲି ଘୋଷ ଦସ୍ତିଦାରଙ୍କ ସହ ବାକ୍‌ବିତଣ୍ଡା ହୋଇଥିଲା। ପରେ ବିରୋଧୀ ସାଂସଦମାନେ ହସ୍ତକ୍ଷେପ କରି ପରିସ୍ଥିତିକୁ ଶାନ୍ତ କରିଥିଲେ। ଉଲ୍ଲେଖଯୋଗ୍ୟ, ଏହି ସାଂସଦ ଟିଏମସି ଛାଡ଼ି ଏନଡିଏ ସହ ହାତ ମିଳାଇଛନ୍ତି।

## ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ଶରଦ ପାୱାର ଓ ସୁପ୍ରିୟା ସୁଲେ



ନୂଆଦିଲ୍ଲୀ, ୨୨।୭(ଏଜେନ୍ସି): ସଂସଦ ବାହାରେ ବିରୋଧୀ ଦଳ ସରକାରଙ୍କ ବିରୋଧରେ ପ୍ରତିବାଦ କରୁଥିବା ବେଳେ ଏନ୍‌ସିପି (ଏସ୍‌ପି) ମୁଖ୍ୟ ଶରଦ ପାୱାର ଓ ସାଂସଦ ସୁପ୍ରିୟା ସୁଲେ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟରେ ସାକ୍ଷାତ କରିଛନ୍ତି। ଏହି ବୈଠକ ପରେ ରାଜନୈତିକ ମହଲରେ ବିଭିନ୍ନ କଳ୍ପନାଜଳ୍ପନା ଆରମ୍ଭ ହୋଇଛି। ବୈଠକରେ ଶରଦ ପାୱାର କୃଷକଙ୍କ ସମସ୍ୟା, ସେଚ ବ୍ୟବସ୍ଥା ଓ କୃଷି ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି ସାକ୍ଷାତକାର ଏଭଳି ସମୟରେ ହୋଇଛି, ଯେତେବେଳେ କେନ୍ଦ୍ର ସରକାର ସଂସଦରେ ପୁଣି ଥରେ ପରିସୀମନ (ଡିମିଲିଟେସନ) ବିଲ୍ ଆଣିବା ପାଇଁ ଦୁଇ-ତୃତୀୟାଂଶ ସମର୍ଥନ ହାସଲ କରିବାକୁ ଉଦ୍ୟମ ଚଳାଇଛନ୍ତି। ଲୋକସଭାରେ ଏନ୍‌ସିପି (ଏସ୍‌ପି) ର ୮ ଜଣ ସାଂସଦ ଏହି ପ୍ରସଙ୍ଗରେ ଗୁରୁତ୍ୱପୂର୍ଣ୍ଣ ବୋଲି ଧରାଯାଉଛନ୍ତି। ସେପଟେ ଶରଦ ପାୱାରଙ୍କ ଗୋଷ୍ଠୀ ଏନ୍‌ଡିଏରେ ସାମିଲ ହେବା କିମ୍ବା ଏନ୍‌ସିପିର ଦୁଇ ଶିବିରର ପୁନଃମିଳନକୁ ନେଇ ମଧ୍ୟ ଚର୍ଚ୍ଚା ଜୋର ଧରିଛି। ତେବେ ଏହି ବିଷୟରେ କୌଣସି ପକ୍ଷରୁ ଆନୁଷ୍ଠାନିକ ଘୋଷଣା କରାଯାଇନାହିଁ।

# ଆସାମ ବନ୍ୟା ଗୋଟିଏ ଦିନରେ ୨୧ ମୃତ, ମୋଟ୍ ମୃତ୍ୟୁସଂଖ୍ୟା ୩୧



ଗୌହାଟୀ, ୨୨।୭(ଏଜେନ୍ସି): ଲଗାଣ ବର୍ଷା ଯୋଗୁଁ ଆସାମର ବନ୍ୟା ପରିସ୍ଥିତି ଅଧିକ ଗମ୍ଭୀର ହୋଇପଡ଼ିଛି। ଗତ ୨୪ ଘଣ୍ଟାରେ ବନ୍ୟାଜନିତ ବିଭିନ୍ନ ଘଟଣାରେ ୨୧ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଚଳିତ ବର୍ଷ ବନ୍ୟାରେ ମୋଟ ମୃତ୍ୟୁସଂଖ୍ୟା ୩୧ରେ ପହଞ୍ଚିଛି। ଏହି ସମୟରେ ରାଜ୍ୟର ୧୨ଟି ଜିଲ୍ଲାର ପ୍ରାୟ ୫.୬୫ ଲକ୍ଷ ଲୋକ ବନ୍ୟା ପ୍ରଭାବିତ ହୋଇଛନ୍ତି। ଆସାମ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଏଏସ୍‌ଡିଏମ୍‌ଏ) ଅନୁସାରେ, ସର୍ବାଧିକ ୧୩ ଜଣଙ୍କ ମୃତ୍ୟୁ ଶିବସାଗର ଜିଲ୍ଲାରେ ଘଟିଛି। ଚରାଇଦେଓରେ ୫ ଜଣ, ଗୋଲାଘାଟରେ ୨ ଜଣ ଓ ଜୋରହାଟରେ ଜଣେ ମହିଳାଙ୍କ ପ୍ରାଣହାନି ଘଟିଛି। ଶିବସାଗର ଜିଲ୍ଲା ସବୁଠୁ ଅଧିକ ପ୍ରଭାବିତ ହୋଇଥିବାବେଳେ ସେଠାରେ ପ୍ରାୟ ୩.୬ ଲକ୍ଷ ଲୋକ ବନ୍ୟା କବଳରେ ଅଛନ୍ତି। ବ୍ରହ୍ମପୁତ୍ର ନଦୀ ନିମାତିଘାଟରେ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଏହାର ଉପନଦୀ ବୁରିଡିହିଙ୍ଗ, ଧନଶିରୀ, ଦିଖୌ ଓ ଦିସାଙ୍ଗ ନଦୀ ମଧ୍ୟ ବିପଜ୍ଜନକ ସ୍ତର ଅତିକ୍ରମ କରିଛି। ରାଜ୍ୟର ୮୭୨ଟି ଗ୍ରାମ ଜଳମଗ୍ନ ହୋଇଥିବାବେଳେ ପ୍ରାୟ ୨୪ ହଜାର ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ ହୋଇଛି। ପ୍ରଶାସନ ପକ୍ଷରୁ ୨୭୩ଟି ରିଲିଫ୍ ଶିବିର ଓ ସହାୟତା କେନ୍ଦ୍ର ଖୋଲାଯାଇଛି। ସେଠାରେ ୧୨ ହଜାରରୁ ଅଧିକ ବିସ୍ଥାପିତ ଲୋକ ଆଶ୍ରୟ ନେଇଛନ୍ତି। ସେନା, ଏନ୍‌ଡିଆରଏଫ୍, ଏସ୍‌ଡିଆରଏଫ୍ ଓ ଅନ୍ୟ ସଂସ୍ଥାଙ୍କ ସହଯୋଗରେ ୬ ହଜାରରୁ ଅଧିକ ଲୋକଙ୍କୁ ଉଦ୍ଧାର କରାଯାଇଛି। ଏପଟେ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଆସାମ ପାଇଁ ୟେଲୋ ଆଲର୍ଟ ଜାରି କରି ଆସନ୍ତା ଚାରି ଦିନ ଧରି ବଜ୍ରପାତ ସହ ପ୍ରବଳ ବର୍ଷାର ସମ୍ଭାବନା ଥିବାରୁ ସତର୍କ ରହିବାକୁ ପରାମର୍ଶ ଦେଇଛି।

## ମନଗଢ଼ା ମନ୍ତବ୍ୟ ଦେଇ ଫସିଗଲେ ବିଜେପି ସାଂସଦ

# ଭର୍ତ୍ତୃହରିଙ୍କୁ ବିଜେଡି ସାଂସଦଙ୍କ କଟୁ ଭର୍ତ୍ସନା

ଭୁବନେଶ୍ୱର,୨୨।୭ (ସମିସ): ନୂଆଦିଲ୍ଲୀରେ ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ଉପରେ ପୁଲିସର ବର୍ବର ଆକ୍ରମଣ ଘଟଣାକୁ ନେଇ ସାରା ଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ନିଟ୍ ବିଭ୍ରାଟକୁ ନେଇ ସାରା ଦେଶରେ ଅସନ୍ତୋଷ ଚରମ ରୂପ ଧାରଣ କରିଛି । ଏହି ପ୍ରସଙ୍ଗରେ ବିଜେଡି ସୁପ୍ରିମୋ ଗତକାଲି ନୂଆଦିଲ୍ଲୀରେ ଦେଇଥିବା ମନ୍ତବ୍ୟ ଉପରେ ମନଗଢ଼ା ଟିପ୍ପଣୀ ଦେଇ ଫସିଯାଇଛନ୍ତି ବିଜେପି ସାଂସଦ ଭର୍ତ୍ତୃହରି ମହତାବ। ନବୀନଙ୍କ ସମ୍ପର୍କରେ ଅତ୍ୟନ୍ତ ଅବାନ୍ତର, ଅରୁଚିକର, ଅଶୋଭନୀୟ ଓ ନିମ୍ନରୁଚିର ମନ୍ତବ୍ୟକୁ ନେଇ ରାଜ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଥିବାବେଳେ ଉପରେ ଆକ୍ରମଣ କରାଗଲା ସେ ସମ୍ପର୍କରେ ଭର୍ତ୍ତୃହରିବାବୁ କାହିଁକି ନିରବ ରହିଛନ୍ତି? ଗତ ୨ ବର୍ଷରେ ଓଡ଼ିଶାରେ ୨୦ଥରରୁ ଉର୍ଦ୍ଧ୍ୱ ପେପରଲିକ୍ ଘଟଣାରେ ଭର୍ତ୍ତୃହରି କାହିଁକି ଚୁପ୍ ରହିଛନ୍ତି? ଓଡ଼ିଶାରେ ୧୭୦୦ରୁ ଉର୍ଦ୍ଧ୍ୱ ପୁସ୍ତକ ମୁଦ୍ରଣ ଜନିତ ତ୍ରୁଟି ସାମ୍ନାକୁ ଆସିଛି । ଏନେଇ ସେ କାହିଁକି ଚୁପ୍ ରହିଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି ।

ଡ. ସଂତୃପ୍ତ ମିଶ୍ର କହିଛନ୍ତି ଯେ ଭର୍ତ୍ତୃହରି ମହତାବଙ୍କ ଅବାନ୍ତର, ଅନାବଶ୍ୟକ ଏବଂ ଅଶୋଭନୀୟ ମନ୍ତବ୍ୟ ଅତ୍ୟନ୍ତ ନିନ୍ଦନୀୟ। ସେ ନବୀନ ବାବୁଙ୍କର ବକ୍ତବ୍ୟକୁ ଶୁଣିଥିଲେ ବା ପଢ଼ିଥିଲେ, ଏପରି କଥା କହି ନ ଥାନ୍ତେ। କଠିନ ପରିଶ୍ରମ କରି ଜୀବନରେ ସଫଳତା କାଢ଼ି ଦିଆଯାଇଥିଲା। ନବୀନ ବାବୁଙ୍କ ସରକାରରେ ଯେ ଭୁଲ କରିଛି, ତାର ମନ୍ତ୍ରୀ ପଦ ଯାଇଛି। ନବୀନ ବାବୁଙ୍କୁ ଓଡ଼ିଶାବାସୀ ଭଲ ପାଆନ୍ତି। ଆଜି ଆମେ ସରକାରରେ ଥାଉ ନଥାଉ, ନବୀନ ବାବୁ ମୁଖ୍ୟମନ୍ତ୍ରୀ ଥାଆନ୍ତୁ ନଥାଆନ୍ତୁ କିନ୍ତୁ ଓଡ଼ିଶାବାସୀଙ୍କ ହୃଦୟରେ ଆଜିବି ସେ ତାଙ୍କର ମୁଖ୍ୟମନ୍ତ୍ରୀ ଅଛନ୍ତିବୋଲି ସସ୍ମିତ୍ କହିଛନ୍ତି ।

ସାଂସଦ ସୁଲତା ଦେଓ କହିଛନ୍ତି ଯେ ଯିଏ ଶିକ୍ଷାର ମୂଲ୍ୟ ବୁଝେ ନାହିଁ, ସେ ଶିକ୍ଷା ସମ୍ପର୍କରେ ଜାଣିବ କିପରି? ଯିଏ ଆଜି ଏତେ ବଡ଼ ବଡ଼ କଥା କହୁଛନ୍ତି, ସେ କାହିଁକି ଓଡ଼ିଶାରେ ସ୍କୁଲ ପିଲାଙ୍କ ପଢ଼ା ବହିରେ ମାଳ ମାଳ ଭୁଲ ପ୍ରସଙ୍ଗରେ ଚୁପ୍ ରହିଛନ୍ତି।







- ନବୀନଙ୍କ ପାଇଁ ଲୋଡ଼ାନାହିଁ ଭର୍ତ୍ତୃହରିଙ୍କ ସାର୍ଟିଫିକେଟ
- ଛାତ୍ରଛାତ୍ରୀଙ୍କୁ ନିସ୍ତୁକ ମାଡ଼ ସମୟରେ ନିରବତାକୁ ନେଇ ପ୍ରଶ୍ନ
- ନିଟ୍ ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗରେ କାହିଁକି ଚୁପ୍ ଥିଲେ ଭର୍ତ୍ତୃହରି

ବିଜେଡିର ସମସ୍ତ ରାଜ୍ୟସଭା ସାଂସଦ ଭର୍ତ୍ତୃହରିଙ୍କୁ ତାଙ୍କର ରାଜନୈତିକ ଜୀବନର ଇତିହାସ ସ୍ମରଣ କରାଇ ଦେଇଛନ୍ତି ।

ବିଜେଡି ସଂସଦୀୟ ଦଳ ନେତା ମାନସ ରଞ୍ଜନ ମଙ୍ଗରାଜ କହିଛନ୍ତି ଯେ ବିଜେଡି ଓ ଆମର ନେତା ନବୀନ ପଟ୍ଟନାୟକ 'କ୍ରକୋଚ' ଆନ୍ଦୋଳନକୁ ସମର୍ଥନ କରୁନାହାନ୍ତି। ମାତ୍ର ଛାତ୍ରଛାତ୍ରୀଙ୍କ ଉପରେ ହୋଇଥିବା ବର୍ବର ଆକ୍ରମଣ, ଲାଠିମାଡ଼, ରବର ବୁଲେଟ୍ ଓ ପାଣି ମାଡ଼ ଆଦି ଘଟଣାକୁ ନେଇ ଆମେ ଦୁଃଖ ପ୍ରକାଶ କରିଛୁ ଏବଂ ଆମର ନେତା ଏହାକୁ କଠୋର ଶବ୍ଦରେ ନିନ୍ଦା କରିଛନ୍ତି । ଏହାକୁ ନେଇ ନବୀନ ପଟ୍ଟନାୟକ ଅତ୍ୟନ୍ତ ମର୍ମାହତ ବୋଲି ମଧ୍ୟ ମନ୍ତବ୍ୟ ଦେଇଛନ୍ତି । ମାତ୍ର ଭର୍ତ୍ତୃହରି ବାବୁ ସମ୍ଭବତଃ ନବୀନ ବାବୁଙ୍କ ବକ୍ତବ୍ୟକୁ ନ ଶୁଣି ଅନ୍ୟଦ୍ୱାରା ପ୍ରରୋଚିତ ହୋଇ ଏଭଳି ବକ୍ତବ୍ୟ ଦେଇଛନ୍ତି। ବିଜେପିରୁ ସାଂସଦ ହେବା ପୂର୍ବରୁ ଭର୍ତ୍ତୃହରିବାବୁଙ୍କୁ ନବୀନବାବୁଙ୍କ ୬ଥର ସାଂସଦ ପଠାଇଥିଲେ। ନବୀନ ବାବୁ ହିଂସାକୁ କେତେ ମାତ୍ରାରେ ନିନ୍ଦା ତଥା ବିରୋଧ କରନ୍ତି, ତାହା ଭର୍ତ୍ତୃହରି ବାବୁ ଭଲ ଭାବେ ଜାଣିଛନ୍ତି। ତେଣୁ ଭର୍ତ୍ତୃହରି ବାବୁଙ୍କ ମୁହଁରୁ ଏପରି କଥା ଶୋଭା ପାଏନାହିଁ। ବୋଧହୁଏ ସେ ବିଜେପିରୁ ଥିବାରୁ ଏପରି କହିଥାଇପାରନ୍ତି। ମାତ୍ର ୨୦ ତାରିଖରେ ଯେପରି ଛାତ୍ରଛାତ୍ରୀଙ୍କ ପାଇଥିବା ଲୋକମାନେ ପରିଶ୍ରମର ମୂଲ୍ୟ କ'ଣ ତାହା ଜାଣନ୍ତି। ଏ କଥା ସେ ବୁଝି ପାରିବେ ନାହିଁ। ଯଦି ତାଙ୍କର ସତ୍‌ସାହସ ଅଛି, ତେବେ ସେ ଛାତ୍ରଛାତ୍ରୀଙ୍କ ସହ ଯାହା ସବୁ ଘଟିଛି ଓ ଘଟୁଛି; ସେ ସମ୍ପର୍କରେ କଟକରେ ଆସି ଓଡ଼ିଶାର ସ୍କୁଲ ଓ କଲେଜ ପିଲାଙ୍କ ନିକଟରେ ମନ୍ତବ୍ୟ ରଖନ୍ତୁ। ପ୍ରଶ୍ନପତ୍ର ଲିକ୍, ବାରମ୍ବାର ପରୀକ୍ଷା, ଲାଠି ଚାର୍ଜ ସବୁ ଠିକ୍ ବୋଲି କହନ୍ତୁ ବୋଲି ଡ଼. ମିଶ୍ର ଆହ୍ୱାନ ଦେଇଛନ୍ତି । ସାଂସଦ ଡ. ସସ୍ମିତ ପାତ୍ର କହିଛନ୍ତି ଯେ ଭର୍ତ୍ତୃହରିଙ୍କ ମନ୍ତବ୍ୟ ଅତ୍ୟନ୍ତ ଦୁର୍ଭାଗ୍ୟଜନକ, ନିନ୍ଦନୀୟ। ନିଟ୍‌ରେ ଯେଉଁ ପ୍ରକାର ଭାବରେ ସ୍କାମ୍ ଘଟିଲା ଏବଂ ସେଥିପାଇଁ ଯେ ସ୍ୱତଃପ୍ରବୃତ୍ତ ଭାବରେ ଭାରତବର୍ଷ ସାରା ଛାତ୍ରଛାତ୍ରୀମାନଙ୍କର ହୃଦୟରେ ଆବେଗ ବଢ଼ିଲା ଏବଂ ପ୍ରତିବାଦ ବଢ଼ିଲା, ସେଇ ପ୍ରତିବାଦ ସହିତ ବିଜେଡି ଓ ନବୀନ ବାବୁ ଅଛନ୍ତି। ସେହିପରି ନବୀନ ବାବୁ ଓ ବିଜୁ ଜନତା ଦଳ ପ୍ରତ୍ୟେକଟି ହିଂସାକୁ ଖଣ୍ଡନ କରି ଆସିଛନ୍ତି। ଯଦି କୌଣସି ଜାଗାରେ ଛାତ୍ରଛାତ୍ରୀମାନେ ହିଂସା କରିଛନ୍ତି ତାହା ବି ଗ୍ରହଣୀୟ ନୁହେଁ। ସେଥିପାଇଁ ଆମର ନେତା ସ୍ୱର ଉତ୍ତୋଳନ କରିଥିଲେ। ନବୀନ ବାବୁଙ୍କ କାର୍ଯ୍ୟକାଳରେ ୩୨ରୁ ଅଧିକ ମନ୍ତ୍ରୀମାନଙ୍କୁ ରିଜାଇନ୍ କରିବାକୁ ପଡ଼ିଥିଲା ନହେଲେ ସେମାନଙ୍କୁ ପିଲାଙ୍କୁ ମାଡ଼ ହବ, କଣ୍ଟା ଲଗା ବାଡ଼ିରେ ପିଟା ହବ, ଆଉ ସାଧା ପୋଷାକରେ ପୋଷାକରେ ପୁଲିସ ପିଲାଙ୍କୁ ବାଡ଼େଇବେ ପିଲାଙ୍କୁ, ତାହେଲେ ତାଙ୍କୁ କେହି କିଛି କହିବେନି। ଆପଣଙ୍କର ମାନସିକତା କେମିତି ତାହା ଓଡ଼ିଶାର ସମସ୍ତ ଲୋକ ଜାଣିସାରିଲେଣି ବୋଲି ସେ ସମାଲୋଚନା ଛଳରେ କହିଛନ୍ତି। ସାଂସଦ ସୁଭାଶିଷ ଖୁଣ୍ଟିଆ ମଧ୍ୟ ଭର୍ତ୍ତୃହରିଙ୍କ ବୟାନର କଡ଼ା ନିନ୍ଦା କରିଛନ୍ତି। ସେ କହିଛନ୍ତି ଯେ ନବୀନ ବାବୁ ଏପରି ଏକ ନେତୃତ୍ୱ ଯେ ଓଡ଼ିଶାର ସ୍ୱାର୍ଥ ପାଇଁ, ଓଡ଼ିଶାର ଛାତ୍ରଛାତ୍ରୀଙ୍କ ପାଇଁ, ଦେଶର ଛାତ୍ରଛାତ୍ରୀମାନଙ୍କ ପାଇଁ ଏବଂ ଆଗାମୀ ଦିନରେ ଦେଶର ଭବିଷ୍ୟତଙ୍କ ସହିତ ଠିଆ ହୋଇଛନ୍ତି। ନବୀନ ବାବୁଙ୍କ ବ୍ୟକ୍ତିତ୍ୱକୁ ସାରା ଭାରତବର୍ଷ ଜାଣିଛି ଏବଂ ସର୍ବା ସଦାସର୍ବଦା ସେ ସବୁବେଳେ ନ୍ୟାୟର ସହିତ ରହିଛନ୍ତି। ଆଗାମୀ ଦିନରେ ଛାତ୍ରଛାତ୍ରୀମାନେ ଆପଣଙ୍କୁ ଉଚିତ ଜବାବ ଦେବେ। ଆପଣଙ୍କ ଏ କୁମ୍ଭୀର କାନ୍ଦଣା ଏବଂ ନବୀନ ବାବୁଙ୍କ ବିରୁଦ୍ଧରେ ମନ୍ତବ୍ୟକୁ ନେଇ ରାଜ୍ୟବାସୀ ଆପଣଙ୍କୁ କ୍ଷମା କରିବେ ନାହିଁ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

# ନାକଚଣା ଦ୍ୱାରରେ ତିନିରଥ

## ଆଜି ନବମୀ ସନ୍ଧ୍ୟା ଦର୍ଶନ



ପୁରୀ,୨୨।୭ (ସମିସ): ଆଡ଼ପ ମଣ୍ଡପରେ ସରିସରି ଆସୁଛି ମହାପ୍ରଭୁଙ୍କ ଲୀଳାଖେଳା। ଆଉ ଦିନକ ପରେ ଜନ୍ମବେଦୀରୁ ରତ୍ନବେଦୀକୁ ବାହୁଡ଼ିଯିବେ ଚତୁର୍ଦ୍ଧାମୂର୍ତ୍ତି। ଗୁରୁବାର ନବମୀ ସନ୍ଧ୍ୟା ଦର୍ଶନ। ସକାଳେ ଦର୍ଶନ ଆରମ୍ଭ ହେବା ପରଠାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିପାରିବେ ଶ୍ରଦ୍ଧାଳୁ। ୬ଟା ପରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ତେବେ ଭକ୍ତମାନେ କିପରି ଶୃଙ୍ଖଳିତ ଭାବେ ଦର୍ଶନ କରିବେ ସେଥିଲାଗି ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

ଆରମ୍ଭ ହୋଇଯାଇଛି ବାହୁଡ଼ା ପ୍ରସ୍ତୁତି। ପରମ୍ପରା ଅନୁଯାୟୀ, ମଙ୍ଗଳବାର ରଥର ଦକ୍ଷିଣମୋଡ଼ କରାଯାଇଥିଲା। ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥକୁ ଦକ୍ଷିଣମୋଡ଼ କରାଯାଇ ନାକଚଣା ଦ୍ୱାର ସମ୍ମୁଖରେ ରଖାଯାଇଥିଲା। ପ୍ରବଳ ବର୍ଷା ଯୋଗୁଁ ବଳଭଦ୍ରଙ୍କ ତାଳଧ୍ୱଜ ରଥ ଅଧା ଟଣାଯାଇ ବନ୍ଦ ରହିଥିବାବେଳେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଗଡ଼ି ନ ଥିଲା। ବୁଧବାର ସକାଳେ ପ୍ରଥମେ ତାଳଧ୍ୱଜ ରଥ ଓ ପରେ ନନ୍ଦିଘୋଷ ରଥର ଦକ୍ଷିଣମୋଡ଼ କରାଯାଇ ନାକଚଣା ଦ୍ୱାର ସମ୍ମୁଖକୁ ଅଣାଯାଇଥିଲା। ଏବେ ନାକଚଣା ଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ତିନିରଥ। ଅପରପକ୍ଷେ ଗୁରୁବାର ନବମୀ ସନ୍ଧ୍ୟା ଦର୍ଶନ। ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ, ସକାଳ ୭ଟାରୁ ଦର୍ଶନ ଆରମ୍ଭ ହେବ। ପ୍ରାୟ ଲକ୍ଷାଧିକ ଭକ୍ତ ସନ୍ଧ୍ୟା ଦର୍ଶନ କରିବେ ବୋଲି ପ୍ରଶାସନ ପକ୍ଷରୁ ଆକଳନ କରାଯାଇଛି। ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ହିଁ ସନ୍ଧ୍ୟା ଦର୍ଶନ ଚାଲିବ। ଏହାପରେ ଦର୍ଶନ ବନ୍ଦ ହୋଇ ବାହୁଡ଼ା ଯାତ୍ରା ପାଇଁ ସ୍ୱତନ୍ତ୍ର ନୀତିକାନ୍ତି କରାଯିବ। ସନ୍ଧ୍ୟା ଦର୍ଶନରେ ଭକ୍ତଙ୍କ ଭିଡ଼କୁ ନଜରରେ ରଖି ଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ସମ୍ମୁଖରେ ହୋଇଥିବା ବ୍ୟାରିକେଡ୍ ସମ୍ପ୍ରସାରଣ କରାଯିବ। ସନ୍ଧ୍ୟା ଦର୍ଶନ ପରେ ରାତିରେ ସେନାପଟା ଲାଗି, ବାହୁଟ କଣ୍ଠ, କୁସୁମୀ ଲାଗି ପରି ସ୍ୱତନ୍ତ୍ର ନୀତି ହେବ ବୋଲି ସୂଚନା ଦିଆଯାଇଛି।

ତେବେ ସନ୍ଧ୍ୟା ଦର୍ଶନ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତିନିର୍ଘଣ୍ଟ କରାଯାଇଛି। ଚୂଡ଼ାନ୍ତ ହୋଇଥିବା ନୀତି ଅନୁଯାୟୀ, ଭୋର୍ ୪ଟାରେ ଦ୍ୱାରଫିଟା, ମଙ୍ଗଳଆଳତି ୪ଟା ୩୦, ମଇଲମ ତଡ଼ପଲାଗି ଭୋର୍ ୫ଟା, ଅବକାଶ ସକାଳ ୬ଟା, ରୋଷହୋମ ୬ଟା ୧୫, ସୂର୍ଯ୍ୟପୂଜା ୬ଟା ୩୦, ଦ୍ୱାରପାଳ ପୂଜା ୬ଟା ୪୫, ବେଶ ଶେଷ ୭ଟା, ଗୋପାଳବଲ୍ଲଭ ୭ଟା ୩୦, ସକାଳ ଧୂପ ୮ଟାରୁ ୯ଟା ୩୦, ଭୋଗମଣ୍ଡପ ୮ଟା ୩୦ରୁ ପୂର୍ବାହ୍ଣ ୧୦ଟା ୩୦, ମଇଲମ ୧୦ଟା ୪୫, ଯାତ୍ରାଙ୍ଗୀ ମହାସ୍ନାନ ୧୧ଟା ୩୦, ସର୍ବାଙ୍ଗ ମଧ୍ୟାହ୍ନ ୧୨ଟା, ନୂଆ ଲୁଗାଲାଗି ଓ ବେଶ ଅପରାହ୍ଣ ୧ଟା, ମଧ୍ୟାହ୍ନ ଧୂପ ୧ଟା ୩୦ରୁ ୩ଟା, ଦ୍ୱିତୀୟ ଭୋଗମଣ୍ଡପ ୨ଟାରୁ ୩ଟା ୩୦, ମଇଲମ, ବେଶ ୩ଟା ୪୫ରୁ ୪ଟା ୪୦, ସନ୍ଧ୍ୟା ଆଳତି ଅପରାହ୍ଣ ୫ଟା, ସନ୍ଧ୍ୟା ଧୂପ ୫ଟା ୩୦ରୁ ସନ୍ଧ୍ୟା ୭ଟା, ତୃତୀୟ ଭୋଗମଣ୍ଡପ ୫ଟା ୪୫ରୁ ୭ଟା ୩୦, ଅନ୍ୟପକ୍ଷରେ ଆଡ଼ପମଣ୍ଡପ ଦର୍ଶନ ସରିସରି ଆସୁଥିବାବେଳେ ବୁଧବାର ପ୍ରବଳ ଭିଡ଼ ହୋଇଥିଲା।

- ରାଜ୍ୟ ସାରା ଜାରି ରହିଛି ଲଘୁଚାପ ବର୍ଷା

# ବାହୁଡ଼ାରେ ଛେଚିବ

ଭୁବନେଶ୍ୱର,୨୨।୭ (ସମିସ): ମୌସୁମୀ ନିମ୍ନଚାପ ରେଖା ଏବେ ରାଜ୍ୟ ଉପରେ ସକ୍ରିୟ ରହିଛି । ଏହା ପ୍ରଭାବରେ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ଜାରି ରହିଛି । ସାରା ଓଡିଶାରେ ମେଘୁଆ ପାଗ ସାଙ୍ଗକୁ ରାଜ୍ୟର ଅଧିକାଂଶ ସ୍ଥାନରେ ତୁହାକୁ ତୁହା ବର୍ଷା ହେଉଛି । ଏଭଳି ସ୍ଥିତି ଆହୁରି ୫ ଦିନ ପର୍ଯ୍ୟନ୍ତ ଜାରି ରହିବା ସହ ବାହୁଡ଼ାରେ ମଧ୍ୟ ବର୍ଷା ହେବା ନେଇ ଆକଳନ କରାଯାଇଛି। ବାହୁଡ଼ା ବେଳକୁ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହା ପ୍ରଭାବରେ ରାଜ୍ୟରେ ୨୫ ତାରିଖରେ ବର୍ଷା ବଢ଼ିବା ନେଇ ପୂର୍ବାନୁମାନ କରାଯାଇଛି । ଗୁରୁବାର ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ମୟୂରଭଞ୍ଜ ଆଦିରେ ପ୍ରବଳ ବର୍ଷା ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି। ଅନ୍ୟପଟେ ଗତ ୨୪ ଘଣ୍ଟାରେ ଯଦିଓ ପୂର୍ବାପେକ୍ଷା ବର୍ଷାର ପ୍ରଭାବ ସାମାନ୍ୟ କମିଛି, ହେଲେ ଦିନ ତମାମ ଅନେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ରେକର୍ଡ କରାଯାଇଛି। ବୁଧବାର ସକାଳ ସାଢ଼େ ୮ଟାରୁ ସନ୍ଧ୍ୟା ସାଢ଼େ ୫ ଟା ମଧ୍ୟରେ ଭଦ୍ରକରେ ସର୍ବାଧିକ ୧୭ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ଯାଜପୁର ୧୬, ଢେଙ୍କାନାଳ ୧୧ ଓ ବାଲେଶ୍ୱରରେ ୧୨ ମିମି ବର୍ଷା ରେକର୍ଡ ହୋଇଛି।



## ଉଚ୍ଚଶିକ୍ଷା ବିଭାଗର ଅଜବ ନୀତି

# ବିନା ପଦବୀରେ ବଦଳି

ଭୁବନେଶ୍ୱର, ୨୨।୭ (ସମିସ): ରାଜ୍ୟ ସରକାର ୮୦ଟି ବେସରକାରୀ ଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟରେ ନୂତନ ଅଧ୍ୟକ୍ଷ ନିଯୁକ୍ତ କରିଛନ୍ତି। ରିଡର୍‌ଙ୍କୁ ଅଧ୍ୟକ୍ଷ ନିଯୁକ୍ତି କରିବା ପରେ ୨୦ ତାରିଖ ପୂର୍ବରୁ କାର୍ଯ୍ୟରେ ଯୋଗଦେବା ବାଧ୍ୟତାମୂଳକ ବୋଲି ମଧ୍ୟ କଡ଼ା ତାଗିଦ କରିଥିଲେ। ମାତ୍ର ଅନେକ କଲେଜରେ ନୂତନ ଅଧ୍ୟକ୍ଷମାନେ ଏଯାଏଁ ଯୋଗଦେଇ ପାରୁ ନାହାନ୍ତି। କାରଣ ସେମାନଙ୍କ ପାଇଁ ସମ୍ପୃକ୍ତ କଲେଜରେ ପଦବୀ ନାହିଁ। ନିଯୁକ୍ତି ଦେବା ପୂର୍ବରୁ କେଉଁ କଲେଜରେ ପଦ ଖାଲି ଅଛି ବୋଲି ସରକାର କିପରି ଜାଣି ପାରିଲେ ନାହିଁ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବାବେଳେ ପ୍ରକୃତରେ ଉଚ୍ଚଶିକ୍ଷା ବିଭାଗ ବଦଳି କରିଛି ନା ଆଉ କିଏ କରୁଛି ବୋଲି ଅଧ୍ୟାପକଙ୍କ ମହଲରେ ଚାପା ଗୁଞ୍ଜରଣ ଆରମ୍ଭ ହୋଇଛି।

ଯାଜପୁରର ସାଧୁ ଗୌଡ଼େଶ୍ୱର ସ୍ନାତକ ମହାବିଦ୍ୟାଳୟରେ ପ୍ରାଣୀବିଜ୍ଞାନ ଅଧ୍ୟାପକ ଥିବା ଦେବୀ ପ୍ରସାଦ ସାହୁଙ୍କ ଢେଙ୍କାନାଳ ହିନ୍ଦୋଳସ୍ଥିତ ଜନତା କଲେଜକୁ ଅଧ୍ୟକ୍ଷ ଭାବେ ବଦଳି ହୋଇଛି। ମାତ୍ର ସମ୍ପୃକ୍ତ କଲେଜରେ ପ୍ରାଣୀବିଜ୍ଞାନ ଅଧ୍ୟାପକ ପଦ ଖାଲି ନାହିଁ। ତେଣୁ ସେ ଅଧ୍ୟକ୍ଷ ଭାର ନେବା ଦୂର କଥା, କାର୍ଯ୍ୟରେ ଯୋଗଦେଇ ମଧ୍ୟ ପାରୁ ନାହାନ୍ତି। ସେହି ସମାନ ସାଧୁ ଗୌରେଶ୍ୱର କଲେଜରେ ବାଣିଜ୍ୟ ବିଭାଗର ଅଧ୍ୟାପକ ଥିବା ସୁଧାଂଶୁ କୁମାର ଦାସଙ୍କ ଯାଜପୁର ସିଂପୁରସ୍ଥିତ ଖରସ୍ରୋତା ସ୍ନାତକ ମହାବିଦ୍ୟାଳୟକୁ ଅଧ୍ୟକ୍ଷ ଭାବେ ବଦଳି ହୋଇଛି। ମାତ୍ର ସେହି କଲେଜରେ ବାଣିଜ୍ୟ ବିଭାଗରେ ପଦ ଖାଲି ନଥିବାରୁ ସେ ମଧ୍ୟ କାର୍ଯ୍ୟରେ ଯୋଗଦେଇ ପାରୁ ନାହାନ୍ତି। ଅପରପକ୍ଷରେ ଏହି କଲେଜରୁ ଏକାଧିକ ଅଧ୍ୟାପକଙ୍କୁ ବଦଳି କରି ନୂତନ ନିଯୁକ୍ତି ଦିଆଯାଇ ନଥିବାରୁ ଅଧ୍ୟାପକ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି। ନୂତନ ନିଯୁକ୍ତି ପୂର୍ବରୁ ପଦ ଖାଲି ଅଛି ନା ନାହିଁ, ତାହା ଉଚ୍ଚଶିକ୍ଷା ବିଭାଗ କିପରି ଜାଣିପାରିଲା ନାହିଁ ବୋଲି ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେବଳ ଏତିକି ନୁହେଁ, ବଦଳି ପୂର୍ବରୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ରିଡର୍‌ମାନଙ୍କର ସମ୍ମତି ମଗିଥିଲେ ମଧ୍ୟ ସମ୍ମତି ଦେଇ ନଥିବା ଅଧ୍ୟାପକଙ୍କୁ ବଦଳି କରାଯାଇଛି। ଫଳରେ ଉଚ୍ଚଶିକ୍ଷା ବିଭାଗ ଓ ବଦଳି କରିଥିବା ଅଧିକାରୀଙ୍କ ମଧ୍ୟରେ କୌଣସି ସମନ୍ୱୟ ନଥିବା ଏକପ୍ରକାର ସ୍ପଷ୍ଟ ହୋଇଛି।

କିଛି କଲେଜର ଅଧ୍ୟାପକଙ୍କୁ ଅନ୍ୟତ୍ର ବଦଳି କରାଯାଇଥିଲେ ମଧ୍ୟ ନୂତନ ନିଯୁକ୍ତି ହୋଇ ନଥିବାରୁ କଲେଜରେ ଛକାପଞ୍ଝା ସ୍ଥିତି ଲାଗି ରହିଛି। ପୁରୀ ଜିଲ୍ଲା କାକଟପୁର ସ୍ଥିତ ମଙ୍ଗଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଏସ୍‌କେ ଗହର ଆବେଦିନ୍‌ଙ୍କ କୋଣାର୍କ ଭଗବତୀ କଲେଜକୁ ବଦଳି ହୋଇଛି। ମାତ୍ର ଏହି କଲେଜରେ ଅଧ୍ୟକ୍ଷ ଭାବେ କାହାକୁ ନୂତନ ନିଯୁକ୍ତି କରାଯାଇ ନାହିଁ। ଉପଜିଲ୍ଲାପାଳ ତଥା କଲେଜ ପରିଚାଳନା କମିଟି ସଭାପତି ଏବେ ପୁରୀ ରଥଯାତ୍ରାରେ ନିୟୋଜିତ ଥିବାରୁ ଭାରପ୍ରାପ୍ତ ଅଧ୍ୟକ୍ଷ ନିଯୁକ୍ତି ହୋଇପାରୁନି। ଛାତ୍ରଛାତ୍ରୀଙ୍କ ନାମଲେଖା, ପରୀକ୍ଷା ପରି ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାବେଳେ ଏହି ଶିକ୍ଷାନୁଷ୍ଠାନ ମୂରବୀଶୂନ୍ୟ ରହିଛି। ଏହି ସ୍ଥିତିରେ କଲେଜରେ ବରିଷ୍ଠ ରିଡର୍‌ଙ୍କୁ ବାଦ୍ ଦେଇ ବ୍ଲକ୍‌ଗ୍ରାଣ୍ଟ ଅଧ୍ୟାପକ ଭାରପ୍ରାପ୍ତ ଅଧ୍ୟକ୍ଷ ହେବାକୁ ଲବି ଜୋରଦାର କରିଛନ୍ତି। ଏପରି ଭାବେ ଅନେକ କଲେଜରେ ଶୈକ୍ଷିକ ସଂକଟ ସୃଷ୍ଟି ହୋଇଛି। ଅପରପକ୍ଷରେ ଅର୍ଦ୍ଧାଧିକ ଅଧ୍ୟାପକଙ୍କ କାର୍ଯ୍ୟକାଳ ବର୍ଷେରୁ କମ୍ ଥିବାବେଳେ କେଉଁ ସ୍ୱାର୍ଥରେ ଅଧ୍ୟକ୍ଷ ନିଯୁକ୍ତି କରାଯାଇଛି ବୋଲି ଶିକ୍ଷାବିତମାନେ ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି।

- ପଦବୀ ନାହିଁ; କାର୍ଯ୍ୟରେ ଯୋଗଦେଇ ପାରୁ ନାହାନ୍ତି ଅଧ୍ୟକ୍ଷ
- ବର୍ଷେରୁ କମ୍ ରହିଛି ଅର୍ଦ୍ଧାଧିକ ଅଧ୍ୟାପକଙ୍କ କାର୍ଯ୍ୟକାଳ

# ମାଲକାନଗିରି ଏୟାରଷ୍ଟ୍ରିପ୍‌ରେ ଟ୍ରାଏଲ୍ ଲ୍ୟାଣ୍ଡିଂ




ମାଲକାନଗିରି,୨୨।୭ (ସମିସ): ଆଜି ମାଲକାନଗିରି ଏୟାରଷ୍ଟ୍ରିପ୍‌ରେ ପରୀକ୍ଷାମୂଳକ ବିମାନ ଉଡ଼ାଣ ବା ଟ୍ରାଏଲ୍ ରନ୍ ସଫଳତାର ସହ ସମ୍ପନ୍ନ ହୋଇଛି। ମେସର୍ସ ଇଣ୍ଡିଆଓନ୍ ଏୟାର୍‌ର ସ୍ୱତନ୍ତ୍ର ସେସନା ଗ୍ରାଣ୍ଡ କାରାଭାନ ୨୦୮ ବି ଇଏକ୍ସ ବିମାନଟି ନିର୍ଦ୍ଧାରିତ ସମୟସୂଚୀ ଅନୁଯାୟୀ ଜୟପୁରରୁ ବାହାରି ଦିନ ୨ଟା ୨୦ରେ ମାଲକାନଗିରି ରନ୍‌ୱେରେ ଅବତରଣ କରିଥିଲା। ଏହାକୁ ଅଗ୍ନିଶମ ବିଭାଗ ପକ୍ଷରୁ ଭବ୍ୟ ୱାଟର କ୍ୟାନନ୍ ସାଲ୍ୟୁଟ୍ ପ୍ରଦାନ କରାଯାଇଥିଲା। ଏହି ସଫଳ ପରୀକ୍ଷଣ ପରେ ଆସନ୍ତା ଏକ ମାସ ମଧ୍ୟରେ ଜିଲ୍ଲାରୁ ପ୍ରାରମ୍ଭିକ ଭାବେ ୯ ସିଟ୍ ବିଶିଷ୍ଟ ନନ-ସେଡ୍ୟୁଲ୍ ବିମାନ ସେବା ଆରମ୍ଭ ହେବାକୁ ଯାଉଛି। ଏହି ଅବସରରେ ଜିଲ୍ଲାପାଳ କହିଛନ୍ତି, ଆଜିର ସଫଳ ଟ୍ରାଏଲ୍ ଲ୍ୟାଣ୍ଡିଂ ମାଲକାନଗିରିର ଯୋଗାଯୋଗ ବିପ୍ଳବ କ୍ଷେତ୍ରରେ ଏକ ମାଇଲଖୁଣ୍ଟ। ଜିଲ୍ଲା ପ୍ରଶାସନ ସମସ୍ତ ଅଂଶୀଦାରଙ୍କ ସହ ସମନ୍ୱୟରକ୍ଷା କରି ଏକ ମାସ ମଧ୍ୟରେ ସାଧାରଣ ଜନତାଙ୍କ ପାଇଁ ନିୟମିତ ଉଡ଼ାଣ ଆରମ୍ଭ କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି।

### ମାସକ ମଧ୍ୟରେ ନିୟମିତ ଉଡ଼ାଣ

ଏହା କେବଳ ପରିବହନ ସୁବିଧା ଯୋଗାଇବ ନାହିଁ, ବରଂ ଜିଲ୍ଲାର ପର୍ଯ୍ୟଟନ ଓ ଆର୍ଥିକ ବିକାଶର ନୂତନ ଦ୍ୱାର ଉନ୍ମୋଚନ କରିବ। ସରକାରଙ୍କ ଆଞ୍ଚଳିକ ସଂଯୋଗୀକରଣ ଯୋଜନା ଅଧୀନରେ ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ବିମାନ ଚଳାଚଳ ବ୍ୟବସ୍ଥା ନନ-ସେଡ୍ୟୁଲ୍ ଭିତ୍ତିରେ କାର୍ଯ୍ୟ କରିବ। ଯେଉଁଠାରେ ଯାତ୍ରୀମାନଙ୍କର ସମ୍ପୂର୍ଣ୍ଣ ଟିକେଟ୍ ବୁକିଂ ନିଶ୍ଚିତ ହେବା ପରେ ହିଁ ବିମାନ ଉଡ଼ାଣ ଭରିବ।

# ପୁଲିସର ଗୁଣ୍ଡାଗର୍ଦ୍ଦୀ ସରକାରଙ୍କ ଭୀରୁତାର ପରିଚୟ: କଂଗ୍ରେସ

ଭୁବନେଶ୍ୱର,୨୨।୭ (ସମିସ): ନିଟ୍ ପ୍ରଶ୍ନପତ୍ର ମାମଲାକୁ ନେଇ ଦେଶବ୍ୟାପୀ ଛାତ୍ରଙ୍କ ବିକ୍ଷୋଭ ପ୍ରଦର୍ଶନ ଏବଂ ଛାତ୍ରମାନଙ୍କ ସମର୍ଥନରେ ପ୍ରଧାନମନ୍ତ୍ରୀଙ୍କ ବାସଭବନ ଆଗରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ପ୍ରତିବାଦ ଏବଂ ଶ୍ରୀ ଗାନ୍ଧୀଙ୍କ ଉପରେ କେନ୍ଦ୍ର ସରକାର ଇଙ୍ଗିତରେ ଅମାନୁଷିକ ବ୍ୟବହାର ଆଦିକୁ ନେଇ ବର୍ଷିଛି କଂଗ୍ରେସ। ବୁଧବାର କଂଗ୍ରେସ ଭବନଠାରେ ଏକ ଗୁରୁତ୍ୱପୂର୍ଣ୍ଣ ସାମ୍ବାଦିକ ସମ୍ମିଳନୀରେ ଦଳର ଜାତୀୟ ପ୍ରବକ୍ତା ଡକ୍ଟର ହମିଦ୍ ହୁସେନ କହିଛନ୍ତି, ସାମ୍ପ୍ରତିକ ପ୍ରଶ୍ନପତ୍ର ଲିକ୍ ମାମଲା ଦେଶର କେବଳ ଯୁବପିଢ଼ି ଓ ଛାତ୍ରଛାତ୍ରୀଙ୍କ



ମଧ୍ୟରେ ନୁହେଁ; ବରଂ ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ଏବଂ ସମସ୍ତ ଗଠନମୂଳକ ବିରୋଧୀ ନେତୃତ୍ୱଙ୍କ ମଧ୍ୟରେ ବ୍ୟାପକ ଅସନ୍ତୋଷ ଓ କ୍ରୋଧ ସୃଷ୍ଟି କରିଛି। ସାରା ଦେଶରେ ଛାତ୍ରଛାତ୍ରୀମାନେ ଏହା ବିରୋଧରେ ପ୍ରତିବାଦ କରିଛନ୍ତି ଏବଂ ଏହା ପରେ ବିରୋଧୀ ଦଳଗୁଡ଼ିକ ବିଭିନ୍ନ ମଞ୍ଚରେ ଏହି ପ୍ରସଙ୍ଗ ଉଠାଇଛନ୍ତି।

ଡଃ ହୁସେନ କହିଛନ୍ତି ଯେ ସଂସଦ ନିକଟରେ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ନିର୍ଦ୍ଦୟ ଭାବେ ମାଡ଼ ମରାଯାଇଛି, ଆହତ କରାଯାଇଛି ଏବଂ ସେମାନଙ୍କ ଉପରେ ଲାଠିଚାର୍ଜ କରାଯାଇଛି। ଛାତ୍ରୀମାନଙ୍କ ବସ୍ତ୍ରହରଣ କରାଯିବା ସହ ସେମାନଙ୍କୁ ଚୁଟି ଧରି ଘୋଷାଡ଼ି ପ୍ରତାଡ଼ିତ କରାଯାଇଛି। ପୁଲିସ ଓ ବିଜେପିର ଗୁଣ୍ଡା ହାତରେ ଲାଠି ଧରି ଏହି କାଣ୍ଡ ଭିଆଇଛନ୍ତି। ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ବିରୋଧୀ ଦଳର ସାଂସଦମାନେ ଏହାକୁ ବିରୋଧ କରି ଧାରଣା ଦେଇଥିଲେ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ବା ବହିଷ୍କାର ଏବଂ ସଂସଦରେ ଏହି ବିଷୟରେ ଆଲୋଚନା ପାଇଁ ଏଠାରେ ଦାବି କରାଯାଇଥିଲା। ହେଲେ ଦିଲ୍ଲୀ ପୁଲିସ ବଳପ୍ରୟୋଗ କରି ସେମାନଙ୍କୁ ଥାନାକୁ ନେଇଯାଇଥିଲା। ପୁଲିସ ଦ୍ୱାରା ଏଭଳି ଗୁଣ୍ଡାଗର୍ଦ୍ଦୀ କରାଇବା ସରକାରଙ୍କ ଭୀରୁତାର ପରିଚୟ ବୋଲି ସେ କହିଛନ୍ତି।

ଦଳ ପକ୍ଷରୁ କୁହାଯାଇଛି, ପ୍ରଶ୍ନପତ୍ର ଲିକ୍ ଏକ ମହାପାପ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଯଦି ଏହା ସତ୍ୟ, ତେବେ ଏହି ପାପର ମହାପାପୀଙ୍କୁ ପଦରୁ ବିଦା କରିବା ଦରକାର। ଆନ୍ଦୋଳନକାରୀ ଛାତ୍ରଛାତ୍ରୀ, ରାହୁଲ ଗାନ୍ଧୀ ଓ ବିରୋଧୀ ଦଳର ସାଂସଦମାନଙ୍କ ସହ ପୁଲିସର ବର୍ବରତା ଏବଂ ପିସିସି ସଭାପତିଙ୍କୁ ଅଟକ ରଖିବା ଘଟଣାକୁ ତୀବ୍ର ନିନ୍ଦା କରିବା ସହ ଏହାକୁ ଏକ ଫାସିବାଦୀ ଆଭିମୁଖ୍ୟ ବୋଲି ଦଳ ଅଭିହିତ କରିଛନ୍ତି। ଆରଜିପିଆରଏସ୍ ସୁଦର୍ଶନ ଦାସ ଏବଂ ପିସିସି ପ୍ରବକ୍ତା ସୋନାଲୀ ସାହୁ ସାମ୍ବାଦିକ ସମ୍ମିଳନୀରେ କରିଥିଲେ।

## ସାରା ରାଜ୍ୟରେ ରାସାୟନିକ ସାରର ଘୋର ଅଭାବକୁ ନେଇ ବର୍ଷିଲା ବିଜେଡି


# ପ୍ରଶାସନିକ ବିଫଳତା ଓ କଳାବଜାରୀ ଯୋଗୁଁ ଚାଷୀ ହନ୍ତସନ୍ତ

ଭୁବନେଶ୍ୱର,୨୨।୭ (ସମିସ): ଚଳିତ ଖରିଫ ଚାଷ ଋତୁରେ ସମଗ୍ର ଓଡ଼ିଶାରେ ଦେଖାଦେଇଥିବା ସାରର ଘୋର ଅଭାବ, ବ୍ୟାପକ କଳାବଜାରୀ ଏବଂ ପ୍ରଶାସନିକ ବିଫଳତା ଯୋଗୁଁ ଲକ୍ଷ ଲକ୍ଷ ଚାଷୀ ହନ୍ତସନ୍ତ ହେଉଛନ୍ତି। ସରକାରଙ୍କ ଚାଷୀ ମାରଣ ନୀତି ଯୋଗୁଁ ଚାଷୀ କଲବଲ ହେଉଥିବାରୁ ଡବଲ ଇଞ୍ଜିନ ସରକାରଙ୍କୁ କଡ଼ା ସମାଲୋଚନା କରିଛି ବିଜୁ ଜନତା ଦଳ। ବୁଧବାର ଶଙ୍ଖ ଭବନରେ ଏକ

- ଆବଶ୍ୟକ ୧୧.୪୩ ଲକ୍ଷ ଟନ୍, ବଣ୍ଟନ ହୋଇଛି ମାତ୍ର ୧.୧୪ ଲକ୍ଷ ଟନ୍
- ଡବଲ ଇଞ୍ଜିନ ଓଡ଼ିଶାର ଚାଷୀଙ୍କ ପାଇଁ ଟ୍ରବୁଲ ଇଞ୍ଜିନରେ ପରିଣତ ହୋଇଛି

ସାମ୍ବାଦିକ ସମ୍ମିଳନୀରେ ଦଳର ୩ ଉପସଭାପତି ଡ. ଅରୁଣ କୁମାର ସାହୁ, ଅତନୁ ସବ୍ୟସାଚୀ ନାୟକ ଓ ସଞ୍ଜୟ ଦାସବର୍ମା ସରକାରଙ୍କ ଉପରେ ବର୍ଷିଛନ୍ତି।

ଡ. ଅରୁଣ କୁମାର ସାହୁ କହିଥିଲେ ଯେ ଓଡ଼ିଶାରେ ପ୍ରତିବର୍ଷ ପ୍ରାୟ ୩୯ ଲକ୍ଷ ହେକ୍ଟର ଜମିରେ ଖରିଫ ଧାନ ଚାଷ କରାଯାଏ । ଚଳିତ ଖରିଫ ଋତୁରେ ରାଜ୍ୟକୁ ପ୍ରାୟ ୧୧.୪୩ ଲକ୍ଷ ମେଟ୍ରିକ ଟନ ସାରର ଆବଶ୍ୟକତା ରହିଛି । କିନ୍ତୁ ୧୭ ଜୁଲାଇ ସୁଦ୍ଧା ମାତ୍ର ପ୍ରାୟ ୧.୮୧ ଲକ୍ଷ ମେଟ୍ରିକ ଟନ ସାର ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ଗୁଡ଼ିକରେ ପହଞ୍ଚିଛି। ଚାଷୀଙ୍କୁ ପ୍ରାୟ ୧.୧୪ ଲକ୍ଷ ମେଟ୍ରିକ ଟନ ସାର ବଣ୍ଟନ କରାଯାଇଛି। ସମଗ୍ର ଖରିଫ ଋତୁରେ ଆବଶ୍ୟକତାର ମାତ୍ର ୧୦ ପ୍ରତିଶତ ସାର ଯୋଗାଣ ହୋଇଥିବାରୁ ରାଜ୍ୟରେ କୃତ୍ରିମ ସାର ସଙ୍କଟ ସୃଷ୍ଟି ହୋଇଛି । ଡବଲ ଇଞ୍ଜିନ ସରକାର ବାସ୍ତବରେ ଓଡ଼ିଶାର ଚାଷୀଙ୍କ ପାଇଁ ଟ୍ରବୁଲ



ଇଞ୍ଜିନ ସରକାରରେ ପରିଣତ ହୋଇଛି । କେନ୍ଦ୍ରରେ ବିଜେପି ସରକାର ପ୍ରାୟ ୧୨ ବର୍ଷ ଧରି କ୍ଷମତାରେ ଥିବା ସତ୍ତ୍ୱେ ତାଳଚେର ସାର କାରଖାନାରେ ଏପର୍ଯ୍ୟନ୍ତ ସାର ଉତ୍ପାଦନ ହୋଇପାରିଲା ନାହିଁ। ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବାର ପ୍ରତିଶ୍ରୁତି ଦେଇଥିବା ଡବଲ ଇଞ୍ଜିନ ସରକାର ଚାଷୀମାନଙ୍କ ଉପରେ ଆର୍ଥିକ ବୋଝକୁ ଦ୍ୱିଗୁଣିତ କରୁଛନ୍ତି।

ଅତନୁ ସବ୍ୟସାଚୀ ନାୟକ କହିଥିଲେ ଯେ ରାଜ୍ୟରେ ସାରର କୌଣସି ଅଭାବ ନଥିବା ସରକାରଙ୍କ ଦାବି ସମ୍ପୂର୍ଣ୍ଣ ଅମୂଳକ । ସରକାର ୟୁରିଆ ଓ ଡିଏପିର ଅଭାବକୁ ସ୍ୱୀକାର କରି ବିକଳ୍ପ ସାର ଚାଷୀଙ୍କୁ ଯୋଗାଇ ଦେବା ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେବାରୁ ଏହା ସ୍ପଷ୍ଟ ପ୍ରମାଣିତ ଯେ, ଚାଷୀଙ୍କ ସମସ୍ୟା ଦୂର କରିବାରେ ସରକାର ସମ୍ପୂର୍ଣ୍ଣ ବିଫଳ। ସରକାରଙ୍କ ନିର୍ଦ୍ଧାରିତ ୪୫ କେଜି ୟୁରିଆ ବସ୍ତାର ଖୁଚୁରା ମୂଲ୍ୟ ୨୬୬.୫୦ ଟଙ୍କା ଥିବାବେଳେ ସାର ଅଭାବ ଯୋଗୁଁ ଚାଷୀମାନେ ଖୋଲା ବଜାରରୁ ଏହାକୁ ୫୦୦ରୁ ୬୦୦ ଟଙ୍କାରେ କିଣିବାକୁ ବାଧ୍ୟ ହେଉଛନ୍ତି । ସୁଲଭ ମୂଲ୍ୟରେ ୟୁରିଆ ଯୋଗାଇବା ପରିବର୍ତ୍ତେ ସରକାର ଚାଷୀଙ୍କୁ ଅଧିକ ମୂଲ୍ୟର କମ୍ପେ୍ଲକ୍ସ ସାର କିଣିବାକୁ ବାଧ୍ୟ କରି ସେମାନଙ୍କ ଉପରେ ଆର୍ଥିକ ବୋଝ ବଢ଼ାଉଛନ୍ତି।

ସଞ୍ଜୟ ଦାସବର୍ମା କହିଥିଲେ ଯେ ରାଜ୍ୟରେ ସାରର କୌଣସି ଅଭାବ ନ ଥିବା ସମବାୟ ମନ୍ତ୍ରୀ ଦାବି କରୁଥିବା ବେଳେ ସମବାୟ ବିଭାଗର ପ୍ରମୁଖ ଶାସନ ସଚିବ ୟୁରିଆ ଓ ଡିଏପିର ଅଭାବକୁ ସ୍ୱୀକାର କରି ଜିଲ୍ଲା ପ୍ରଶାସନକୁ ବିକଳ୍ପ ସାର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବର୍ତ୍ତମାନ ୬୦ ପ୍ରତିଶତ ସାର ପ୍ୟାକ୍ସ, ଲ୍ୟାମ୍ପସ୍ ଓ ସମବାୟ ସମିତି ମାଧ୍ୟମରେ ବଣ୍ଟନ କରାଯାଉଥିବା ବେଳେ ଅବଶିଷ୍ଟ ୪୦ ପ୍ରତିଶତ ହୋଲସେଲରଙ୍କ ମାଧ୍ୟମରେ ଯୋଗାଣ କରାଯାଉଛି । ସମବାୟ ସମିତିରେ ହଜାର ହଜାର ପଞ୍ଜୀକୃତ ଚାଷୀଙ୍କ ମଧ୍ୟରୁ ଦୈନିକ ମାତ୍ର ୩୦ରୁ ୭୦ ଜଣ ଚାଷୀଙ୍କୁ ସାର ବଣ୍ଟନ କରାଯାଉଛି। ଫଳରେ ଚାଷୀମାନେ ସାର ପାଇବା ପାଇଁ ରାତିସାରା ଅପେକ୍ଷା କରୁଛନ୍ତି। ଜଣେ ଚାଷୀଙ୍କୁ ଦିଆଯାଉଥିବା ବସ୍ତାଏ ୟୁରିଆ କେଉଁ କାମରେ ଲାଗୁନାହିଁ। ଓଡ଼ିଶା ପାଇଁ ଆସୁଥିବା ସାରକୁ ପଡ଼ୋଶୀ ରାଜ୍ୟକୁ ବେଆଇନ ଭାବେ ଚାଲାଣ କରାଯାଉଛି। ସମବାୟ ସମିତିଗୁଡ଼ିକ ଚାଷୀଙ୍କୁ ୟୁରିଆ ସହିତ ବାଧ୍ୟତାମୂଳକ ଭାବେ ନାନୋ ୟୁରିଆ, ଜିଙ୍କ ଓ ଅନ୍ୟାନ୍ୟ ଉତ୍ପାଦ କିଣିବାକୁ ବାଧ୍ୟ କରୁଛନ୍ତି । ମୁଖ୍ୟମନ୍ତ୍ରୀ ତୁରନ୍ତ କୃଷି, ସମବାୟ, ଖାଦ୍ୟ ଯୋଗାଣ ଏବଂ ମାର୍କଫେଡ ବିଭାଗକୁ ନେଇ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଡାକି ରାଜ୍ୟରେ ସାର ଆବଶ୍ୟକତାର ଆକଳନ କରନ୍ତୁ ଏବଂ ସମଗ୍ର ରାଜ୍ୟରେ ନିରବଚ୍ଛିନ୍ନ ସାର ଯୋଗାଣ ସୁନିଶ୍ଚିତ କରନ୍ତୁ । ନଚେତ୍ ଚାଷୀକୂଳର ସ୍ୱାର୍ଥ ପାଇଁ ବିଜେଡି ତାର ଲଢ଼େଇକୁ ଆହୁରି ତୀବ୍ରତର କରିବ ବୋଲି ସେ କହିଛନ୍ତି।

# ଧାରଣାରତ ନେତାଙ୍କ ଦମନକୁ ବିରୋଧ




ଅନୁଗୋଳ,୨୨।୭(ସମିସ): ଅନୁଗୋଳ ଜିଲ୍ଲା କଂଗ୍ରେସ ସଭାପତି ସୁନୀଲ କୁମାର ପ୍ରଧାନଙ୍କ ନେତୃତ୍ୱରେ ବୁଧବାର ଏକ ଶୋଭାଯାତ୍ରା ସ୍ଥାନୀୟ କଂଗ୍ରେସ ଭବନରୁ ବାହାରି ଥାନା ଛକରେ ପହଞ୍ଚିଥିଲା। ସେଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଓ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କୁଶପୁତ୍ତଳିକା ଦାହ କରାଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କେନ୍ଦ୍ର ଓ ରାଜ୍ୟ ସରକାର ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ସରକାରଙ୍କ ଜନବିରୋଧୀ କାର୍ଯ୍ୟକଳାପ ବିରୋଧରେ ଲୋକଙ୍କୁ ଅବଗତ କରାଯାଇଥିଲା। ମଙ୍ଗଳବାର ରାଜଧାନୀ ଦିଲ୍ଲୀରେ ଆନ୍ଦୋଳନକାରୀ ଛାତ୍ରଛାତ୍ରୀଙ୍କ ଉପରେ କେନ୍ଦ୍ର ସରକାରଙ୍କ ଇଙ୍ଗିତରେ ପୁଲିସର ଦମନଲୀଳା, ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀଙ୍କ ବାସଭବନ ଆଗରେ ଧାରଣାରତ ଲୋକସଭାର ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ, ଦଳର ଜାତୀୟ ସଭାପତି ମଲ୍ଲିକାର୍ଜୁନ ଖର୍ଗେ ଓ ସାଂସଦ ପ୍ରିୟଙ୍କା ଗାନ୍ଧୀଙ୍କ ସମେତ ଶୀର୍ଷ କଂଗ୍ରେସ ନେତୃବୃନ୍ଦଙ୍କୁ ପୁଲିସ ଉଠାଇନେବା ତଥା ଭୁବନେଶ୍ୱରସ୍ଥିତ ଲୋକଭବନ ଫାଟକ ସମ୍ମୁଖରୁ କଂଗ୍ରେସର ବିକ୍ଷୋଭକାରୀଙ୍କ ଗହଣରୁ ପିସିସି ସଭାପତି ଭକ୍ତଚରଣ ଦାସଙ୍କୁ ପୁଲିସ ଉଠାଇନେବା ପ୍ରତିବାଦରେ ଅନୁଗୋଳ ଜିଲ୍ଲା କଂଗ୍ରେସ କମିଟି ଅପରାହ୍ନ ୫ଟାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲା। କାର୍ଯ୍ୟକ୍ରମରେ ପିସିସି ଉପସଭାନେତ୍ରୀ ସସ୍ମିତା ବେହେରା, ପଛୁଆ ବର୍ଗ ଅଧ୍ୟକ୍ଷ ସରୋଜ କୁମାର ପ୍ରଧାନ, ଉପସଭାପତି ଚିତ୍ତରଞ୍ଜନ ନାଏକ, ଗୋପାଳ ଚନ୍ଦ୍ର ନାଥ, ନିରଞ୍ଜନ ଦାସ, ଅମୂଲ୍ୟ ବେହେରା, ପ୍ରଶାନ୍ତ ବିଶ୍ୱାଳ, ବିନୋଦ ମାଝୀ, ପ୍ରଫୁଲ୍ଲ ଦାସ, ରାକେଶ ମିଶ୍ର, ସୁଦୀପ ମିଶ୍ର, ରଶ୍ମିରଞ୍ଜନ ସାହୁ, ରାଜକିଶୋର ସାହୁ, ସଂଗ୍ରାମ କେଶରୀ କୁଅଁର, ଗୋବିନ୍ଦ ନାଏକ, ଧର୍ମେନ୍ଦ୍ରନାଥ ମିଶ୍ର, ସୁବାସ ସାହୁ, ଅବିନାଶ ଦଳବେହେରା, ଅଶୋକ ନାଏକ, ଅରୂପ ସାମଲ, ଅଭିଷେକ ପ୍ରଧାନ, ଅଳକାରାଣୀ ମହାପାତ୍ର, ମାନିନୀ ପ୍ରଧାନ, ପଦ୍ମିନୀ ନାଏକ, ମାନସୀ ବେହେରା, ସଂଗ୍ରାମ ବେହେରା, ଅଭୟ ବେହେରା, ଜଗନ୍ନାଥ ବେହେରା, ରଣଜିତ ଗଡ଼ନାୟକ, ରଣଜିତ ବେହେରା, ପ୍ରଦୀପ ବୋଷ, ପ୍ରଦୀପ ସାହୁ ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ।

## ନିଟ୍ ପରୀକ୍ଷାରେ ଅନୁଗୋଳର ୨ ଛାତ୍ରଙ୍କ କୃତିତ୍ୱ

■ ଏସ୍‌ସିବି ମେଡିକାଲ କଲେଜରେ ପାଇଲେ ସ୍ଥାନ





ଅନୁଗୋଳ,୨୨।୭(ସମିସ): ଚଳିତ ବର୍ଷର ନିଟ୍ ପ୍ରବେଶିକା ପରୀକ୍ଷାରେ ଅନୁଗୋଳ ଜିଲ୍ଲାର ଦୁଇ ଛାତ୍ର ଉଲ୍ଲେଖନୀୟ ସଫଳତା ହାସଲ କରି ଜିଲ୍ଲା ପାଇଁ ଗର୍ବ ପାଲଟିଛନ୍ତି। ବଣ୍ଡାରପାଳ ବ୍ଲକ ବନ୍ଧା ପଞ୍ଚାୟତ ଝଜିରବାହାଲ ଗ୍ରାମର ପୀତାମ୍ବର ପରିଡ଼ାଙ୍କ ପୁଅ ପ୍ରଭୁଦତ୍ତ ପରିଡ଼ା ୬୨୧ ନମ୍ବର ରଖି ଅଲ୍ ଇଣ୍ଡିଆ ରାଙ୍କ ୪୯୪୧ ହାସଲ କରିଛନ୍ତି। ସେହିପରି ଗୁରୁଦେବ ରାଉତ ଓ ଉର୍ମିଳା ଗୌଡୁଙ୍କ ପୁଅ ଆଶୁତୋଷ ରାଉତ ୬୧୪ ନମ୍ବର ରଖି ଅଲ୍ ଇଣ୍ଡିଆ ରାଙ୍କ ୬୩୫୪ ହାସଲ କରିଛନ୍ତି। ଉଭୟ ଓଡ଼ିଶାର ପ୍ରମୁଖ ଡାକ୍ତରୀ ଶିକ୍ଷାନୁଷ୍ଠାନ କଟକସ୍ଥିତ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ଏମବିବିଏସ୍ ପାଠ୍ୟକ୍ରମ ପାଇଁ ସ୍ଥାନ ହାସଲ କରିଛନ୍ତି। ଭବିଷ୍ୟତରେ ସେମାନେ ଦକ୍ଷ ଚିକିତ୍ସକ ଭାବେ ସମାଜ ଓ ଦେଶର ସେବା କରିବେ ବୋଲି କହିଛନ୍ତି। ଏହି ଦୁଇ ଛାତ୍ରଙ୍କୁ ଉତ୍କଳ ଗୋପାଳ ସମାଜ ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ଓ ଶୁଭେଚ୍ଛା ପ୍ରଦାନ କରାଯାଇଛି। ରାଜ୍ୟ ସଭାପତି ପ୍ରତାପ ପରିଡ଼ା, ରାଜ୍ୟ ସମ୍ପାଦକ ବିଦ୍ୟାଧର ଭୂତିଆ, କୋଷାଧ୍ୟକ୍ଷ ଧରଣୀଧର ବେହେରା, ଜିଲ୍ଲା ସଭାପତି ଚରଣ ବେହେରା, ଜିତେନ୍ଦ୍ର ବେହେରା, ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ବିନାୟକ ଖିଲାର ଏବଂ କଣିହାଁ କୋଇଲା ଖଣିର ରାଜସ୍ୱ ଓ ଭୂଅର୍ଜନ ଅଧିକାରୀ ଭବାନୀ ଶଙ୍କର ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

● ରଥଯାତ୍ରା ଉପଲକ୍ଷେ ଭଜନ ସନ୍ଧ୍ୟା

## ଷଷ୍ଠ ଦିନରେ ଜୟଜଗନ୍ନାଥ ଭଜନ ମଞ୍ଚର ଭଜନ ପରିବେଷଣ



ତାଳଚେର,୨୨।୭(ସମିସ): ମାଉସୀମା' ମନ୍ଦିର ପ୍ରାଙ୍ଗଣରେ ରଥଯାତ୍ରା ଭଜନ ସନ୍ଧ୍ୟା କମିଟି ଦ୍ୱାରା ଷଷ୍ଠ ସନ୍ଧ୍ୟାରେ ସ୍ଥାନୀୟ ଜୟ ଜଗନ୍ନାଥ ଭଜନ ମଞ୍ଚ କଳାକାରଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଛି। ଏହି ଅବସରରେ ତାଳଚେର ସହର ୨ନଂ ୱାର୍ଡର ଆଇନଜୀବୀ ଅଜିତ ମିଶ୍ରଙ୍କ ଦୁଇ କୁନି ଝିଅ ଏଜେ ହେମିନା ଓ ଏଜେ ରେମିନା ତାଙ୍କ ସୁରିଲା କଣ୍ଠରେ ସୁମଧୁର ଭଜନ ପରିବେଷଣ କରିଥିଲେ। ଅନୁଗୋଳ ସଂଯୁକ୍ତ ସମବାୟ ସମିତି ସଭାପତି ସନ୍ତୋଷ କୁମାର ପ୍ରଧାନ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ କଳାକାରମାନଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ମାନିତ କରିଥିଲେ। ଜିଲ୍ଲା ସଂସ୍କୃତି ଭିଭାଗ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। କମିଟି ସମ୍ପାଦକ ସଞ୍ଜୀବ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ସଦସ୍ୟ ଦୀପକ ଦେବତା, ଭାଗୀରଥି ସାହୁ, ବବିତା ଦାସ, ପ୍ରକାଶ ଦାସ, ବିରଞ୍ଚି ଦାସ, ସୁନୀଲ ସିଙ୍ଗ, ପ୍ରବୋଧ ରାଉତ ସହଯୋଗ କରିଥିଲେ।

## ଝରାବେରଣୀ ହାଇସ୍କୁଲର ପ୍ରତିଷ୍ଠା ଉତ୍ସବ



କିଶୋରନଗର,୨୨।୭(ସମିସ): କିଶୋରନଗର ବ୍ଲକ ଝରାବେରେଣୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ୩୪ତମ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଛି। ପ୍ରଧାନଶିକ୍ଷକ ରଞ୍ଜିତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଯତୀନ୍ଦ୍ର ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ଅରୁଣ ପ୍ରଧାନ, ପ୍ରସାଦୀ ପ୍ରଧାନ, ଦୁଷ୍ମନ୍ତ ପ୍ରଧାନ ଓ ପରିଚାଳନା କମିଟି ସଦସ୍ୟ ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ସ୍ୱାଗତ ଭାଷଣ ଓ ବିଦ୍ୟାଳୟ ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭଲ ମଣିଷ ହେବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। କେତାଞ୍ଜଳି ସାହୁ ଅତିଥି ପରିଚୟ, ଅମିତାଭ ପ୍ରଧାନ ମଞ୍ଚ ସଞ୍ଚାଳନ ଓ ସଞ୍ଜୀବ ସେଠୀ ଧନ୍ୟବାଦ୍ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## 'ନିଶାମୁକ୍ତ ଭାରତ' ସଚେତନତା କାର୍ଯ୍ୟକ୍ରମ




କଣିହାଁ,୨୨।୭(ସମିସ): କଣିହାଁ ବ୍ଲକସ୍ଥିତ କଣିହାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜିଲ୍ଲା ପ୍ରଶାସନ, ସାମାଜିକ ସୁରକ୍ଷା ଅଧିକାର ବିଭାଗ ଓ ''ସ୍ପନ୍ଦନ'ର ମିଳିତ ଆନୁକୂଲ୍ୟରେ ''ନିଶାମୁକ୍ତ ଭାରତ' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ନାରାୟଣ ଦାସ, ଅଧ୍ୟାପକ ସତ୍ୟନାରାୟଣ ଏବଂ ଦୀପକ କୁମାର ସାମଲ ଉପସ୍ଥିତ ରହି ନିଶା ସେବନର କୁପ୍ରଭାବ ଓ ଏହାର ସାମାଜିକ, ପାରିବାରିକ ଏବଂ ସ୍ୱାସ୍ଥ୍ୟଗତ କ୍ଷତି ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ। ମୁଖ୍ୟବକ୍ତା ରାମଚନ୍ଦ୍ର ସାହୁ ନିଶାମୁକ୍ତ ସମାଜ ଗଠନର ଆବଶ୍ୟକତା ଓ ନିଶାମୁକ୍ତ ଜୀବନଶୈଳୀ ଅବଲମ୍ବନର ଉପାୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ରଚନା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ରଚନାରେ ପ୍ରିୟଦର୍ଶିନୀ ସାହୁ ପ୍ରଥମ, ଶ୍ରୀୟା ସାହୁ ଦ୍ୱିତୀୟ ଏବଂ ଇପ୍ସିତା ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଚିତ୍ରାଙ୍କନ ପ୍ରତିଯୋଗିତାରେ ଗାୟତ୍ରୀ ମୁଦୁଲି ପ୍ରଥମ, ସୁନୀତା ନାଏକ ଦ୍ୱିତୀୟ ଏବଂ ଦୀପା ପ୍ରଧାନ ତୃତୀୟ ସ୍ଥାନ ହାସଲ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯିବା ସହ ନିଶାମୁକ୍ତ ସମାଜ ଗଠନ ପାଇଁ ସମସ୍ତଙ୍କୁ ସଚେତନ ହେବାକୁ ଆହ୍ୱାନ ଦିଆଯାଇଛି।

## ନାବାଳିକାଙ୍କୁ ଅପହରଣ ଅଭିଯୋଗ

ବଣ୍ଡାରପାଳ,୨୨।୭(ସମିସ): ବଣ୍ଡାରପାଳ ଥାନା ଗଡ଼ସନ୍ତ୍ରୀ ପଞ୍ଚାୟତ ନରେନ୍ଦ୍ରପୁର ଗ୍ରାମର ଜଣେ ନାବାଳିକାଙ୍କୁ କେହି ଅପହରଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ରାତି ୧୦ଟାରେ ପରିବାର ଲୋକେ ଖାଇପିଇ ଶୋଇଥିଲେ। ଭୋର ୪ଟାରେ ଉଠି ଦେଖିଲେ ଯେ ତାଙ୍କ ୧୬ ବର୍ଷୀୟ ଝିଅ ନାହିଁ। ପାଖପଡ଼ିଶା ଓ ସମ୍ପର୍କୀୟଙ୍କ ଘରେ ଖୋଜିଲା ପରେ ମଧ୍ୟ ଝିଅର ସନ୍ଧାନ ପାଇଲେ ନାହିଁ। ପରେ ଖବର ପାଇଲେ ଯେ ତାଙ୍କ ଗ୍ରାମରେ କଦଳୀ ଗୋଦାମ କରିଥିବା ବିମଳ ମାଝୀଙ୍କ ପାଖରେ କାମ କରୁଥିବା ଶିବଶମ୍ଭୁ ମାଝୀଙ୍କ ସହ ଝିଅ କିଛିଦିନ ହେଲା କଥାବାର୍ତ୍ତା ହେଉଥିଲା। ଝିଅକୁ ଶିବଶମ୍ଭୁ କେଉଁଆଡ଼େ ଅପହରଣ କରି ନେଇଥିବା ପରିବାର ଲୋକେ ସନ୍ଦେହ କରି ଅଭିଯୋଗ କରିଛନ୍ତି।

## ଭାରତ-ଆମେରିକା କୃଷି ବାଣିଜ୍ୟ ଚୁକ୍ତି ବାତିଲ ଦାବିରେ ବିକ୍ଷୋଭ




ଅନୁଗୋଳ,୨୨।୭(ସମିସ): ଭାରତ-ଆମେରିକା କୃଷି ବାଣିଜ୍ୟ ଚୁକ୍ତି ବାତିଲ, କୃଷି ଓ କୃଷକଙ୍କୁ କର୍ପୋରେଟ ଲୁଟ୍ ବନ୍ଦ, ସାରର ଅହେତୁକ ଦର ବୃଦ୍ଧି ବନ୍ଦ କରି ଚାଷୀଙ୍କୁ ଠିକ୍ ସମୟରେ ସବସିଡରେ ଆବଶ୍ୟକତା ଅନୁସାରେ ସାର, ବିହନ, ଔଷଧ ଓ କୃଷି ଯନ୍ତ୍ରପାତି ଯୋଗାଇଦେବା, ସାରର କଳାବଜାରୀ ବନ୍ଦ କରିବା, ସୁରେଶ୍ୱରୀ ଧଉରାଗୋଠ, ହିଡ଼ସିଙ୍ଗ, କାଣିଘାଇ, ଚୁଡ଼ାଖିଆ ସମେତ ସମସ୍ତ ପ୍ରସ୍ତାବିତ ଜଳସେଚନ ଯୋଜନା କାର୍ଯ୍ୟକାରୀ କରିବା, ଚାଷଜମିରେ ଖଣି ଓ କାରଖାନା ପ୍ରତିଷ୍ଠା ବନ୍ଦ କରିବା, ହାତୀ, ମାଙ୍କଡ଼, ବୁଲା ଷଣ୍ଢ ଓ ଗୋରୁ ଉପଦ୍ରବରୁ ଧନଜୀବନ ସୁରକ୍ଷା, ଷାଠିଏ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ଚାଷୀଙ୍କୁ ମାସିକ ୧୦ ହଜାର ଟଙ୍କା ଭତ୍ତା ପ୍ରଦାନ ଏବଂ ମୂଲିଆମାନଙ୍କୁ ବର୍ଷସାରା କାମ ଯୋଗାଣ ଆଦି ଦାବିରେ ସଂଯୁକ୍ତ କିଷାନ ମୋର୍ଚ୍ଚା ଡାକରାରେ ସାରା ଭାରତ ପ୍ରତିବାଦ ଦିବସ ଉପଲକ୍ଷେ ଅଲ୍ ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଂଗଠନର ଅନୁଗୋଳ ଜିଲ୍ଲା କମିଟି ପକ୍ଷରୁ ଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ଜିଲ୍ଲା ସଭାପତି ସୁବାସ ପ୍ରଧାନଙ୍କ ସଭାପତିତ୍ୱରେ ବିକ୍ଷୋଭ ସଭା ଅନୁଷ୍ଠିତ ହୋଇଛି। କେନ୍ଦ୍ର ବିଜେପି ସରକାର ଭାରତ-ଆମେରିକା କୃଷି ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର କରି ୪୫ ଲକ୍ଷ କୋଟି ଟଙ୍କାର ଆମେରିକା ପୁଞ୍ଜି ନିବେଶର ସୁଯୋଗ ସୃଷ୍ଟି କରିଛନ୍ତି। ଫଳରେ ଆମ୍ବାନୀ, ଆଦାନୀ ଭଳି ପୁଞ୍ଜିପତିମାନେ ଭାରତର କୃଷକ ଓ କୃଷି ବଜାରକୁ ଲୁଟ୍ କରିବାର ସୁଯୋଗ ପାଇବେ। ଅପରପକ୍ଷରେ ସରକାରଙ୍କ ଚାଷୀମାରଣ ନୀତି ଫଳରେ ପ୍ରସ୍ତାବିତ ଜଳସେଚନ ଯୋଜନାଗୁଡ଼ିକ କାର୍ଯ୍ୟକାରୀ କରାଯାଉ ନାହିଁ। ସାର ମୂଲ୍ୟ ବୃଦ୍ଧି ଓ ଅଭାବୀ ବିକ୍ରି ଫଳରେ ଅସାଧୁ ବ୍ୟବସାୟୀମାନେ ଚଢ଼ାଦରରେ ଏହାକୁ ବିକ୍ରି କରି ମୁନାଫା ଲୁଟୁଛନ୍ତି। ଚାଷୀ ମୁଣ୍ଡଝାଳ ତୁଣ୍ଡରେ ମାରି ଫସଲ ଉତ୍ପାଦନ କରୁଥିବା ବେଳେ ହାତୀ, ମାଙ୍କଡ଼ ବୁଲା ଷଣ୍ଢ ଓ ଗୋରୁ ଉପଦ୍ରବ ଫଳରେ ସେମାନଙ୍କ ମେରୁଦଣ୍ଡ ଭାଙ୍ଗିଯାଉଛି ବୋଲି ଜିଲ୍ଲା ସମ୍ପାଦକ ରଣଜିତ ପ୍ରଧାନ, ଉପସଭାପତି ନବକିଶୋର ପ୍ରଧାନ, ଚାଷୀନେତା ସଞ୍ଜୟ ସାହୁ, କୁମର ସାହୁ, ପ୍ରତାପ ଚନ୍ଦ୍ର ସାହୁ ପ୍ରମୁଖ ପ୍ରକାଶ କରିଥିଲେ। ଏ ନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଚାଷୀମାରଣ ନୀତିର ଦୃଢ଼ ନିନ୍ଦା କରିଥିଲେ। ସମସ୍ୟାର ସ୍ଥାୟୀ ସମାଧାନ ନ ହେଲେ ଆଗାମୀ ଦିନରେ ବଡ଼ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।

## ଯାତ୍ରା ଗହଳିରେ ରୋମିଓ ରାଇଡରଙ୍କ ରାଜୁତି

ତାଳଚେର,୨୨।୭(ସମିସ): ବାଇକ ଦେଉଛି ବିକଟାଳ ହର୍ଣ୍ଣ। କିଏ ସାଇରନ୍ ଦେଇ ଯାଉଛି ତ ଆଉ କିଏ ବସ୍ ଭଳି ହର୍ଣ୍ଣ ବଜାଉଛି। କେବଳ ସେତିକି ନୁହଁ, ବାଇକରୁ ବାହାରୁଛି କାନ ଫଟାଇ ଦେବା ଭଳି ପ୍ରଚଣ୍ଡ ଶବ୍ଦ। ମଝିରେ ମଝିରେ ସାଇଲେନସରରୁ ତାଳ ଫୋଟକା ଫୁଟିବା ଭଳି ଶବ୍ଦ ବାହାରୁଛି। ତାଳଚେର ସହରରେ ଏପରି ବାଇକ୍ ଚଳାଇବା ଏବେ ଯୁବପିଢ଼ିଙ୍କ ସଉକରେ ପରିଣତ ହୋଇଛି। ଯାତ୍ରା ଗହଳି ଭିତରେ ଯୁବପିଢ଼ି ବିକଟାଳ ହର୍ଣ୍ଣ ଓ ସାଇଲେନ୍ସରରୁ କାନଫଟା ଶବ୍ଦ ବାହାର କରୁଥିବା ଭଳିକି ଭଳି ସ୍ପିଡ୍ ବାଇକ ଧରି ବୁଲୁଛନ୍ତି। ଆଉ ଏହି ସଉକ୍ ରାସ୍ତାରେ ଭୟ ଓ ବିପଦ ସୃଷ୍ଟି କରୁଛି। ପଥଚାରୀମାନେ ଭୟଭୀତ ହୋଇ ଦୁର୍ଘଟଣାର ଶିକାର ହେଉଛନ୍ତି। ଏହାକୁ ନେଇ ପୁଲିସ୍‌ର ମୁଣ୍ଡବିନ୍ଧା ମଧ୍ୟ ବଢ଼ିଯାଇଛି। ମାତ୍ର ଏଥିପ୍ରତି କୌଣସି ଲଗାମ ନ ଥିବାରୁ ଏଭଳି ଘଟଣା ଦିନକୁ ଦିନ ବଢ଼ି ଚାଲିଛି। ସେପଟେ ପରିବହନ ବିଭାଗ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ଏପରି ଗାଡ଼ି ସଂଖ୍ୟା ବଢ଼ିଚାଲିଛି। ବିକଟାଳ ଶବ୍ଦ କରୁଥିବା ବାଇକ ଜବତ କରିବା ସହ ମୋଟା ଅଙ୍କର ଜରିମାନା କରାଗଲେ କିଛି ରୋମିଓ ରାଇଡର୍ ସାବାଡ୍ ହୁଅନ୍ତେ ବୋଲି ମତ ପ୍ରକାଶ ପାଇଛି। ଯେଉଁ ଦୋକାନଗୁଡ଼ିକରେ ସାଇଲେନ୍ସର ବଦଳା ଯାଉଛି ସେଠାରେ ଚଢ଼ଉ କରିବାକୁ ମଧ୍ୟ ଦାବି ହେଉଛି।

ନିୟମ ମୁତାବକ କୌଣସି ବାଇକର ହର୍ଣ୍ଣ ୬୫ ଡେସିବଲରୁ ଅଧିକ ହୋଇପାରିବ ନାହିଁ। ସେହିପରି ବାଇକରେ କମ୍ପାନୀ ଲଗାଇଥିବା ସାଇଲେନ୍ସର ବଦଳାଇ ପାରିବେ ନାହିଁ। ମାତ୍ର ଏବେ ଯୁବପିଢ଼ି ଭଳିକି ଭଳି ସ୍ପିଡ୍ ବାଇକ ଚଢୁଥିବା ବେଳେ ନିଜଆଡ଼କୁ ଆକର୍ଷିତ କରାଇବା ପାଇଁ ଘନଘନ ବିକଟାଳ ହର୍ଣ୍ଣ ବଜାଉଛନ୍ତି। ତାଳଚେର ସହରରୁ ଆରମ୍ଭକରି ବସଷ୍ଟାଣ୍ଡ, ହାଟତୋଟା ରୋଡ୍, ମାର୍କେଟ, ହାଣ୍ଡିଧୂଆଁ ଛକ, ବାଘୁଆବୋଲ ପବିତ୍ରମୋହନ ଛକ, ବହ୍ଲରଛକ ଇତ୍ୟାଦି ଜନଗହଳିପୂର୍ଣ୍ଣ ରାସ୍ତାରେ ଏପରି କାନଫଟା ଶବ୍ଦ ସୃଷ୍ଟିକାରୀ ବାଇକ୍ ଘୂରି ବୁଲୁଛି। ତୁରନ୍ତ ପୁଲିସ୍ ଏ ଦିଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।

● ଗଞ୍ଜେଇ ଚାଲାଣ ବେଳେ ମାଡ଼ିବସିଲା ପୁଲିସ

## ୩ ଅଭିଯୁକ୍ତ ଗିରଫ, ଗାଡ଼ି ଜବତ

ପାଲଲହଡ଼ା,୨୨।୭(ସମିସ): ଚୋରା ଗଞ୍ଜେଇ ଚାଲାଣ ବେଳେ ମାଡ଼ିବସିଲା ପାଲଲହଡ଼ା ପୁଲିସ। ଏହି ମାମଲାରେ ୩ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଏକ କାର ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଅନଗୋଳ ସଦର ଥାନା ରନ୍ତାଲେଇ ଗ୍ରାମର ଜ୍ୟୋତିଷ କୁମାର ନାୟକ (୪୩), ବଣ୍ଡାରପାଳ ଥାନା ତାଳମୂଳ ଶାସନ ଗ୍ରାମର ପ୍ରତାପ କୁମାର ବେହେରା (୪୫) ଓ ବୌଦ୍ଧ ଜିଲ୍ଲା ଟାଉନ ଥାନା ବରାଝୁଲି ଗ୍ରାମର ଆଶିଷ କୁମାର ପ୍ରଧାନ (୨୯)। ବୁଧବାର ସକାଳ ପ୍ରାୟ ୬ଟା ୪୫ରେ ପାଟ୍ରୋଲିଂ ସମୟରେ ପାଲଲହଡ଼ା ଥାନା ଏସଆଇ ଅର୍ଚ୍ଚନା ଚମ୍ପତି ଏବଂ ପୁଲିସ କର୍ମଚାରୀମାନେ ଏକ ସ୍ୱିଫ୍ଟ ଡିଜାୟାର କାର୍‌କୁ ସନ୍ଦେହରେ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ କାର୍‌ରୁ ଦୁଇଟି ପ୍ଲାଷ୍ଟିକ୍ ବସ୍ତାରେ ରଖାଯାଇଥିବା ୫୨ କିଲୋ ୬୬୦ ଗ୍ରାମ୍ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ପୁଲିସ ଗଞ୍ଜେଇ ସହ କାର୍ ଜବତ କରିଛି। ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହି ଗଞ୍ଜେଇ କନ୍ଧମାଳରୁ କଟକ ଅଞ୍ଚଳକୁ ଚାଲାଣ କରାଯାଉଥିବା ଅଭିଯୁକ୍ତମାନେ ସୂଚନା ଦେଇଛନ୍ତି। ଏ ନେଇ ଥାନାରେ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ପ୍ରଦୀପ କୁମାର ମହାନ୍ତ ସୂଚନା ଦେଇଛନ୍ତି।

## ପନିପରିବା ଦର ଆକାଶ ଛୁଆଁ

ତାଳଚେର,୨୨।୭(ସମିସ): ଖାଉଟି ବଜାର ଏବେ ଲଗାମଛଡ଼ା। ପରିବା ଦର ଆକାଶଛୁଆଁ ହୋଇଛି। କିଛି ପରିବା ୮୦ଟଙ୍କା ତଳକୁ ନାହିଁ। ଆଳୁ, ପିଆଜ, ପୋଟଳ, ବାଇଗଣ, ଟମାଟୋ, ସଲରା, କଲରା, ବିନ୍, ମୂଳା, ଝୁଡ଼ୁଙ୍ଗ, କନ୍ଦମୂଳ, କଖାରୁ, କାଙ୍କଡ଼, କୁନ୍ଦୁରି, ଗୁଆଁର, ଅଦା, ରସୁଣ, ଲଙ୍କା, ଜହ୍ନି, ଖୁମ୍ବଆଳୁ, ଛୁଇଁ, ଲାଉ, ଅମୃତଭଣ୍ଡା ଆଦି କୌଣସି ପରିବାରେ ହାତମାରିବାକୁ ଖାଉଟି ଡରୁଛନ୍ତି। ଅଧିକାଂଶ ଖାଉଟି ଆଳୁ ପିଆଜରେ କାମ ଚଳାଇବାକୁ ଚିନ୍ତା କରୁଥିବା ବେଳେ ଏହାର ଦର ମଧ୍ୟ ଅହେତୁକ ବୃଦ୍ଧି ପାଇଛି। ବ୍ୟବସାୟୀଙ୍କ କହିବା କଥା, ଆଳୁ ପିଆଜ ଚାହିଦା ବଢ଼ି ଯାଇଥିବାରୁ ସେମାନେ ଅଧିକ ଦର ଦେଇ କିଣୁଛନ୍ତି। ସେଥିପାଇଁ ଖାଉଟିଙ୍କୁ ବର୍ଦ୍ଧିତ ଦରରେ ଆଳୁ ପିଆଜ ବିକିବାକୁ ବାଧ୍ୟ ହେଉଛନ୍ତି। ଆଳୁ, ପିଆଜ ଦର ଯେ କେତେ ବେଳେ ନିୟନ୍ତ୍ରଣ ବାହାରକୁ ନ ଯିବ, ତାହା କହି ହେଉନାହିଁ। ସରକାର ବଜାର ଦର ନିୟନ୍ତ୍ରଣ ପାଇଁ ପଦକ୍ଷେପ ନେଉ ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି।

## ଶିକ୍ଷାବିତ୍ ବୃନ୍ଦାବନ ସାହୁଙ୍କ ପରଲୋକ

**ପୂର୍ବତନ ସାଂସଦଙ୍କ ଶୋକ**



ତାଳଚେର,୨୨।୭(ସମିସ): ତାଳଚେରର ବିଶିଷ୍ଟ ଶିକ୍ଷାବିତ୍ ତଥା ପୂର୍ବତନ ସାଂସଦ ମହେଶ ସାହୁଙ୍କ ଶିକ୍ଷାଗୁରୁ ବୃନ୍ଦାବନ ସାହୁଙ୍କର ୮୫ବର୍ଷ ବୟସରେ ତାଙ୍କ ଶର୍ମାଛକସ୍ଥିତ ବାସଭବନରେ ବୁଧବାର ସକାଳେ ପରଲୋକ ହୋଇଛି। ଏହି ଖବର ପ୍ରଚାରିତ ହେବା ପରେ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ପୁରାତନ ଛାତ୍ରଛାତ୍ରୀ ଶେଷ ଦର୍ଶନ କରିଥିଲେ। ସ୍ୱର୍ଗତ ସାହୁ ଜଣେ ଆଦର୍ଶ ଶିକ୍ଷକ ଭାବେ ବିଭିନ୍ନ ହାଇସ୍କୁଲରେ ପିଲାମାନଙ୍କୁ ଉତ୍ତମ ଶିକ୍ଷା ପ୍ରଦାନ କରିବା ସହ ଉତ୍ତମ ଚରିତ୍ର ଗଠନ ପାଇଁ ପ୍ରେରଣା ପ୍ରଦାନ କରିଥିଲେ। ତାଙ୍କ ଛାତ୍ରଛାତ୍ରୀମାନେ ବହୁ ଉଚ୍ଚ ପଦପଦବୀରେ ଅବସ୍ଥାପିତ ହୋଇ ରାଜ୍ୟ ଓ ରାଜ୍ୟ ବାହାରେ ସୁନାମ ଅର୍ଜନ କରିଛନ୍ତି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପୂର୍ବତନ ସାଂସଦ ମହେଶ ସାହୁ ତାଙ୍କ ପାଖରେ ପାଠପଢ଼ି ରାଜନୀତିର ଉଚ୍ଚ ସୋପାନରେ ପହଞ୍ଚି ପାରିଛନ୍ତି। ସ୍ୱର୍ଗତ ସାହୁ ହାଣ୍ଡିଧୂଆଁ ଯୁବରାଜ ଉଚ୍ଚ ବିଦ୍ୟାଳୟରେ ଜୀବନର ଅଧିକାଂଶ ସମୟ ଶିକ୍ଷାଦାନ କରି ସମସ୍ତଙ୍କ ପ୍ରିୟଭାଜନ ହୋଇଥିଲେ। ଚାକିରି ଜୀବନର ଶେଷ ପର୍ଯ୍ୟାୟରେ ସେ ତାଳଚେରର ଡିଆଇ (ବିଇଓ) ଭାବେ କାର୍ଯ୍ୟ ତୁଲାଇଥିଲେ। ଏପରିକି ଅବସର ଗ୍ରହଣ ପରେ ମଧ୍ୟ ସରକାର ତାଙ୍କ ଉପରେ ଭରସା କରି ପରୀକ୍ଷା ସମୟରେ ମୁଖ୍ୟ ପରୀକ୍ଷକ ଭାବେ ନିଯୁକ୍ତ କରୁଥିଲେ। ଥରେ ସ୍ୱର୍ଗତ ସାହୁ ନିଜର ଜଣେ ସମ୍ପର୍କୀୟ ଛାତ୍ରଙ୍କୁ କପି କରିବା ବେଳେ ଧରି ଏକ୍ସପେଲ କରି ଚର୍ଚ୍ଚାର ପରିସରକୁ ଆସିଥିଲେ। ତାଙ୍କ ବିୟୋଗ ସମଗ୍ର ତାଳଚେର ଅଞ୍ଚଳ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ମତ ପ୍ରକାଶ ପାଇଛି। ପୂର୍ବତନ ସାଂସଦ ମହେଶ ସାହୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତାଙ୍କ ଆତ୍ମାର ସଦଗତି ପାଇଁ କାମନା କରିବା ସହ ଗଭୀର ଶୋକ ପ୍ରକାଶ କରିଛନ୍ତି। ପରିବାର ଲୋକଙ୍କୁ ମହାପ୍ରଭୁ ଧୈର୍ଯ୍ୟ ଓ ଶକ୍ତି ପ୍ରଦାନ କରନ୍ତୁ ବୋଲି ପ୍ରକାଶ କରିଛନ୍ତି। ସ୍ୱର୍ଗତ ସାହୁଙ୍କ ପାର୍ଥିବ ଶରୀରକୁ ସହର ପରିକ୍ରମା କରିବା ପରେ ତାଳଚେର ମଣ୍ଡାପାଳସ୍ଥିତ ଶାନ୍ତିଧାମରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

**କଣିହାଁ ପଞ୍ଚାୟତ ସମିତିର ଅଷ୍ଟମ ସାଧାରଣ ବୈଠକ**

## ବିଭିନ୍ନ ସମସ୍ୟା ପ୍ରସଙ୍ଗରେ ସରଗରମ ଆଲୋଚନା




କଣିହାଁ,୨୨।୭(ସମିସ): କଣିହାଁ ପଞ୍ଚାୟତ ସମିତିର ଅଷ୍ଟମ ସାଧାରଣ ବୈଠକ ବୁଧବାର ପୂର୍ବାହ୍ନ ସାଢ଼େ ୧୦ଟାରେ ପବିତ୍ରମୋହନ ସଭାଗୃହରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ତ୍ରିପୁରାରୀ ପ୍ରଧାନ, ତାଳଚେର ବିଧାୟକଙ୍କ ପ୍ରତିନିଧି ସୁନୀଲ ପ୍ରଧାନ, ପାଲଲହଡ଼ା ବିଧାୟକଙ୍କ ପ୍ରତିନିଧି ପ୍ରହ୍ଲାଦ ସାମଲ, ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ କୁମାର ସାହୁ, ବିଡିଓ ତ୍ରିବିକ୍ରମ କୁମୁରା, ସହକାରୀ ନିର୍ବାହୀ ଯନ୍ତ୍ରୀ ଚିନ୍ମୟ ମିଶ୍ର, ଏବିଡିଓ ସୁତିଷ୍ଣା ମହାପାତ୍ର, ଜିପିଇଓ ଉଦୟନାଥ ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ସରପଞ୍ଚ ଓ ସମିତି ସଭ୍ୟମାନେ ଉପସ୍ଥିତ ଥିଲେ। ବୈଠକରେ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧିମାନେ ନିଜ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ରାସ୍ତାଘାଟ, ବିଦ୍ୟୁତ, କୃଷି, ମୃତ୍ତିକା ସଂରକ୍ଷଣ, ଉଦ୍ୟାନ ବିଭାଗ ଓ ଅନ୍ୟାନ୍ୟ ସମସ୍ୟା ଉଠାଇଥିଲେ। ସ୍ୱାସ୍ଥ୍ୟ ବିଭାଗର ଆଲୋଚନା ବେଳେ କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଆମ୍ବୁଲାନ୍ସ ଚାଳକ ଅଭାବ, ଇନ୍ଧନ ଓ ରକ୍ଷଣାବେକ୍ଷଣ ପାଇଁ ଆର୍ଥିକ ସମସ୍ୟା ଓ ଗୋଶାଳା ପ୍ରସଙ୍ଗ ଉଠିଥିଲା। ଏହି ସମସ୍ୟା ସମାଧାନ ପାଇଁ ଏମସିଏଲ୍, ଏନଟିପିସି, ଜେଆଇଟିପିଏଲ୍ ଓ ଜନପ୍ରତିନିଧିଙ୍କୁ ନେଇ ସ୍ୱତନ୍ତ୍ର ବୈଠକ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। କୃଷି ବିଭାଗ ସମ୍ପର୍କିତ ଆଲୋଚନାରେ ଚାଷୀଙ୍କୁ ଠିକ୍ ସମୟରେ ଉନ୍ନତମାନର ବିହନ ଓ ସାର ଯୋଗାଣ ଦାବି କରାଯାଇଥିଲା। ବଡ଼ତ୍ରିବିଡ଼ା ସରପଞ୍ଚ ଶାନ୍ତନୁ କୁମାର ପ୍ରଧାନ କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟସେବା, ଆମ୍ବୁଲାନ୍ସ ସମସ୍ୟା ଓ କୃଷି ବିଭାଗର କାର୍ଯ୍ୟକଳାପ ନେଇ ଉଦବେଗ ପ୍ରକାଶ କରିଥିଲେ। ଗଦାଶିଳା ସମିତି ସଭ୍ୟ ଦିବ୍ୟରଞ୍ଜନ ପ୍ରଧାନ ଓ ବଡ଼ତ୍ରିବିଡ଼ା ସରପଞ୍ଚ ଶାନ୍ତନୁ କୁମାର ପ୍ରଧାନ କଣିହାଁରେ କୋଇଲା ଖଣି ଓ ଶିଳ୍ପ ପ୍ରକଳ୍ପ ଅଞ୍ଚଳରେ ବେସାହାରା ଗୋରୁଗାଈ ରାସ୍ତା ଉପରେ ବୁଲୁଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଥିବା ପ୍ରସଙ୍ଗ ଉଠାଇଥିଲେ। ବଜ୍ରକୋଟ ସମିତି ସଭ୍ୟ ସୀମାଞ୍ଚଳ ପଣ୍ଡା କୃଷି ଓ ପରିମଳ ବ୍ୟବସ୍ଥା ସମ୍ପର୍କରେ ପ୍ରଶ୍ନ ଉଠାଇଥିଲେ। ବିରୁ ସମିତି ସଭ୍ୟ ଘନଶ୍ୟାମ ସାହୁ କଣିହାଁ ବଜାରରୁ ବାଲାଙ୍ଗୀ, ସମଲ ଓ ବିଗିସର ଅଞ୍ଚଳ ସହ ଏନଟିପିସି ତେଲିସିଂହା ପଥରମୁଣ୍ଡା ଛକରୁ ଗୋପାଳପ୍ରସାଦ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ରାସ୍ତାର ଶୋଚନୀୟ ଅବସ୍ଥା ନେଇ ଦୃଷ୍ଟି ଆକର୍ଷଣ କରିଥିଲେ। କଣିହାଁ ବ୍ଲକ ଏକ ପ୍ରମୁଖ ଖଣି ଓ ଶିଳ୍ପାଞ୍ଚଳ ହୋଇଥିଲେ ମଧ୍ୟ ଏମସିଏଲ୍, ଏନଟିପିସି ଓ ଜେଆଇଟିପିଏଲ କର୍ତ୍ତୃପକ୍ଷ ବୈଠକରେ ଉପସ୍ଥିତ ନ ଥିବାରୁ ଅନେକ ଜନପ୍ରତିନିଧି ଅସନ୍ତୋଷ ପ୍ରକାଶ କରିଥିଲେ। ସେହିପରି ଢେଙ୍କାନାଳ ସାଂସଦ ଓ ସମ୍ପୃକ୍ତ ବିଧାୟକମାନଙ୍କ ଅନୁପସ୍ଥିତିକୁ ନେଇ ମଧ୍ୟ ବୈଠକରେ ଚର୍ଚ୍ଚା ହୋଇଥିଲା।

ରାଜସ୍ୱ ସମସ୍ୟାର ସମାଧାନକୁ ଗୁରୁତ୍ୱ

# କେନ୍ଦ୍ରାପଡ଼ା ତହସିଲରେ ଅଭିଯୋଗ ଶୁଣାଣି

କେନ୍ଦ୍ରାପଡ଼ା,୨୨।୭ (ସମିସ)



ସାଧାରଣ ଲୋକଙ୍କ ଜମିଜମା ଓ ରାଜସ୍ୱ ସମ୍ବନ୍ଧୀୟ ସମସ୍ୟାର ଦ୍ରୁତ ସମାଧାନ ଲକ୍ଷ୍ୟରେ କେନ୍ଦ୍ରାପଡ଼ା ତହସିଲ ପରିସରରେ ରାଜସ୍ୱ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକୃଷ୍ଣ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶୁଣାଣିରେ ବିଭିନ୍ନ ପ୍ରକାର ରାଜସ୍ୱ ଅଭିଯୋଗର ଶୁଣାଣି କରାଯାଇଥିଲା। ଶିବିରରେ ଜମି ସୀମା ନିର୍ଦ୍ଧାରଣ (ଡିମାର୍କେସନ), ନାମଜାରି (ମ୍ୟୁଟେସନ), ଜବରଦଖଲ (ଏନ୍‌କ୍ରୋଚମେଣ୍ଟ) ଏବଂ ଓଡ଼ିଶା ଭୂମି ସଂସ୍କାର ଆଇନ (ଓଏଲଆର) ସମ୍ବନ୍ଧୀୟ ମୋଟ ୨୨ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୪ଟି ଅଭିଯୋଗର ଘଟଣାସ୍ଥଳରେ ହିଁ ସମାଧାନ କରାଯାଇଥିଲା। ଅବଶିଷ୍ଟ ଅଭିଯୋଗଗୁଡ଼ିକର ନିୟମାନୁସାରେ ଯଥାଶୀଘ୍ର ତଦନ୍ତ ଓ ସମାଧାନ କରିବାକୁ ଅତିରିକ୍ତ ଜିଲ୍ଲାପାଳ ତହସିଲଦାର କୁଇନି ଜେନାଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ। ଜନସାଧାରଣଙ୍କ ଅଭିଯୋଗକୁ ପ୍ରାଥମିକତା ଦେଇ ଶୀଘ୍ର ନ୍ୟାୟ ପ୍ରଦାନ କରିବାକୁ ସେ ଗୁରୁତ୍ୱାରୋପ କରିଥିଲେ।

ଶୁଣାଣି ସମୟରେ ତହସିଲ କାର୍ଯ୍ୟାଳୟର ବଡ଼ବାବୁ ନରହରି କିସ୍କୁଙ୍କ ସମେତ ପ୍ରଦୀପ ଦାସ, ସୌଭାଗ୍ୟ ଦାସ ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସୁଦର୍ଶନ ବିଦ୍ୟାଳୟରେ ଚାରାରୋପଣ

ଡେରାବିଶ,୨୨।୭ (ସମିସ): ଗୁଆଲସିଂ ପଞ୍ଚାୟତ ଅନ୍ତର୍ଗତ ସୁଦର୍ଶନ ଉଚ୍ଚବିଦ୍ୟାଳୟର ୧୯୮୦ ବ୍ୟାଚ୍ ଛାତ୍ରଛାତ୍ରୀ ବୃକ୍ଷ ଚାରା ରୋପଣ କରିଛନ୍ତି। ସେମାନେ କୁଶିଆପାଳ ପଞ୍ଚାୟତ ଅନ୍ତର୍ଗ ହଳଦିଆ ଗ୍ରାମ ଖେଳ ପଡ଼ିଆର ପ୍ରବେଶ ରାସ୍ତା ଦୁଇ ପାଶ୍ୱର୍ରେ ବିଭିନ୍ନ ଔଷଧୀୟ ଓ ଫଳ ଗଛ ଚାରା ଲଗାଇଛନ୍ତି। ଏଥିସହିତ ଗଛର ସୁରକ୍ଷା ଓ ଦୀର୍ଘାୟୁ ପାଇଁ 'ଦି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟୋଟାଲ ଫିଟ୍‌ନେସ୍ ଆଣ୍ଡ ଷ୍ଟ୍ରେସ୍ ମ୍ୟାନେଜ୍‌ମେଣ୍ଟ'ର ପ୍ରତିଷ୍ଠାତା ସୁବେଦାର ମେଜର ବ୍ରଜ କିଶୋର ସାହୁ ଛାତ୍ରଛାତ୍ରୀଙ୍କୁ ସମସ୍ତ ସହାୟତା ଯୋଗାଇ ଦେଇଛନ୍ତି। ଏଭଳି ଏକ କାର୍ଯ୍ୟକ୍ରମକୁ ଉଷାରାଣୀ ମହାନ୍ତି, ସଂଯୁକ୍ତା ବରାଳ, ସଞ୍ଜୁଲତା ସାହୁ, ସେବତୀ ପାତ୍ର, ପଦ୍ମନାଭ ଦାସ, ରବୀନ୍ଦ୍ର ନାୟକ, ବଂଶୀଧର ସାହୁ, ନାରାୟଣ ବେହେରା, ଅଲେଖ ଦାସ, ବିମ୍ବାଧର ବେହେରା, କୈଳାସ ନାଥ, ଶରତ ରାଉଳ, ଅଭୟ ସାହୁ, ମହେନ୍ଦ୍ର ଦଳାଇ ଓ ହୃଷିକେଶ ବିହାରୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବଂଶୀଧର ସାହୁ ପରିଚାଳନା କରିଥିଲେ।

## ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ମହାକାଳପଡ଼ା,୨୨।୭ (ସମିସ): ମହାକାଳପଡ଼ା ବ୍ଲକର ଗୋଜାବନ୍ଧସ୍ଥ ଗାନ୍ଧିଜୀ ବିଦ୍ୟାପୀଠରେ ଦୀର୍ଘଦିନ ଧରି ଶିକ୍ଷକତା କରୁଥିବା ସୁଷମା ପ୍ରଧାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଜ୍ଞାନ ଶିକ୍ଷକ ପ୍ରଶାନ୍ତ ଦାସଙ୍କ ସଂଯୋଜନା ଓ ପ୍ରଧାନଶିକ୍ଷକ ବସନ୍ତ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସମରେନ୍ଦ୍ର ସ୍ୱାଇଁ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷକ ପ୍ରଭାତ ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ହାତୀ ଧନ୍ୟବାଦ ପ୍ରଦାନ କରିଥିଲେ। ବରକନ୍ଧା ଛେଡ଼ାକଣି କ୍ଲଷ୍ଟରର ପୂର୍ବତନ ସିଆରସିସି ଦିଲ୍ଲୀପ ବାରିକ, ବେଲରପାସ୍ଥ ଜାଗୁଲାଇ ବିଦ୍ୟାନିକେତନ ବିଜ୍ଞାନ ଶିକ୍ଷୟିତ୍ରୀ ଦୀପ୍ତିମୟୀ ମଲ୍ଲିକ, ଗଡ଼ରୋମିତସ୍ଥ ଚମ୍ପକେଶ୍ୱର ବିଦ୍ୟାପୀଠ ହିନ୍ଦୀ ଶିକ୍ଷକ ନିର୍ମଳ ସ୍ୱାଇଁ, ପରିଚାଳନା କମିଟିର ସମସ୍ତ ସଦସ୍ୟସଦସ୍ୟା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ଉଦ୍ଧାରଣ ବିଶ୍ୱାଳ, କୈବଲ୍ୟ ସ୍ୱାଇଁ, ପ୍ରକାଶ ସାହୁ, ମମତା ପରିଡା, ରଶ୍ମିରେଖା ମହାପାତ୍ର, ମୌସୁମୀ ମହାପାତ୍ର, ଶବର ବିଜୟ, ପ୍ରମୋଦ ବାରିକ, ଜିତେନ୍ଦ୍ର ଦାସ, ଶୁଭଶ୍ରୀ ପ୍ରଧାନ, ସରସ୍ୱତୀ ହାଁସଦା, ଅଜେୟ ଲେଙ୍କା, ଭାବଗ୍ରାହୀ ସ୍ୱାଇଁ ଏଲିନା ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

## ବିରଳ ପ୍ରଜାତିର କଇଁଛ ଉଦ୍ଧାର



ରାଜକନିକା,୨୨।୭ (ସମିସ): ରାଜକନିକା ଥାନା ଅନ୍ତର୍ଗତ କାଟଣାବଣିଆ ପଞ୍ଚାୟତର ବଣିଆଁ ଗାଁର ରଥ ଖଳା ପାଖରେ ଏକ ବିରଳ ପ୍ରଜାତିର କଇଁଛକୁ ଠାବ କରାଯାଇଛି। ଏହି ଗାଁରେ ରଥଯାତ୍ରା କରାଯାଇ ମାଉସୀ ମା'ଙ୍କ ଘର ନିକଟରେ ବାହୁଡ଼ାଯାତ୍ରା ପାଇଁ ରଥ ରଖାଯାଇଥିବା ବେଳେ ରଥ ନିକଟରେ ଏଭଳି କଇଁଛ ବିଚରଣ କରୁଥିବା ଦେଖିବାକୁ ମିଳିଛି। କଇଁଛର ପିଠିରେ ଚିତ୍ରିତ ହେବା ଭଳି ଜଗନ୍ନାଥଙ୍କ ପ୍ରତିଛବି ଦୃଶ୍ୟମାନ ହେଉଛି। ଏଭଳି କଇଁଛକୁ ଗାଁର ଯୁବକମାନେ ଶ୍ରଦ୍ଧାର ସହ ଏକ କୁଣ୍ଡରେ ରଖିଛନ୍ତି। ଗାଁକୁ ଲାଗି ରହିଥିବା ଖରସ୍ରୋତା ନଦୀରୁ ଏହି କଇଁଛ ଉଠି ଆସିଥିବା ଅନୁମାନ କରାଯାଇଛି।

## ବରିଷ୍ଠ ନିର୍ମାଣ ଶ୍ରମିକଙ୍କ ପରଲୋକ



ଆଳି,୨୨।୭ (ସମିସ): ଆଳି ଅଞ୍ଚଳର ଖ୍ୟାତନାମା ବରିଷ୍ଠ ନିର୍ମାଣ ଶ୍ରମିକ ତଥା ଆଇନଜୀବୀ ନଳିନୀ ରଞ୍ଜନ ରାୟଙ୍କ ପିତା ସତ୍ୟରଞ୍ଜନ ରାୟ (୮୬)ଙ୍କର ଗତକାଲି ଅପରାହ୍ନରେ ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ପରଲୋକ ହୋଇଯାଇଛି। ଜଣେ କୁଶଳୀ ଓ ଦକ୍ଷ ବରିଷ୍ଠ ନିର୍ମାଣ ଶ୍ରମିକ ଭାବେ ସ୍ୱର୍ଗତ ରାୟ ଆଳି ଅଞ୍ଚଳରେ ବେଶ୍ ସୁନାମ ଅର୍ଜନ କରିଥିଲେ। ସେ ଆଳି, ରାଜକନିକା ଓ ଆଖପାଖ ଅଞ୍ଚଳରେ ଶତାଧିକ ଯୁବକଙ୍କୁ ତାଲିମ ଦେଇ ଜଣେ ଜଣେ କୁଶଳୀ ନିର୍ମାଣଶ୍ରମିକ ଭାବେ ପ୍ରତିଷ୍ଠିତ କରାଇଛନ୍ତି। ସ୍ୱର୍ଗତ ରାୟ ନିର୍ମାଣ ଶ୍ରମିକ ସଂଗଠନର ନେତୃତ୍ୱ ନେବା ସହିତ ବିଭିନ୍ନ ସାମାଜିକ ଅନୁଷ୍ଠାନ ସହ ପ୍ରତ୍ୟକ୍ଷ ଭାବେ ଜଡ଼ିତ ଥିଲେ। ତାଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ଆଳି ସମେତ ଜିଲ୍ଲାର ନିର୍ମାଣ ଶ୍ରମିକ ମହଲରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ଶେଷ ସମୟରେ ପୁଅ ଆଇନଜୀବୀ ନଳିନୀରଞ୍ଜନ ରାୟଙ୍କ ସମେତ ପରିବାର ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଗତକାଲି ବିଳମ୍ବିତ ରାତ୍ରିରେ ତାଙ୍କ ମର ଶରୀର ଦେମାଳସ୍ଥିତ ବାସଭବନ ରେ ପହଞ୍ଚିଥିଲା କ୍ଷ ଆଜି ସକାଳୁ ତାଙ୍କ ମରଶରୀରକୁ ଆଳି ବଜାର ପରିକ୍ରମା କରାଇ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା ବେଳେ ପୁଅ ନଳିନୀରଞ୍ଜନ ମୁଖାଗ୍ନି ଦେଇଥିଲେ।

## ନୂତନ ପରିଚାଳନା କମିଟି ଗଠନ

ରାଜନଗର,୨୨।୭ (ସମିସ): ରାଜନଗର ବ୍ଲକ ଗୁପ୍ତି ପଞ୍ଚାୟତର ବନବିହାରୀଜୀଉ ସରକାରୀ ଉଚ୍ଚ ବିଦ୍ୟାଳୟର ନୂତନ ସଭାପତି ଚୟନ ପକ୍ରିୟା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର କୁଣ୍ଡଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଭାବେ ମାନସ ରଞ୍ଜନ ରାଉତ ମନୋନୀତ ହୋଇଥିଲେ। ପରେ ଉପ ସଭାପତି ଭାବେ ରୀନା ପ୍ରଧାନ ଓ ପରିଚାଳନା କମିଟିର ସଦସ୍ୟ କୁନମୁନ ରାଉତ, ସୁବ୍ରତ ରାଉତ, ମାଣିକ ଚନ୍ଦ୍ର ମଣ୍ଡଳ, ମମତା ଜେନା, ସୁନିତା ହାତୀ, ଅନିତା ବିଶ୍ୱାଳ, ହେମନ୍ତ ପ୍ରଧାନ, ମିନତୀ ଜେନା, ସସ୍ମିତା ସେଠୀ, ସାବିତ୍ରୀ ମଣ୍ଡଳ, ସୁମିତ୍ରା ମଣ୍ଡଳ, ସୁନିତା ବେହେରା ପ୍ରମୁଖଙ୍କୁ ଚୟନ କରାଯାଇଥିଲା। ବୈଠକରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଅଭିଭାବକ ତ୍ରୈଲୋଚନ ରାଉତ, ୱାର୍ଡସଭ୍ୟା ଜ୍ୟୋତ୍ସ୍ନାରାଣୀ ଜେନା, ଆଶାକର୍ମୀ ପ୍ରଭାତୀ ଦାସ, କଲ୍ୟାଣି ରାଉତ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ପରିଚାଳନା କରିଥିଲେ।

## କଂଗ୍ରେସର ଛାତ୍ରୋ କି ଗୁଞ୍ଜ କାର୍ଯ୍ୟକ୍ରମ

ପଟ୍ଟାମୁଣ୍ଡାଇ,୨୨।୭ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଡିଭାଇନ ପ୍ୟାଲେସ ଠାରେ କଂଗ୍ରେସ ପକ୍ଷରୁ ଛାତ୍ରୋ କି ଗୁଞ୍ଜ କାର୍ଯ୍ୟକ୍ରମ ଉପଲକ୍ଷେ ଆୟୋଜିତ ଏକ ଛାତ୍ର ସମାବେଶ ଅନୁଷ୍ଠିତ ହୋଇଯାଇଛି। ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ତଥା ୧୫ନଂ ୱାର୍ଡ କାଉନସିଲର ସମ୍ରାଟ ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ଛାତ୍ର ସମାବେଶରେ ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ପ୍ରତିନିଧି ଜି ରୁଦ୍ର ରାଜୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କେନ୍ଦ୍ର ସରକାରଙ୍କ ଯୁବ ଛାତ୍ର ଓ ଜନମାରଣ ନୀତି ବିରୋଧରେ ଆଗାମୀ ଦିନରେ ଯୁବଛାତ୍ରଙ୍କୁ ନେଇ ଦେଶ ବ୍ୟାପି ଆନ୍ଦୋଳନ ହେବ ବୋଲି ଚେତାବନୀ ଦେବା ସହିତ ଛାତ୍ରଛାତ୍ରୀଙ୍କ ସହିତ ବିଭିନ୍ନ ବିଷୟରେ ମତ ବିନିମୟ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏଆଇସିସି ପୂର୍ବତନ ସମ୍ପାଦକ ପୂର୍ବତନ ମନ୍ତ୍ରୀ ଶରତ ରାଉତ, ପୂର୍ବତନ ବିଧାୟିକା ଡ. ସିପ୍ରା ମଲ୍ଲିକ ଓ ଚିନ୍ମୟ ବେହୁରା, ଜିଲ୍ଲା କଂଗ୍ରେସ ସଭାପତି ଦେବସ୍ମିତା ଶର୍ମା, ଜିଲ୍ଲା କଂଗ୍ରେସ ଓବିସି ଅଧ୍ୟକ୍ଷ ମଳୟ ଦାସ, ନଗର କଂଗ୍ରେସ ସଭାପତି ତପନ ପାତ୍ର, ଜିଲ୍ଲା ମହିଳା କଂଗ୍ରେସ ସଭାପତି ଇପ୍ସିତା ନାୟକ, ବରିଷ୍ଠ କଂଗ୍ରେସ ନେତା ରମାକାନ୍ତ ଦାଶ, ଭାଗୀରଥୀ ଜେନା. ଆଳି ବ୍ଲକ କଂଗ୍ରେସ ସଭାପତି ରବୀନ୍ଦ୍ର ବେହେରା, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ପ୍ରଭାତ ସେଠୀ, ସଞ୍ଜୟ ରାଉତ, ଗୌରାଙ୍ଗ ସ୍ୱାଇଁ, ବନମାଳୀ ସ୍ୱାଇଁ ପ୍ରମୁଖ ବହୁ କଂଗ୍ରେସ ନେତା କର୍ମକର୍ତ୍ତା ଯୁବ ଛାତ୍ର ଯୋଗ ଦେଇଥିଲେ।

## ସିଆରପି-ସିଏମ୍ ହରପ୍ରିୟା ପଣ୍ଡାଙ୍କ ଦେହାନ୍ତ



ଡେରାବିଶ, ୨୨।୭ (ସମିସ): ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକା ଆଞ୍ଚଳିକ ମଞ୍ଚର ସିଆରପି-ସିଏମ୍ ହରପ୍ରିୟା ପଣ୍ଡା (୪୦)ଙ୍କ ଆଜି ପରଲୋକ ହୋଇଯାଇଛି। ସେ କୌଣସି କାରଣରୁ ଅସୁସ୍ଥ ହୋଇ କଟକ ମେଡ଼ିକାଲ୍‌ରେ ଚିକିତ୍ସିତ ହେଉଥିଲେ। ଆଜି ସକାଳେ ତାଙ୍କର ପରଲୋକ ହୋଇଯାଇଥିଲା। ଆଜି ତାଙ୍କ ମୃତଶରୀର ଗ୍ରାମରେ ପହଞ୍ଚିବା ପରେ ତାଙ୍କର ଶତାଧିକ ସାଥୀ ସିଆରପି-ସିଏମ୍ ଓ ଏମ୍‌ବିକେ ତାଙ୍କ ବସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ପରଲୋକ ଖବର ପାଇ ଡେରାବିଶ ବ୍ଲକ ବିପିଏମ୍ ବୈଜୟନ୍ତୀ ମହାନ୍ତି, ବିଏଲସି ଅମୀୟ ରାଉତ, ସୁଭଦ୍ରା ସେଠୀ ଓ ସୁଶ୍ରୀ ସଙ୍ଗିତା ଭୂୟାଁ, ବ୍ଲକ ମହାସଂଘର ସଭାନେତ୍ରୀ ମନୋରମା ରାଉତ ଶୋକ ପ୍ରକାଶ କରିଛନ୍ତି। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ପୁଅ ମୁଖାଗ୍ନି ଦେଇଥିଲେ।

## ଜୟନଗରରେ ଖୋଲିବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ




ରାଜକନିକା,୨୨।୭ (ସମିସ): କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ସ୍ୱୀକୃତିକ୍ରମେ ଓଡ଼ିଶାରେ ୭୧ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖୋଲିବା ପାଇଁ ନୋଟିସ୍ ପ୍ରକାଶ ପାଇବା କ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲାର ରାଜକନିକା ବ୍ଲକର ପଞ୍ଚାୟତ ନୋଡାଲ ହାଇସ୍କୁଲ ଜୟନଗର ଓ ଆଳି ବ୍ଲକର ସାମନ୍ତ କେଳୁଚରଣ ହାଇସ୍କୁଲ ପତରପୁର ଯୋଗ୍ୟ ହୋଇଛନ୍ତି। ଏ ନେଇ କେନ୍ଦ୍ର ତରଫରୁ ରାଜ୍ୟକୁ ଗତ ମେ' ମାସର ବୈଠକ ରେ ଅବଗତ କରାଯିବା ପରେ ପ୍ରୋଜେକ୍ଟ ଆପ୍ରୁଭାଲ ବୋର୍ଡ ଦ୍ୱାରା ଅନୁମୋଦନ କରାଯାଇଛି। ସମଗ୍ର ଶିକ୍ଷା ଯୋଜନାରେ ରାଜ୍ୟରେ ଖୋଲିବାକୁ ଥିବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରାରମ୍ଭିକ ଭାବରେ କଳା ଓ ବିଜ୍ଞାନ ଶ୍ରେଣୀରେ ପାଠପଢା ହେବାକୁ ସ୍ଥିର କରାଯାଇଛି। ୨୦୨୬-୨୭ ଶିକ୍ଷାବର୍ଷରେ ଏହି ବିଦ୍ୟାଳୟ ଖୋଲିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ବହୁ ଆଗରୁ ପ୍ରସ୍ତାବିତ ଏହି ବିଦ୍ୟାଳୟ ପାଇଁ ଭିତ୍ତିଭୂମି ପାଇଁ ସର୍ଭେ ଶେଷ ହୋଇଥିବା ଏବଂ ଏବେ ଅନୁମୋଦନ ଆସିବା ପରେ ଏହାକୁ ନେଇ ସବୁଠି ଉତ୍ସାହ ଦେଖା ଦେଇଛି। ଅବିଭକ୍ତ ଜୟନଗର ପଞ୍ଚାୟତର ଜୟନଗର ଠାରେ ୧୯୭୪ ମସିହା ଜୁଲାଇ ମାସ ୧୭ ତାରିଖ ଗୁରୁବାର ଦିନ ଆରମ୍ଭ ହୋଇଥିବା ହାଇସ୍କୁଲ ୧୯୭୭-୭୮ ମସିହାରେ ଅଷ୍ଟମ ଶ୍ରେଣୀ ଖୋଲିବାକୁ ଅନୁମତି ପାଇବା, ୨୦/୭/୭୮ ରେ ସ୍ୱୀକୃତି ପାଇବା,୧/୩/୮୩ ରେ ମିନିମମ ଗ୍ରାଣ୍ଟ ଇନ ଏଡ଼ ପାଇବା,୧/୩/୧୯୮୬ରେ ଡାଇରେକ୍ଟ ପେମେଣ୍ଟ ଓ ୭/୬/୧୯୯୪ରେ ଟେକେନ ଓଭର ହୋଇଥିଲା। ରାଜକନିକା ବ୍ଲକର ପୂର୍ବକନିକାର ପେଣ୍ଠସ୍ଥଳ ଭାବରେ ବିଦିତ ଜୟନଗର ଠାରେ ଏକ ହାଇସ୍କୁଲ ପ୍ରତିଷ୍ଠା ପାଇଁ ସେ ସମୟର ଶିକ୍ଷପିପାସୁ ଜନଗଣଙ୍କ ଅକ୍ଳାନ୍ତ ପରିଶ୍ରମ ଓ ତ୍ୟାଗରେ ପରିପୁଷ୍ଟ ପଞ୍ଚାୟତ ହାଇସ୍କୁଲ ପରେ ପ୍ରାଥମିକ ସ୍କୁଲ ଓ ମଧ୍ୟଇଂରାଜୀ ବିଦ୍ୟାଳୟକୁ ନିଜ ସହ ମିଶାଇ ଦେଇ ପଞ୍ଚାୟତ ନୋଡାଲ ହାଇସ୍କୁଲର ମାନ୍ୟତା ପାଇଛି। ଏବେ ଏହି ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀରୁ ଦଶମ ଶ୍ରେଣୀ ଯାଏ ମୋଟ ୫୭୩ ଜଣ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଛନ୍ତି। ଏହା ଏବେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିଣତ ହେବାକୁ ଯାଉଥିବାରୁ ରାଜକନିକାର ପୂର୍ବକନିକାରେ ଅଧିବାସୀ ଓ ଛାତ୍ର ଛାତ୍ରୀ ମାନେ ଖୁସି ହୋଇଛନ୍ତି। ଘର ପାଖରେ ଗାଁ ପରିବେଶରେ ପ୍ରଥମରୁ ଯୁକ୍ତ ଦୁଇ ଯାଏ ପାଠ ପଢ଼ିବାର ସୁଯୋଗ ଦେଇଥିବାରୁ ରାଜ୍ୟ ଶିକ୍ଷା ବିଭାଗକୁ ସାଧାରଣରେ ପ୍ରଶଂସା କରାଯାଇଛି।

## ବେଲେଶ୍ୱର ସାହିତ୍ୟ ସଂସଦ ସାରସ୍ୱତ ସମାରୋହ



ପଟ୍ଟାମୁଣ୍ଡାଇ,୨୨।୭ (ସମିସ): ପଟ୍ଟାମୁଣ୍ଡାଇର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ବେଲେଶ୍ୱର ସାହିତ୍ୟ ସଂସଦ ଆୟୋଜିତ ସ୍ୱତନ୍ତ୍ର କବିତା ଆସର 'ଶ୍ରୀଜଗନ୍ନାଥ' ଅନୁଷ୍ଠିତ ହୋଇଯାଇଛି। ଏହାକୁ ଉତ୍କଳ ସାଧୁ ସଂଘର ଉପଦେଷ୍ଟା ପଟ୍ଟାମୁଣ୍ଡାଇ ରାଧାରମଣ ମଠ ମହନ୍ତ ସ୍ୱାମୀ ଅସୀମାନନ୍ଦ ଦାସ ମହାରାଜ ଉଦ୍‌ଘାଟନ କରିଥିଲେ। ସାହିତ୍ୟ ସଂସଦ ସଭାପତି ବ୍ରଜବନ୍ଧୁ ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ର. କୈଳାସ ଚନ୍ଦ୍ର ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଗାଳ୍ପିକ ପ୍ରଦୀପ ନାୟକ ସ୍ୱାଗତ ଭାଷଣ ଦେଇ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସଂପାଦକ ପ୍ରମୋଦ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। କବୟିତ୍ରୀ ଚାରୁଲତା ଭୂୟାଁଙ୍କ ସଂଯୋଜନାରେ ଆୟୋଜିତ କବିତା ଆସରରେ କବି ଗୌରାଙ୍ଗ ଚରଣ ମହାନ୍ତି, କବି ରାମକୃଷ୍ଣ ଦାଶ, ଦେବାଶିଷ ପ୍ରଧାନ, ନାଟ୍ୟକାର ଗୋଲକ ମହାରଣା, ଇଂ. ତପନ ପାତ୍ର, ବ୍ରଜସୁନ୍ଦର ସାହୁ, ସୁଶାନ୍ତ କୁମାର ଦାଶ, ପ୍ରସନ୍ନ କୁମାର ବେହେରା, ନବକିଶୋର ପଣ୍ଡା, ପାବନି ରାଉତ, ସୁଚିତ୍ରା ଗୁପ୍ତା, ଆରତି ଭଳ, ଦେବବ୍ରତ ପୁହାଣ, କୁମାରେଶ ନାୟକ, ବୈଷ୍ଣବ ମଳିକ ପ୍ରମୁଖ ଜଗନ୍ନାଥ ଚେତନା ଧର୍ମୀ କବିତା ପାଠ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ସରସ୍ୱତୀ ଶିଶୁ ଶିକ୍ଷା ମନ୍ଦିର ପ୍ରଧାନଆଚାର୍ଯ୍ୟ ପ୍ରଭୁଦତ୍ତ ଦାଶ, ସମ୍ପାଦକ ଅମ୍ବୁଜ ଭୂଷଣ ନାୟକ ସହଯୋଗ କରିଥିଲେ। ସହ ସଂପାଦକ ଦେବାଶିଷ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## କଳାବୁଦାରେ ଡାକ ମେଳା




ଗରଦପୁର,୨୨।୭ (ସମିସ): ଗରଦପୁର ବ୍ଲକ କଳାବୁଦାରେ କେନ୍ଦ୍ରାପଡା ଡାକ ମଣ୍ଡଳ ପକ୍ଷରୁ ଡାକ ମେଳା ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡା ଦକ୍ଷିଣ ଉପ-ଡାକ ମଣ୍ଡଳ ଦ୍ୱାରା ଆୟୋଜିତ ଏହି ଡାକମେଳାରେ କେନ୍ଦ୍ରାପଡା ଡାକ ମଣ୍ଡଳର ଡାକ ଅଧିକ୍ଷକ ଦେବପ୍ରସାଦ ଶତପଥୀ ଯୋଗଦେଇ ପୋଷ୍ଟ ଅଫିସ୍ ସଞ୍ଚୟ ଖାତା, ସୁକନ୍ୟା, ସମୃଦ୍ଧି ଖାତା, ଆବର୍ତୀ ଖାତା, ମିଆଦି ଜମା ଖାତା, ଡାକ ଜୀବନ ବୀମା, ଆଧାର ସେବା ସହିତ ଡାକ ବିଭାଗର ବିଭିନ୍ନ ସେବା ସଂପର୍କରେ ଆଲୋକପାତ କରିଥିଲେ। ପୋଷ୍ଟାଲ ପେମେଣ୍ଟ ବ୍ୟାଙ୍କର ମ୍ୟାନେଜର ଦୁର୍ଗାମାଧବ ପରିଡା, କେନ୍ଦ୍ରାପଡା ଦକ୍ଷିଣ ଉପ-ଡାକ ମଣ୍ଡଳର ଡାକ ନିରୀକ୍ଷକ ସଚିନ୍ କୁମାର ଏବଂ ଉନ୍ନୟନ ଅଧିକାରୀ ରାକେଶ କୁମାର ସାହୁ ଯୋଗଦେଇ ଭାରତୀୟ ଡାକ ଦ୍ୱାରା ଜନସାଧାରଣଙ୍କୁ ପ୍ରଦାନ କରାଯାଉଥିବା ବିଭିନ୍ନ ସେବାର ସୁଯୋଗ ନେବାକୁ ଉପସ୍ଥିତ ବ୍ୟକ୍ତିମାନଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୱାର୍ଡ ସଭ୍ୟ ନବିନ କୁମାର ଦାସ, ଆଲୋକ ଦାସ ଉପସ୍ଥିତ ରହି ଡାକ ବିଭାଗର ବିଭିନ୍ନ ଯୋଜନାର ଲାଭ ଉଠାଇବାକୁ ଆହ୍ୱାନ ଦେଇଥିଲା ବେଳେ ସ୍ଥାନୀୟ ଡାକ ଘରମାନଙ୍କରେ ହେଉଥିବା ବିଭିନ୍ନ ସମସ୍ୟା ସଂପର୍କରେ ଅଧିକାରୀମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଅବସରରେ କଳାବୁଦା ଶାଖା ଡାକଘରେ ଖୋଲାଯାଇଥିବା ବିଭିନ୍ନ ସଞ୍ଚୟ ଖାତା ଗ୍ରାହକମାନଙ୍କୁ ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଡାକ ବିଭାଗ କର୍ମଚାରୀମାନେ ପରିଚାଳନା କରିଥିଲାବେଳେ ସ୍ଥାନୀୟ ଜନସାଧାରଣ ଯୋଗଦେଇ ଡାକ ବିଭାଗର ବିଭିନ୍ନ ସେବା ସଂପର୍କରେ ଅବଗତ ହୋଇଥିଲେ।

## ବିନା ଲାଇଫ ଜ୍ୟାକେଟରେ ନଦୀ ପାର ହେଉଛନ୍ତି ଯାତ୍ରୀ



ରାଜକନିକା,୨୨।୭ (ସମିସ): ଉଛୁଳା ନଦୀରେ ବିନା ଲାଇଫ ଜ୍ୟାକେଟରେ ଦୈନିକ ଶହ ଶହ ଯାତ୍ରୀଙ୍କୁ ନେଇ ଅତ୍ୟନ୍ତ ବିପଦଜନକ ଭାବେ ଦେଶୀ ଡଙ୍ଗା ଓ ଭୁଟ୍‌ଭୁଟିରେ ପାର କରାଯାଉଛି। ବୈତରଣୀ ନଦୀର ତିନିତର, ମାନପୁରରେ ସବୁ ସମୟରେ ଜୁଆର ଓ ଛାଡ଼ ସମୟରେ ପ୍ରଖର ସୁଅ ଥିବାବେଳେ ଏହି ଘାଟରେ ଭୁଟ୍‌ଭୁଟି ଯୋଗେ ବିନା ଲାଇଫ ଜ୍ୟାକେଟରେ ଲୋକଙ୍କୁ ନେବା ଆଣିବା କରାଯାଉଛି। ରାଜ୍ୟରେ ଡଙ୍ଗା ବୁଡ଼ି ଘଟଣା ଟାଳିବା ଓ ଜନଜୀବନକୁ ସୁରକ୍ଷା ଦେବାକୁ ଲାଇଫ ଜ୍ୟାକେଟ ବ୍ୟବହାର ବାଧ୍ୟତାମୂଳକ ହୋଇଥିବାବେଳେ କେହି ବି ଏହା ମାନୁ ନ ଥିବାରୁ ଅଘଟଣ ଘଟିବା ଆଶଙ୍କା କରାଯାଉଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ହେଲ୍‌ପ କ୍ଲବ ପକ୍ଷରୁ ବନ ମହୋତ୍ସବ

ରାଜନଗର,୨୨।୭ (ସମିସ): ମହିଷାସୁର ପଞ୍ଚାୟତ ଗୁଲୁଦିଆ ଗ୍ରାମର ହେଲ୍‌ପ କ୍ଲବ ପକ୍ଷରୁ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଜନଗର ବନଖଣ୍ଡ ଅଧିକାରୀ ଭରଦରାଜ ଗାଁଓଙ୍କର ମୁଖ୍ୟଅତିଥି ଭାବେ ଯୋଗଦେଇ ବିଭିନ୍ନ ଔଷଧ ଓ ଅନ୍ୟ ବୃକ୍ଷ ଲଗାଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥି ଭାବେ ରାଜନଗର ଓଁ ଶାନ୍ତି ଆଶ୍ରମର ବ୍ରହ୍ମକୁମାରୀ ନିର୍ମଳା ଭଉଣୀ, ସରପଞ୍ଚ ଅଶୋକ ମହାନ୍ତି, ବ୍ଲକ କଂଗ୍ରେସ ସଭାପତି ପ୍ରଶାନ୍ତ ରାଉତ, ଦାମୋଦର ବିଶ୍ୱାଳ, ଫରେଷ୍ଟର ବିଜୟ ପାତ୍ର ପ୍ରମୁଖ ଯୋଗଦେଇ ୮୦୦ ଶହରୁ ଉର୍ଦ୍ଧ୍ୱ ନିମ୍ବ, ଓସ୍ତ, ବର, ଆକାଶୀ, ଅର୍ଜୁନ ପ୍ରଭୃତି ଚାରା ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ହେଲ୍ପ କ୍ଲବ ସଦସ୍ୟ ପ୍ରସନ୍ନ ନାୟକ, ରଶ୍ମିରଞ୍ଜନ ଜେନା, ଦିବ୍ୟରଞ୍ଜନ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ବିପର୍ଯ୍ୟସ୍ତ ରାଜକନିକା ସଦର ମୁଖ୍ୟରାସ୍ତା




ରାଜକନିକା,୨୨।୭ (ସମିସ): ରାଜକନିକା ସଦର ରାସ୍ତା ବିପର୍ଯ୍ୟସ୍ତ, ବିଭାଗ ନିରବ ଦ୍ରଷ୍ଟା ସାଜିଛି। ରାଜକନିକା ସଦର ବ୍ଲକ ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଛି। ଯେଉଁଠି ଦୈନିକ ହଜାର ହଜାର ଲୋକ ବ୍ଲକ, ତହସିଲ, ମେଡିକାଲ, ବ୍ୟାଙ୍କ ଏବଂ ଅନ୍ୟ ବହୁ କାର୍ଯ୍ୟ ପାଇଁ ଯାତାୟାତ କରିଥାନ୍ତି। ଏହି ସବୁ ଅଫିସର ପ୍ରବେଶପଥ ଅଶୋକ ବଜାର ତହସିଲ ଓ ଷ୍ଟେଟ ବ୍ୟାଙ୍କ ସମ୍ମୁଖରେ ବଡ଼ ବଡ଼ ଖାଲ ହୋଇ ପାଣି ଜମୁଛି। ଅବିଶ୍ରାନ୍ତ ବର୍ଷାରେ ଏହି ଖାଲ ଗୁଡିକରେ ପାଣି ରହି ଯାତାୟାତରେ ପ୍ରତିବନ୍ଧକ ସୃଷ୍ଟି କରିଛି। ଦୈନିକ ବହୁ ମହିଳା ସ୍ୱୟଂ ସେବା ଗୋଷ୍ଠୀ କର୍ମକର୍ତ୍ତା, ପେନସନଭୋଗୀ, ରୋଗୀ, ବ୍ୟବସାୟୀ, ଛାତ୍ରଛାତ୍ରୀ ଏଭଳି ରାସ୍ତାରେ ବ୍ୟାଙ୍କ ଏବଂ ଏଟିଏମକୁ ଯାଇ ପାରୁନାହାନ୍ତି। ଏହି ସ୍ଥାନ ଏକ ତ୍ରିଛକି ଜାଗା ହୋଇଥିବାରୁ ପ୍ରାୟତଃ ଶହ ଶହ ଲୋକ ବସ୍ ଅଟୋ ରେ ଯିବା ପାଇଁ ଅପେକ୍ଷା କରିଥାନ୍ତି। ଏନଏଚ୍ ୨୦କୁ ଲାଗିଥିବା ପୂର୍ତ୍ତ ବିଭାଗର ଏହି ରାସ୍ତାର ଅବସ୍ଥା ସୁଧୁରୁନାହିଁ। ଏ ସମ୍ପର୍କରେ ବିଭାଗୀୟ ସହକାରୀ ଯନ୍ତ୍ରୀ ଅତ୍ୟନ୍ତ ଖାମଖିଆଲି ମତ ଦେଇ ଏବେ ବର୍ଷା ହେଉଛି। ବର୍ଷା ପରେ ଦେଖିବେ। କହିବା ସାଧାରଣରେ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି। ବର୍ଷା ହେବାର ବହୁ ଆଗରୁ ସୃଷ୍ଟି ହୋଇଥିବା ବଡ଼ ବଡ଼ ଖାଲରେ ଡଷ୍ଟ ପକାଇ କାମଚଳା ଭାବରେ ମରାମତି କରିବାକୁ ଦାବି ହୋଇଛି।

ନିମ୍ନମାନର କାମ ଅଭିଯୋଗ

# ଜୁଆଣିଆ-ମଧୁବନ ଖରସ୍ରୋତା ନଦୀବନ୍ଧ ରାସ୍ତା ଫାଟି ଆଁ


ଗୋବିନ୍ଦପୁର,୨୨।୭ (ସମିସ)



ଆଳି ତଟବନ୍ଧ ବିଭାଗ ଅଧୀନରେ ଧୋଧାଅଞ୍ଚଳର ଜୁଆଣିଆଠାରୁ ମଧୁବନ ଗ୍ରାମ ପର୍ଯ୍ୟନ୍ତ ଖରସ୍ରୋତା ନଦୀବନ୍ଧ ସୁଦୃଢ଼ୀକରଣ କାମ ୫ କୋଟି ୧୫ ଲକ୍ଷ ଟଙ୍କା ବ୍ୟୟରେ କରାଯାଇଥିଲା। ନିମ୍ନମାନର କାମ ଯୋଗୁଁ ନିର୍ମାଣର ୧୫ ଦିନ ପରେ ରାସ୍ତା ଫାଟି ବିପର୍ଯ୍ୟସ୍ତ ହୋଇପଡ଼ିଛି। ରାସ୍ତା ନିର୍ମାଣ ସମୟରେ ଠିକାଦାର ମନୋମୁଖୀ ଓ ଅତି ନିମ୍ନମାନର କାମ କରିଥିବାରୁ ଅବସ୍ଥା ଏପରି ହେଲା ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ରାସ୍ତା କାମ ସମୟରେ ସହକାରୀ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀ କାର୍ଯ୍ୟ ତଦାରଖ ନ କରିବାରୁ ଠିକାଦାର ନିମ୍ନମାନର କାମ କରିଥିବାରୁ ରାସ୍ତା ଫାଟି ଆଁ କରିଛି। ଫଳରେ ୫ କୋଟି ଟଙ୍କା ପାଣିରେ ପଡ଼ିଲା ବୋଲି ଅଭିଯୋଗ ହୋଇଛି। ଉକ୍ତ କାମର ତଦନ୍ତ କରାଯାଉ ବୋଲି ଜୁଆଣିଆ ସରପଞ୍ଚ ସୁବ୍ରତ ନାୟକ ଓ ପଞ୍ଚାୟତବାସୀ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଦୁଇଥର ଭେଟି ଲିଖିତ ଅଭିଯୋଗ କରିଛନ୍ତି। ଜିଲ୍ଲାପାଳ ତଦନ୍ତ କରାଯିବ ବୋଲି କହିଥିଲେ। ଅଥଚ ୧ ମାସ ବିତିଯାଇଥିଲେ ମଧ୍ୟ ଏହାର ତଦନ୍ତ କରାଯାଇନାହିଁ। ଯଦ୍ୱାରା ଜନଅସନ୍ତୋଷ ଦେଖାଦେଇଛି। ନଦୀବନ୍ଧ ଅବସ୍ଥା ଶୋଚନୀୟ ଥିବାରୁ ବନ୍ୟା ସମୟରେ ନଦୀବନ୍ଧ ବିପଦସଂକୁଳ ଅବସ୍ଥାରେ ଥିବାରୁ ପାର୍ଶ୍ୱବର୍ତ୍ତୀ ଲୋକେ ଭୟଭୀତ ଅଛନ୍ତି। ଏ ସମ୍ପର୍କରେ ପଞ୍ଚାୟତବାସୀ ମୁଖ୍ୟମନ୍ତ୍ରୀ, ବିଭାଗୀୟ ଉଚ୍ଚ ଅଧିକାରୀ, ଭିଜିଲାନ୍ସଠାରେ ଅଭିଯୋଗ କରିଛନ୍ତି। ଯଦି ଏହାର ତଦନ୍ତ କରା ନ ଯାଏ, ତେବେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସରପଞ୍ଚ ସୁବ୍ରତ ନାୟକ ଓ ପଞ୍ଚାୟତବାସୀ ଚେତାବନୀ ଦେଇଛନ୍ତି।

ସକାଳ
THE SAKALA

# ସମ୍ପାଦକୀୟ



ଗୋଲାପ'ର ନାମ ବଦଳିଗଲେ ମଧ୍ୟ ମହକ ଅକ୍ଷୁଣ୍ଣ ରହିବ।
-ୱିଲିୟମ ସେକ୍ସପିୟର

## ଶିକ୍ଷା ବ୍ୟବସ୍ଥାର ବିକଳ ବାସ୍ତବତା

ଏକକ ଶିକ୍ଷକ ବା ବିଦ୍ୟାଳୟ ପିଛା ଜଣେ ମାତ୍ର ଶିକ୍ଷକ/ଶିକ୍ଷୟିତ୍ରୀ ଏକ ବିଚିତ୍ରମୟ ପ୍ରସଙ୍ଗ। କିନ୍ତୁ ଆମ ରାଜ୍ୟର ଶିକ୍ଷା ବ୍ୟବସ୍ଥାର ବିଡ଼ମ୍ବନା ହେଲା ଏଭଳି ଉଦ୍‌ବେଗଜନକ ସ୍ଥିତି ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଅଧୀନସ୍ଥ ୟୁଡାଇଜ୍ ପକ୍ଷରୁ ପ୍ରକାଶିତ ସଦ୍ୟତମ ତଥ୍ୟାନୁଯାୟୀ ଓଡ଼ିଶାରେ ଚଳିତ ଶିକ୍ଷା ବର୍ଷରେ ୧୪୫୮ଟି ବିଦ୍ୟାଳୟ ଏକକ ଶିକ୍ଷକରେ ଚାଲିଛି। ଆହୁରି ଉଦ୍‌ବେଗଜନକ ତଥ୍ୟ ହେଉଛି ୨୦୨୪-୨୫ରେ ଏକକ ଶିକ୍ଷକ ବିଶିଷ୍ଟ ବିଦ୍ୟାଳୟ ସଂଖ୍ୟା ୧୦୮୯ ଥିବା ବେଳେ ୨୦୨୫-୨୬ ଶିକ୍ଷାବର୍ଷ ସୁଦ୍ଧା ଆଉ ୩୬୯ଟି ବିଦ୍ୟାଳୟ ଏହି ଅବାଞ୍ଛିତ ତାଲିକାରେ ଯୋଡ଼ି ହୋଇଯାଇଛି। ଅପରପକ୍ଷରେ ଏକକ ଶିକ୍ଷକ ବିଦ୍ୟାଳୟରେ ୨୦୨୪-୨୫ ରେ ୪୭, ୯୪୦ ଜଣ ଛାତ୍ରଛାତ୍ରୀ ପଢୁଥିବା ବେଳେ ଗତବର୍ଷ ସେମାନଙ୍କ ସଂଖ୍ୟା ଥିଲା ୫୯, ୬୭୨। ଅର୍ଥାତ୍ ଆଉ ୧୧, ୭୩୨ ଜଣ ପିଲା ଯୋଡ଼ି ହୋଇଛନ୍ତି। ଏଥିରୁ ପାଠପଢ଼ାର ମାନ କିଭଳି ରହୁଥିବ ତାହା ଅନୁମେୟ। ତେଣୁ ବୋଧହୁଏ ରାଜ୍ୟ ସରକାର ନୂତନ ଭାବେ ମୁଦ୍ରିତ ପାଠ୍ୟପୁସ୍ତକକୁ ତ୍ରୁଟିଶୂନ୍ୟ ଓ ଗୁଣାତ୍ମକ କରିବାକୁ ସେତେଟା ଗୁରୁତ୍ୱ ଦେଇନାହାନ୍ତି। ବରଂ ପିଲାମାନେ ଇଂରାଜୀ ଓ ଘରୋଇ ମାଧ୍ୟମ ମୁହାଁ ହୁଅନ୍ତୁ ବୋଲି ପରୋକ୍ଷରେ ଚାହୁଁଛନ୍ତି। ଏହାଦ୍ୱାରା ଘରୋଇ ବିଦ୍ୟାଳୟ ମାଲିକ ଓ ସରକାରୀ ବାବୁଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଆହୁରି ରଙ୍ଗିନ ହୋଇପାରିବ।

ଏହା କେବଳ ରାଜ୍ୟର ସ୍ଥିତି ନୁହେଁ। ସମଗ୍ର ଦେଶରେ ଶିକ୍ଷା ବ୍ୟବସ୍ଥା ପ୍ରାୟତଃ ଭୁଶୁଡ଼ି ପଡ଼ିଛି। କେଉଁଠି ପାଠପଢ଼ା ପାଇଁ ଗୃହ ନାହିଁ ତ କେଉଁଠି ଶିକ୍ଷକ ନାହାନ୍ତି। ଆଉ କେଉଁଠି ପିଲା ଆସୁନାହାନ୍ତି। ନୂତନ ଜାତୀୟ ଶିକ୍ଷା ନୀତି ଯେଉଁ ଆଭିମୁଖ୍ୟକୁ ଗୁରୁତ୍ୱ ଦେଇଥିଲେ ତାହା ବସ୍ତୁତଃ ଦୂରେଇ ଯାଉଛି। ଅଧିକନ୍ତୁ କେନ୍ଦ୍ର ସରକାର ମଧ୍ୟ ଦେଶର ସରକାରୀ ବା ସର୍ବସାଧାରଣ ଶିକ୍ଷା ବ୍ୟବସ୍ଥା ପ୍ରତି ଯତ୍ନଶୀଳ ନୁହନ୍ତି। ପରୀକ୍ଷା ମୂଲ୍ୟାଙ୍କନରେ ବିଭ୍ରାଟ, ପ୍ରଶ୍ନପତ୍ର ପ୍ରଘଟ ଆଦି ଘଟଣାରେ ସରକାର ଉତ୍ତରଦାୟିତ୍ୱ ନେବାକୁ ଅମଙ୍ଗ ଥିବା କାରଣରୁ ଏବେ ରାଜଧାନୀ ଦିଲ୍ଲୀ ଦୋହଲୁଛି। ଏଭଳି ପରିସ୍ଥିତିରେ ଆଉ ଏକ ଆଶ୍ଚର୍ଯ୍ୟଚକିତ କଳା ଭଳି ଖବର ଆସିଛି। ବିଗତ ୧୦ ବର୍ଷ ଭିତରେ ୪୫ଟି ଜାତୀୟ ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ହୋଇଥିବା ଅଭିଯୋଗ ହୋଇଛି। ମାତ୍ର ଦୁଇଟିରେ ତଦନ୍ତ ହୋଇ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଦୁଇଜଣ ଅଭିଯୁକ୍ତ ଇତିମଧ୍ୟରେ ଉତ୍ତରପ୍ରଦେଶ ବିଧାନସଭାକୁ ଜନପ୍ରତିନିଧି ଭାବେ ନିର୍ବାଚିତ ହୋଇଛନ୍ତି।

ଦେଶର ଶିକ୍ଷା ବ୍ୟବସ୍ଥା ପ୍ରତି କେନ୍ଦ୍ର ସରକାର କେତେ ଉଦାସୀନ ଓ ସମ୍ବେଦନଶୂନ୍ୟ ତାହା ଉପରୋକ୍ତ ତଥ୍ୟ ବ୍ୟତୀତ ବଜେଟ୍ ବ୍ୟୟବରାଦରୁ ମଧ୍ୟ ପ୍ରତିଫଳିତ ହେଉଛି। 'ସେଣ୍ଟର ଫର ମନିଟରିଂ ଇଣ୍ଡିଆନ୍ ଇକୋନୋମି' ସଂସ୍ଥାର 'ଇକୋନୋମିକ୍ ଆଉଟ୍‌ଲୁକ୍' ତଥ୍ୟ ଅନୁଯାୟୀ ପ୍ରତିବର୍ଷ ବଜେଟ୍ ଅଟକଳ ହାରାହାରି ୧୦.୪% ହାରରେ ବୃଦ୍ଧି ପାଉଛି। ଅଥଚ ଶିକ୍ଷା ମନ୍ତ୍ରଣାଳୟର ବଜେଟ୍ ଅଟକଳ ହାର ହ୍ରାସ ପାଇଛି। ୨୦୧୩-୧୪ ଆର୍ଥିକ ବର୍ଷରେ ଦେଶର ସାମଗ୍ରିକ ବଜେଟ୍ ବ୍ୟୟ ଅଟକଳରେ ଶିକ୍ଷା ମନ୍ତ୍ରଣାଳୟର ଭାଗ ୪.୬% ଥିବା ବେଳେ ୨୦୨୫-୨୬ରେ ତାହା ୨.୫%କୁ ହ୍ରାସ ପାଇଛି। ଉଭୟ ଗଣଶିକ୍ଷା ବାବଦ ବ୍ୟୟଅଟକଳ ୧୨ ବର୍ଷରେ ୫୦% ଏବଂ ଉଚ୍ଚଶିକ୍ଷା ବଜେଟ୍ ଅଟକଳ ୬୦% ହ୍ରାସ ପାଇଛି। ଅପରପକ୍ଷରେ ଭିତ୍ତିଭୂମି ବାବଦ ବ୍ୟୟ ବରାଦ ତିନିଗୁଣା ବୃଦ୍ଧି ପାଇଛି। ଏନ୍‌ଡିଏ ସରକାର ଦକ୍ଷତା ବିକାଶ ଜରିଆରେ ବିଶ୍ୱଗୁରୁ ହେବାର ସ୍ଲୋଗାନ୍ ଦେଉଛନ୍ତି। ଅପରପକ୍ଷରେ ଦକ୍ଷତା ବିକାଶ ମନ୍ତ୍ରଣାଳୟ ୨୦୧୫-୧୬ରେ ମୋଟ ବ୍ୟୟ ଅଟକଳର ମାତ୍ର ୦.୦୬% ପାଇଥିବା ବେଳେ ୨୦୨୫-୨୬ରେ ପାଇଛି ୦.୦୫%।

ଭିତ୍ତିଭୂମିରେ ଅଧିକରୁ ଅଧିକ ବ୍ୟୟ କରି ମଧ୍ୟ ଶିକ୍ଷା ଓ ଦକ୍ଷତା ବିକାଶରେ ବ୍ୟୟ ବରାଦକୁ ଗୌଣ କଲେ ଫଳ କ'ଣ ହୁଏ ତାହା ଏବେ ଭାରତର ବିଭିନ୍ନ ସ୍ଥାନରେ ହଜାର ହଜାର କୋଟି ଟଙ୍କା ବ୍ୟୟରେ ନିର୍ମିତ ସଡ଼କ, ସୁଡ଼ଙ୍ଗ, ବ୍ରିଜ୍ ଆଦି ଭୁଶୁଡ଼ି ପଡୁଥିବାରୁ ଖବରରୁ ପ୍ରମାଣିତ। ନିକଟରେ ଭାରତରେ ଅନୁଷ୍ଠିତ ଏଆଇ ବିଶ୍ୱ ଶିଖର ସମ୍ମିଳନୀରେ ଆମ ଦେଶର ଗୋଲଗୋଟିଆ ବିଶ୍ୱବିଦ୍ୟାଳୟ ଚୀନ୍ ନିର୍ମିତ ଏକ ରୋବୋଟ୍ ପ୍ରଦର୍ଶନ କରି ଲୋକହସା ହୋଇଥିଲା। ଶିକ୍ଷା ଓ ତାଲିମ୍‌କୁ ଅଣଦେଖା କଲେ ଏଭଳି ହଟହଟା ଓ ଲଜ୍ଜିତ ହେବାକୁ ପଡ଼େ, ତାହା ସରକାର ବୋଧହୁଏ ବୁଝିବା ସ୍ଥିତିରେ ନାହାନ୍ତି। ଅପରପକ୍ଷରେ ଆମଠାରୁ ଦୁଇବର୍ଷ ବିଳମ୍ବରେ ସ୍ୱାଧୀନତା ପାଇଥିବା ଚୀନ୍ ଆଜି ଅର୍ଥନୀତି, କାରିଗରୀ କୌଶଳରେ ଆମଠାରୁ କାହିଁ କେତେ ଆଗରେ। ଏହାର ମୂଳ ଭିତ୍ତି ଥିଲା ଶିକ୍ଷା। ପ୍ରଥମରୁ ହିଁ ଚୀନ୍ ପ୍ରାୟ ଶହେରୁ ଊର୍ଦ୍ଧ୍ୱ ବିଶ୍ୱବିଦ୍ୟାଳୟରେ ସରକାରୀ ପୁଞ୍ଜି ନିବେଶ କରି ପ୍ରାଥମିକ ଓ ବୈଷୟିକ ଶିକ୍ଷାର ଭିତ୍ତିଭୂମିକୁ ସୁଦୃଢ଼ କରିବାର ଯୋଜନା କରିଥିଲା। ଏହାର ସୁଫଳ ଏବେ ବିଶ୍ୱବାସୀ ଦେଖୁଛନ୍ତି।

ଭାରତରେ ଶିକ୍ଷା ବ୍ୟବସ୍ଥା ପ୍ରତି ଉଦାସୀନତାର ପରାଭବ ବିଳମ୍ବରେ ହେଲେ ମଧ୍ୟ କେନ୍ଦ୍ର ସରକାର ଏବେ ଭୋଗୁଛନ୍ତି। ଜେନ୍‌ଜେଡ୍‌ଙ୍କ ମନରେ ଥିବା ସୁପ୍ତ ଆକ୍ରୋଶ ଏବେ ବ୍ୟାପକ ବିକ୍ଷୋଭର ରୂପ ନେଇ ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି। ଏବେ ମଧ୍ୟ ସମୟ ଅଛି। ସରକାର ଯଥାଶୀଘ୍ର ନିଜର ତ୍ରୁଟି ସୁଧାରି ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣନ୍ତୁ। ପ୍ରଶ୍ନ ପତ୍ର ପ୍ରଘଟ ମହାପାପ ଏବଂ ପାପୀଙ୍କୁ ଦଣ୍ଡ ମିଳିବା ଉଚିତ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହା ସ୍ୱାଗତଯୋଗ୍ୟ। କିନ୍ତୁ ଶିକ୍ଷାରେ ବ୍ୟବସ୍ଥାଗତ ତ୍ରୁଟି ମଧ୍ୟ ଆହୁରି ଜଘନ୍ୟ ପାପ ପଦବାଚ୍ୟ। ଏଥିପାଇଁ ଉତ୍ତରଦାୟୀମାନଙ୍କୁ ଦଣ୍ଡିତ କରାଯିବ ତ? ଏହି ପ୍ରଶ୍ନ ଏବେ ଦେଶର ସମ୍ବେଦନଶୀଳନ ଜନତା ପଚାରୁଛନ୍ତି। ତଦନ୍ତର ପରିସରକୁ କେବଳ ରୂପାୟନ କ୍ଷେତ୍ରରେ ସୀମିତ ନ କରି ଯୋଜନା ସ୍ତରକୁ ମଧ୍ୟ ପ୍ରସାରିତ କରିବାକୁ ପଡ଼ିବ ଏବଂ କ୍ଷୟକ୍ଷତିକୁ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ସମ୍ପତ୍ତିରୁ ଭରଣା କରିବାକୁ ସରକାର ନିର୍ଦ୍ଦେଶ ଦେବାକୁ ହେବ। ସର୍ବୋପରି ଶିକ୍ଷା ବ୍ୟବସ୍ଥା ପ୍ରତି ସମ୍ବେଦନଶୀଳ ହୋଇ ଅଧିକ ବ୍ୟୟ ବରାଦ ନ କଲେ ଆଉ ମାତ୍ର ଅଳ୍ପ କିଛି ବର୍ଷ ପରେ ବାଂଲାଦେଶ ଓ ପାକିସ୍ତାନର ଚିତ୍ର ଭାରତରେ ମଧ୍ୟ ଦେଖିବାକୁ ମିଳିବ।

## ଗଣତନ୍ତ୍ର: ଏକ ଦୃଷ୍ଟିପାତ

ରତ୍ନାକର ସେଠୀ




ଅନେକ ଲୋକ କହନ୍ତି ଶାସନ ପଦ୍ଧତି ମଧ୍ୟରେ ଗଣତନ୍ତ୍ର ହିଁ ସର୍ବୋତ୍କୃଷ୍ଟ ଶାସନ ବ୍ୟବସ୍ଥା। ଗଣତନ୍ତ୍ର ଶାସନରେ ଲୋକମାନେ ନିଜକୁ ନିଜେ ଶାସନ କରିଥା'ନ୍ତି। ଅର୍ଥାତ୍ ଶାସନ ଓ ଶାସିତ ଏକ ଓ ଅଭିନ୍ନ। ତେଣୁ ଗଣତନ୍ତ୍ର ଶାସନରେ ପ୍ରଭୁ କିମ୍ବା ଦାସ, ଶୋଷକ କିମ୍ବା ଶୋଷିତର କଳ୍ପନା କରାଯାଇ ନ ପାରେ। ସାମାଜିକ ନ୍ୟାୟ, ଅର୍ଥନୈତିକ ସମତା, ବ୍ୟକ୍ତିଗତ ଅଧିକାର ଓ ବ୍ୟକ୍ତିଗତ ସ୍ୱାଧୀନତା ଲାଭ ସଂଗେ ସଂଗେ ସମଷ୍ଟିଗତ ପ୍ରଗତି ହିଁ ଏହି ଶାସନର ସ୍ୱାଭାବିକ ପରିଣତି ବୋଲି ଯୁକ୍ତି କରାଯାଇଥାଏ।

ବର୍ତ୍ତମାନ କିନ୍ତୁ ଗଣତନ୍ତ୍ର ଶାସନ ଏକ ସଂଖ୍ୟାର ଖେଳ। ଯେଉଁ ଦଳ ବା ମେଣ୍ଟକୁ କୁହୁକ ସଂଖ୍ୟା ସ୍ପର୍ଶ କରେ ସେ ସରକାର ଗଠନ କରେ। ଗଣତନ୍ତ୍ର ମୁଣ୍ଡଗଣତି କରେ, କିନ୍ତୁ ମୁଣ୍ଡର ମସଲାକୁ ବିଚାର କରେ ନାହିଁ। ଏହି ଶାସନରେ ଅଶିକ୍ଷିତ, ଅଜ୍ଞ, ଅଯୋଗ୍ୟ ଲୋକମାନେ ମଧ୍ୟ ଦକ୍ଷ, ବିଜ୍ଞ ଓ ବିଚାରବନ୍ତ ଲୋକମାନଙ୍କ ସହ ସମାନ ବୋଲି ଗଣ୍ୟ ହୁଅନ୍ତି। ଲୋକମାନଙ୍କୁ ଗଣତନ୍ତ୍ର ଏହିପରି ଆଖିଠାର ମାରି ପ୍ରଶ୍ନବାଚୀ ସୃଷ୍ଟି କରେ। ଆମ ଦେଶରେ ଜନସାଧାରଣଙ୍କ ଅଭିଜ୍ଞତାରୁ ଜଣାଯାଏ ଗଣତନ୍ତ୍ର ଶାସନ କେବଳ ତାତ୍ତ୍ୱିକ ଓ ପୋଥିଗତ। ଛୁଆଁ-ଅଛୁଆଁ ପୀଠସ୍ଥଳୀ ଭାରତରେ ସାମାଜିକ ନ୍ୟାୟ ଲଙ୍କାରେ ହରି ଶବ୍ଦ ପରି। ପୁଞ୍ଜିପତିର ବିଶାଳ ପ୍ରସାଦ ଓ ଭିକାରିର ପତ୍ରକୁଡ଼ିଆ ତଥା ରାସ୍ତାକଡ଼ ମଧ୍ୟରେ ଅର୍ଥନୈତିକ ସମତାର ଆଶା କେବଳ କଳ୍ପନାର ବିଳାସ। କୁସଂସ୍କାରପୂର୍ଣ୍ଣ ସାଧାରଣ ଶିକ୍ଷାବିହୀନ ସମାଜରେ ବ୍ୟକ୍ତିଗତ ଅଧିକାର ଚିଲିକା ମାଛ ପରି ସ୍ୱପ୍ନିଳ ଓ ଦୁଷ୍ପ୍ରାପ୍ୟ। ଆଉ ମଧ୍ୟ ସମଷ୍ଟିଗତ ପ୍ରଗତି ଆକାଶ କଇଁଆ ପରି କପୋଳକଳ୍ପିତ। ତେଣୁ ଜନସାଧାରଣଙ୍କ ମନରେ ପ୍ରଶ୍ନ ଉଠେ ଗଣତନ୍ତ୍ର ବୋଲି ଯାହା ଘୋଷଣା କରାଯାଏ ତାହା ବୋଧହୁଏ ସତ୍ୟ ନୁହେଁ।

ଗଣ ଦ୍ୱାରା ଶାସନ ଅର୍ଥ ନୁହେଁ ଜନତା ସମସ୍ତେ ବ୍ୟକ୍ତିଗତ ଭାବରେ ସିଧାସଳଖ ଶାସନ କର୍ତ୍ତା ହେବେ ଏବଂ ନିଜେ ନିଜକୁ ଶାସନ କରି ବସିବେ। ଏପରି ବ୍ୟବସ୍ଥା କାର୍ଯ୍ୟକାରୀ ହେବା ଅସମ୍ଭବ। ଗଣତନ୍ତ୍ର ଶାସନ ପ୍ରତ୍ୟକ୍ଷ ନ ହୋଇ ପରୋକ୍ଷ ହେବା ହିଁ ସ୍ୱାଭାବିକ। ଶାସନ କର୍ତ୍ତା ସିଧାସଳଖ ଜନତାର ପ୍ରତିନିଧ ହୋଇଥା'ନ୍ତି। ଲୋକ ପ୍ରତିନିଧିକୁ ସେମାନେ ନିଜେ ବାଛନ୍ତି। ତାଙ୍କ ହାତରେ ଶାସନ କ୍ଷମତା ଅର୍ପଣ କରିଥା'ନ୍ତି। ଲୋକ ପ୍ରତିନିଧି ମନୋନୟନ ଗଣତନ୍ତ୍ରର ମେରୁଦଣ୍ଡ। ଯେଉଁ ଦେଶରେ ଲୋକ ଶାସନ ସମ୍ବନ୍ଧୀୟ ଜ୍ଞାନରେ ସୁଶିକ୍ଷିତ, ନିଜ ନାଗରିକ ଅଧିକାର ତଥା ପ୍ରତିନିଧି ବାଛିବାର ଗୁରୁତ୍ୱ ସମ୍ବନ୍ଧରେ ସଚେତନ, ସେ ଦେଶମାନଙ୍କରେ ଭୋଟଦାତାମାନେ ଲୋକ ପ୍ରତିନିଧି ହେବା ପାଇଁ ଉପଯୁକ୍ତ। ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କ ଦୋଷଗୁଣ, କ୍ରିୟାକଳାପ, ଚିନ୍ତାଧାରା, ମାନସିକ ଦୃଷ୍ଟିକୋଣ, ସାଧୁତା ଓ ସଚ୍ଚୋଟପଣିଆ, ଦକ୍ଷତା ଆଦି ସମ୍ବନ୍ଧରେ ବ୍ୟକ୍ତିଗତ ଭାବରେ ଜ୍ଞାନ ସଂଗ୍ରହ କରି ଉପଯୁକ୍ତ ବ୍ୟକ୍ତିକୁ ହିଁ ପ୍ରତିନିଧି ରୂପେ ବାଛି ନେଇଥା'ନ୍ତି। ଯେଉଁ ଦେଶରେ ଜନତା ନିଜ ଅଧିକାର ଓ କର୍ତ୍ତବ୍ୟ ଜ୍ଞାନ ସମ୍ବନ୍ଧରେ ଅଜ୍ଞ, ସେ ଦେଶମାନଙ୍କରେ ଗୁଣ ଅପେକ୍ଷା ପ୍ରଚାର ବ୍ୟବସ୍ଥା ବିଶେଷ ଭାବରେ କାର୍ଯ୍ୟ କରିଥାଏ। ଏପରି ଦେଶମାନଙ୍କରେ ଶାସନ କ୍ଷମତା ପାଇବା ଆଶାରେ ଜନତାର ପ୍ରତିନିଧି ହେବାକୁ ବିରାଡ଼ି ବୈଷ୍ଣବ ପରି ବାହାରି ପଡ଼ିଥା'ନ୍ତି। ନିଜେ ନିଜର ପେଁକାଳି ବଜାଇ ସଭା ସମିତିରେ ଛାତିପଟି ବାହୁସ୍ଫୋଟ ଓ ଧୂଆଁବାଣ ଛାଡ଼ି ଉଡ଼ାଟିଆ ଲୋକଙ୍କ ସାହାଯ୍ୟରେ ତୁମ୍ବ ବାଡ଼େଇ ଥା'ନ୍ତି। ପ୍ରତିଦ୍ୱନ୍ଦ୍ୱୀମାନଙ୍କ କୁତ୍ସାରଟନା କରିଥା'ନ୍ତି। ଲୋକଙ୍କୁ ଭୟ ଦେଖାଇ ପ୍ରଚାର ବେଳରେ ଧଳାକୁ କଳା ଓ କଳାକୁ ଧଳା କରିବାକୁ ଚେଷ୍ଟା କରିଥା'ନ୍ତି। ଯେଉଁଠାରେ ଭଲମନ୍ଦ ଚିହ୍ନିବାର ଯୋଗ୍ୟତା ନାହିଁ, ସେଠାରେ ପ୍ରଚାର ବ୍ୟବସ୍ଥା ହିଁ ଜୟ ହୋଇଥାଏ।

ରାଜନୈତିକ ଲୋକମାନଙ୍କର ପ୍ରଧାନ ଲକ୍ଷ୍ୟ ହେଉଛି କ୍ଷମତା ହାସଲ କରିବା। ତେଣୁ ଦଳୀୟ କନ୍ଦଳ, ରାଜନୈତିକ ହିଂସା, ପ୍ରତିହିଂସା, ହତ୍ୟା, ନିରୀହ ଲୋକଙ୍କୁ ଭୟ ପ୍ରଦର୍ଶନ ଇତ୍ୟାଦି ଦୈନନ୍ଦିନ ବ୍ୟାପାରରେ ପରିଗଣିତ ହୋଇଛି। ପ୍ରତିଦିନ ନୂତନ ନୂତନ ଦଳ ଗଠିତ ହେଉଛି। ତା' ଫଳରେ ଶାସନ କ୍ଷେତ୍ରରେ ସଂକଟ ସୃଷ୍ଟି ହେଉଛି। ବ୍ରିଟିଶ ଶାସନ କାଳରେ ଜାତୀୟ ସଂହତି ସ୍ୱାଧୀନତାର ପରବର୍ତ୍ତୀ କାଳରେ ଚୂର୍ଣ୍ଣଭୂତ ହୋଇଯାଇଛି। କେବଳ ରାଜନୈତିକ ସ୍ୱାର୍ଥ ପାଇଁ ସଂରକ୍ଷଣ ବ୍ୟବସ୍ଥାକୁ ଦିନକୁ ଦିନ ସଂପ୍ରସାରିତ କରାଯାଉଛି। ଭୋଟ ଲୋଭରେ ବିଭିନ୍ନ ଜାତିର ମୌଳିବାଦୀମାନଙ୍କୁ ଉତ୍ସାହିତ କରାଯାଉଛି। କେତେକ ସଂଖ୍ୟାଲଘୁ ସମ୍ପ୍ରଦାୟ ନେତା ଜାତୀୟତା ବିରୋଧ କାର୍ଯ୍ୟରେ ଲିପ୍ତ ଥିଲେ ମଧ୍ୟ ଆଇନ ଅନୁସାରେ ଦୋଷୀମାନଙ୍କ ପ୍ରତି ଦଣ୍ଡବିଧାନ କରାଯାଇ ପାରୁନାହିଁ। ଏହାଫଳରେ ଉଗ୍ରବାଦୀ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ସବୁଠାରୁ ଦୁଃଖର କଥା ରାଜନୈତିକ ଲୋକ ଅପରାଧୀ ଓ ଅସାମାଜିକ ତତ୍ତ୍ୱଙ୍କୁ ସାଥୀ କରି ଭୋଟରେ ଜୟଯୁକ୍ତ ହେବାକୁ ଚେଷ୍ଟା କରୁଛନ୍ତି। ରାଜନୀତି ଜୀବନରେ ସାଧୁତା, ଚରିତ୍ରବତ୍ତା ଓ ମୂଲ୍ୟବୋଧ ନରହିବାରୁ ସମଗ୍ର ସାମାଜିକ ଜୀବନ ଭ୍ରଷ୍ଟ ହୋଇଯାଇଛି। ବାହୁବଳ ଦେଖାଇ ବହୁ ଅପରାଧୀ ପ୍ରତିନିଧି ଭାବେ ନିର୍ବାଚିତ ହୋଇ ଯାଇଛନ୍ତି।

ଭାରତରେ ରାଜନୈତିକ ଘଟଣାବଳୀର ସମୀକ୍ଷା କଲେ ଏକ ବିକଳ ଚିତ୍ର ଦେଖିବାକୁ ମିଳିଥାଏ। କ୍ଷମତାସୀନ ନେତୃବୃନ୍ଦ କୋଟି କୋଟି ଟଙ୍କାର ଦୁର୍ନୀତିରେ ଲିପ୍ତ ରହିବା, ସେମାନଙ୍କୁ ଦଣ୍ଡ ଦିଆଯାଇ ନପାରିବା, ଦୁର୍ନୀତିଗ୍ରସ୍ତ ବୋଲି ଅଭିଯୁକ୍ତ ହେଲେ ମଧ୍ୟ ନୈତିକ ଦୃଷ୍ଟିରୁ ପଦତ୍ୟାଗ ନକରି ବାହୁବଳରେ କ୍ଷମତାକୁ ଜାବୁଡ଼ି ଧରିବା, ଗିରଫ ବେଳେ ମଧ୍ୟ ଜେଲଖାନାରେ ଥାଇ ରାଜ୍ୟଶାସନ କରିବା ଆସ୍ପର୍ଦ୍ଧା ପ୍ରକାଶ କରିବା ସାଧୁ ଲୋକପ୍ରତିନିଧିଙ୍କଠାରୁ ଆଶା କରାଯାଏ ନାହିଁ। ଆଧୁନିକ ଗଣତନ୍ତ୍ର ରାଷ୍ଟ୍ରରେ ଗଣତନ୍ତ୍ରଙ୍କ ଶାସନ ବଦଳି ନାହିଁ। କେବଳ ପ୍ରତିନିଧିମାନେ ବଦଳି ଯାଇଛନ୍ତି। ଭୋଟ ନ ପାଇବା ପୂର୍ବରୁ ସେମାନେ ବଡ଼ ବଡ଼ ପ୍ରତିଶ୍ରୁତି ପ୍ରଦାନ କରିଥା'ନ୍ତି। ଭୋଟ ସରିଗଲା ପରେ ତାଙ୍କର ପ୍ରତିଶ୍ରୁତି ପାଣିଫୋଟକା ପରି ଫାଟି ଯାଇଥାଏ। କ୍ଷମତା ହାତରେ ପଡ଼ିଗଲେ ସେମାନେ କ୍ଷମତାର ଉପଯୁକ୍ତ ବ୍ୟବହାର କରି ନଥା'ନ୍ତି। ଯେଉଁଠି ଶିକ୍ଷିତ ଭୋଟ ଦାତାମାନେ ଉଦାସୀନ ସେଇଠି ଅନେକ କ୍ଷେତ୍ରରେ ଲୋକପ୍ରତିନିଧିଙ୍କର ଜୟ ହୋଇଥାଏ। ପ୍ରତିନିଧି ଯେତେବେଳେ ନିଜ ହାତରେ କ୍ଷମତା ପାଇଥା'ନ୍ତି, ସେତେବେଳେ ସେମାନେ ସ୍ୱର୍ଗକୁ ଟାଳି ଦେଇଥା'ନ୍ତି। ଗରିବ ଦେଶର ଜନତାଙ୍କ ମଧ୍ୟରେ ସୀମିତ ସୁବିଧା ବାଣ୍ଟିଲା ବେଳେ କେତେବେଳେ ଉଦରସ୍ଥ କରନ୍ତି ତ ପୁଣି କେତେବେଳେ ପକେଟସ୍ଥ କରିଥା'ନ୍ତି। ମାଙ୍କଡ଼ ଓ ବିରାଡ଼ିଙ୍କ ମଧ୍ୟରେ ପିଠା ବାଣ୍ଟିଲା ନ୍ୟାୟରେ ତରାଜୁର ଦିପାଖ ଓଜନ ସମାନ କରୁ କରୁ ଗୋଟିଏ ପଟୁ ପଳାଏ ଉଦରସ୍ଥ କରନ୍ତି ତ ସେମାନଙ୍କ ମଧ୍ୟରୁ କେତେଜ ମାଙ୍କଡ଼ ଚିତ୍ ମାରି ରାଜନୈତିକ ପଟ୍ଟ ପରିବର୍ତ୍ତନ କରିଥା'ନ୍ତି।

ଯଥା ସମୟରେ ରାଜନୀତି ଖେଳ ଭାଙ୍ଗି ଯାଇଥାଏ। ପୁଣି ନୂତନ ଅଭିନୟ ଓ ନୂତନ ଖେଳ ଆରମ୍ଭ ହୋଇଥାଏ। ସେଥିରେ କେବଳ ସମୟର ବ୍ୟବଧାନ ଫରକ ରହିଥାଏ। ସେହି ଜନତା, ସେହି ପ୍ରତିନିଧି ସେହି ଖେଳ ଚାଲିଥାଏ। ଗଧିଆ ମେଣ୍ଢାର ପୋଷାକରେ ମେଣ୍ଢାଙ୍କ ଗହଣରେ ମେଣ୍ଢାଶାଳ ଭିତରେ ପଶି ଗୋଟିକ ପରେ ଗୋଟିଏ ମେଣ୍ଢା ଖାଇବାକୁ ଆରମ୍ଭ କରି ଦେଇଥାଏ। ଗଣତନ୍ତ୍ର ଶାସନରେ ସେପରି ହେବା ଉଚିତ ନୁହେଁ। ଯେପର୍ଯ୍ୟନ୍ତ ଗଣଶିକ୍ଷା ଓ ଗଣଚେତନାର ଅଭାବ ଥିବ ସେପର୍ଯ୍ୟନ୍ତ ଗଣତତନ୍ତ୍ରର ସଫଳତା ବିଡ଼ମ୍ବନା ମାତ୍ର।

ଅଧ୍ୟାପକ(ବି.ଆର. ବିଜ୍ଞାନ ମହାବିଦ୍ୟାଳୟ)
ହାଟସାହି(କେନ୍ଦ୍ରାପଡ଼ା), ମୋ: ୯୦୯୦୧୫୩୦୭୬

## ଜୀବନ ପାଇଁ କଳା

ପ୍ରଶାନ୍ତ ମିଶ୍ର

ଫ୍ରାନ୍ସର ଦାର୍ଶନିକ ଭିକ୍ଟର କୁଜନ୍ ଊନବିଂଶ ଶତାବ୍ଦୀରେ ପ୍ରଥମେ 'କଳା ପାଇଁ କଳା' ବାକ୍ୟାଂଶଟିକୁ ବ୍ୟବହାର କରିଥିଲେ। ସେ ସମୟର ଅନ୍ୟ ସୌନ୍ଦର୍ଯ୍ୟବାଦୀଙ୍କ ଭଳି କୁଜନଙ୍କର ବି ବିଶ୍ୱାସ ଥିଲା ଯେ କଳା ଚିରକାଳ ସ୍ୱାଧୀନ। ଔଚିତ୍ୟ ସହିତ ଏହାର କୌଣସି ସମ୍ପର୍କ ନାହିଁ। ଉଦ୍ଦେଶ୍ୟ ସାଧନ କି ବାର୍ତ୍ତା ପ୍ରଦାନ କଳାର କାର୍ଯ୍ୟ ନୁହେଁ। ତେବେ ଥିଓଫିଲ ଗୌଟିୟରଙ୍କ ଦ୍ୱାରା 'କଳା ପାଇଁ କଳା' ବାକ୍ୟାଂଶଟି ଏକ ସ୍ଲୋଗାନରେ ପରିଣତ ହୋଇଥିଲା। ବହୁ କବି ଲେଖକ କେବଳ ଶୈଳୀସର୍ବସ୍ୱ, ସୌନ୍ଦର୍ଯ୍ୟପ୍ରଧାନ ରଚନାରେ ମନୋନିବେଶ କରିଥିଲେ ଏହାର ପ୍ରଭାବରେ। ସେମାନଙ୍କର ଯୁକ୍ତି ଥିଲା - ଯାହା ସୁନ୍ଦର ତାହା ପ୍ରୟୋଜନୀୟ କି ବ୍ୟବହାର ଉପଯୋଗୀ ନୁହେଁ। ସବୁ ବ୍ୟବହାର ଉପଯୋଗୀ ପ୍ରୟୋଜନୀୟ ଜିନିଷ ଅସୁନ୍ଦର। କାରଣ ସେହି ଜିନିଷମାନଙ୍କ ସହ ମଣିଷର ଆକାଂକ୍ଷା, ଅଭିଳାଷ ଓ ସ୍ୱାର୍ଥପରତା ଜଡ଼ିତ। ବାସ୍ତବରେ ସୁନ୍ଦର ଜିନିଷର ଅସ୍ତିତ୍ୱ ହିଁ ମୂଲ୍ୟବାନ। ତାହା କୌଣସି ବାହ୍ୟିକ ଅନୁମୋଦନର ଅପେକ୍ଷା ରଖେନାହିଁ। ଆମେ ଏଭଳି ଚିନ୍ତାଧାରାର ସମର୍ଥକ ଭାବେ ଫ୍ରାନ୍ସର ପ୍ରତୀକବାଦୀ କବି ଶାର୍ଲ ବୋଦଲେୟାର, ଷ୍ଟେଫାନ ମାଲାର୍ମେ, ପଲ୍ ଭାରଲେନ୍, ଆର୍ଥର ର୍‌ୟାଁବୋ ପ୍ରମୁଖଙ୍କୁ ନେଇପାରିବା। ଓସ୍କାର ୱାଇଲ୍ଡ ବି 'କଳା ପାଇଁ କଳା' ମତବାଦର ଜଣେ ଦୃଢ଼ ସମର୍ଥକ ଥିଲେ।

ଏକଦା ବନ୍ଧୁ ବେର୍ଣ୍ଣଲ୍ କ୍ଲେଗଙ୍କୁ ପତ୍ର ଲେଖି ଜଣାଇଥିଲେ ଯେ - କଳା ଏକ ଅଦରକାରୀ ଜିନିଷ। ଏହାର ଲକ୍ଷ୍ୟ କେବଳ ସାମୟିକ ମିଜାଜ(ମୁଡ୍) ସୃଷ୍ଟି କରିବା। ନିର୍ଦ୍ଦେଶ ଦେବା କି କୌଣସି କାର୍ଯ୍ୟକୁ ପ୍ରଭାବିତ କରିବା ଏହାର ଉଦ୍ଦେଶ୍ୟ ନୁହେଁ। ନିଜର ଆନନ୍ଦ ପାଇଁ ଫୁଲ ଫୁଟିଥାଏ। ତାକୁ ଦେଖି ଆନନ୍ଦର ଏକ ମୁହୂର୍ତ୍ତକୁ ଆମେ ଉପଭୋଗ କରିଥାଉ। ଏଇଠି ପ୍ରଶ୍ନ ଉଠେ - କଳା ଯଦି ଅଦରକାରୀ, ଫୁଲ ଭଳି ନିଜର ଆନନ୍ଦ ପାଇଁ ହିଁ ଫୁଟେ, ତେବେ ତା'କୁ ଫୁଟାଇବାର ଆବଶ୍ୟକତା କ'ଣ? ସୌନ୍ଦର୍ଯ୍ୟବାଦୀମାନେ ଏତେ ଲେଖାଲେଖି କରୁଥିଲେ କାହିଁକି? ଲେଖିବା ପଛରେ ନିଶ୍ଚୟ ସେମାନଙ୍କର କିଛି ଅଭିପ୍ରାୟ ଥିଲା। ଉଭୟ ଶାରୀରିକ ଓ ମାନସିକ ଶ୍ରମ ବି ସେମାନେ ସ୍ୱୀକାର କରିଥିଲେ ଲେଖିବା ପାଇଁ। ପୃଷ୍ଠଭୂମିରେ ସେମାନଙ୍କର ତତ୍କାଳୀନ ସମାଜ ମଧ୍ୟ ରହିଥିଲା। କୌଣସି ଶୂନ୍ୟସ୍ଥାନରେ ସେମାନେ ନିଜ ନିଜର ରଚନାକୁ ରୂପରେଖ ଦେଇ ନଥିଲେ। ତେଣୁ ମନେହୁଏ 'କଳା ପାଇଁ କଳା' ଏକ ଉଦ୍ଭଟ ବିଚାର; ସମାଜ-ନିରପେକ୍ଷ, ଉଦ୍ଦେଶ୍ୟମୁକ୍ତ କଳାସୃଷ୍ଟି ସମ୍ଭବ ନୁହେଁ।

କଳା ପାଇଁ କଳା ସୃଷ୍ଟିର ଉଦ୍ୟମ ବି କୌଣସି ନା କୌଣସି ମୂଲ୍ୟବୋଧ ଦ୍ୱାରା ପ୍ରଭାବିତ ହୋଇଥାଏ। ସ୍ଥଳବିଶେଷରେ ଏକ ରାଜନୈତିକ କାର୍ଯ୍ୟ ବି। ରାମାୟଣ, ମହାଭାରତ, ଇଲିଆଡ୍, ଓଡ଼ିଶୀ ଭଳି ବିଶ୍ୱବିଖ୍ୟାତ ମହାକାବ୍ୟ ସବୁ ରାଜନୀତି-ଆଧାରିତ। ଓସ୍କାର ୱାଇଲ୍ଡ କଳା 'ଅଦରକାରୀ'(ୟୁଜଲେସ୍) ବୋଲି ମତ ରଖିଥିଲେ ବି ନୀତି ନୈତିକତାକୁ ନେଇ ନିଜ ସୃଷ୍ଟି ଜରିଆରେ ସେ ଅନେକ କଥା କହିଛନ୍ତି। ତାଙ୍କ କଳା ପାଇଁ କଳା ସୃଷ୍ଟିର ଉଦ୍ୟମକୁ ପିଠି କରି କଳା ଜୀବନ ସହିତ ଯୋଡ଼ି ହୋଇଯାଇଛି। ଜୀବନ ପାଇଁ ହିଁ କଳାର ସୃଷ୍ଟି। ସାହିତ୍ୟ ଏକ କଳା ଭାବେ କେବଳ ସୌନ୍ଦର୍ଯ୍ୟ ଉପଭୋଗ କି ମନୋରଞ୍ଜନ ସକାଶେ ଉଦ୍ଦିଷ୍ଟ ନୁହେଁ। ଏହା ମଣିଷ ଓ ତା' ସମାଜର ହିତ ସହ ସମ୍ପୃକ୍ତ। ସାମାଜିକ ବାସ୍ତବତାକୁ ପ୍ରତିଫଳିତ କରିବା ସହିତ ସାହିତ୍ୟ ସ୍ଥିତାବସ୍ଥାରେ ପରିବର୍ତ୍ତନ ଆଣିବା ପାଇଁ ସ୍ୱର ଉତ୍ତୋଳନ କରିଥାଏ ଏବଂ ଆବଶ୍ୟକ ସ୍ଥଳେ କ୍ରାନ୍ତିର କଥା କହିଥାଏ।

ମାକ୍ସିମ୍ ଗର୍କିଙ୍କ ମା' ସମାଜବାଦୀ ବାସ୍ତବତାର ଭିତ୍ତିସ୍ଥାପନକାରୀ ଏକ ଉପନ୍ୟାସ। ଏହା ଜଣେ ଶ୍ରମଜୀବୀ ମହିଳାଙ୍କ କଥା କହେ, ଯିଏ ନିଜ ସନ୍ତାନର ବୈପ୍ଳବିକ କାର୍ଯ୍ୟକଳାପ ଓ ସଂଘର୍ଷ ଦ୍ୱାରା ଅନୁପ୍ରାଣିତ ହୋଇ ନିଜେ ବିପ୍ଳବରେ ସହାୟତା କରିବାକୁ ଆଗେଇ ଆସିଥିଲେ। ଜନସାଧାରଣଙ୍କ ଭିତରେ କ୍ରାନ୍ତି - ଅନୁକୂଳ ରାଜନୈତିକ ଚେତନା ଜାଗ୍ରତ କରିବା ଉକ୍ତ ଉପନ୍ୟାସର ଉଦ୍ଦେଶ୍ୟ ଥିଲା। ନିକୋଲାଇ ଅସ୍ତ୍ରୋଭସ୍କିଙ୍କ 'ହାଉ ଦ ଷ୍ଟିଲ୍ ୱାଜ୍ ଟେଂପେର୍ଡ' ଏକ ଆତ୍ମଜୀବନୀମୂଳକ ରଚନା। ଜଣେ ଗରିବ ଯୁବକ ପାଭେଲ୍ ଏହାର ମୁଖ୍ୟ ଚରିତ୍ର। ବଲସେଭିକ୍ ବିପ୍ଳବରେ ଭାଗ ନେଇ ସେ ଉଦାହରଣ ସୃଷ୍ଟି କରିଥିଲା। କ୍ରାନ୍ତି ପାଇଁ ଉତ୍ସର୍ଗୀକୃତ ଜୀବନ ହିଁ ଅର୍ଥପୂର୍ଣ୍ଣ - ସମ୍ଭବତଃ ଏହି ବିଶ୍ୱାସକୁ ଜନସାଧାରଣଙ୍କ ଭିତରେ ଉଜାଗର କରିବା ପାଇଁ ଅସ୍ତ୍ରୋଭସ୍କି ଉପନ୍ୟାସଟି ଲେଖିଥିଲେ। ରୁଷୀୟ କ୍ରାନ୍ତିର କବି ବିଖ୍ୟାତ 'କ୍ଲାଉଡ୍ ଇନ୍ ଟ୍ରାଉଜର୍ସ' କବିତାର ରଚୟିତା ମାୟକୋଭସ୍କି, ଚୀନ୍ ସାହିତ୍ୟରେ ଆଧୁନିକତାର ଭଗୀରଥ ତଥା 'ଡାଏରୀ ଅଫ୍ ଏ ମ୍ୟାଡମ୍ୟାନ୍'ର ଲେଖକ ଲୁ ସୁନ୍, ଏପିକ୍ ଥିଏଟରର ସୃଷ୍ଟିକର୍ତ୍ତା କବି ଓ ନାଟ୍ୟକାର ବର୍ତ୍ତୋଲ ବ୍ରେଖ୍, ଇଂରେଜ ନାଟ୍ୟକାର ବର୍ଣ୍ଣାଡ଼ ଶ', ଚିଲିର ଗଣକବି ପାବ୍ଲୋ ନେରୁଦା ପ୍ରଭୃତିଙ୍କୁ ବି ଜୀବନ ପାଇଁ କଳାସୃଷ୍ଟିର ପକ୍ଷଧର ଭାବେ ଅକୁଣ୍ଠ ଗ୍ରହଣ କରା ଯାଇପାରେ।

ଆମ ଓଡ଼ିଆ ସାହିତ୍ୟରେ ବି ଜୀବନ ପାଇଁ କଳାସୃଷ୍ଟିର ବହୁ ଉଜ୍ଜ୍ୱଳ ଉଦାହରଣ ରହିଛି। ନିଜ ଜୀବନକୁ ନର୍କରେ ଫିଙ୍ଗି ଜଗତ ଉଦ୍ଧାରର କାମନା କରିଥିବା କବି ଭୀମ ଭୋଇ ସମ୍ଭବତଃ ଏହାର ଶ୍ରେଷ୍ଠତମ ଉଦାହରଣ। ପରବର୍ତ୍ତୀ ସମୟରେ ଫକୀର ମୋହନ ସେନାପତି, ଭଗବତୀ ଚରଣ ପାଣିଗ୍ରାହୀ, ଗୋପୀନାଥ ମହାନ୍ତି, ସୁରେନ୍ଦ୍ର ମହାନ୍ତି, ଗୋଦାବରୀଶ ମହାପାତ୍ର, ଅନନ୍ତ ପଟ୍ଟନାୟକ, ରଘୁନାଥ ଦାସ, ମନମୋହନ ମିଶ୍ର, ରବି ସିଂ, ବ୍ରଜନାଥ ରଥଙ୍କ ସମେତ ଅନ୍ୟ ଅନେକ କବି ଓ ଲେଖକ ଏହି ଧାରାକୁ ଆଗେଇ ନେଇଛନ୍ତି। ସେମାନଙ୍କ ରଚନା ଓଡ଼ିଆ ସାହିତ୍ୟକୁ ଅଧିକ ଜନାଭିମୁଖୀ କରିଛି। 'କଳା ପାଇଁ କଳା' - ନାଇଜେରୀୟ ଲେଖକ ଚିନୁଆ ଆଚିବିଙ୍କ ଭାଷାରେ କହିଲେ - 'ଡିଓଡରାଇଜ୍ଡ ଡଗ୍ ସିଟ୍'। ଅନ୍ୟ ପକ୍ଷରେ 'ଜୀବନ ପାଇଁ କଳା' ବାର୍ତ୍ତାବାହୀ। ସେଥିପାଇଁ ବୋଧେ ଜେମ୍ସ ବାଲ୍‌ଡୱିନ୍ କହିଥିଲେ - ୱାନ୍ କାଣ୍ଟ ରାଇଟ୍ ଏ ଲାଇନ୍ ୱିଥ୍ଆଉଟ୍ ଏ ମେସେଜ୍।

କାଶୀନଗର(ଗଜପତି),
ମୋ: ୭୮୭୩୫୭୩୫୬୯

## ଶିଳାଭିଲେଖ ଓ ଶ୍ରୀଜଗନ୍ନାଥ

ପଣ୍ଡିତ ଦୈତ୍ୟାରି ମହାପାତ୍ର

ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ



ସଂସ୍କୃତ ସାହିତ୍ୟ ଓ ଅଭିଲେଖରେ ଶ୍ରୀଜଗନ୍ନାଥ ଓ ତାଙ୍କ କ୍ଷେତ୍ର ସମ୍ପର୍କରେ ବହୁ ଐତିହାସିକ ତଥ୍ୟର ସନ୍ଧାନ ମିଳେ। ଅନଙ୍ଗଭୀମଦେବଙ୍କ ଲିଙ୍ଗରାଜ ମନ୍ଦିର ଶିଳାଲେଖ ଏ କ୍ଷେତ୍ରରେ ପ୍ରଥମ ବୋଲି କୁହାଯାଏ। ଅନଙ୍ଗଭୀମଦେବଙ୍କ ରାଜତ୍ୱର ୨୩ଅଙ୍କ ବା ୧୨୩୦ଖ୍ରୀଷ୍ଟାବ୍ଦରେ ରଚନା କରାଯାଇଥିବା ଉକ୍ତ ଶିଳାଲେଖରେ ଚତୁର ସାଗର ପର୍ଯ୍ୟନ୍ତାଧିପତି ଭାବରେ ସମ୍ମାନିତ ଅନଙ୍ଗଭୀମଦେବ ନିଜକୁ ଭଗବତ ପୁରୁଷୋତ୍ତମପୁତ୍ର ଓ ରାଜପୁତ୍ର ବା ରାଉତ ଭାବରେ ଘୋଷଣା କରିଛନ୍ତି ଏବଂ ରାଜତ୍ୱର ଶେଷଭାଗରେ ଶ୍ରୀଜଗନ୍ନାଥଙ୍କର ପରମ ସେବକ ଭାବେ ରାଜକାର୍ଯ୍ୟ ସମ୍ପାଦନ କରିଛନ୍ତି। ତାଙ୍କ ରାଜତ୍ୱର ୩୪ଅଙ୍କରେ (ଖ୍ରୀ୧୨୩୮) ଲିଙ୍ଗରାଜ ମନ୍ଦିରରେ ଖୋଦିତ ଅନ୍ୟ ଏକ ଶିଳାଲେଖରେ ସମଗ୍ର ଓଡ଼ିଶାକୁ 'ପୁରୁଷୋତ୍ତମ ସାମ୍ରାଜ୍ୟ' ଭାବରେ ଘୋଷଣା କରାଯାଇଛି। ଗଙ୍ଗବଂଶର ପ୍ରସିଦ୍ଧ ନରପତି (ଖ୍ରୀ୧୨୩୮-୧୨୬୪)ରେ କପିଳାସ ପର୍ବତ ଶିଖରରେ ଅବସ୍ଥିତ ଶିଖରେଶ୍ୱର ଶିବ ମନ୍ଦିର ଗାତ୍ରରେ ଖୋଦିତ ଅନ୍ୟ ଏକ ଅଭିଲେଖରେ ନିଜକୁ 'ଶ୍ରୀପୁରୁଷୋତ୍ତମ ପୁତ୍ରଃ' ଭାବେ ଅଭିହିତ କରିଥିଲେ।

ମଧ୍ୟପ୍ରଦେଶର ସାତନା ଜିଲ୍ଲାରେ ମୌହାର ଗ୍ରାମରୁ ଆବିଷ୍କୃତ ଦଶମ ଶତାବ୍ଦୀର ଏକ ତାମ୍ରଲେଖରେ ଉଡ୍ରଦେଶ (ଓଡ଼ିଶା) ଜଗନ୍ନାଥଙ୍କ କୀର୍ତ୍ତି ସମ୍ପର୍କରେ ଉଲ୍ଲେଖ ରହିଛି। ଏହି ତାମ୍ରଲେଖର ପଞ୍ଚତ୍ରିଂଶ ଶ୍ଳୋକରେ କୁହାଯାଇଛି- 'ସମୁଦ୍ର ମଜ୍ଜନାନ୍ନୁଂ ମୋଡ୍ରେଷୁ ପୁରୁଷୋତ୍ତମ, ଦୃଷ୍ଟା ତୁ କାନ୍ତି କେଭୂୟଃ ପୁରାଗଚ୍ଛତ୍ୟାଂ ଶିଶୁ।' ଏହି ଶତାବ୍ଦୀରେ ଦଣ୍ଡୀ ମହାଦେବୀଙ୍କ ଦ୍ୱାରା ପ୍ରଦତ୍ତ ଏକ ଦାନପଟାରେ ଗ୍ରହୀତା ଭଟ୍ଟପୁତ୍ର ପୁରୁଷୋତ୍ତମଙ୍କ ନାମ ରହିଥିବା ଜଣାଯାଏ - 'ଶ୍ରୀକେଦାରେ ପ୍ରୟାଗେ ଚ ପୁଷ୍କରେ ପୁରୁଷୋତ୍ତମେ, ଭୀମେଶ୍ୱରେ ନର୍ମଦାୟାଂ ଶ୍ରୀଗୋପାଳପୁରେ ତଥା।'

ଦ୍ୱାଦଶ ଶତାବ୍ଦୀର ପ୍ରାରମ୍ଭରେ ମାଳବ ରାଜାଙ୍କର ଏକ ଶିଳାଲିପିରେ ଶ୍ରୀଜଗନ୍ନାଥ ଧାମର ନାମୋଲ୍ଲେଖ ରହିଛି। ସମ୍ଭବତଃ ଏହି ଶିଳାଲେଖ ଖ୍ରୀ୧୧୦୪ରେ ଲେଖାଯାଇ ଏଥିରେ ସମୁଦ୍ର ଓ ପୁରୁଷୋତ୍ତମ କ୍ଷେତ୍ରର ନାମ ଉଲ୍ଲେଖ ରହିଛି।

ଗଙ୍ଗବଂଶର ପ୍ରତିଷ୍ଠାତା ଓ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାତା ଚୋଳଗଙ୍ଗଦେବଙ୍କ ପ୍ରଦତ୍ତ ଅଭିଲେଖରେ ଶ୍ରୀଜଗନ୍ନାଥଙ୍କ ସ୍ତୁତି ବର୍ଣ୍ଣିତ ହୋଇଛି। ଚୋଳଗଙ୍ଗଦେବଙ୍କ ପୌତ୍ର ୨ୟ ରାଜରାଜ ଦେବଙ୍କ ଦାସଗୋବା ତାମ୍ର ଶାସନରେ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା ସ୍ଥଳରେ ବର୍ଣ୍ଣନା କରାଯାଇଛି। ରାଜା କପିଳେନ୍ଦ୍ରଦେବଙ୍କ ଗୋପୀନାଥପୁର ଅଭିଲେଖାରେ ଶ୍ରୀଜଗନ୍ନାଥ ଧାମ ଓ ଶ୍ରୀଜଗନ୍ନାଥଙ୍କ ପ୍ରସଙ୍ଗରେ ଉଲ୍ଲେଖ ଅଛି। ଚନ୍ଦ୍ରାଦେବୀଙ୍କ ଅନନ୍ତ ବାସୁଦେବ ମନ୍ଦିର ଅଭିଲେଖରେ ଶ୍ରୀକୃଷ୍ଣ ରୂପୀ ଶ୍ରୀଜଗନ୍ନାଥଙ୍କୁ ସ୍ତୁତିଛଳରେ ନିମ୍ନମତେ ବର୍ଣ୍ଣନା କରାଯାଇଛି-

'ତିର୍ତ୍ତୀର୍ଥମଣ୍ଡନାଖ୍ୟସ୍ୟ ତୀରେ ନାନାବନୀଘନେ, ଶ୍ରୀକୃଷ୍ଣ ଶ୍ରୀବଳାବାସ ବାସିତେ ନନ୍ଦନାୟତେ।'

ଏତଦ୍‌ବ୍ୟତୀତ ରାଜରାଜ ୧ମଙ୍କ କାଳ ଡିଣ୍ଡିମ ତାମ୍ରପତ୍ର ନାଗପୁର ଶିଳାଲେଖ, ଗୋପାଳଦେବଙ୍କ ପୂଜାରିପାଲି ଅଭିଲେଖ, ମହ୍ଲାର ଶିଳାଲେଖ, ରତନପୁରରୁ ଆବିଷ୍କୃତ ପୃଥ୍ୱୀଦେବ ୨ୟଙ୍କ ଅଭିଲେଖ, ଜଲ୍ଲାଲ ୨ୟଙ୍କ ଶିଳାଲେଖ, ରତନଦେବ ୩ୟଙ୍କ ଖରୋଦଶିଳାଲେଖ, ପ୍ରତାପମଲ୍ଲଙ୍କର ପେଣ୍ଡ୍ରାବନ୍ଧ ତାମ୍ରଲେଖ ଗୁଡ଼ିକରେ ଶ୍ରୀଜଗନ୍ନାଥ କ୍ଷେତ୍ରର ବହୁଳ ବର୍ଣ୍ଣନା କରାଯାଇଛି।

ସଂସ୍କୃତ ଅଭିଲେଖ ପରି ବହୁ ଓଡ଼ିଆ ଅଭିଲେଖରେ ଶ୍ରୀଜଗନ୍ନାଥ କ୍ଷେତ୍ର ଓ ଶ୍ରୀଜଗନ୍ନାଥଙ୍କ ଲୀଳା, ରୂପ, ଗୁଣ ସମ୍ପର୍କରେ ବହୁ ତଥ୍ୟର ଉଲ୍ଲେଖ କରାଯାଇଛି। ଦ୍ୱିତୀୟ ଭାନୁଦେବ (ଖ୍ରୀ୧୩୦୮-ଖ୍ରୀ୧୩୨୭)ଙ୍କ ରାଜତ୍ୱର ୧୩ଶ ବର୍ଷରେ ଖୋଦିତ ଅଭିଲେଖ ହେଉଛି ସର୍ବପ୍ରଥମ ଓଡ଼ିଆ ଅଭିଲେଖ। ଏଥିରେ ଶ୍ରୀଜଗନ୍ନାଥଙ୍କୁ ଶ୍ରୀଦେବାଧିଦେବ ରୂପେ ଅଭିହିତ କରାଯାଇଛି। ରାଜା ୨ୟଭାନୁଦେବ ଶ୍ରୀଜଗନ୍ନାଥଙ୍କୁ ଉତ୍କଳର ଶାସକରାଜା ରୂପେ ଘୋଷଣା କରିଛନ୍ତି। ଗଜପତି କପିଳେଶ୍ୱର ଦେବ (ଖ୍ରୀ୧୪୩୫-୧୪୬୬) ଶ୍ରୀଜଗନ୍ନାଥଙ୍କର ଜଣେ ପରମ ଭକ୍ତ ଥିଲେ ବୋଲି ତାଙ୍କ ଅଭିଲେଖରୁ ଜଣାଯାଏ। ଖ୍ରୀ୧୪୩୬ରେ ଶ୍ରୀଜଗନ୍ନାଥ ମନ୍ଦିରର ଜୟବିଜୟ ଦ୍ୱାରରେ ଖୋଦିତ ଶିଳାଲେଖରୁ ଜଣାଯାଏ ଯେ ତାଙ୍କ ରାଜତ୍ୱର ଚତୁର୍ଥ ଅଙ୍କରେ ଶ୍ରୀପୁରୁଷୋତ୍ତମ କଟକରେ ଶ୍ରୀଜଗନ୍ନାଥଙ୍କ ଦର୍ଶନ ସମୟରେ ମନ୍ଦିରର ବହୁ କର୍ମଚାରୀଙ୍କ ଉପସ୍ଥିତିରେ ସେ ଓଡ଼ିଶାରେ ଚଳି ଆସୁଥିବା ଲବଣକର ମୁକ୍ତ କଲେ ବୋଲି ଶପଥ କରିଥିଲେ ଏବଂ ପରବର୍ତ୍ତୀ ସମୟରେ ଅନ୍ୟ କେହି ରାଜା ଏହି ନୀତିକୁ ଲଙ୍ଘନ କଲେ ଶ୍ରୀଜଗନ୍ନାଥଙ୍କ ନିକଟରେ ଦ୍ରୋହୀ ହେବେ ବୋଲି ଘୋଷଣା କରିଥିଲେ। ଖ୍ରୀ୧୪୫୯ରେ ପୁରୀ ଜଗନ୍ନାଥ ମନ୍ଦିରର ଜୟବିଜୟ ଦ୍ୱାରର ଦକ୍ଷିଣ ପାର୍ଶ୍ୱରେ ଖୋଦିତ ଅନ୍ୟ ଏକ ଶିଳାଲେଖ ମାଧ୍ୟମରେ କପିଳେନ୍ଦ୍ରଦେବଙ୍କର ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଘୋଷଣାପତ୍ର ଖୋଦିତ ହୋଇଛି। ଖ୍ରୀ ୧୪୬୪ରେ ଜୟବିଜୟ ଦ୍ୱାରର ବାମ ପାର୍ଶ୍ୱରେ ଖୋଦିତ ଶିଳାଲେଖାରୁ ଜଣାଯାଏ କପିଳେନ୍ଦ୍ର ଦେବ ତାଙ୍କ ହୃଦୟର ଦାରୁଣ ଦୁଃଖ ଜଗନ୍ନାଥଙ୍କ ନିକଟରେ ଗୁହାରି କରିଛନ୍ତି।

ଶ୍ରୀପୁରୁଷୋତ୍ତମ ଦେବଙ୍କ ଜଗନ୍ନାଥ ମନ୍ଦିର ଜୟବିଜୟ ଦ୍ୱାରରେ ବାମ ପାର୍ଶ୍ୱରେ ଥିବା ଶିଳାଲେଖରୁ ଜଣାଯାଏ ସେ ମହାପ୍ରଭୁଙ୍କ ସେବକ ବ୍ରାହ୍ମଣମାନଙ୍କୁ ଯେଉଁ ଦାନ କରିଥିଲେ ତାହାକୁ ପୁଣି ଦୃଢ଼ ଭାବେ ଅନୁମୋଦନ କରାଇଥିଲେ। ଦାନ କରାଯାଇଥିବା ଭୂସମ୍ପତ୍ତିକୁ ଯେ ଚୋରି କରିବ ସେ ଜଗନ୍ନାଥଙ୍କ ନିକଟରେ ଅପରାଧୀ ହେବ ବୋଲି ଘୋଷଣା କରିଥିଲେ। ଜୟବିଜୟ ଦ୍ୱାରର ଦକ୍ଷିଣ ପାର୍ଶ୍ୱରେ ଖ୍ରୀ୧୪୬୭ରେ ଖୋଦିତ ଏକ ଶିଳାଲେଖରେ ଶ୍ରୀକ୍ଷେତ୍ରକୁ ପୁରୁଷୋତ୍ତମଦେବଙ୍କର ଶୁଭ ଆଗମନ ସକାଶେ ସେ ମଣି, ମୁକ୍ତା, ହୀରା, ନୀଳା, ପ୍ରଭୃତି ଶ୍ରୀଜଗନ୍ନାଥଙ୍କୁ ସମର୍ପଣ କରିଛନ୍ତି ବୋଲି ଜଣାଯାଏ। ପ୍ରତାପରୁଦ୍ର ଦେବଙ୍କ ଜୟବିଜୟ ଦ୍ୱାର ଶିଳାଲେଖରୁ ଜଗନ୍ନାଥଙ୍କ ପୂଜା ବେଳେ ଗୀତଗୋବିନ୍ଦ ନାଟ ପ୍ରସଙ୍ଗ ଘୋଷଣା କରାଯାଇଛି। ନାଚୁଣୀ ଗୀତଗୋବିନ୍ଦ ଛଡ଼ା ଅନ୍ୟ ଗୀତି ଶିଖିପାରିବେ ନାହିଁ, ଗାଇପାରିବେ ନାହିଁ ଅନ୍ୟ କୌଣସି ବିଷୟ ନାଟ ହୋଇପାରିବ ନାହିଁ ବୋଲି ସେଥିରେ ନିର୍ଦ୍ଦେଶ ରହିଛି। ଓଡ଼ିଶାର ଗଜପତିମାନଙ୍କର ରାଜତ୍ୱ ବାସ୍ତବରେ ଜଗନ୍ନାଥଙ୍କର ରାଜତ୍ୱ ଥିଲା ବୋଲି ଓଡ଼ିଆ ଶିଳାଲେଖଗୁଡ଼ିକ ଅଦ୍ୟାପି ପ୍ରମାଣ ଯୋଗାଇଥା'ନ୍ତି।

ଭଦ୍ରକ, ମୋ: ୮୭୬୩୫୪୮୨୦୨

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ହାତୀ ଆକ୍ରମଣରେ ପୁଣି ଗଲା ଜୀବନ

ରାସଗୋବିନ୍ଦପୁର,୨୨।୭(ସମିସ): ରାସଗୋବିନ୍ଦପୁର ବ୍ଲକ୍ ନଳଗଜା ପଞ୍ଚାୟତ ପୁଡ଼ାପଡ଼ା ଗ୍ରାମର ହାତୀ ଆତଙ୍କରେ ପୁଣି ଏକ ନିରୀହ ଜୀବନ ଯାଇଛି। କାଳିଆ ହେମ୍ବ୍ରମ ନାମକ ଜଣେ ଦିନ ମଜୁରିଆ ହାତୀ ଆକ୍ରମଣର ଶିକାର ହୋଇ ପ୍ରାଣ ହରାଇଛନ୍ତି। ସୂଚନା ଅନୁସାରେ, କାଳିଆ ହେମ୍ବ୍ରମ କାମ ସାରି ଘରକୁ ଫେରୁଥିବା ସମୟରେ ଏକ ଜଙ୍ଗଲୀ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀଟି ତାଙ୍କୁ ଶୁଣ୍ଢରେ ଧରି କଚାଡ଼ି ମାରିଦେଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଘଟଣା ପରେ ଦୀର୍ଘ ସମୟ ଧରି ହାତୀଟି ମୃତଦେହ ନିକଟରେ ଜଗି ରହିଥିଲା। ପରେ ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ରାସଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର କାଳିଆ ହେମ୍ବ୍ରମଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ ପୁଡ଼ାପଡ଼ା ଓ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିବା ବେଳେ ହାତୀ ଉପଦ୍ରବ ରୋକିବା ସହ ମୃତକ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଜେଟିପିଙ୍କ ଏ କି ଆଚରଣ?

# ଗୁଣ୍ଡିଚା ମନ୍ଦିରରେ ବୃଦ୍ଧାଙ୍କୁ ଧକ୍କା ମାରିଲେ


ପୁରୀ,୨୨।୭(ସମିସ): ମହାପ୍ରଭୁଙ୍କ ଦର୍ଶନକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ଶୃଙ୍ଖଳା ରକ୍ଷା କରିବା ଦାୟିତ୍ୱ ଜେଟିପିଙ୍କ ଉପରେ। କିନ୍ତୁ ମଙ୍ଗଳବାର ଗୁଣ୍ଡିଚା ମନ୍ଦିର ଭିତରେ ଜଣେ ଜେଟିପିଙ୍କ ବ୍ୟବହାର ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ପୂର୍ବାହ୍ଣ ପ୍ରାୟ ସାଢ଼େ ୧୧ଟା ପାଖାପାଖି ହେବ। ଆଡ଼ପ ମଣ୍ଡପ ଦର୍ଶନ ପାଇଁ ଭକ୍ତଙ୍କ ପ୍ରବଳ ଭିଡ଼ ଥିଲା। ଜଣେ ବୃଦ୍ଧା ସର୍ବସାଧାରଣ ଧାଡ଼ିରେ ଯାଉଯାଉ ଅଜାଣତରେ ଟିକଟଧାରୀଙ୍କ ଧାଡ଼ିକୁ ପଶି ଯାଇଥିଲେ। ସେଠାରେ ଡ୍ୟୁଟିରେ ଥିବା ଜଣେ ଜେଟିପି କୌଣସି ବୁଝାମଣା କରିବା ପରିବର୍ତ୍ତେ ତାଙ୍କୁ ଧକ୍କା ଦେଇ ସେହି ଧାଡ଼ିରୁ ବାହାର କରିଦେଇଥିଲେ। ଏହାକୁ ପୁରୀର ଜଣେ ସଚେତନ ନାଗରିକ ଦେଖି ପ୍ରତିବାଦ କରିଥିଲେ। ସେ ଜେଟିପିଙ୍କୁ ପଚାରିଲେ, ବୟସ୍କା ମା' ଜାଣି ନ ପାରି ଯଦି ଭୁଲ୍ ଧାଡ଼ିକୁ ଯାଇଥିଲେ, ତାଙ୍କୁ ବୁଝାଇ କହିବା ଉଚିତ୍ ନ ଥିଲା କି? ଧକ୍କା କାହିଁକି? ଏହି ସମୟରେ ଆଉ ଜଣେ ଜେଟିପି ସେଠାରେ ପହଞ୍ଚି ଯାହା କହିଲେ ତାହା ଅଧିକ ଆଶ୍ଚର୍ଯ୍ୟଜନକ। "ଆମେ ସେବାୟତଙ୍କୁ ବି ଧକ୍କା ମାରୁଛୁ, ତୁମେ କିଏ' ବୋଲି ସେ ଉତ୍ତର ଦେଇଥିଲେ। ପରେ ବୁଦ୍ଧିଜୀବୀ ଜଣକ ଆଉ ଯୁକ୍ତିତର୍କ ନ କରି ସିଧା ଶ୍ରୀମନ୍ଦିର ପ୍ରଶାସନର ସୁରକ୍ଷା ପ୍ରଶାସକ ଏବଂ ଅନ୍ୟ ଅଧିକାରୀଙ୍କୁ ଟେଲିଫୋନ୍‌ରେ ଜଣାଇଥିଲେ।

ବୁଦ୍ଧିଜୀବୀ ଜଣକ କହିଛନ୍ତି, "ଜେଟିପିଙ୍କ ପୋଷାକରେ ନେମ୍‌ପ୍ଲେଟ୍ ନ ଥିବାରୁ ସେ କିଏ ତାହା ଜାଣିପାରିଲୁ ନାହିଁ। ଜଣେ ବୟସ୍କା ମହିଳାଙ୍କୁ ଏଭଳି ବ୍ୟବହାର ଆଦୌ ଗ୍ରହଣୀୟ ନୁହେଁ। ପ୍ରଶାସନ ଏ ଦିଗରେ ଆହୁରି ସଜାଗ ହେବା ଦରକାର। ଅପରପକ୍ଷେ ମହାପ୍ରଭୁଙ୍କ ନୀତିକାନ୍ତି ସୁରୁଖୁରୁରେ ଚଳାଇବା ପାଇଁ ଜେଟିପିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ଗତ କିଛିବର୍ଷ ହେବ ସେମାନଙ୍କୁ ଶୃଙ୍ଖଳା, ଆଚାର ବ୍ୟବହାର ଓ ସମୟାନୁବର୍ତ୍ତିତା ଉପରେ ପ୍ରଶିକ୍ଷଣ ଦିଆଯାଉଛି। ଗତ ବର୍ଷ ଏପ୍ରିଲ ୮ ତାରିଖରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏକ ବୃହତ୍ ପ୍ରଶିକ୍ଷଣ ଶିବିର ମଧ୍ୟ ଆୟୋଜିତ ହୋଇଥିଲା। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ନିଜେ ସେମାନଙ୍କୁ ଉତ୍ସର୍ଗୀକୃତ ଓ ଉତ୍ତରଦାୟିତ୍ୱର ସହ କାମ କରିବାକୁ ପରାମର୍ଶ ଦେଇଥିଲେ। ହେଲେ ପ୍ରଶିକ୍ଷଣ ପରେ ବି କିଛି ଜେଟିପି ନିଜର ଚିରାଚରିତ ବ୍ୟବହାର ଛାଡୁନାହାନ୍ତି ବୋଲି ଅଭିଯୋଗ ହେଉଛି। ଭକ୍ତଙ୍କ ସହ ଦୁର୍ବ୍ୟବହାର ଘଟଣା ବେଳେ ବେଳେ ସାମ୍ନାକୁ ଆସୁଛି।

### ନେମ୍‌ପ୍ଲେଟ୍ ନ ଥିବାରୁ ଖସି ଯାଉଛନ୍ତି

ଏ ସଂକ୍ରାନ୍ତରେ ଶ୍ରୀମନ୍ଦିରର ସୁରକ୍ଷା ପ୍ରଶାସକ ହେମନ୍ତ କୁମାର ପାଢ଼ୀ କହିଛନ୍ତି, "ହଁ, ସମ୍ପୃକ୍ତ ବ୍ୟକ୍ତି ଜଣକ ମୋତେ ଟେଲିଫୋନ୍‌ରେ ଜଣାଇଛନ୍ତି। ଏଭଳି ହେବା କଥା ନୁହେଁ। ଭକ୍ତଙ୍କ ପ୍ରତି ଉତ୍ତମ ଆଚରଣ ପାଇଁ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। ତଥାପି କେତେଜଣ ଜେଟିପି ଏବେ ବି ଅଶୋଭନୀୟ ଆଚରଣ କରୁଛନ୍ତି। ଆଗକୁ ଏ ଦିଗରେ କଡ଼ା ପଦକ୍ଷେପ ନିଆଯିବ। ଜେଟିପିଙ୍କ ପାଇଁ ନେମ୍‌ପ୍ଲେଟ୍ ବ୍ୟବସ୍ଥା ପ୍ରସଙ୍ଗ ମଧ୍ୟ ଆମ ନଜରରେ ରହିଛି। ଅନ୍ୟପକ୍ଷରେ ନବଦିନାତ୍ମକ ଯାତ୍ରା ସମୟରେ ଲକ୍ଷ ଲକ୍ଷ ଭକ୍ତ ପୁରୀ ଆସୁଛନ୍ତି। ବିଶେଷ କରି ବୟସ୍କ ଓ ମହିଳା ଭକ୍ତମାନେ ଭିଡ଼ରେ ବିଭ୍ରାଟ ହୋଇପାରନ୍ତି। ସେମାନଙ୍କୁ ସହଯୋଗ କରିବା ପରିବର୍ତ୍ତେ ଧକ୍କା ମାରିବା ଘଟଣା ମନ୍ଦିରର ପବିତ୍ରତା ଉପରେ ପ୍ରଶ୍ନ ଚିହ୍ନ ଲଗାଉଛି। ଭକ୍ତି ଓ ଶୃଙ୍ଖଳା ଭିତରେ ସନ୍ତୁଳନ ରଖିବା ଜେଟିପିଙ୍କ ପ୍ରଥମ କର୍ତ୍ତବ୍ୟ। ନଚେତ୍ ମହାପ୍ରଭୁଙ୍କ ଦର୍ଶନକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ବିଶ୍ୱାସ ଆଘାତ ପାଇବ।

## ଭିଜିଲାନ୍ସ ଜାଲରେ ପ୍ରଧାନଶିକ୍ଷକ



ଥୁଆମୂଳ ରାମପୁର,୨୨।୭(ସମିସ): କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୀତାକାନ୍ତ ରଣାଙ୍କୁ ବୁଧବାର ଓଡ଼ିଶା ଭିଜିଲାନ୍ସ ଟିମ୍ ୧୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ଗିରଫ କରିଛି। ବିଦ୍ୟାଳୟରେ ପରିଷ୍କାର-ପରିଚ୍ଛନ୍ନତା କାର୍ଯ୍ୟ କରୁଥିବା ମା'ଧରଣୀ ସ୍ୱୟଂ ସହାୟକ ଗୋଷ୍ଠୀର ୨୦୨୬-୨୭ ଆର୍ଥିକ ବର୍ଷର ୩ ମାସର ବକେୟା ବିଲ୍ ମୁକ୍ତ କରିବା ପାଇଁ ପ୍ରଧାନଶିକ୍ଷକ ସୀତାକାନ୍ତ ରଣା ୧୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିବା ଅଭିଯୋଗ ହୋଇଥିଲା। ବାରମ୍ବାର ଅନୁରୋଧ ସତ୍ତ୍ୱେ ବିଲ୍ ପାସ୍ ନ କରି ଲାଞ୍ଚ ଦେବାକୁ ଚାପ ପକାଯାଉଥିବାରୁ ସମ୍ପୃକ୍ତ ଏସ୍‌ଏଚ୍‌ଜି କର୍ମକର୍ତ୍ତା ଓଡ଼ିଶା ଭିଜିଲାନ୍ସର ଶରଣାପନ୍ନ ହୋଇଥିଲେ। ଅଭିଯୋଗକୁ ଆଧାର କରି ଭିଜିଲାନ୍ସ ଅଧିକାରୀମାନେ ଏକ ଯୋଜନା କରିଥିଲେ। ପୂର୍ବ ଯୋଜନା ଅନୁଯାୟୀ ଅଭିଯୋଗକାରୀ ପ୍ରଧାନଶିକ୍ଷକଙ୍କୁ ୧୦ ହଜାର ଟଙ୍କା ଦେବା ସମୟରେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା। ଅଭିଯୁକ୍ତଙ୍କ ନିକଟରୁ ୧୦ ହଜାର ଟଙ୍କା ଜବତ କରାଯାଇଛି। ଘଟଣା ପରେ ଭିଜିଲାନ୍ସ ପକ୍ଷରୁ ସୀତାକାନ୍ତ ରଣାଙ୍କ ସହ ସମ୍ପୃକ୍ତ ଦୁଇଟି ସ୍ଥାନରେ ଚଢ଼ଉ ଜାରି ରହିଛି। ଏହି ଘଟଣାରେ କୋରାପୁଟ ଭିଜିଲାନ୍ସ ଥାନାରେ ମାମଲା ରୁଜୁ କରାଯାଇଛି। ଭିଜିଲାନ୍ସ ପକ୍ଷରୁ କୁହାଯାଇଛି ଯେ, ତଦନ୍ତ ଶେଷ ହେବାପରେ ଘଟଣା ସମ୍ପର୍କରେ ଅଧିକ ବିବରଣୀ ପ୍ରକାଶ କରାଯିବ।

**AFFIDAVIT**

I, NAZULNA KHAN, aged about 59 years, W/o-MUJAHID KHAN, Res-KAZI BAZAR, PO-BUXIBAZAR, PS-LALBAG, Dist.-CUTTACK, PIN-753001, Odisha, declared by this Affidavit No.843/2026 Dated.16.07.2026, That now onwards I shall Be Known as NAZULNA ANSARI That for all future Purposes

**AFFIDAVIT**

I SHAIKH MOHAMMAD, S/O CHANDU , RESIDENT AT- PIR BAZAR, PO-BHANAPUR, PS- SADAR, CUTTACK - 753011, ODISHA DECLARE BY THIS AFFIDAVIT NO-11546, DT - 21.07.2026. THAT NOW ON WARDS I SHALL BE KNOWN AS SK MOHAMMAD FOR ALL FEATURES PURPOSES.

**AFFIDAVIT**

I SHAIKH ASSAN ALI, S/O SK MOHAMMAD, RESIDENT AT- PIR BAZAR, PO-BHANAPUR, PS- SADAR, CUTTACK - 753011, ODISHA DECLARE BY THIS AFFIDAVIT NO-11547, DT - 21.07.2026. THAT NOW ON WARDS I SHALL BE KNOWN AS SK ASSAN ALI FOR ALL FEATURES PURPOSES.

**AFFIDAVIT**

I, PRAPHULLA SUTAR, aged about 59 years, S/o- NADAR SUTAR resident of JHIMANI KOTHI, JAGATSINGHAPUR, 754141, Odisha, declared by this Affidavit No.852/2026 Dated. 22.07.2026 that now onwards I shall Be Known as **PRAFULLA SUTAR** for all future Purposes .

**AFFIDAVIT**

By virtue of an affidavit sworn before The Executie Magistrate, Bargarh, vide affidavit no. 381 dated 21.07.2026 I, Pintu Bhue, S/o- Mani Bhue, At/Po.-Tumgaon, Ps./Dist.- Bargarh, Odisha, PIN- 768029 declare that, I have changed my son's name from **Prem Bhue** to **Divyansh Bhue**, S/o- Pintu Bhue (father) and Sita Bhue (mother). Hence he shall be known as **Divyansh Bhue** for all purposes.

## ■ ନବବଧୂଙ୍କୁ ଯୌତୁକ ନିର୍ଯାତନା ଓ ହତ୍ୟା ମାମଲା

# ସ୍ୱାମୀ, ଶାଶୂ ଓ ଶଶୁରଙ୍କୁ ଆଜୀବନ ଜେଲ୍

କଟକ,୨୨।୭(ସମିସ): ଯୌତୁକ ପାଇଁ ନବବଧୂଙ୍କୁ ନିର୍ଯାତନା ଓ ହତ୍ୟା ସଂକ୍ରାନ୍ତ ଏକ ମାମଲାରେ କଟକ ପ୍ରଥମ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍‌ଙ୍କ ଅଦାଲତ ଅଭିଯୁକ୍ତ ସ୍ୱାମୀ ଅଲ୍ଲାରଖା ଖାନ୍, ଶଶୁର ଦିଲ୍ଲୀପ ଖାନ୍ ଏବଂ ଶାଶୂ ଜହର ବିବି ଓରଫ୍ ବେବିନାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦୋଷୀଙ୍କୁ ଆଜୀବନ ଜେଲ ଓ ୫ ହଜାର ଟଙ୍କା ଲେଖାଁଏ ଜରିମାନାରେ ଦଣ୍ଡିତ କରିଛନ୍ତି ଅଦାଲତ। ଆଇପିସିର ଧାରା ୩୦୪ ବି/୩୪, ୪୯୮-ଏ, ଯୌତୁକ ନିରୋଧ ଆଇନର ଧାରା ୪ ଅଧୀନରେ ତିନି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। ୨୦୧୫ ନଭେମ୍ବର ୮ ତାରିଖରେ ମୁସଲିମ୍ ରୀତିନୀତି ଅନୁଯାୟୀ ମସ୍ତାରୀ ବିବି (ମୁସ୍ତାରୀ ବିବି)ଙ୍କ ସହ ଅଲ୍ଲାରଖା ଖାନ୍‌ଙ୍କ ବିବାହ ହୋଇଥିଲା। କନ୍ୟା ପକ୍ଷ ପକ୍ଷରୁ ନଗଦ ୫୦ହଜାର ଟଙ୍କା, ସୁନା ଗହଣା ଏବଂ ଘରକରଣା ସାମଗ୍ରୀ ଦିଆଯାଇଥିବା ବେଳେ ବାକି ୧୦ହଜାର ଟଙ୍କା ପରେ ଦେବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ବିବାହର କିଛି ଦିନ ପରେ ବାକି ୧୦ହଜାର ଟଙ୍କା ପାଇଁ ସ୍ୱାମୀ, ଶଶୁର ଓ ଶାଶୂ ମିଶି ମସ୍ତାରୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ବିବାହର ମାତ୍ର ତିନି ମାସ ପରେ, ୨୦୧୬ ଫେବୃଆରୀ ୧୧ ତାରିଖ ସକାଳେ ସୁତାହାଟସ୍ଥିତ ଶାଶୂଘରୁ ମସ୍ତାରୀଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ତାଙ୍କ ବେକରେ ଗଭୀର କ୍ଷତ ଚିହ୍ନ ରହିଥିଲା ଏବଂ ଅଭିଯୁକ୍ତ ପରିବାର ଘରେ ତାଲା ପକାଇ ଫେରାର ହୋଇଯାଇଥିଲେ। ମୃତକଙ୍କ ମା'ଙ୍କ ଏତଲା ଆଧାରରେ ଲାଲବାଗ ଥାନାରେ ମାମଲା ରୁଜୁ ହୋଇଥିଲା। ଅଦାଲତରେ ୧୯ ଜଣ ସାକ୍ଷୀଙ୍କ ବୟାନ ଗ୍ରହଣ କରାଯାଇଥିଲା। ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଆଧାର କରି ଅଭିଯୁକ୍ତଙ୍କୁ ଅଦାଲତ ଆଜୀବନ ସଶ୍ରମ କାରାଦଣ୍ଡ ପ୍ରଦାନ କରିଛନ୍ତି।

# ରାଜ୍ୟରେ ଖୋଲିବ ୬ ଟି ସ୍ୱତନ୍ତ୍ର କୋର୍ଟ

ଭୁବନେଶ୍ୱର,୨୨।୭(ସମିସ): ରାଜ୍ୟରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗର ଲୋକଙ୍କୁ ଶୀଘ୍ର ଆଇନଗତ ନ୍ୟାୟ ପ୍ରଦାନ ଏବଂ ସେମାନଙ୍କ ଅଧିକାରର ସୁରକ୍ଷା ପାଇଁ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି (ଅତ୍ୟାଚାର ନିରୋଧ) ଆଇନ, ୧୯୮୯ ଅଧୀନରେ ଆସୁଥିବା ମାମଲାଗୁଡ଼ିକର ଦ୍ୱରିତ ଶୁଣାଣି ଏବଂ ଦଣ୍ଡବିଧାନ ପାଇଁ ରାଜ୍ୟର ୬ଟି ଜିଲ୍ଲାରେ ସ୍ୱତନ୍ତ୍ର କୋର୍ଟ ସ୍ଥାପନ ପାଇଁ ନିଷ୍ପତ୍ତି ହୋଇଛି। ଏନେଇ ବୁଧବାର ଗୃହ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଛି, ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ସୁପାରିଶ ଓ ସହମତି କ୍ରମେ ଏହି କୋର୍ଟଗୁଡ଼ିକ ସ୍ଥାପନ କରାଯାଇଛି।

ଏହି ନୂତନ ସ୍ୱତନ୍ତ୍ର କୋର୍ଟଗୁଡ଼ିକ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍-କମ୍-ସ୍ୱତନ୍ତ୍ର କୋର୍ଟ ଭାବେ କାର୍ଯ୍ୟ କରିବେ। ଏଗୁଡ଼ିକ ଭଦ୍ରକ, ଗଞ୍ଜାମ (ବ୍ରହ୍ମପୁର), ଯାଜପୁର, କେନ୍ଦ୍ରାପଡ଼ା, ଓ ପୁରୀ ରାଜସ୍ୱ ଜିଲ୍ଲା ଏବଂ ଖୋର୍ଦ୍ଧା ରାଜସ୍ୱ ସବ-ଡିଭିଜନ୍ ପରିସୀମା ମଧ୍ୟରେ କାର୍ଯ୍ୟକାରୀ ହେବ। ଏହି କୋର୍ଟଗୁଡ଼ିକ ପ୍ରତିଷ୍ଠା ହେବା ଦ୍ୱାରା ବହୁ ଦିନରୁ ପଡ଼ିରହିଥିବା ମାମଲାଗୁଡ଼କର ଦ୍ୱରିତ ନିଷ୍ପତ୍ତି ହୋଇପାରିବ। ପୁଲିସ ମୁଖ୍ୟାଳୟର ରାଜ୍ୟ ମାନବାଧିକାର ସୁରକ୍ଷା ସେଲ୍‌ର ନିରନ୍ତର ସମୀକ୍ଷା ଓ ପ୍ରୟାସ ଫଳରେ ଏହି ପ୍ରସ୍ତାବ ସାକାର ହୋଇପାରିଛି। ଏଡିଜିପି ଯତୀନ୍ଦ୍ର କୋୟଲଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନ ଓ ପ୍ରଚେଷ୍ଟା ବଳରେ ପେଣ୍ଡିଂ ମାମଲାର ସଠିକ୍ ଆକଳନ କରାଯାଇ ଗୃହ ବିଭାଗ ମାଧ୍ୟମରେ ହାଇକୋର୍ଟଙ୍କ ଆବଶ୍ୟକୀୟ ସ୍ୱୀକୃତି ହାସଲ କରାଯାଇପାରିଛି। ଏହି ଆନୁଷ୍ଠାନିକ ବିଜ୍ଞପ୍ତି ପରେ, ଗୃହ ବିଭାଗ ପକ୍ଷରୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କୁ ଏହି ନୂତନ କୋର୍ଟଗୁଡ଼ିକ ପାଇଁ ବିଚାରପତି ନିଯୁକ୍ତ କରିବାକୁ ଅନୁରୋଧ କରାଯାଇଛି। ଏହା ସହିତ ଅଧିକ ମାମଲା ପେଣ୍ଡିଂ ଥିବା ଅନ୍ୟାନ୍ୟ ଜିଲ୍ଲାଗୁଡ଼ିକରେ ମଧ୍ୟ ଆଗାମୀ ଦିନରେ ଏହିପରି ସ୍ୱତନ୍ତ୍ର କୋର୍ଟ ଓ ସ୍ୱତନ୍ତ୍ର ସରକାରୀ ଓକିଲ ନିଯୁକ୍ତି ନେଇ ସରକାର ବିଚାର କରୁଛନ୍ତି।

**OFFICE OF THE MUNICIPAL COUNCIL, MALKANGIRI**

Odisha, Pin-764045 Ph: 06861-230244

e-Mail: eomalkangiri@gmail.com

**ନିବେଦନ**

ମାଲକାନଗିରି ସହରର ସମସ୍ତ ନାଗରିକଙ୍କୁ ସର୍ବନିମ୍ନ ମୌଳିକ ସେବା ଯୋଗାଇ ଦେବାରେ ନିମ୍ନଲିଖିତ ସହାୟତା ପ୍ରଦାନ କରିବା ଲାଗି ଅନୁରୋଧ କରୁଅଛୁ।

୦୧ ॥ ସହରର ସମସ୍ତ ବ୍ୟବସାୟୀ ନିଜନିଜର ବ୍ୟବସାୟ ପ୍ରତିଷ୍ଠାନ ଉତ୍ପନ୍ନ ବର୍ଜ୍ୟ ବସ୍ତୁ ପୃଥକ ପୃଥକ ଭାବେ ( ଓଦା ଓ ଶୁଖିଲା ) ସଂଗୃହିତ କରି ରଖିବେ ଏବଂ ତତ ପରଦିନ ପୂର୍ବାହ୍ନରେ ପରିଷଦର ଆବର୍ଜନା ବାହନରେ ପକାଇବେ।

୦୨ ॥ ସେହିଭଳି ସହରର ସମସ୍ତ ନାଗରିକ ମଧ୍ୟ ନିଜ ଗୃହରେ ଉତ୍ପନ୍ନ ବର୍ଜ୍ୟ ବସ୍ତୁ ପୃଥକ ପୃଥକ ଭାବେ (ଓଦା ଓ ଶୁଖିଲା) ଆବର୍ଜନା ବାହନରେ ପକାଇବେ।

୦୩ ॥ କୌଣସି ନାଗରିକ ନିଜ ଗୃହପାଳିତ ପ୍ରାଣୀ ଯଥା :-ଗାଈ, ମହିଷୀ, ଛେଳି, କୁକୁର ଇତ୍ୟାଦି ସର୍ବସାଧାରଣ ରାସ୍ତାରେ ଛାଡ଼ିବେ ନାହିଁ।

୦୪ ॥ ସହରର ସମସ୍ତ ବ୍ୟବସାୟୀ ନିଜ ନିଜର ବ୍ୟବସାୟୀ ପ୍ରତିଷ୍ଠା କରିବା ନିମନ୍ତେ ଅନୁମତି (Trade License ) ପୌର ପରିଷଦ ମାଲକାନଗିରିଙ୍କ ଠାରୁ ଗ୍ରହଣ କରିବା ନିତ୍ୟାନ୍ତ ଜରୁରୀ ଅଟେ ଏବଂ ଉକ୍ତ ପ୍ରମାଣପତ୍ର ନିଜ ନିଜ ବ୍ୟବସାୟୀ ସ୍ଥଳୀରେ ଲଗାଇ ରଖିବେ।

୦୫ ॥ ଦୁଇ ଚକିଆ ଓ ଚାରି ଚକିଆ ଯାନ ରାଜରାସ୍ତା ଉପରେ ରଖି ଅବରୋଧ କରନ୍ତୁ ନାହିଁ।

୦୬ ॥ ପଲିଥିନ ବ୍ୟାଗ ବ୍ୟବହାରଠାରୁ ଦୁରେଇ ରୁହନ୍ତୁ।

୦୭ ॥ ପରିଷଦର ଟିକସ ଆଦି ଠିକ ସମୟରେ ପୈଠ କରନ୍ତୁ।

ଆସନ୍ତୁ ଆମେ ସମସ୍ତେ ମିଳିମିଶି ଆମ ସହରକୁ ଏକ ସୁସ୍ଥ ସବୁଜ ସହରରେ ପରିଣତ କରି କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ସ୍ୱପ୍ନକୁ ସାକାର କରିବା।

କାର୍ଯ୍ୟ ନିର୍ବାହୀ ଅଧିକାରୀ
ପୌର ପରିଷଦ, ମାଲକାନଗିରି

**AFFIDAVIT**

By virtue of an affidavit no10041,swarn before the Executive Magistrate Jajpur on dtd 14/07/2026. I Manoj Kumar Das, aged-43yrs, S/o- Kartika Das, permanent resident of At-Amrutia, P.o-Barundai, P.s-Panikoili, Dist-Jajpur-755025, declared that I have changed my minor daughter's name from DIBYASHREE DAS to DIBYA DARSHANI DAS. Henceforth she shall be known as **DIBYA DARSHANI DAS** for all future purposes

Sd/-Manoj kumar das

**AFFIDAVIT**

By virtue of an affidavit sworn before The Notary Public, Titilagarh, on dated- 22.07.2026. I, **Madhabi Podh** (applicant name), W/o Biren Podh, permanent & current resident of AT: Ghantabahali, PO: Malisira, PS: Titilagarh, Dist: Balangir, State: Odisha, PIN: 767037 declare that I have changed my minor son's name from **Drupa Podh** (old name) to **Durbas Podh** (new name). Henceforth, he shall be known as **Durbas Podh** (new name) for all future purposes.

**Madhabi Podh**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସଡ଼କରୁ ସଂସଦ...

ଦଳର ସାଂସଦ କଳା ପୋଷାକ ପିନ୍ଧି ସଂସଦ ପରିସରରେ ପ୍ରତିବାଦ ଆନ୍ଦୋଳନ କରିଛନ୍ତି। କଂଗ୍ରେସ ସାଂସଦଙ୍କ ସହ ସମାଜବାଦୀ ପାର୍ଟି ସମେତ ଅନ୍ୟ ବିରୋଧୀ ଦଳର ସାଂସଦମାନେ ମଧ୍ୟ ଏହି ବିକ୍ଷୋଭରେ ସାମିଲ ହୋଇଛନ୍ତି। ଆଜି ଉଭୟ ଲୋକସଭା ଏବଂ ରାଜ୍ୟସଭାରେ ଏହି ପ୍ରସଙ୍ଗରେ ପ୍ରବଳ ହଟ୍ଟଗୋଳ ହୋଇଛି। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଏବଂ ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା କହିଥିଲେ ଯେ ସରକାର ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି। କିନ୍ତୁ ରାଜ୍ୟସଭାରେ ମଲ୍ଲିକାର୍ଜୁନ ଖଡ଼ଗେ କହିଥିଲେ ଯେ ଶିକ୍ଷା ମନ୍ତ୍ରୀ ଇସ୍ତଫା ନଦେବା ପର୍ଯ୍ୟନ୍ତ ସଂସଦ ଚଳାଇ ଦିଆଯିବ ନାହିଁ। ଏହାକୁ ନେଇ ଉଭୟ ଲୋକସଭା ଏବଂ ରାଜ୍ୟସଭାରେ ହଟ୍ଟଗୋଳ ଜାରି ରହିବାରୁ ସଂସଦକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରି ଦିଆଯାଇଛି। ସଂସଦରେ ଏହି ପ୍ରସଙ୍ଗରେ ହଟ୍ଟଗୋଳ ଚାଲିଥିବା ବେଳେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ତାଙ୍କ ପ୍ରକୋଷ୍ଠରେ ଭେଟିଛନ୍ତି। ତେବେ ସେମାନଙ୍କ ମଧ୍ୟରେ କଣ ଆଲୋଚନା ହୋଇଛି, ତାହା ଜଣାପଡ଼ି ନାହିଁ।

ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ଉଭୟ ସଦନରେ ଏହି ପ୍ରସଙ୍ଗରେ ଆଲୋଚନା ପାଇଁ ପ୍ରସ୍ତୁତ। ତେବେ କେଉଁ ନିୟମ ଅନୁସାରେ ଆଲୋଚନା ହେବ, ସେନେଇ ବାଚସ୍ପତି ସର୍ବଦଳୀୟ ବୈଠକ ପରେ ନିଷ୍ପତ୍ତି ନେବେ। ଏପଟେ କଂଗ୍ରେସର ପ୍ରତିବାଦକୁ ସମାଲୋଚନା କରି ବିଜେପି ଅଭିଯୋଗ କରିଛି ଯେ, ଦଳ ଛାତ୍ରଛାତ୍ରୀଙ୍କୁ ରାଜନୈତିକ ସ୍ୱାର୍ଥରେ ବ୍ୟବହାର କରୁଛି।

### ମନାକଲେ ସୁପ୍ରିମକୋର୍ଟ...

ମୁଖ୍ୟ ବିଚାରପତି ଡିକେ. ଉପାଧ୍ୟାୟଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ଏହି ଘଟଣାକୁ ଗୁରୁତର ସହ ନେଇ ସମସ୍ତ ସିସିଟିଭି ଫୁଟେଜ୍ ଏବଂ ଭିଡିଓ ରେକର୍ଡିଂକୁ ସୁରକ୍ଷିତ ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଓକିଲମାନେ ଅଭିଯୋଗ କରିଛନ୍ତି ଯେ, ଶାନ୍ତିପୂର୍ଣ୍ଣ ପ୍ରତିବାଦ କରୁଥିବା ନାଗରିକଙ୍କ ଉପରେ ପୁଲିସ ପକ୍ଷରୁ ଚରମ ବର୍ବରତା ପ୍ରଦର୍ଶନ କରାଯାଇଛି। ପୁଲିସ କାର୍ଯ୍ୟାନୁଷ୍ଠାନ ସମୟରେ ମହିଳା ପ୍ରଦର୍ଶନକାରୀଙ୍କ ସହ ଆପତ୍ତିଜନକ ବ୍ୟବହାର କରାଯାଇଛି। ମହିଳା ବିକ୍ଷୋଭକାରୀଙ୍କୁ ଅସଦାଚରଣ କରାଯିବା ସହିତ ସେମାନଙ୍କର କପଡ଼ା ଚିରାଯାଇଛି। ପୁଲିସ କଣ୍ଟା ଲଗା ଲାଠି ବ୍ୟବହାର କରିଛି। ଏହି ହିଂସାରେ ୯୦ରୁ ଅଧିକ ପ୍ରଦର୍ଶନକାରୀ ଆହତ ହୋଇଥିବା ବେଳେ ଜଣେ ୨୦ ବର୍ଷୀୟା ଛାତ୍ରୀଙ୍କୁ ଭେଣ୍ଟିଲେଟରରେ ରଖାଯାଇଛି। ଆବେଦନକାରୀଙ୍କ ଓକିଲ ଗୋପାଳ ଶଙ୍କରନାରାୟଣନ୍ କହିଛନ୍ତି ଯେ, ଶିଶୁ ଓ ମହିଳାଙ୍କ ଉପରେ ଲୁହବୁହା ଗ୍ୟାସ ପ୍ରୟୋଗ କରାଯାଇଛି ଏବଂ ପୁଲିସ କର୍ମୀମାନେ ସାଧା ପୋଷାକରେ ରହି ପ୍ରଦର୍ଶନକାରୀଙ୍କୁ ମାଡ଼ ମାରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ପୁଲିସ ପକ୍ଷରୁ ହୋଇଥିବା ଅତ୍ୟାଚାରର ପ୍ରମାଣ ସ୍ୱରୂପ ତାଙ୍କ ପାଖରେ ୧୧୦ଟି ଭିଡିଓ ରହିଛି। ଅନ୍ୟପକ୍ଷରେ, ଦିଲ୍ଲୀ ପୁଲିସ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ୍ (ଏଏସ୍‌ଜି) ଏସଭି. ରାଜୁ ଏହି ସମସ୍ତ ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ସେ କହିଛନ୍ତି ଯେ, ଏହି ଆବେଦନଗୁଡ଼ିକ କେବଳ ସମୟ ନଷ୍ଟ କରିବା ଏବଂ ଲୋକପ୍ରିୟତା ହାସଲ କରିବା ପାଇଁ କରାଯାଇଛି। ୧୪୪ ଧାରା ଥିବା ସ୍ଥାନରେ ପ୍ରଦର୍ଶନକାରୀମାନେ ଶାନ୍ତିପୂର୍ଣ୍ଣ ନଥିଲେ ବରଂ ଉଚ୍ଛୃଙ୍ଖଳ ହୋଇ ପଥର ମାଡ଼ କରିଥିଲେ। ଏଥିରେ ଅନେକ ପୁଲିସ କର୍ମଚାରୀ ଆହତ ହୋଇଛନ୍ତି। ଆବେଦନକାରୀମାନେ ଏଫ୍‌ଆଇଆର୍ ଦାଖଲ ନକରି ସିଧାସଳଖ କୋର୍ଟକୁ ଆସିଥିବାରୁ ଏହା କେବଳ ପ୍ରଚାର ଓ ପ୍ରସିଦ୍ଧି ପାଇଁ ବୋଲି ସେ କହିଥିଲେ। ଏପରି ସମ୍ବେଦନହୀନ ମନ୍ତବ୍ୟରେ କୋର୍ଟ ବିରକ୍ତି ପ୍ରକାଶ କରିଥିଲେ। ଏହାକୁ 'ପ୍ରଚାର ପାଇଁ ଉଦ୍ଦିଷ୍ଟ ଆବେଦନ' କିପରି କୁହାଯିବ ବୋଲି କୋର୍ଟ ପ୍ରଶ୍ନ କରିଥିଲେ। ମୁଖ୍ୟ ବିଚାରପତି ଆହୁରି ମଧ୍ୟ କହିଛନ୍ତି ଯେ ଯଦି ଏହା ବେଆଇନ ସମାବେଶ ଥିଲା, ତାକୁ ନିୟନ୍ତ୍ରଣ କରିବାର ଅନ୍ୟ ଆଇନଗତ ପ୍ରକ୍ରିୟା ରହିଛି। ଏତେ ସଂଖ୍ୟକ ଲୋକଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ ହେଉଥିବା ବେଳେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ପୃଥକ ଭାବେ ଏଫଆଇଆର କରିବା ପାଇଁ କହିବା ଯୁକ୍ତିଯୁକ୍ତ ନୁହେଁ। ପୁଲିସ ବର୍ବରତା ଦେଶର ବିବେକୁ ଦୋହଲାଇ ଦେଇଛି ବୋଲି ସେ କହିଥିଲେ। ଦିଲ୍ଲୀ ହାଇକୋର୍ଟ କେନ୍ଦ୍ର ଓ ପୁଲିସକୁ ୪ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୧୧ରେ ହେବ। ଏହାପୂର୍ବରୁ ସୁପ୍ରିମ କୋର୍ଟରେ ମଧ୍ୟ ମାମଲା ଉଠିଥିଲା। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ବେଞ୍ଚରେ ଆଜି ଆବେଦନକାରୀ ଏହି ମାମଲା ଉଠାଇ ଏହାର ତୁରନ୍ତ ଶୁଣାଣି କରିବାକୁ କହିଥିଲେ। ତେବେ ଏହାର ତୁରନ୍ତ ଶୁଣାଣି କରିବାକୁ ଜଷ୍ଟିସ ସୂର୍ଯ୍ୟକାନ୍ତ ମନା କରିଦେଇଥିଲେ। ପୁଲିସ ବର୍ବରତାର ଭିଡିଓ ଦେଖିବାକୁ ଆବେଦନକାରୀ ଓକିଲ କହିବାରୁ ପ୍ରଧାନ ବିଚାରପତି କହିଲେ ଯେ ଏଥିପାଇଁ ସମୟ ନାହିଁ। ଏହା ଉପରେ ସମୟ ନଷ୍ଟ ନକରିବାକୁ ସେ କହିଥିଲେ।

### ଆଘାତ ଦେଇଛି...

ଓଡ଼ିଶାରେ ଦୋହରାଇଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଗୁରୁବାର ଦିଲ୍ଲୀରୁ ଫେରିବା ସମୟରେ ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନବନ୍ଦରରେ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନରେ ସେ କହିଛନ୍ତି ଯେ କେବଳ ଭାରତରେ ନୁହେଁ; ବିଦେଶରେ ଥିବା ଆମ ଦୂତାବାସ ସମ୍ମୁଖରେ ମଧ୍ୟ ତାଙ୍କ ଇସ୍ତଫା ଦାବି କରାଯାଇଛି। ପରୀକ୍ଷାକୁ ନେଇ ଯାହା ସବୁ ଘଟିଛି, ଏହାପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତାଙ୍କ ପଦରୁ ଇସ୍ତଫା ଦେଇଦେବା ଉଚିତ୍ ବୋଲି ନବୀନ କହିଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କ ବାହୁଡ଼ା...

ଅଧିକାରୀମାନେ ଉପସ୍ଥିତ ରହି ନିୟମିତ ତଦାରଖ କରୁଛନ୍ତି। ଭିଡରେ ଜନଗହଳିକୁ ବୈଜ୍ଞାନିକ ପଦ୍ଧତିରେ ଅନୁଧ୍ୟାନ କରିବାକୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସିସିଟିଭିରୁ ମିଳୁଥିବା ସୂଚନାକୁ ଇଣ୍ଟିଗ୍ରେଟେଡ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ବ୍ୟବସ୍ଥା ଜରିଆରେ ସମସ୍ୟା ଥିବା ସ୍ଥାନକୁ ତୁରନ୍ତ ପ୍ରଦାନ କରାଗଲେ, ସମସ୍ୟାର ସମାଧାନ ହୋଇପାରିବ। ଆଗକୁ ବାହୁଡା ଯାତ୍ରା ସହିତ ମହାପ୍ରଭୁଙ୍କ ସୁନାବେଶ ଓ ନିଳାଦ୍ରୀବିଜେ ଅନୁଷ୍ଠିତ ହେବ। ତେଣୁ, ସମସ୍ତ ନୀତିକାନ୍ତି ଯେପରି ସୁଚାରୁ ରୂପେ ପାଳିତ ହେବ ସେଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ରଖିବାକୁ ମୁଖ୍ୟମନ୍ତ୍ରୀ କହିଥିଲେ। ରଥଯାତ୍ରାରେ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ ଦୁଇଜଣ ଶ୍ରଦ୍ଧାଳୁଙ୍କ ଜୀବନହାନି ଯୋଗୁ ମୁଖ୍ୟମନ୍ତ୍ରୀ ଦୁଃଖ ପ୍ରକାଶ କରିବା ସହିତ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ଗଭୀର ସମବେଦନା ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ମୃତ ଶ୍ରଦ୍ଧାଳୁଙ୍କ ପରିବାରବର୍ଗଙ୍କ ପାଇଁ ୧୦ ଲକ୍ଷ ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯିବା ପାଇଁ ଘୋଷଣା କରାଯାଇଛି। ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ ଅରବିନ୍ଦ ପାଢୀ ରଥଯାତ୍ରା ପରିଚାଳନା ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ପୁଲିସ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆ, ଅଗ୍ନିଶମ ପୁଲିସ ମହାନିର୍ଦ୍ଦେଶକ ଡଃ ସୁଧାଂଶୁ ଷଡଙ୍ଗୀ, ପୁଲିସ ମଡର୍ଣ୍ଣାଇଜେସନ୍‌ର ଅତିରିକ୍ତ ମହାନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ ପୁଲିସ ପ୍ରଶାସନର ବିଭିନ୍ନ ପ୍ରସ୍ତୁତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବୈଠକରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ମୁଖ୍ୟଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି.କେ ସିଂ ପ୍ରମୁଖ ଉପସ୍ଥିତ ରହି ବାହୁଡା ଓ ସୁନାବେଶ ପରିଚାଳନା ସମ୍ପର୍କରେ ମତାମତ ରଖିଥିଲେ।

### ୧୫ ବିଇଡି କଲେଜକୁ...

ପ୍ରଶିକ୍ଷଣ ମହାବିଦ୍ୟାଳୟ, ଅନୁଗୋଳର ନବକୃଷ୍ଣ ଚୌଧୁରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ଏବଂ କଟକର ରାଧାନାଥ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆଡଭାନସଡ୍ ଷ୍ଟଡି ଇନ୍ ଏଜୁକେସନ୍ ପରି ସମୁଦାୟ ୧୫ଟି କଲେଜକୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ୧୫ ଦିନ ମଧ୍ୟରେ ଅର୍ଥାତ୍ ଚଳିତ ମାସ ଶେଷ ସୁଦ୍ଧା ନୋଟିସର ଉତ୍ତର ଦେବାକୁ ସମ୍ପୃକ୍ତ କଲେଜଗୁଡ଼ିକୁ ନିର୍ଦ୍ଦେଶ ଦେଇଛି ଏନ୍‌ସିଟିଇ। ଅଯୋଗ୍ୟ ଅଧ୍ୟାପକ ନିଯୁକ୍ତି ସମ୍ପର୍କରେ ଏନ୍‌ସିଟିଇ ନିକଟରେ ବହୁ ପୂର୍ବରୁ ଅଭିଯୋଗ ହୋଇଛି। ଏହା ଜାଣିବା ପରେ ଗତ ବର୍ଷ ସେପ୍ଟେମ୍ବର ମାସରେ ଓଡ଼ିଶା ସରକାରଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲା। ୧୫ ଦିନ ମଧ୍ୟରେ ଏହାର ଉତ୍ତର ଦେବାକୁ ସେତେବେଳେ କୁହାଯାଇଥିଲେ ମଧ୍ୟ ସରକାର କୌଣସି କାରଣ ଦର୍ଶାଇ ନ ଥିଲେ। ଅଦୃଶ୍ୟ ଚାପ ପକାଇ ସ୍ୱୀକୃତି ପ୍ରତ୍ୟାହାର ହେବାରୁ ଏହି କଲେଜଗୁଡ଼ିକ ରକ୍ଷା ପାଇଥିଲେ। ଏନ୍‌ସିଟିଇ ମଧ୍ୟ ନିଜଆଡୁ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ହାଇକୋର୍ଟରେ ମାମଲା ହୋଇଥିଲା। ଏହି ମାମଲାର ଏନ୍‌ସିଟିଇକୁ ପକ୍ଷ ରଖିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେବା ପରେ ଶୋଇପଡ଼ିଥିବା ଏନ୍‌ସିଇଆର୍‌ଟି ଆଉଥରେ ଚେଇଁଛି। ଏଥର ଆଉ ସରକାରଙ୍କୁ ନୁହେଁ, ବରଂ ସ୍ୱୀକୃତି ଦେଇଥିବା କଲେଜଗୁଡ଼ିକୁ ସିଧାସଳଖ କାରଣ ଦର୍ଶାଅ ନୋଟିସ୍ ଜାରି କରିଛି। ଫଳରେ ଅଯୋଗ୍ୟ ଅଧ୍ୟାପକଙ୍କୁ ନିଯୁକ୍ତି ଦେଇ ସ୍ୱୀକୃତି ହାତେଇଥିବା ବିଇଡି କଲେଜଗୁଡ଼ିକର ମାନ୍ୟତା ରଦ୍ଦ ହେବାର ଆଶଙ୍କା ସୃଷ୍ଟି ହୋଇଛି।

WORKS DEPARTMENT 34001/519/2627

**OFFICE OF THE SUPERINTENDING ENGINEER, ROURKELA (R&B) DIVISION, UDITNAGAR, ROURKELA**

E-Mail Id – eepwdrkl@gmail.com

Government of Orissa "e" Procurement Notice

Bid Identification No.: 11 / 2026-27

Dated: 21.07.2026

1. Number of works: **02 (Two) number of Work**
2. Estimated cost: **Rs. 2.68 Lakhs to 4.66 Lakhs**
3. Period of completion: **1 (One) calendar month**
4. Date & Time of availability of bid document in the portal: **Dt. 24.07.2026 at 11.00 A.M.**
5. Last date/Time for receipt of bids in the portal: **Dt. 01.08.2026 up to 05.00 P.M.**
6. Date of opening of Bid: **Dt. 03.08.2026 at 11.00 A.M.**
7. Name and Address of the Officer Inviting Bid: **Superintending Engineer, (R & B) Division, Rourkela, UditNagar.**

Further details can be seen from the e-procurement portal: http://tendersorissa.gov.in

Superintending Engineer
Rourkela (R&B) Division

OIPR-34001/34068/1/26-27/0006

**OFFICE OF THE PANCHAYAT SAMITI, GHATGAON**

At/Po/Via-Ghatagaon, Dist-Keonjhar, Pin-758027 (ODISHA)

**E-Mail:** ghatgaonblock@gmail.com

**BID ID NO.-TCN No.-01-Ghatgaon/2026-27**

19001/161/2627

**TENDER CALL NOTICE**

The Block Development Officer, Ghatgaon, Keonjhar on behalf of Governor of Odisha invites online percentage rate bid through e-procurement from the **"C & D", "B" class contractors with CDMS Registration** for the projects as detailed in the Annexure-I to this Bid Notice. The eligible criteria and the details of the tender documents can be downloaded from the website **www.tendersodisha.gov.in** and viewed only from the website **www.kendujhar.nic.in**. Interested bidders fulfilling the eligibility criteria may submit their proposals through website **www.tendersodisha.gov.in**. The bid documents will be available in the above website from **10.00 hours of 26.07.2026 to 17.30 hours of 05.08.2026**. The bidders should submit their proposals complete in all respect through Online before **17.30 hours of 05.08.2026**. The tender will be opened on **06.08.2026 at 11.00 AM** in the **Conference Hall of Office of the Ghatgaon Block**. The undersigned reserves the right to reject the bidder(s) if any document(s) found incorrect/false at any stage of bidding.

Sd/- Block Development Officer
Ghatgaon

OIPR-19001/19026/1/26-27/0001

**OFFICE OF THE PANCHAYAT SAMITI, PATNA**

**No.: 2811 / Date: 18-07-2026**

**NOTICE INVITING TENDER** 19001/162/2627

It is hereby notified for the information of the general public that the Bhimkund Development Committee has decided to lease out the management and operation of the Watch Tower (View Point), Vehicle Parking Stand, Public Toilet and Picnic Platforms (Pindis) constructed at Bhimkund for a period of three (03) years, from 14.08.2026 to 13.08.2029, through an open tender process under the following terms and conditions.

The Watch Tower, Picnic Platforms, Public Toilet and Vehicle Parking Stand shall be auctioned as a single package. The minimum reserve/upset price for the tender has been fixed at Rs.30,00,000/- (Rupees Thirty Lakh only) for 3 years.

The bid document containing the detail information, terms and conditions, etc can be downloaded from website http://kendujhar.odisha.gov.in.

Modifications/corrigendum, if any, detected/ felt necessary at a later stage will be duly published and notified in the website http://kendujhar.odisha.gov.in. Hence the bidders are advised to check the website to track any modifications/ corrigendum etc. or to know the details of any information, deemed proper, in this regard.

Interested persons may submit their applications in the prescribed format in a sealed envelope by dropping it in the Tender Drop Box kept at the Office of the Block Development Officer, Patna/or sent through Registered Post/Speed Post from 20.07.2026 to 04.08.2026 up to 5.00 PM.

The tender applications will be opened on 06.08.2026 at 11.00 AM in the Conference Hall of the Patna Block Office in the presence of the Applicants/Bidders. The bidder quoting the highest valid bid shall be declared the successful bidder and awarded the contract, subject to the following terms and conditions.

| Schedule of Tender dates | Date & time |
|---|---|
| • Publication Tender Notice | 20.07.2026, 10 am |
| • Last date of Submission of Bid paper | 04.08.2026, 05 pm |
| • Opening of Bid paper | 06.08.2026, 11 am |
| • Declaration of successful bidder | 06.08.2026, 01 pm |

OIPR-19001/19047/1/26-27/0001 Sd./- Block Development Officer, Patna

**AFFIDAVIT**

By virtue of an affidavit sworn before The Notary Public, Bhubaneswar dated-20/07/2026 I, Ramesh Soren, permanent resident, of At-Khalapal Po- Khalapal, Ps-Ghasipura, Dist- Kendujhar, State- Odisha, Pin- 758025, Currently residing At- Khalapal, Po- Khalapal, Ps- Ghasipura, Dist- Kendujhar, State- Odisha, Pin- 758025, declare that I have changed my name from **Amarjyoti Soren** to **Ramesh Soren** Henceforth, I shall be known as **RAMESH SOREN** for all purposes.

**RAMESH SOREN**

**AFFIDAVIT**

By virtue of an affidavit sworn before The Executive Magistrate Bhubaneswar dated 18.07.2026. I, **Prasanta Kumar Lenka,** resident of Plot No- 1215/1503, Khandagiri Bari, Khandagiri, Bhubaneswar, Dist: Khurda, Odisha, PIN: 751030 declare that I have changed my name from **Prasanta Lenka** to **Prasanta Kumar Lenka**. Henceforth, I shall be known as **Prasanta Kumar Lenka** for all purposes.

**Prasanta Kumar Lenka**

**AFFIDAVIT**

**I Sanju Devi**, aged about 52years, resident of village- Bhainchua, Po-Bhainchua, PS-Balianta-752 100, Dist.-Khorda, Odisha declare by this Affidavit dated 17.07.2026 that the names Manju Kumari, Manju Devi and Sanju Devi are one and the same person. **Sanju Devi** shall be used for all present and future legal and official purposes.

ଡେଙ୍ଗୁ ନିରୋଧୀ ମାସ
ସଚେତନତା ଓ ସ୍ୱଚ୍ଛତା ଅଭିଯାନ

# ନିୟନ୍ତ୍ରଣରେ ଅଛି ଡେଙ୍ଗୁ ପରିସ୍ଥିତି

ଜଗତସିଂହପୁର,୨୨।୭(ସମିସ)




ଡେଙ୍ଗୁ ନିରୋଧୀ ମାସ ପାଳନ ଅବସରରେ ଜଗତସିଂହପୁର ଜିଲ୍ଲାରେ ଡେଙ୍ଗୁ ପ୍ରତିରୋଧ ଏବଂ ମଶାର ପ୍ରଜନନ ସ୍ଥଳ ନଷ୍ଟ କରିବା ସମ୍ପର୍କରେ ସାଧାରଣ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଆଜି ଏକ ସଚେତନତା ରାଲି ଏବଂ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଥିଲା। ଏହି ରାଲିକୁ ପୌରପାଳିକା ଅଧ୍ୟକ୍ଷା ଅର୍ଚ୍ଚନା ସିଂହ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରିଣୀ ଡା. ସ୍ନିଗ୍ଧାମୟୀ ମହାନ୍ତି ଓ ନିର୍ବାହୀ ଅଧିକାରୀ ସନ୍ଦୀପ ସିଂହ ସବୁଜ ପତାକା ଦେଖାଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଭିବିଡି) ଡା. ସନ୍ତୋଷ କୁମାର ବେହେରା, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ, ଜିଲ୍ଲା ଭିବିଡି ପରାମର୍ଶଦାତା ତୃପ୍ତିରାଣୀ ନାୟକ, ସହାୟକ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ସୁବ୍ରତ କୁମାର ମହାପାତ୍ର ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ଏହି ରାଲିରେ ଅଙ୍ଗନବାଡି କର୍ମୀ, ଏସ୍‌ଭିଏମ୍ କଲେଜର ଏନଏସ୍‌ଏସ୍ ସ୍ୱେଚ୍ଛାସେବୀ, ନେହେରୁ ଯୁବ କେନ୍ଦ୍ର ସ୍ୱେଚ୍ଛାସେବୀ, ସହରାଞ୍ଚଳ ଆଶାକର୍ମୀ ଏବଂ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ପୌରପାଳିକା ପକ୍ଷରୁ ଆବର୍ଜନା ବାହନ, ସ୍ୱଚ୍ଛ ସାଥୀ ଏବଂ ସ୍ୱେ କର୍ମଚାରୀମାନେ ରାଲିରେ ସାମିଲ ହୋଇ ମାଇକିଂ ମାଧ୍ୟମରେ ଡେଙ୍ଗୁ ସଚେତନତା ବାର୍ତ୍ତା ପ୍ରଚାର କରିଥିଲେ। ରାଲି ସହିତ ବିଭିନ୍ନ ସ୍ଥାନରେ ସ୍ୱଚ୍ଛତା ଅଭିଯାନ ଚାଲିଥିଲା ଏବଂ ଜନସାଧାରଣଙ୍କୁ ନିଜ ଘର ଓ ଆଖପାଖକୁ ସଫା ରଖିବା, ପାଣିଜମା ନ ରଖିବା ଏବଂ ଡେଙ୍ଗୁ ପ୍ରତିରୋଧ ପାଇଁ ସଚେତନ ରହିବାକୁ ଆହ୍ୱାନ କରାଯାଇଥିଲା।

ଚଳିତ ବର୍ଷ ଜିଲ୍ଲାରେ ଡେଙ୍ଗୁ ପରିସ୍ଥିତି ନିୟନ୍ତ୍ରଣରେ ରହିଛି। ୨୦୨୨ରେ ୪୧୩, ୨୦୨୩ରେ ୪୬୬, ୨୦୨୪ରେ ୨୪୮, ୨୦୨୫ରେ ୯୬ ଏବଂ ୨୦୨୬ ମସିହାରେ ବର୍ତ୍ତମାନ ସୁଦ୍ଧା ୨୩ଟି ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ, ଗତ ବର୍ଷ ତୁଳନାରେ ଏହା ଯଥେଷ୍ଟ କମ୍ ରହିଥିବାରୁ ଜିଲ୍ଲାରେ ଗ୍ରହଣ କରାଯାଇଥିବା ସମନ୍ୱିତ ପ୍ରତିରୋଧମୂଳକ ପଦକ୍ଷେପର ସକାରାରକ ପ୍ରଭାବ ପ୍ରତିଫଳିତ ହୋଇଥିବା ଆଶା କରାଯାଉଛି। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ନାଗରିକଙ୍କୁ ସପ୍ତାହକୁ ଅତି କମରେ ଥରେ ଜମା ପାଣି ଫିଙ୍ଗିଦେବା, ପାଣି ପାତ୍ର ଢାଙ୍କି ରଖିବା, ପରିବେଶ ସଫା ରଖିବା ଏବଂ ଜ୍ୱର ହେଲେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ପରୀକ୍ଷା କରାଇବାକୁ ପରାମର୍ଶ ଦିଆଯାଇଥିଲା। ଜନସହଭାଗିତା ମାଧ୍ୟମରେ ଡେଙ୍ଗୁ ମୁକ୍ତ ଜଗତସିଂହପୁର ଗଠନ ପାଇଁ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା।

## ସର୍ବଭାରତୀୟ ପ୍ରବେଶିକା ପରୀକ୍ଷାରେ ସଫଳ



ଏରସମା,୨୨।୭(ସମିସ): ହାଇଦ୍ରାବାଦ ଇଂଜିନିୟରିଂ ପାଠପଢିଥିବା ମେଧାବୀ ଛାତ୍ର ଶ୍ରେୟାସ ରାଉତରାୟ ସର୍ବଭାରତୀୟ ପ୍ରବେଶିକା ପରୀକ୍ଷାରେ କୃତିତ୍ୱ ହାସଲ କରିଛନ୍ତି। ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ପଞ୍ଚାୟତ ଡ. ଝରାଶ୍ରୀ ପରିଡ଼ା ଓ ଦିଲ୍ଲୀପ କୁମାର ରାଉତଙ୍କ ଏକମାତ୍ର ପୁତ୍ର ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ରାଜୀବ ରାଉତଙ୍କ ଅଣନାତି ଓ ବର୍ତ୍ତମାନ ବାଲିକୁଦା-ଏରସମା ଯୁବସଭାପତି ପ୍ରାର୍ଥସାରଥୀ ରାଉତଙ୍କ ପୁତୁରା ଶ୍ରେୟାସ ଏହି ସଫଳତାରେ ଜଗତସିଂହପୁର ଅଞ୍ଚଳର ଶିକ୍ଷାବିତ ଓ ବୃଦ୍ଧିଜୀବି ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା



ନାଉଗାଁ,୨୨।୭(ସମିସ): ନାଉଗାଁ ବ୍ଲକ ଅନ୍ତର୍ଗତ ଜାମୁଗାଁ ପଞ୍ଚାୟତର ଛତିଆନା ଗ୍ରାମର ଦିଲିପ୍ ମହାନ୍ତିଙ୍କ ପୁଅ ଆଦିତ୍ୟ ମହାନ୍ତି ଜାତୀୟସ୍ତରର ମେଡିକାଲ ପ୍ରବେଶିକା ପରୀକ୍ଷା (ନୀଟ) ରେ ସର୍ବଭାରତୀୟ ସ୍ତରରେ ୧୯୬୪ ରାଙ୍କ ହାସଲ କରି ଅଞ୍ଚଳ ପାଇଁ ଗୌରବ ଆଣିଦେଇଛନ୍ତି। ଏହି ଅପୂର୍ବ ସଫଳତା ପାଇଁ ନାଉଗାଁ ବ୍ଲକ୍ ପ୍ରାଥମିକ ଶିକ୍ଷକ ସଙ୍ଘ ତରଫରୁ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସଙ୍ଘର ପ୍ରତିନିଧି ଅକ୍ଷୟ କୁମାର ରାଉତ, ସୁଧୀର କୁମାର ବିଶ୍ୱାଳ, ବସନ୍ତ କୁମାର ଦାସ ଓ ବୁଲାକି ସେଠି ଆଦିତ୍ୟଙ୍କ ନିକଟରେ ପହଞ୍ଚି ତାଙ୍କୁ ପୁଷ୍ପଗୁଚ୍ଛ ଓ ଶୁଭେଚ୍ଛା ପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଆଦିତ୍ୟ ରାହାମା ସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଗ୍ରହଣ କରିଥିଲେ।

# ଥାନାରେ ଗ୍ରାମବାସୀଙ୍କ ବିରୋଧରେ ଅଭିଯୋଗ



ରଘୁନାଥପୁର,୨୨।୭(ସମିସ): ରଘୁନାଥପୁର ଥାନା ଚିକଣିଆ ପଞ୍ଚାୟତ ୭ନଂ ୱାର୍ଡ କାଳିମୁହାଣୀ ଠାରୁ ବନବିହାରୀ ରେଳଷ୍ଟେସନ ପର୍ଯ୍ୟନ୍ତ ଗ୍ରାମ୍ୟ ରାସ୍ତାରେ ଯାତାୟାତ ସମୟରେ ଗ୍ରାମବାସୀଙ୍କୁ ବିରୋଧର ସମ୍ମୁଖୀନ ହେବାକୁ ପଡୁଛି। ଏ ସମ୍ପର୍କରେ ମଙ୍ଗଳବାର ରଘୁନାଥପୁର ଥାନାରେ ଜନୈକ ବ୍ୟକ୍ତି ଗ୍ରାମବାସୀଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି। ଲଘୁଚାପ ଜନିତ ଲଗାଣ ବର୍ଷାରେ ରାସ୍ତାର ଅବସ୍ଥା ଖରାପ ହୋଇଯିବାରୁ ଗ୍ରାମବାସୀ ନିଜ ଉଦ୍ୟମରେ ହାତରୁ ଟଙ୍କା ଖର୍ଚ୍ଚ କରି ଡଷ୍ଟ ପକାଇ ସମତୁଲ କରିଥିଲେ। ସେହି ଗ୍ରାମର ଜନୈକ ବ୍ୟକ୍ତି ଯିଏକି ପୂର୍ବରୁ ଏହି ରାସ୍ତାର ଠିକାଦାରୀ କରିଥିଲେ ସେ ଏହାକୁ ବିରୋଧ କରିବା ସହ ମୋ ଜାଗାରେ କାହିଁ ଡଷ୍ଟ ପକାଉଛ କହି ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ। ଏହାଛଡା ଗ୍ରାମର ଅନୁସୂଚିତ ଜାତିର ବ୍ୟକ୍ତିଙ୍କୁ ଜାତି ନାଁ ଧରି ଅଭଦ୍ର ଭାଷାରେ ଗାଳି ଗୁଲଜ କରିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ରାୟ ବାବୁଙ୍କ ବିରୁଦ୍ଧରେ ଗ୍ରାମର ଗୀତାଞ୍ଜଳି ନାୟକ, ରୋଜାଲିନ ଭୋଇ, ମମତା ରାୟ, ମନୋରମା ଭୋଇ, ମଞ୍ଜୁଲତା ରାୟ, ମଞ୍ଜୁଲତା ସାହୁ, ନୟନା ସ୍ୱାଇଁ, ରୀନା ଭୋଇ, ରବୀନ୍ଦ୍ର ନାୟକ, ସନାତନ ମୁଦୁଲିଙ୍କ ସହ ଶତାଧିକ ବ୍ୟକ୍ତି ଥାନାରେ ପହଞ୍ଚି ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ତଦନ୍ତ କରାଯିବ ବୋଲି ଏଏସଆଇ ରଞ୍ଜିତ କୁମାର ରାଉତ ପ୍ରକାଶ କରିଛନ୍ତି।

## ନାଉଗାଁରେ ଭାରତ ପ୍ରତିବାଦ ଦିବସ

ନାଉଗାଁ,୨୨।୭(ସମିସ): ଭାରତ ଆମେରିକା ବାଣିଜ୍ୟ ଚୁକ୍ତି ବାତିଲ ଦାବିରେ ସଂଯୁକ୍ତ କିଶାନ ମୋର୍ଚ୍ଚା ପକ୍ଷରୁ ସର୍ବ ଭାରତୀୟ ପ୍ରତିବାଦ ଦିବସ ପାଳନ ଅବସରରେ ଏଆଇକେକେଏମ୍‌ଏସ୍ ଅଲ୍ ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଂଗଠନ ପକ୍ଷରୁ ନାଉଗାଁ ତହସିଲଦାରଙ୍କ ଜରିଆରେ ଜଗତସିଂହପୁର ଜିଲ୍ଲାପାଳଙ୍କୁ ୮ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଭାରତ ଆମେରିକା ବାଣିଜ୍ୟ ଚୁକ୍ତି ବାତିଲ, ପ୍ରତି ବ୍ଲକରେ ଗୋଶାଳା ନିର୍ମାଣ କରି ଆବଶ୍ୟକୀୟ ଖାଦ୍ୟ ପାନୀୟ ବ୍ୟବସ୍ଥା ସହ ଷଣ୍ଢମାନଙ୍କୁ ରଖାଯାଉ, ଲଗାଣ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀ ଏବଂ ଭାଗଚାଷୀଙ୍କୁ ମାଗଣାରେ ବିହନ ଯୋଗାଣ, ତିରୁଣା ଦେଓପଡା ରାସ୍ତାକୁ ଗମନାଗମନ ଯୋଗ୍ୟ କରିବା, ପ୍ରତି ବ୍ଲକରେ ସରକାରୀ ଶୀତଳ ଭଣ୍ଡାର ନିର୍ମାଣ, ୬୦ ବର୍ଷରୁ ଉର୍ଦ୍ଧ୍ୱର ଚାଷୀଙ୍କୁ ମାସିକ ୧୦ ହଜାର ଟଙ୍କା ଭତ୍ତା ପ୍ରଦାନ, ଜି ରାମ ଯୋଜନା ବାତିଲ କରି ମନରେଗା ଯୋଜନାରେ ମୂଲିଆ ମାନଙ୍କୁ ଦୈନିକ ୬୦୦ ଟଙ୍କା ମଜୁରୀ ପ୍ରଦାନ, ରିହାତି ଦରରେ ବିହନ, ସାର, କୀଟନାଶକ ଓ କୃଷି ଯନ୍ତ୍ରପାତି ଯୋଗାଇବା ଆଦି ଦାବି ଅନ୍ତର୍ଭୁକ୍ତ। ସୁବାସ ସ୍ୱାଇଁ, ବଂଶୀଧର ବେହେରା ମହେଶ୍ୱର ଦାସ ବସନ୍ତ ମଲ୍ଲିକ ପ୍ରମୁଖ ପ୍ରତିନିଧି ଭାବେ ସରକାରଙ୍କ ସହିତ ଆଲୋଚନା କରିଥିଲେ।

## ଆର୍ଯ୍ୟ ସମାଜର ନୂତନ କର୍ମକର୍ତ୍ତା ମନୋନୟନ

ଜଗତସିଂହପୁର,୨୨।୭(ସମିସ): ଜଗତସିଂହପୁର ଜିଲ୍ଲାର ଅଗ୍ରଣୀ ସଂଗଠନ ଆର୍ଯ୍ୟ ସମାଜ ପକ୍ଷରୁ ହାଟବଜାର ସ୍ଥିତ କାର୍ଯ୍ୟାଳୟରେ ବୈଦିକ ଦେବ ଯଜ୍ଞ ସମ୍ପାଦନ ସହିତ ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଅନ୍ତରଙ୍ଗ ସଭାର ସଦସ୍ୟ ମାନଙ୍କ ଉପସ୍ଥିତିରେ ଇଂ. କିଶୋର ଚନ୍ଦ୍ର ସାହୁ ନିର୍ବାଚନ ଅଧିକାରୀ ଭାବରେ ଯୋଗଦେଇ ମନୋନୀତ କର୍ମକର୍ତ୍ତଙ୍କ ନାମ ଘୋଷଣା କରିଥିଲେ। ସଂଗଠନର ପ୍ରଧାନ ଭାବରେ ରଞ୍ଜନ କୁମାର ବିଦ୍ୟାର୍ଥୀ, ଉପପ୍ରଧାନ ଭାବରେ ନାରାୟଣ ମହାରଣା, ମନ୍ତ୍ରୀ ବା ସମ୍ପାଦକ ଭାବରେ ଚନ୍ଦ୍ରଜିତ ପରିଜା, ସହ ସମ୍ପାଦକ ଭାବରେ ସୁଚିତ୍ରା ବାଳା ମହାରଣା, କୋଷାଧ୍ୟକ୍ଷ ଭାବରେ ସନାତନ ବେହେରା ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିଲେ। ପୂର୍ବତନ କର୍ମକର୍ତ୍ତା ରଶ୍ମୀ ରଞ୍ଜନ ମିଶ୍ର, ସୋମନାଥ ମହାରଣା, ବିଜୟ ରଥ, ଦୁଃଶାସନ ଦାସ, ସଦସ୍ୟ ପ୍ରବୀର ମିଶ୍ର ଆଦି ନୂତନ କର୍ମକର୍ତ୍ତାଙ୍କୁ ସ୍ୱାଗତ କରିଥିଲେ। ଆର୍ଯ୍ୟ ସମାଜର ଉନ୍ନତି ଓ ସନାତନ ବୈଦିକ ସଂସ୍କୃତିର ପ୍ରଚାର ଓ ପ୍ରସାର ପାଇଁ ଉଦ୍ୟମ ଜାରି ରହିବ ବୋଲି ନୂତନ କର୍ମକର୍ତ୍ତା ମାନେ ପ୍ରକାଶ କରିଥିଲେ। ଆସନ୍ତା ଜୁଲାଇ ୨୫ ତାରିଖ ଶନିବାର ସାରଦା ମଣ୍ଡପ, ଜଗତସିଂହପୁର ଠାରେ ଆର୍ଯ୍ୟ ସମାଜର ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ ଓ ସେଥିରେ ବୈଦିକ ଦେବ ଯଜ୍ଞ ସହ ସୁନାମାଧନ୍ୟ ବୈଦିକ ପ୍ରବଚକ ଆଚାର୍ଯ୍ୟା ଡ. ଅନ୍ନପୂର୍ଣ୍ଣା ନନ୍ଦଜୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି କର୍ମକର୍ତ୍ତା ମାନେ ସୂଚନା ଦେଇଛନ୍ତି।

## ପିସିସି ସଭାପତିଙ୍କୁ ଗିରଫ ପ୍ରତିବାଦରେ ବିକ୍ଷୋଭ

ଜଗତସିଂହପୁର,୨୨।୭(ସମିସ): ଦିଲ୍ଲୀରେ ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ଉପରେ ପୁଲିସ ଦମନ, ପ୍ରଧାନମନ୍ତ୍ରୀଙ୍କ ବାସଭବନ ଘେରଉ କରୁଥିବା ବେଳେ ବିରୋଧି ଦଳ ନେତା ରାହୁଲ ଗାନ୍ଧୀ ଓ ସାଂସଦ ପ୍ରିୟଙ୍କ ଗାନ୍ଧୀଙ୍କୁ ପୁଲିସ ଗରିଫ କରିବା, ଭୁବନେଶ୍ୱରରେ ଓପିସିସି ସଭାପତି ଭକ୍ତଚରଣ ଦାସଙ୍କୁ ଗିରଫ କରିବା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହା, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଓଡିଶାର ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବିରେ ଜଗତସିଂହପୁର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ



ଏକ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କଂଗ୍ରେସ କମିଟି ସଭାପତି ଦେବ ପ୍ରସାଦ ନାୟକଙ୍କ ନେତୃତ୍ୱରେ ଶତାଧିକ ଯୁବ ଛାତ୍ର, ମହିଳା ଓ ବରିଷ୍ଠ କଂଗ୍ରେସ କର୍ମୀ ଟାଉନ ହଲ ଛକ ଠାରୁ ଏକ ଶୋଭାଯାତ୍ରାରେ ବାହାରି ବିଜେପି ଜିଲ୍ଲା କାର୍ଯ୍ୟାଳୟ ଠାରେ ପହଞ୍ଚି ଘେରଉ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହମ୍ମଦ ଅବଦୁଲ ୱାହିଦ, ରାଜକିଶୋର ସାହୁ, ଅଶ୍ୱିନୀ ସ୍ୱାଇଁ, ଜିଲ୍ଲା ଏସ୍‌ସି ସେଲ ସଭାପତି ଲକ୍ଷ୍ମୀଧର ମଲ୍ଲିକ, ଶୁଭନାରାୟଣ ନାୟକ, ଦିଲ୍ଲୀପ ମାହାର, ଜିତୁ ନାରାୟଣ ସାହୁ, ସୂର୍ଯ୍ୟକାନ୍ତ ସାହୁ, ସରୋଜ କୁମାର ପ୍ରଧାନ, ସୌଭାଗ୍ୟ ରଞ୍ଜନ ବିଶ୍ୱାଳ, ଜଗତସିଂହପୁର ନଗର କଂଗ୍ରେସ ସଭାପତି ପ୍ରଶାନ୍ତ ମହାପାତ୍ର, ପାରାଦୀପ ନଗର କଂଗ୍ରେସ ସଭାପତି କେଦାର ନାଥ ବିଶ୍ୱାଳ, ବାଲିକୁଦା ବ୍ଲକ କଂଗ୍ରେସ ସଭାପତି ମହନି ଚରଣ ରାଉତ, ରଘୁନାଥପୁର ବ୍ଲକ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡା, କୁଜଙ୍ଗ ବ୍ଲକ କଂଗ୍ରେସ ସଭାପତି ଶ୍ରୀକାନ୍ତ ଦାସ, ତିର୍ତ୍ତୋଲ ବ୍ଲକ କଂଗ୍ରେସ ସଭାପତି ସଫି ଆଜମ୍, ଜଗତସିଂହପୁର ବ୍ଲକ କଂଗ୍ରେସ ସଭାପତି ଜ୍ଞାନରଞ୍ଜନ ପୃଷ୍ଟି, ଯୁବ ନେତା ବିରେନ କୁମାର ଦଳାଇ, ବିଭୁତି ଭୂଷଣ ସ୍ୱାଇଁ, ଡ. ଜଗଦାନନ୍ଦ, ନାରାୟଣ ନାୟକ, ଯୁଧିଷ୍ଠିର ପରିଡା, ସୌମ୍ୟକାନ୍ତ ସିଂହ, ସୁରଜ କାନ୍ତ ଦାସ, ଅଜୟ ମଲ୍ଲିକ, ଦେବ ପ୍ରସାଦ ମହାପାତ୍ର, ରାଜେନ୍ଦ୍ର ସ୍ୱାଇଁ, ରାଜକିଶୋର ସାହୁ, ପ୍ରଦୀପ୍ତ ଶତପଥୀ, ପିତାମ୍ବର ସେଠୀ, ହିଫଜୁର ରେହମନ, ଏସକେ ୟୁସିଫ୍, ସେକ୍ ହିଦାୟତ ଅଲ୍ଲୀ, ଅତୁଲ୍ୟ ବିଶ୍ୱାଳ, କୃଷ୍ଣଚନ୍ଦ୍ର ମହାରଣା, ଶିବପ୍ରସାଦ ଜେନା, ସୋରୂପ ମହାନ୍ତି, ଧର୍ମାନନ୍ଦ ବିଶ୍ୱାଳ, ଈଶ୍ୱର ସ୍ୱାଇଁ, ଶୁଭାଶିଷ ସ୍ୱାଇଁ, ସାଇ ପ୍ରଭଞ୍ଜନ ମହାପାତ୍ରଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଯୋଗଦେଇଥିଲେ।

## ଦୁଇ ଚୋରା ମଦ ବେପାରୀ ଗିରଫ

ପାରାଦୀପ,୨୨।୭(ସମିସ): ପାରାଦୀପ ଅବକାରୀ ଥାନା ପକ୍ଷରୁ ଚଢ଼ଉ କରାଯାଇ ଆଜି ସକାଳେ ଦୁଇ ପୃଥକ ସ୍ଥାନରୁ ଦୁଇ ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରାଯାଇଛି। ଲକଥାନା ଅଧିନ ପାରାଦୀପ ଗଡ ବଜାର ନିକଟରେ ଚଢ଼ଉ କରାଯାଇ ପାରାଦୀପ ଗଡ ଗ୍ରାମର ରତ୍ନାକର ସାହୁ ଚୋରା ମଦ ବିକ୍ରି କରୁଥିବା ଅଭିଯୋଗରେ ଗିରଫ କରାଯାଇଛି। ତା'ନିକଟରୁ ୪ ଲିଟର ଦେଶୀ ମଦ ଜବତ କରାଯାଇଛି। ସେହିପରି କୁଜଙ୍ଗ ଥାନା ଅଧିନ ଜୟସଙ୍ଖାପୁର ଗ୍ରାମରୁ ସେହି ଗ୍ରାମର ଅଭିରାମ ବେହେରା କୁ ଚୋରା ମଦ ବିକ୍ରି କରୁଥିବା ଅଭିଯୋଗରେ ଗିରଫ କରାଯାଇଛି। ତା'ନିକଟରୁ ୬.୫ ଲିଟର ବିଅର ଜବତ କରାଯାଇଛି। ତେବେ ଜଗତସିଂହପୁର ଜିଲ୍ଲାପାଳ ନିର୍ଦ୍ଦେଶ କ୍ରମ ଅବକାରୀ ଅଧିକ୍ଷିକାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାରାଦୀପ ଅବକାରୀ ରେଞ୍ଜର ସମସ୍ତ ଅଫିସର ଏବଂ କର୍ମଚାରୀମାନେ ଏହି ଚଢ଼ଉରେ ସହଯୋଗ କରିଥିଲେ। ଏନେଇ ଅବକାରୀ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ଦୁଇ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି।

## ପୋର୍ଟ ୱାର୍କର୍ସ ୟୁନିଅନ ସହ ବନ୍ଦର କର୍ତ୍ତୃପକ୍ଷଙ୍କ ଆଲୋଚନା

ପାରାଦୀପ,୨୨।୭(ସମିସ): ପାରାଦୀପ ପୋର୍ଟରେ କାର୍ଯ୍ୟରତ କର୍ମଚାରୀ ଓ ଡିଏଲଆର ମାନଙ୍କ ବିଭିନ୍ନ ଦାବିକୁ ନେଇ ପାରାଦୀପ ପୋର୍ଟ ୱାର୍କର୍ସ ୟୁନିଅନ ଏଚ୍‌ଏମଏସର କର୍ମକର୍ତ୍ତାଙ୍କ ସହ ବନ୍ଦର ସଚିବ ଓ ଅନ୍ୟ ପଦାଧିକାରୀମାନଙ୍କ ସହିତ ଏକ ବୈଠକ ବସିଥିଲା। ଆଜି ଅପରାହ୍ନ ସମୟରେ ନୂତନ ବୋର୍ଡ ରୁମରେ ଆୟୋଜିତ ଏହି ବୈଠକରେ କର୍ମଚାରୀ ଓ ଡିଏଲଆର ମାନ ର ସମସ୍ତ ଦାବି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଉକ୍ତ ଆଲୋଚନାରେ ୟୁନିଅନ ସାଧାରଣ ସମ୍ପାଦକ ନୃସିଂହ ପ୍ରସାଦ ଶତପଥୀ, କାର୍ଯ୍ୟକାରୀ ସଭାପତି ଅନନ୍ତ କୁମାର ଦାସ, ସାଧାରଣ ସମ୍ପାଦକ ବିପ୍ଳବ କୁମାର ଜେନା, କୋଷାଧ୍ୟକ୍ଷ ବ୍ରିଜେଶ କୁମାର ଲେଙ୍କା, ଗୁଣନିଧି ଚୌଧୁରୀ ପ୍ରମୁଖ ଉପସ୍ଥିତ ରହି କର୍ମଚାରୀ ଓ ଶ୍ରମିକମାନଙ୍କ ପୂର୍ବରୁ ଦିଆ ଯାଇଥିବା ଦାବି ଗୁଡିକ ଉପରେ ଆଲୋଚନା କରିଥିଲେ। ଏହା ଛଡା ଆଶାୟୀ ଅନୁକମ୍ପା ମୂଳକ ଚାକିରିରେ ସ୍ଥାୟୀ ନିଯୁକ୍ତି ଏବଂ ୟୁନିଅନର ବହୁ ଦିନର ଦାବି ପାଇପ ଲାଇନ ଯୋଗେ ପାରାଦ୍ୱୀପ ବନ୍ଦର କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ କରିବା ସମ୍ପର୍କରେ ଆଲୋଚନା କରାଗଲା। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତି ମଧ୍ୟ ନିଆଯାଇଥିଲା

## ଭୁତମୁଣ୍ଡାଇରେ ଯୁବତୀଙ୍କ ଆତ୍ମହତ୍ୟା

ପାରାଦୀପ, ୨୨।୭ (ସମିସ): ପାରାଦୀପ ଲକ୍‌ଥାନା ଅଧୀନ ଭୁତମୁଣ୍ଡାଇ ଗ୍ରାମରେ ଆଜି ଜଣେ ଯୁବତୀ ବେକରେ ଶାଢ଼ି ବାନ୍ଧି ଆତ୍ମହତ୍ୟା କରିଛନ୍ତି। ଯୁବତୀଙ୍କ ନାମ ପ୍ରୀତିଶ୍ୱେତା ସେନାପତି (୨୧)। ସୂଚନା ଅନୁଯାୟୀ ଗତକାଲି ରାତିରେ ଭୁତମୁଣ୍ଡାଇ ଗ୍ରାମର ସୁଧୀର ସେନାପତିଙ୍କ ବଡ ଝିଅ ଶ୍ୱେତା ସବୁଦିନ ଭଳି ଖାଇ ସାରି ଶୋଇବାକୁ ଯାଇଥିଲେ। ତାଙ୍କର ଉଠୁବାରେ ବିଳମ୍ବ ହେବାରୁ ଆଜି ସକାଳୁ ପରିବାର ଲୋକେ କବାଟ ବାଡେଇ ଥିଲେ। ତେବେ କୌଣସି ଉତ୍ତର ନ ମିଳିବାରୁ କବାଟ ଭାଙ୍ଗି ଦେଖିଥିଲେ ଯେ ସେ ବେକରେ ଲୁଗା ବାନ୍ଧି ଆତ୍ମହତ୍ୟା କରିଛନ୍ତି। ସଙ୍ଗେ ସଙ୍ଗେ ଲକ ଥାନା ପୁଲିସକୁ ଜଣାଇଥିଲେ। ପୁଲିସ ପହଞ୍ଚି ଶବକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇ ଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଗତ ସୋମବାର ତାଙ୍କର ଘର ପ୍ରତିଷ୍ଠା ଥିବା ବେଳେ ଗୋଟିଏ ଦିନ ପରେ ଯୁବତୀ ଜଣଙ୍କ ଆତ୍ମହତ୍ୟା କରିବା ଗ୍ରାମବାସୀଙ୍କୁ ଆଶ୍ଚର୍ଯ୍ୟ କରିଦେଇଛନ୍ତି। ତେବେ ଏଭଳି ଖବର ପ୍ରଚାରିତ ହେବା ପରେ ଗ୍ରାମରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଯୁବତୀ ଜଣଙ୍କ ବାପମାଙ୍କ ବଡ ଝିଅ ହୋଇଥିବା ବେଳେ ସେ କେନ୍ଦ୍ରାପଡାର ଏକ ଘରୋଇ ଶିକ୍ଷାନୁଷ୍ଠାନରେ ଡିପ୍ଲୋମା ପାସ କରିଥିଲେ।

## ମୂଷାଡିଆ ସ୍କୁଲକୁ ସୁବିଧା ଉପକରଣ ଦାନ



ପାରାଦୀପ,୨୨।୭(ସମିସ): ପାରାଦୀପ ଉପକଣ୍ଠ ମୂଷାଡିଆ ୟୁପି ସ୍କୁଲର ପ୍ରକଳ୍ପ ପାଠାଗାର ଏବଂ ଭିତ୍ତିଭୂମିକୁ ସମର୍ଥନ ଓ ସହଯୋଗ କରିବା ପାଇଁ ଇଫକୋ ଜ୍ୟୋତି ଲେଡିଜ୍ କ୍ଲବ ପକ୍ଷରୁ ସହାୟତା ଯୋଗାଇ ଦିଆଯାଇଛି। ଏନେଇ ଆଜି ଇଫକୋ ପରିସରରେ ଏକ କାର୍ଯ୍ୟକ୍ରମ ଆୟୋଜିତ କାର୍ଯ୍ୟକ୍ରମକୁ ଇଫକୋର ପ୍ରଥମ ମହିଳା ମମତା ପଟେଲ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜ୍ୟୋତି ଲେଡିଜ୍ କ୍ଲବର ସଭାନେତ୍ରୀ ସୁଚିତ୍ରା ମୂର୍ତ୍ତି, ସମ୍ପାଦିକା ପ୍ରିୟଙ୍କା ଯାଦବ, ରଞ୍ଜନା ଓଝା, ପ୍ରଣତି ନାୟକ ଏବଂ ଜ୍ୟୋତି ଲେଡିଜ୍ କ୍ଲବ ଇଫକୋର ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗ ଦେଇଥିଲେ। ଜ୍ୟୋତି ଲେଡିଜ୍ କ୍ଲବ ସ୍କୁଲ ପାଇଁ ଫର୍ଣ୍ଣିଚର ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ସାମଗ୍ରୀ ପ୍ରଦାନ କରିଥିଲେ। ଏହି ଅନୁଦାନ ଲାଇବ୍ରେରୀ ଏବଂ ଶ୍ରେଣୀଗୃହ ସୁବିଧାକୁ ଉନ୍ନତ କରିବ ଏବଂ ମୂଷାଡିଆ ପ୍ରୋଜେକ୍ଟ ୟୁପି ସ୍କୁଲର ଛାତ୍ରଛାତ୍ରୀଙ୍କ ପାଇଁ ଅଧିକ ଅନୁକୂଳ ଶିକ୍ଷଣ ପରିବେଶ ସୃଷ୍ଟି କରିବାରେ ସାହାଯ୍ୟ କରିବ। ଏହି କାର୍ଯ୍ୟକ୍ରମକୁ ଇଫକୋର ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା ପରିଚାଳନା କରିଥିଲେ।

ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ସଚିବଙ୍କ ଜିଲ୍ଲା ଗସ୍ତ

# ବ୍ଲୁଫ୍ଲାଗ୍ ବିଚ୍ ସହ ବିଭିନ୍ନ ପ୍ରକଳ୍ପ ସମୀକ୍ଷା

ଜଗତସିଂହପୁର/ପାରାଦୀପ/ତିର୍ତ୍ତୋଲ, ୨୨।୭(ସମିସ)



ରାଜ୍ୟ ପଞ୍ଚାୟତରାଜ ଓ ପାନୀୟଜଳ ବିଭାଗ କମିଶନର ତଥା ଶାସନ ସଚିବ ଗିରିଶ ଏସ୍. ଏନ୍ ତିନିଦିନିଆ ଜଗତସିଂହପୁର ଜିଲ୍ଲା ଗସ୍ତରେ ଆସି ପ୍ରଥମ ଦିନରେ ଗତକାଲି ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ତିର୍ତ୍ତୋଲ ଶଙ୍ଖେଶ୍ୱର ରାସ୍ତାରେ ଥିବା ମହାନଦୀ ପୋଲ, ରଘୁନାଥପୁର, ତିର୍ତ୍ତୋଲ, କୁଜଙ୍ଗ ଓ ଏରସମା ବ୍ଲକ ନିମନ୍ତେ ମଞ୍ଜୁର ହୋଇଥିବା ମେଗା ପାଇପ୍ ୱାଟର ପ୍ରୋଜେକ୍ଟ ବୁଲି ଦେଖିବା ସହ ଏହାର କାର୍ଯ୍ୟକାରିତା ସମ୍ପର୍କରେ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ପରେ ମା' ଶାରଳାଙ୍କ ଦର୍ଶନ କରି ମନ୍ଦିର ଉନ୍ନତୀକରଣ କାର୍ଯ୍ୟ ସଂପର୍କରେ ଆଲୋଚନା କରିଥିଲେ। ସାରଳା ଦାସଙ୍କ ସମାଧି ପୀଠ, ବିରିଡ଼ି ବ୍ଲକ ଅନ୍ତର୍ଗତ ଯଶୋବନ୍ତ ଗାଦି ପରିଦର୍ଶନ କରି ପଞ୍ଚସଖା କରିଡ଼ର ଉନ୍ନତି କାର୍ଯ୍ୟର ସମୀକ୍ଷା କରିଥିଲେ। ଅପରାହ୍ନରେ ରଘୁନାଥପୁର ବ୍ଲକ ଅନ୍ତର୍ଗତ ଜୟପୁର ଠାରେ ବୟନ ଗ୍ରାମ ଓ ଅମୃତା ଡାଏରୀ ଫାର୍ମ ପରିଦର୍ଶନ କରିଥିଲେ। ସେଠାରେ ସ୍ୱୟଂ ସହାୟକ ଗୋଷ୍ଠୀ ମା'ମାନଙ୍କ ସହ ଆଲୋଚନା କରିଥିଲେ। ବୟନ ଗ୍ରାମର କାରିଗର ମାନଙ୍କ ସହ ପ୍ରତ୍ୟକ୍ଷ ଆଲୋଚନା କରି ସୁବିଧା ଅସୁବିଧା ସଂପର୍କରେ ସଚିବ ପଚାରି ବୁଝିଥିଲେ। ଭିବି-ଜି-ରାମଜୀ ଯୋଜନା ଅନ୍ତର୍ଗତ ଏହାର ମରାମତି ସହ ନୂତନ ଗୃହ ନିର୍ମାଣ ନିମନ୍ତେ ପରାମର୍ଶ ଦେଇଥିଲେ। ବୟନିକା ଉତ୍କଳିକା ସହ ଯୋଗାଯୋଗ କରି କାର୍ଯ୍ୟକାରିତା ବୃଦ୍ଧି ସହ ବିକ୍ରୟ ବଜାର ସୃଷ୍ଟି ପାଇଁ ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ସେହିପରି ଅମୃତା ଡାଏରୀ ଫାର୍ମରେ କାର୍ଯ୍ୟ କରୁଥିବା ମା'ମାନଙ୍କ ସହ ଆଲୋଚନା କରିବା ସହ ଫାର୍ମର କାପାସିଟି ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ। ଏହି ଗସ୍ତ ସମୟରେ ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ ପିଲ୍ଲେ, ତିର୍ତ୍ତୋଲ ବିଡିଓ ଗିରିଜା ଶଙ୍କର ମଲ୍ଲିକ, ରଘୁନାଥପୁର ବିଡିଓ ବିରଞ୍ଚି ନାରାୟଣ ବେହେରା, ଡିପିସି ମିଶନ ଶକ୍ତି ସୌମ୍ୟ ରଞ୍ଜନ ବିଶ୍ୱାଳ, ଡେପୁଟି ସିଇଓ ଓରମାସ ମଧୁସ୍ମିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବାହ୍ନରେ ଗାନ୍ଧୀଛକ ବୃନ୍ଦାବନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ ପରେ ପାରାଦୀପ ଗସ୍ତ କରି ବ୍ଲୁ ଫ୍ଲାଗ ବିଚ୍, ଆଇଓସିଏଲ, ଜେଏସଡବ୍ଲ୍ୟୁ ପ୍ଲାଣ୍ଟ ସହ ଟ୍ରକ୍ ଟର୍ମିନାଲ ଆଦି ପରିଦର୍ଶନ କରିଛନ୍ତି ସଚିବ ଗିରିସ ଏସ୍‌ଏନ। କମିଶନର ସନ୍ଧ୍ୟାରେ ପାରାଦୀପ ସମୁଦ୍ରକୂଳକୁ ଆସି ପାରିପାର୍ଶିକ ସ୍ଥିତିର ଅନୁଧ୍ୟାନ କରିବା ସହ ଜିଲ୍ଲା ପ୍ରଶାସନ ବରିଷ୍ଠ ଅଧିକାରୀଙ୍କ ମାନଙ୍କ ସହ ଆଲୋଚନା କରିଥିଲେ। ପୁରୀଠାରୁ କିଭଳି ଭାବେ ସରସ ସୁନ୍ଦର ବ୍ଲୁ ଫ୍ଲାଗ ବିଚ୍ ହୋଇପାରିବ ତା' ଉପରେ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ପାରାଦୀପ ସମୁଦ୍ରକୂଳକୁ ବ୍ଲୁ ଫ୍ଲାଗ ବିଚ୍ ହେଲେ ପର୍ଯ୍ୟଟକମାନଙ୍କର ସଂଖ୍ୟା ବଢ଼ିବା ସହ ଆଖପାଖ ଅଞ୍ଚଳର ଉନ୍ନତି ମଧ୍ୟ ହୋଇ ପାରିବ। ସଚିବ ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ତାରଜଙ୍ଗା ପଞ୍ଚାୟତ ବଫାପୁର ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରି କର୍ମୀ କବିତା ସେଠୀଙ୍କ ପରିଚାଳନାରେ ଶିଶୁମାନଙ୍କ ଗୀତ ପରିବେଷଣ ଓ ଅଭିନୟ ଦେଖିଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ ପିଲ୍ଲେ, ଜିଲା ସମାଜ ମଙ୍ଗଳ ଅଧିକାରିଣୀ ବିଷ୍ଣୁପ୍ରିୟା ସେଠୀ, ତିର୍ତ୍ତୋଲ ବିଡ଼ିଓ ଗିରିଜା ଶଙ୍କର ମଲ୍ଲିକ, ତିର୍ତ୍ତୋଲ ମହିଳା ଶିଶୁ ବିକାଶ ଅଧିକାରିଣୀ ଅଶ୍ରୁମଣି ସୋରେନ, କେନ୍ଦ୍ର ଅଙ୍ଗନବାଡି କର୍ମୀ କବିତା ସେଠୀ, ଅଞ୍ଚଳ ପରିଦର୍ଶିକା ଛବି ରାଣୀ ସେଠୀ ଓ ଲତିକା ପାଲ, ୱାର୍ଡ ସଭ୍ୟ ଭଗବାନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ୨୩ ତାରିଖ ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲା ସ୍ତରୀୟ ଅଧିକାରୀ ମାନଙ୍କ ସହ ଜିଲ୍ଲାର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିବାର କାର୍ଯ୍ୟକ୍ରମ ରହିଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ଲେସନ୍ ନୋଟ୍ ଲେଖିବା ଚିନ୍ତାରେ ଶିକ୍ଷକ

- ନୂଆ ବହିରେ ଜଟିଳତା ପାଇଁ ଲାଗୁଛି ସମୟ
- ସମୟ ଅନୁସାରେ ସରିନି ବିଷୟ
- ୮୫ ପ୍ରତିଶତ ବିଦ୍ୟାଳୟକୁ ଖବର କାଗଜ ଆସୁନି

ଭୁବନ, ୨୨।୭(ସମିସ): ରାଜ୍ୟରେ 'ଜାତୀୟ ଶିକ୍ଷାନୀତି-୨୦୨୦' ଲାଗୁ ହୋଇଛି। ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୫୫ଟି ନୂତନ ପାଠ୍ୟ ପୁସ୍ତକ ପ୍ରଚଳିତ ହୋଇଛି। ନୂତନ ପୁସ୍ତକରେ ବିଭିନ୍ନ ନୂଆକଥା ଥିବାବେଳେ ଏହା ପୁରୁଣା ପୁସ୍ତକ ପ୍ରସଙ୍ଗ ଗୁଡ଼ିକ ଠାରୁ ସମ୍ପୂର୍ଣ୍ଣ ଅଲଗା ରହିଛି। ଶିକ୍ଷାନୀତି ଅନୁଯାୟୀ ପଞ୍ଚାପଦୀ ଶିକ୍ଷଣ ଯଥା ଅଧିତି, ବୋଧ, ଅଭ୍ୟାସ, ପ୍ରୟୋଗ ଓ ପ୍ରସାର ଏହି ଧାରାକୁ ନେଇ ପାଠ୍ୟଟୀକା ପ୍ରସ୍ତୁତ କରିବାକୁ ଥିବା ବେଳେ ସବୁ ପର୍ଯ୍ୟାୟରେ ପଞ୍ଚକୋଷ ଉପରେ ଗୁରୁତ୍ୱ ଦିଆଯାଇଛି। ଯଥା ଅନ୍ନମୟ କୋଷ, ମନୋମୟ କୋଷ, ପ୍ରାଣମୟ କୋଷ, ଆନନ୍ଦମୟ କୋଷ ଓ ବିଜ୍ଞାନମୟ କୋଷ ହେଲେ ଏହି ଆଧାରରେ କିପରି ପାଠ୍ୟଟୀକା ପ୍ରସ୍ତୁତ କରାଯିବ ତାହାକୁ ନେଇ ଶିକ୍ଷକଶିକ୍ଷୟିତ୍ରୀ ଚିନ୍ତାରେ ପଡ଼ିଛନ୍ତି। ନୂଆ ବହିର ବିଭିନ୍ନ ପ୍ରସଙ୍ଗ ଜଟିଳ ଥିବାରୁ ଏହାକୁ ପଢ଼ାଇବା ପାଇଁ ଓ ଏହା ଉପରେ ଯୋଜନା ପ୍ରସ୍ତୁତ ପାଇଁ ସମୟ ଲାଗୁଥିବା ଜଣାପଡ଼ିଛି। ଜୁଲାଇ ଶେଷ ସପ୍ତାହରେ ପ୍ରଥମ ଗଠନମୂଳକ ଆକଳନ ହେବାକୁ ଯାଉଥିବା ବେଳେ ଏହି ଅନୁସାରେ ପାଠ ସରିନି ବୋଲି ଶିକ୍ଷକଶିକ୍ଷୟିତ୍ରୀ କହିଛନ୍ତି। ଅନ୍ୟ ପକ୍ଷରେ ପିଲାଙ୍କ ଜ୍ଞାନ ବୃଦ୍ଧି ପାଇଁ ପାଇଁ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟ ସହ ଉଚ୍ଚବିଦ୍ୟାଳୟ ଛାତ୍ରଛାତ୍ରୀ ଦେଶ ବିଦେଶର ଖବର ଜାଣିବାକୁ ଗୁରୁତ୍ୱ ଦିଆଯାଉଛି। ବିଦ୍ୟାଳୟ ପ୍ରାର୍ଥନା ସଭାରେ ଖବର ପାଠ କରିବା ପାଇଁ ସ୍ୱଷ୍ଟ ନିର୍ଦ୍ଦେଶ ରହିଛି। ହେଲେ ଏହାକୁ କେହି ମାନୁନାହାନ୍ତି। ପ୍ରତି ବିଦ୍ୟାଳୟରେ ଶିକ୍ଷକଶିକ୍ଷୟିତ୍ରୀ ଖବର କାଗଜ ପାଠ କରି ମୁଖ୍ୟ ସମ୍ବାଦକୁ ଖାତାରେ ଲେଖି ପ୍ରାର୍ଥନା ସଭାରେ ପିଲାଙ୍କ ସମ୍ମୁଖରେ ପାଠ କରିବା କଥା। ହେଲେ ଭୁବନ ବ୍ଲକରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଅଧିକାଂଶ ବିଦ୍ୟାଳୟକୁ କୌଣସି ଖବରକାଗଜ ଆସୁନାହିଁ। ଖବର କାଗଜ କିଣିବା ପାଇଁ ବାର୍ଷିକ ଅନୁଦାନରୁ ଖର୍ଚ୍ଚ କରିବା ପାଇଁ ବ୍ୟବସ୍ଥା ଥିଲେ ବି ଶିକ୍ଷକଶିକ୍ଷୟିତ୍ରୀଙ୍କ ଅନାଗ୍ରହ ଯୋଗୁଁ ଛାତ୍ରଛାତ୍ରୀ ଏଥିରୁ ବଞ୍ଚିତ ହେଉଛନ୍ତି। ବ୍ଲକରେ ୧୪୫ ବିଦ୍ୟାଳୟ ଥିଲେ ବି ପାଖାପାଖି ୮୫ ପ୍ରତିଶତ ବିଦ୍ୟାଳୟକୁ ଖବର କାଗଜ ଆସୁନଥିବା ଜଣାପଡ଼ିଛି। ଏହା ଏହି ଉପରେ ଶିକ୍ଷା ବିଭାଗ ଦୃଷ୍ଟି ଦେବା ଆବଶ୍ୟକ ହୋଇପଡ଼ିଛି। ସେଥି ମଧ୍ୟରୁ ୩୦ଉଚ୍ଚ ବିଦ୍ୟାଳୟ, ୧୭ଟି ସରକାରୀ ୧୧ଟି ବ୍ଲକ ଗ୍ରାଣ୍ଟ, ଗୋଟିଏ ମଙ୍ଗଳ ବିଭାଗ ଅନ୍ୟଟି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଟେ। ଏଥି ମଧ୍ୟରୁ ୪ଟି ବିଦ୍ୟାଳୟକୁ ପିଏମଶ୍ରୀରେ ଭର୍ତ୍ତି କରାଯାଇଛି। ଉପ୍ରା ବିଦ୍ୟାଳୟ ମଧ୍ୟରୁ ୫ଟି ବ୍ଲକ ଗ୍ରାଣ୍ଟ ସ୍କୁଲ ରହିଛି। ଦୟାଣାବିଲ ଶିକ୍ଷକ ଅବସର ପରେ ତାଲା। ଅନ୍ୟ ୪ଟି ମଧ୍ୟରୁ ଗୋରଡ଼ିଆ, କଣପାଳ, ଆଦିପୁରା, କୃଷ୍ଣପୁର ଅନ୍ୟତମ। ରାଜ୍ୟରେ 'ଜାତୀୟ ଶିକ୍ଷାନୀତି -୨୦୨୦' ଲାଗୁ ହୋଇଛି। ହେଲେ ତାହା କାର୍ଯ୍ୟକାରୀ କରିବା ବେଳକୁ ବଡ଼ କଷ୍ଟ ହେଉଥିବା ଜଣାପଡୁଛି।

## ଛାତ୍ରଛାତ୍ରୀଙ୍କ ଉପରେ ବର୍ବରୋଚିତ ଆକ୍ରମଣ ଘଟଣା

# ବୁଦ୍ଧିଜୀବୀ ସଂଗଠନ ପକ୍ଷରୁ ଦୃଢ଼ ନିନ୍ଦା

ଢେଙ୍କାନାଳ, ୨୨।୭(ସମିସ)



ନୂଆଦିଲ୍ଲୀର ପାର୍ଲାମେଣ୍ଟ ଷ୍ଟ୍ରିଟ୍‌ରେ ଆନ୍ଦୋଳନକାରୀ ଛାତ୍ରଛାତ୍ରୀ, ଯୁବକ ଯୁବତୀମାନଙ୍କ ଉପରେ ଦିଲ୍ଲୀ ପୁଲିସର ବର୍ବରୋଚିତ ଲାଠିମାଡ଼, ଲୁହବୁହା ଗ୍ୟାସ ପ୍ରୟୋଗକୁ ଜିଲ୍ଲା ବୁଦ୍ଧିଜୀବୀ ସଂଗଠନ ତରଫରୁ ଦୃଢ଼ ନିନ୍ଦା କରାଯାଇଛି। ସଂଯୁକ୍ତ କୃଷକ ସଭା ଜିଲ୍ଲା ସଭାପତି ସରୋଜ ଶତପଥୀଙ୍କ ଆହ୍ୱାନ କ୍ରମେ ଜିଲ୍ଲା ବୁଦ୍ଧିଜୀବୀ ସଂଗଠନ ସଭାପତି ପ୍ରଫେସର ଡା. ତୁଷାରକାନ୍ତି ନାୟକ, ରୁଦ୍ରପ୍ରକାଶ ଶରଣ, ସିପିଏମ୍ ନେତା ସର୍ବଜ୍ଞ ସାହୁ, ରୋହିତ ବାରିକ, ଅନ୍ତର୍ଯ୍ୟାମୀ ନାୟକ, ଜିଲ୍ଲା କଂଗ୍ରେସ ଉପସଭାପତି ବିନୟ କୁମାର ସାହୁ, ଜମିହରା ସଂଘ ନେତା ଅରୁଣ କୁମାର ସାହୁ ଏବଂ କଲେଜ ଛାତ୍ରମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏହି ପ୍ରସଙ୍ଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। 'ଭାରତ ଗଣତନ୍ତ୍ରର ଜନନୀ' କହି ବିଦେଶରେ ଭାଷଣ ଦେଉଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଛାତ୍ରମାନଙ୍କ ଉପରେ ଲାଠି ବର୍ଷଣ ହେଉଥିବା ସମୟରେ ଲୋକସଭା କକ୍ଷରେ ବସି ଗୋଟିଏ ପୁସ୍ତକର ପୃଷ୍ଠା ଖୋଲି ସେଥିରେ ମହାତ୍ମା ଗାନ୍ଧୀଙ୍କ ଚିତ୍ରକୁ ଅବଲୋକନ କରୁଥିବା ଫଟୋ ଗଣମାଧ୍ୟମରେ ପ୍ରଚାରିତ ହେଉଛି। ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଏବଂ ଅହିଂସା ମାର୍ଗ, ସହନଶୀଳତା, ଆଲୋଚନା ମାଧ୍ୟମରେ ସମସ୍ୟା ସମାଧାନ ଆଦି ଗୁଣାବଳୀ ଆଗରେ ଅହଂକାରୀ, ଏକଛତ୍ରବାଦୀ ମୋଦୀ ନିଜକୁ ନିଜେ ହାସ୍ୟାସ୍ପଦ କରିବା ସାର ହୋଇଛି ବୋଲି ବକ୍ତାମାନେ କହିଥିଲେ। ଛାତ୍ରମାନଙ୍କ ଦାବିକୁ ସହାନୁଭୂତି ସହ ବିଚାର କରିବା ଦୂର କଥା, ନିଜେ ପାର୍ଲାମେଣ୍ଟ ଗେଟ୍ ତାଲା ପକାଇବାକୁ ନିର୍ଦ୍ଦେଶ ଦେଇ ପଛ ରାସ୍ତାରେ ପଳାୟନ କରିବା ଘଟଣା ସତ୍ୟକୁ ସାମ୍ନା କରିବା ପରିବର୍ତ୍ତେ ମୋଦି ନିଜ ଭୀରୁତା ପ୍ରଦର୍ଶନ କରିଛନ୍ତି। ଏବେ ବି ସମୟ ଅଛି; ତୁରନ୍ତ ଛାତ୍ରମାନଙ୍କ ଦାବି ଅନୁଯାୟୀ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବରଖାସ୍ତ କରିବା, ପରିବେଶବିତ ସୋନମ୍ ୱାଙ୍ଗଚୁକ୍‌ଙ୍କୁ ଖଲାସ କରିବା, ଛାତ୍ରଛାତ୍ରୀମାନଙ୍କ ବିରୋଧରେ ଥିବା ମାମଲା ପ୍ରତ୍ୟାହାର, ଦେଶର ଶିକ୍ଷା ବ୍ୟବସ୍ଥାକୁ ବ୍ୟବସାୟକରଣ ନ କରି ସଂସ୍କାରମୂଳକ ପଦକ୍ଷେପ ନେବା, ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଆଦି ପୂରଣ କରିବାକୁ ସଦସ୍ୟମାନେ ସମର୍ଥନ ଜଣାଇଛନ୍ତି। ଗାନ୍ଧୀବାଦୀ ଶାନ୍ତିପୂର୍ଣ୍ଣ ବିକ୍ଷୋଭକୁ ବଳ ପ୍ରୟୋଗ କରି ଦମନ କରିବାକୁ ଚେଷ୍ଟା କଲେ ନିକଟରେ ପଡ଼ୋଶୀ ରାଷ୍ଟ୍ରଗୁଡ଼ିକରେ ଘଟିଥିବା ଜେନ୍-ଜି ଆନ୍ଦୋଳନ ଦେଶରେ ଆରମ୍ଭ ହେବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ସରକାରଙ୍କୁ ଚେତାବନୀ ଦେଇଛନ୍ତି।

# ସ୍କୁଲ ଝରକା ଭାଙ୍ଗି ଚାଉଳ ଖାଇଲା ହାତୀ



ଖଜୁରିଆକଟା, ୨୨।୭(ସମିସ): ହିନ୍ଦୋଳ ଉପଖଣ୍ଡ ଠୋକର ପଞ୍ଚାୟତ ଦୁଲ୍ଲଭପୁର ପ୍ରାଥମିକ ବିଦ୍ୟାଳୟର ପାଚେରି ଓ ଝରକା ଭାଙ୍ଗି ମଙ୍ଗଳବାର ରାତିରେ ଏକ ଦନ୍ତାହାତୀ ଗଚ୍ଛିତ ଥିବା ମଧ୍ୟାହ୍ନଭୋଜନ ଚାଉଳ ଖାଇବା ସହ ରୋଷେଇ ସାମଗ୍ରୀ ଫୋପାଡ଼ି ନଷ୍ଟ କରିଛି। ଏପରିକି ଏକ ଚାଉଳ ବସ୍ତା ବୋହି ନେଇଯାଇଛି। ଫଳରେ ବୁଧବାର ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନଭୋଜନ ଦେବା ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ହାତୀ ପଲ ଏବେ ଗାଁ ମୁହାଁ ହେଉଥିବାରୁ ଭୟର ବାତାବରଣ ସୃଷ୍ଟି ହେଲାଣି। ଲୋକଙ୍କ ସମସ୍ତ ଚେଷ୍ଟା ସତ୍ତ୍ୱେ ହାତୀ ଗାଁ ଭିତରକୁ ପ୍ରବେଶ କରୁଛନ୍ତି। ହିନ୍ଦୋଳ ବନାଞ୍ଚଳରେ ଦୁଇଶହରୁ ଅଧିକ ହାତୀ ଥିବା ବେଳେ ସେମାନେ ଅନେକ ଦଳରେ ଭାଗ ହୋଇ ଚଳପ୍ରଚଳ କରୁଥିବାରୁ ବନ ବିଭାଗକୁ ନାକେଦମ୍ ହେବାକୁ ପଡୁଛି। ଏପରି ସ୍ଥଳେ ଅଧିକ କର୍ମଚାରୀ ନିଯୁକ୍ତି ଦେଇ ଲୋକଙ୍କ ଧନଜୀବନ ରକ୍ଷା କରିବାକୁ ସାଧାରଣରେ ଦାବି ହେଉଛି।

## ● ପୌରାଧ୍ୟକ୍ଷାଙ୍କ ଗୁମର ଖୋଲିଲେ ଉପାଧ୍ୟକ୍ଷ

# ଆଉଟସୋର୍ସିଂ ନାମରେ ୪୦ରୁ ୫୦ ଜଣଙ୍କୁ ନିଯୁକ୍ତି

ଢେଙ୍କାନାଳ, ୨୨।୭(ସମିସ): ଢେଙ୍କାନାଳ ପୌରସଂସ୍ଥାରେ ପୁଣି ଉପାଧ୍ୟକ୍ଷଙ୍କ ମନ୍ତବ୍ୟକୁ ନେଇ ଚାରିଆଡ଼େ ଚର୍ଚ୍ଚା ଚାଲିଛି। ଆଉଟସୋର୍ସିଂ ନାମରେ ସରକାରଙ୍କ ଓଜିଏଫଆର ନିୟମକୁ ଉଲ୍ଲଙ୍ଘନ କରି ୪୦ରୁ ୫୦ଜଣଙ୍କୁ ନିଯୁକ୍ତି ପ୍ରଦାନ କରି ଅର୍ଥ ଆଦାୟ କରାଯାଇଥିବା ଉପାଧ୍ୟକ୍ଷ ଅଭିଯୋଗ କରିଛନ୍ତି। ଏହି କାରନାମା ପୌରାଧ୍ୟକ୍ଷାଙ୍କ ଜ୍ଞାତସାରରେ ହୋଇଛି ବୋଲି ଉପାଧ୍ୟକ୍ଷ ପ୍ରକାଶ କୁଅଁର ସିଧାସଳଖ ଅଭିଯୋଗ କରିଛନ୍ତି।

**ସରକାରଙ୍କ ଓଜିଏଫଆର ନିୟମକୁ ଖୋଲା ଉଲ୍ଲଙ୍ଘନ**

ଢେଙ୍କାନାଳ ପୌରପାଳିକା ନିର୍ବାଚନ ଦିନଠାରୁ ତୁତୁ ମେଁ ମେଁ ହ୍ରାସାପାଇବାର ନାଁ ଧରୁନି। ଲାଇଟ, ପୋଖରୀ ଦୁର୍ନିତୀ ଏବଂ ଟେଣ୍ଡର ଦୁର୍ନିତୀ ପରେ ପୌରପାଳିକାର ଉପାଧ୍ୟକ୍ଷ ପ୍ରକାଶ କୁଅଁରଙ୍କ ଅଭିଯୋଗ ଅନୁସାରେ ଆଉଟସୋର୍ସିଂ ନାମରେ ୪୦ରୁ ୫୦ ଜଣଙ୍କୁ ନିଯୁକ୍ତି ଦେଇ ଟଙ୍କା ଆଦାୟ କରାଯାଉଥିବା ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ଗତ ୨୦୨୨ ମସିହା ଜୁନ ମାସରୁ ଆଉଟସୋର୍ସିଂ ଚୟନ ପାଇଁ ଇଓଆଇ ଜାରି କରା ଯାଇଥିଲା। ଏହି ଇଓଆଇରେ ସରକାରଙ୍କ ନିୟମାବଳୀ ପାଳନ କରାଯାଇନାହିଁ। ସେହିପରି କେତେ କର୍ମଚାରୀନିଯୁକ୍ତି ଦିଆଯିବ, କେତେ ଦରମା ପ୍ରଦାନ କରାଯିବ, ଚୁକ୍ତିମୂଲ୍ୟ, ବିଡ ମୂଲ୍ର ସୂଚନା ନଥିଲା। ଗତ ୨୦୨୨ଠାରୁ ଜୁଲାଇ ୨୦୨୩ ପର୍ଯ୍ୟନ୍ତ ଦାଦୁଲ ହ୍ୟୁମାନ ରିସୋରସେସ ଏଣ୍ଡ ଡେଭଲପମେଣ୍ଟ ପ୍ରାଇଭେଟ ଲିମିଟେଡକୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ପରିବର୍ତ୍ତି ସମୟରେ ନୂତନ ଟେଣ୍ଡର କରିବା ବଦଳରେ ଦିର୍ଘ ଅଢେଇ ବର୍ଷ ପର୍ଯ୍ୟନ୍ତ ସରକାରଙ୍କ ଓଜିଏଫଆର ନିୟମର ଉଲଘଂନ କରି ଖୋଲା ପ୍ରତିଯୋଗିତା ମୂଳକ ଟେଣ୍ଡର ପ୍ରକ୍ରିୟା ବିନା ନିଯୁକ୍ତିହୋଇଛି। ବିଭିନ୍ନ ପ୍ରକାରର ଅନିୟମତା କରି ଏହି ନିଯୁକ୍ତି ଦିଆଯାଇଥିବାରୁ ସେ ଅଭିଯୋଗ କରିଛନ୍ତି। ଉପାଧ୍ୟକ୍ଷ ପ୍ରକାଶ କୁଅଁରଙ୍କ ଅଭିଯୋଗ ଅନୁସାରେ ସରକାରଙ୍କ ସମସ୍ତ ନିତୀ ନିୟମକୁ ଉଲଘଂନ କରି ୪୦ରୁ ୫୦ଜଣ କର୍ମଚାରୀଙ୍କୁ ନିଯୁକ୍ତି ଦେଇ ଟଙ୍କା ଆଦାୟ ହେଉଛି। ପୌରାଧ୍ୟକ୍ଷା ନିଜେ ଟେଣ୍ଡର କମିଟି ଅଧ୍ୟକ୍ଷ ଥିବା ବେଳେ ତାଙ୍କ ଦ୍ୱାରା ଦୁର୍ନିତୀ ହେଉଛି ବୋଲି କହିଥିଲେ। ଏହାର ତଦନ୍ତ ସହିତ ମହାଦୁର୍ନିତୀକୁ ପଦାକୁ ଆଣିବାକୁ ସେ ଦାବୀ କରିଛନ୍ତି। ବିଭାଗୀୟ ସଚିବଙ୍କ ନିକଟରେ ଅଭିଯୋଗ କରିଥିବା ବେଳେ ଜିଲ୍ଲାପାଳଙ୍କୁ ମଧ୍ୟ ଲିଖିତ ଅଭିଯୋଗ କରିଛନ୍ତି।

## ● ରିଲାଏନ୍ସ କାରଖାନାରୁ ଦୂଷିତ ଓ ରାସାୟନିକ ଆବର୍ଜନା ଜଳ ନିର୍ଗତ

# ଜିଲ୍ଲାପାଳଙ୍କୁ ସୁଧାଡିହକାଟେଣୀ ଗ୍ରାମବାସୀଙ୍କ ଅଭିଯୋଗ



ଢେଙ୍କାନାଳ, ୨୨।୭(ସମିସ): ରିଲାଏନ୍ସ କାରଖାନାରୁ ଦୂଷିତ ଓ ରାସାୟନିକ ଆବର୍ଜନା ଜଳ ନିର୍ଗତ ନେଇ ଓଡ଼ାପଡ଼ା ବ୍ଲକ ସଦାଶିବପୁର ପଞ୍ଚାୟତ ସୁଧାଡିହକାଟେଣୀ ଗ୍ରାମବାସୀ ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହି ଦୁଷିତ ଏବଂ ରାସାୟନିକ ଯୁକ୍ତ ଆବର୍ଜନା ପାଣି ଗ୍ରାମର ଚାଷଜମି ଉପରେ ସବୁ ସମୟରେ ପ୍ରବାହିତ ହେଉଛି। ଫଳରେ ଫସଲ ନଷ୍ଟ ହେବା ସହ କୃଷି କାର୍ଯ୍ୟ କରୁଥିବା ସମୟରେ ଚାଷୀଙ୍କ ଗୋଡ଼ରେ ବିଭିନ୍ନ ଚର୍ମ ରୋଗ ସୃଷ୍ଟି ହେଉଛି। ବର୍ଷା ସମୟରେ ଏହି ପାଣି ଗାଁ ଦାଣ୍ଡରେ ପ୍ରବାହିତ ହେଉଥିବାରୁ ଦୁର୍ଗନ୍ଧ ସୃଷ୍ଟି ହେବା ସହ ଗ୍ରାମବାସୀ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଗାଁ ପୋଖରୀରେ ଉକ୍ତ ଆବର୍ଜନା ପାଣି ପ୍ରବେଶ କରୁଥିବାରୁ ଲୋକେ ଗାଧୋଇବା ଲାଗି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କୂଅ ଓ ନଳକୂପରୁ ଦୁର୍ଗନ୍ଧଯୁକ୍ତ ଦୂଷିତ ଜଳ ବାହାରୁଥିବାରୁ ତାହା ପିଇବା ଅନୁପଯୋଗୀ ହୋଇଛି। ଫଳରେ ଗ୍ରାମରେ ପାନୀୟ ଜଳ ସମସ୍ୟା ସୃଷ୍ଟି ହୋଇଛି। ଏତଦ୍‌ବ୍ୟତୀତ ବାୟୁମଣ୍ଡଳ ମଧ୍ୟ ଦୂଷିତ ହେଉଛି। ଫଳରେ ନିଃଶ୍ୱାସ ନେବାରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ ଏହାର ସ୍ଥାୟୀ ସମାଧାନ ପାଇଁ ତୁରନ୍ତ ରିଲାଏନ୍ସ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବାକୁ ଗ୍ରାମବାସୀ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ଅଭିଯୋଗପତ୍ର ପ୍ରଦାନ ସମୟରେ ଗ୍ରାମର ସମ୍ବିତ୍ ରାଉତ, ରତନ ରାଉତ, ବାବୁଲା ସାହୁ, ନିରଞ୍ଜନ ରାଉତ, ସୁବାସ ନାୟକ, ଶତ୍ରୁଘ୍ନ ବିଶ୍ୱାଳ, ନାରାୟଣ ରାଉତ, ସୌମ୍ୟରଞ୍ଜନ ବେହେରା, ଅଭିମନ୍ୟୁ ଜେନାଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

# ବେଲଟିକିରିରେ ଶ୍ରୀଗୁଣ୍ଡିଚା ଯାତ୍ରା ସମାରୋହ

ଢେଙ୍କାନାଳ, ୨୨।୭(ସମିସ): ସଦର ବ୍ଲକ ବେଲଟିକିରି ପଞ୍ଚାୟତରେ ନବଦିନାତ୍ମକ ଶ୍ରୀଗୁଣ୍ଡିଚା ଯାତ୍ରା ସମାରୋହ ପାଳିତ ହେଉଛି। ଶ୍ରୀଗୁଣ୍ଡିଚା ଦିନ ବାଳିକାମାନଙ୍କ ଓଡ଼ିଶୀ ନୃତ୍ୟ ସହ ଲଉଡ଼ିବାଡ଼ି ଦଳ ଓ



ସଂକୀର୍ତ୍ତନ ମଣ୍ଡଳୀ ରଥ ନିକଟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ରଥଯାତ୍ରା ପରିଚାଳନା କମିଟି ସଭାପତି ମୁରଲୀଧର ମହାରଣା, ସମ୍ପାଦକ ସଞ୍ଜୟ ସାମଲ, ଉପଦେଷ୍ଟା ସତ୍ୟାନନ୍ଦ ମଲ୍ଲିକ, ସରପଞ୍ଚ ବଳଭଦ୍ର ସାମଲ, ଗ୍ରାମ ସଭାପତି ଟୁକୁନା ବେହେରା ଓ ସମିତିସଭ୍ୟ ଦିଲୀପ ସାମଲ ପ୍ରମୁଖ ରଥଯାତ୍ରା ପରିଚାଳନା କରିଥିଲେ। ଗୁଣ୍ଡିଚା ଘରେ ପ୍ରତ୍ୟହ ଅନ୍ନଭୋଗ ଲାଗି ହେଉଛି। ବେଲଟିକିରି ହାଟ ପଡ଼ିଆରେ ସ୍ଥାୟୀ ଗୁଣ୍ଡିଚା ମନ୍ଦିର ନିର୍ମାଣ ପାଇଁ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ହାତପାଣ୍ଠିରୁ ସାଢ଼େ ୩ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ତାଙ୍କ ପ୍ରତିନିଧି ସତ୍ୟ ପାତ୍ର ରଥଯାତ୍ରାରେ ଯୋଗଦେଇ ପ୍ରକାଶ କରିଥିଲେ। ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ ପାଇଁ ମଧ୍ୟ ମନ୍ତ୍ରୀଙ୍କ ହାତପାଣ୍ଠିରୁ ଆଉ ସାଢ଼େ ୩ଲକ୍ଷ ଟଙ୍କା ଦିଆଯିବ ବୋଲି ମନ୍ତ୍ରୀଙ୍କ ଭାଇ ସମାଜସେବୀ ରାମଚନ୍ଦ୍ର ପାତ୍ର ପ୍ରତିଶ୍ରୁତି ଦେଇଥିଲେ। ଜିଲ୍ଲା ଶ୍ରୀଜଗନ୍ନାଥ ସେବା ପରିଷଦ ସଭାପତି ପ୍ରଦ୍ୟୁମ୍ନ ରଥ ଯୋଗଦେଇ ସଂକୀର୍ତ୍ତନ ମଣ୍ଡଳୀଙ୍କୁ ଉତ୍ସାହିତ କରିବା ସହ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିଥିଲେ। ଗ୍ରାମବାସୀଙ୍କ ତରଫରୁ ତାଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା।

# ସର୍ପାଘାତ ପ୍ରତିରୋଧ ଓ ସୁରକ୍ଷା ସଚେତନତା



ଢେଙ୍କାନାଳ, ୨୨।୭(ସମିସ): ଟାଟା ଷ୍ଟିଲ ମେରାମଣ୍ଡଳୀ ଟାଉନସିପ୍‌ରେ ସର୍ପାଘାତ ପ୍ରତିରୋଧ ଏବଂ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ବାସିନ୍ଦା, କମ୍ପାନୀ କର୍ମଚାରୀ ଓ ପରିବାର ଲୋକଙ୍କୁ ଏହି କାର୍ଯ୍ୟକ୍ରମରେ ସଚେତନ କରାଯାଇଛି। ସର୍ପାଘାତରୁ ରକ୍ଷା ପାଇବାର ଉପାୟ, ପ୍ରାଥମିକ ଚିକିତ୍ସା ଏବଂ ଜରୁରୀକାଳୀନ ପଦକ୍ଷେପ ସମ୍ପର୍କରେ ସଚେତନ କରାଯାଇଥିଲା। 'ସ୍ନେକ୍ ହେଲ୍ପ ଲାଇନ୍'ର ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ ଯୋଗଦେଇ ସାପ ଉଦ୍ଧାର, ସଂରକ୍ଷଣ ଏବଂ ସଚେତନତା ସମ୍ପର୍କରେ ଆଲୋକପାତ କରିଥିଲେ। ସାପ ଚିହ୍ନିବା, ପ୍ରତିଷେଧକ ବ୍ୟବସ୍ଥା, ସର୍ପାଘାତକୁ ନେଇ ରହିଥିବା ଅନ୍ଧବିଶ୍ୱାସ ଓ ସଠିକ୍ ପ୍ରାଥମିକ ଚିକିତ୍ସା ସମ୍ପର୍କରେ ସେ ବୁଝାଇଥିଲେ। ଟାଟା ଷ୍ଟିଲ ମେରାମଣ୍ଡଳୀର ଏଚ୍‌ଆରବିପି ଚିଫ୍ ପ୍ରଶାନ୍ତ କୁମାର ନନ୍ଦ, କର୍ପୋରେଟ ସର୍ଭିସେସ୍ ଚିଫ୍ ଶୁଭ୍ରାଂଶୁ ଶେଖର ପଣ୍ଡା ଏବଂ କମ୍ପାନୀର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ଲଗାଣ ବର୍ଷା; ଘର ଭିତରେ ଆଣ୍ଠୁଏ ପାଣି

## ● ଭାସୁଛି ଆସବାବପତ୍ର

କାମାକ୍ଷାନଗର, ୨୨।୭(ସମିସ): ଲଗାଣ ବର୍ଷା ଯୋଗୁଁ ଘର ଭିତରେ ଆଣ୍ଠୁଏ ଆଣ୍ଠୁଏ ପାଣି। ଜଳମଗ୍ନ ସମ୍ପୂର୍ଣ୍ଣ ଘର। ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ କାମାକ୍ଷାନଗର ସହର ନୂଆ ଆଳତୁମା କରଣସାହିରେ ଲୋକଙ୍କ ଘରେ ପାଣି ପଶିଛି। ପାଣି ବାହାର କରିବା ପାଇଁ ନାକେଦମ ହୋଇଛନ୍ତି ଜଳବନ୍ଦୀ ପରିବାର ଲୋକ। ଘରେ ରୋଷେଇବାସ ବନ୍ଦ ଥିବା ବେଳେ ଲହଡ଼ି ଭାଙ୍ଗୁଛି




ପାଣି। ଫଳରେ ଅତ୍ୟନ୍ତ ଅସୁବିଧା ମଧ୍ୟରେ ରହୁଛନ୍ତି ଲୋକେ। ଘରର ଆସବାବପତ୍ର ପାଣିରେ ଭସୁଥିଲା ବେଳେ ଦରକାରୀ ସାମଗ୍ରୀକୁ ଖଟ ଉପରେ ରଖି ଘରୁ ପାଣି ବାହାର କରୁଛନ୍ତି ପରିବାର ଲୋକେ। ସୋଫା, ଡାଇନିଂ ଟେବଲ, ଫ୍ରିଜ ସବୁ ପାଣିରେ ବୁଡ଼ି ରହିଥିବାବେଳେ କଂସା, ବାସନ ପାଣିରେ ଭାସୁଥିବା ଦେଖିବାକୁ ମିଳିଛି। ମଙ୍ଗଳବାର ରାତିରୁ ବର୍ଷା ଜାରି ରହିଥିବା ଯୋଗୁଁ ଘର ଭିତରେ ଅଧିକ ପାଣି ପଶିଛି। ସହରର ବିପର୍ଯ୍ୟସ୍ତ ଡ୍ରେନେଜ ବ୍ୟବସ୍ଥା ଓ ବର୍ଷାଦିନ ପୂର୍ବରୁ ଡ୍ରେନଗୁଡ଼ିକ ଠିକ ଭାବେ ସଫା କରାଯାଇ ନ ଥିବାରୁ ସାହି ବାସିନ୍ଦା ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

# ଚାଷୀଙ୍କ ଉନ୍ନତି ପାଇଁ ଜାତୀୟ ବିହନ ନିଗମ ସହ ଆଲୋଚନା



ଗଁଦିଆ, ୨୨।୭(ସମିସ): ଜିଲ୍ଲାର କୃଷି ଓ କୃଷକମାନଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ଏକ ସକାରାତ୍ମକ ପ୍ରୟାସ ଆରମ୍ଭ ହୋଇଛି। ଚାଷୀମାନେ କିପରି ଉନ୍ନତମାନର ବିହନ ପାଇପାରିବେ ଏବଂ ଅଧିକ ଲାଭବାନ ହେବେ ସେହି ଉଦ୍ଦେଶ୍ୟରେ ପୂର୍ବତନ ବିଧାୟକ ନବୀନ ନନ୍ଦ ନୂଆଦିଲ୍ଲୀସ୍ଥିତ ଜାତୀୟ ବିହନ ନିଗମର ଉଚ୍ଚ ଅଧିକାରୀମାନଙ୍କ ସହ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ଏହି ଆଲୋଚନାରେ ଜାତୀୟ ବିହନ ନିଗମର ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ସାହୁ ଏବଂ ମହାପ୍ରବନ୍ଧକ ପ୍ରଦୀପ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଆଲୋଚନା କାଳରେ ଢେଙ୍କାନାଳରେ କୃଷିର ବିକାଶ ଏବଂ ଉତ୍ପାଦନ ବୃଦ୍ଧି ଲାଗି ଚାଷୀଙ୍କ ପାଇଁ ନିଗମ ପକ୍ଷରୁ କି କି କଲ୍ୟାଣକାରୀ କାର୍ଯ୍ୟକଳାପ ହାତକୁ ନିଆଯାଇପାରିବ ସେ ସମ୍ପର୍କରେ ମତ ବିନିମୟ ହୋଇଥିଲା। ନିଗମର ଅଧିକାରୀମାନେ ଚାଷୀଙ୍କ କ୍ଷେତ୍ର ପରୀକ୍ଷଣ ତଥା ବ୍ୟବହାର ନିମନ୍ତେ ଉନ୍ନତମାନର 'ପନିପରିବା ନମୁନା କିଟ୍' ନନ୍ଦଙ୍କୁ ପ୍ରଦାନ କରିଥିଲେ। ଏହି ଉନ୍ନତ କିସମର ପନିପରିବା ବିହନ ଆଗାମୀ ଦିନରେ ସ୍ଥାନୀୟ ଚାଷୀଙ୍କ ଅମଳ ବୃଦ୍ଧିରେ ସହାୟକ ହେବ ବୋଲି ଆଶା କରାଯାଉଛି।

# ମାର୍ଥାପୁର ପଞ୍ଚାୟତରେ ଆବାସ ଯୋଜନାକୁ ନେଇ ହଟ୍ଟଗୋଳ



ଭୁବନ, ୨୨।୭(ସମିସ): ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ମାର୍ଥାପୁର ପଞ୍ଚାୟତରେ ଆବାସ ଯୋଜନାକୁ ନେଇ ହଟ୍ଟଗୋଳ ହୋଇଥିବା ଜଣାପଡ଼ିଛି। ପଞ୍ଚାୟତରେ ଆବାସ ଯୋଜନାକୁ ନେଇ ଏକ ଗ୍ରାମସଭା ଆୟୋଜିତ ହୋଇଥିଲା। ହିତାଧିକାରୀ ମାନେ ଚୂଡାନ୍ତ ତାଲିକା ପ୍ରକାଶ ନ ପାଇବା ପର୍ଯ୍ୟନ୍ତ ଗ୍ରାମ ସଭା ହୋଇପାରିବନି ବୋଲି ଅଡି ବସିଥିଲେ। ୭୧୦ ଜଣ ହିତାଧିକାରୀଙ୍କ ଭିତରୁ ୨୩୯ ଜଣ ଯୋଗ୍ୟ ବୋଲି ଚିଠା ପ୍ରକାଶ ପାଇଥିଲା। ୪୭୧ ଜଣ ବାଦ୍ ପଡ଼ିଥିବାରୁ ହଟ୍ଟଗୋଳ ଆରମ୍ଭ ହୋଇଥିଲା। ଅଯୋଗ୍ୟଙ୍କୁ ପକ୍କା ଘର ଯୋଗ୍ୟଙ୍କୁ ବାଦ୍ ଦେଇଥିବାରୁ ଅଭିଯୋଗ ଆଣିଥିଲେ ହିତାଧିକାରୀ। ସର୍ଭେ ଅଧିକାରୀ ଓ ପଞ୍ଚାୟତ କର୍ତ୍ତୃପକ୍ଷ ଚକ୍ରାନ୍ତ କରି ଏପରି କରିଥିବା ଅଭିଯୋଗ ଆଣିଥିଲେ। ଏହାକୁ ନେଇ କିଛି ସମୟ କାର୍ଯ୍ୟାଳୟ ପରିସରରେ ଚାପ ଉତ୍ତେଜନା ସୃଷ୍ଟି ହୋଇଥିଲା। ପରେ ପଞ୍ଚାୟତ କର୍ତ୍ତୃପକ୍ଷ ଲୋକଙ୍କୁ ବୁଝାସୁଝା କରିବା ସହ ଯଦି ତାଲିକାରେ ଅଯୋଗ୍ୟ ବ୍ୟକ୍ତି ନାମ ପ୍ରକାଶ ପାଇଛି ତାହାଲେ ଅଭିଯୋଗ ବାକ୍ସରେ ସାତ ଦିନ ଭିତରେ ଅଭିଯୋଗ କରିବା ପାଇଁ କହିଥିଲେ। ଏହାକୁ ନେଇ ମଧ୍ୟ ହିତାଧିକାରୀ ଅସନ୍ତୋଷ ହୋଇଥିଲେ ଆଗାମୀ ଦିନରେ ସମସ୍ୟାର ସମାଧାନ ନହଲେ ପଞ୍ଚାୟତ ଆଗରେ ଧାରଣା ଦେବା ପାଇଁ ଜଣାଇଛନ୍ତି।

# ଆବାସ ଯୋଜନାରେ ବ୍ୟାପକ ଅନିୟମିତତା

ହିନ୍ଦୋଳ, ୨୨।୭(ସମିସ)

- ରାଜ୍ୟର ସବୁ ପଞ୍ଚାୟତରେ ତାଲିକା ପ୍ରକାଶ ପାଇଲା
- ଏଯାଏ ହିନ୍ଦୋଳ ବ୍ଲକର ବିଭିନ୍ନ ପଞ୍ଚାୟତରେ ଲାଗିନି ତାଲିକା
- ହେରାଫେରୀ କରିବା ପାଇଁ ବ୍ଲକରେ ଚାଲିଛି ଗୁପ୍ତ ମନ୍ତ୍ରଣା
- ଉପଖଣ୍ଡର ବିଭିନ୍ନ ଗ୍ରାମରେ ଚାପା ଉତ୍ତେଜନା




ଘର ଖଣ୍ଡିଏ ପାଇବା ପାଇଁ ଗ୍ରାମାଞ୍ଚଳର ହିତାଧିକାରୀ ଦୀର୍ଘ ୨ ବର୍ଷ ହେଲା ଅପେକ୍ଷା କରି ବସି ରହିଛନ୍ତି। କେବେ ଆବାସ ଯୋଜନାରେ ଘରଖଣ୍ଡିଏ ମିଳିବ ତାହକୁ ଚାତକ ପରି ଚାହିଁ ରହି ଛନ୍ତି। ତେବେ ହିନ୍ଦୋଳ ଉପଖଣ୍ଡରେ ଏବେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ହେଉଥିବା ଦେଖିବାକୁ ମିଳିଛି। ଦୀର୍ଘଦିନ ହେବ ଆବାସ ଯୋଜନାରେ ଘର ପାଇବା ପାଇଁ ହିତାଧିକାରୀ ଦରଖାସ୍ତ କରିଥିଲେ। ବ୍ଲକ ଅଧିକାରୀଙ୍କ ଦ୍ୱାରା ହିତାଧିକାରୀଙ୍କ ତଦନ୍ତ କରାଗଲା। ଆରମ୍ଭରୁ କିଛି ଯୋଗ୍ୟ ହିତାଧିକାରୀଙ୍କ ନାମ ବାଦ୍ ଦିଆଯାଇ କିଛି ଯୋଗ୍ୟ ଓ ଅଯୋଗ୍ୟ ହିତାଧିକାରୀଙ୍କ ନାମ ତାଲିକାରେ ରଖିଲେ ବୋଲି ଜନସାଧାରଣରେ ଅଭିଯୋଗ ହେଲା। ତାଲିକା ମାରିଲା ବେଳକୁ ଯୋଗ୍ୟ ହିତାଧିକାରୀଙ୍କ ନାମ ନ ଥିବାରୁ ହିନ୍ଦୋଳ ବ୍ଲକ ଯାଇ ବହୁ ହିତାଧିକାରୀ ଅଭିଯୋଗ କରିବା ସହ କାର୍ଯ୍ୟାଳୟରେ ତୁମ୍ବିତୋଫାନ କରିଥିଲେ। ତାଲିକାକୁ ବ୍ଲକ ପ୍ରଶାସନ ପକ୍ଷରୁ ଜଣେ ପଞ୍ଚାୟତ ଅଧିକାରୀ ଓ ୨ ଏଡିଓଙ୍କ ଦ୍ୱାରା ପୁନର୍ବାର ଯାଞ୍ଚ କରାଗଲା। ଗତ ୨୦ ତାରିଖ ପଞ୍ଚାୟତ କାର୍ଯ୍ୟାଳୟରେ ତାଲିକା ଲଗାଇବା ପାଇଁ ସ୍ୱଷ୍ଟ ସରକାରୀ ନିର୍ଦ୍ଦେଶ ଥିବା ବେଳେ ଉକ୍ତଦିନ ଗ୍ରାମସଭା ମାଧ୍ୟମରେ ଯୋଗ୍ୟ ହିତାଧିକାରୀଙ୍କ ନାମ ଘୋଷଣା କରାଯିବ ବୋଲି ବ୍ଲକ ପକ୍ଷରୁ ନୋଟିସ କରାଗଲା। ତାଲିକା ଦେଖିବା ପାଇଁ ପଞ୍ଚାୟତ କାର୍ଯ୍ୟାଳୟରେ ଭିଡ଼ ଜମିଥିଲା। ହେଲେ ଦିନ ସାରା ଅପେକ୍ଷା କରିବା ପରେ ମଧ୍ୟ ତାଲିକା ବାହାରି ପାରି ନ ଥିଲା। ଗ୍ରାମସଭା ହେବା ପାଇଁ ବ୍ଲକ ପକ୍ଷରୁ ବିଭିନ୍ନ ପଞ୍ଚାୟତରେ ଜଣେ ଲେଖାଏଁ ଅଧିକାରୀ ବସି ରହିଥିଲେ। ଶେଷରେ ନିରାଶ ହୋଇ ହିତାଧିକାରୀ ପୁରୁଣା ତାଲିକା ଦେଖି ଫେରିବାକୁ ବାଧ ହୋଇଥିଲେ।

ରାଜ୍ୟର ବିଭିନ୍ନ ପଞ୍ଚାୟତରେ ଗତ ୨୦ ତାରିଖ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରକାଶ କରି ଗ୍ରାମସଭା ମାଧ୍ୟମରେ ଘୋଷଣା କରାଯାଇଥିବା ବେଳେ ହିନ୍ଦୋଳ ବ୍ଲକର କୌଣସି ପଞ୍ଚାୟତରେ କିପରି ଗ୍ରାମସଭା ମାଧ୍ୟମରେ ଯୋଗ୍ୟ ହିତାଧିକାରୀଙ୍କ ନାମ ଘୋଷଣା କରାଗଲା ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। କିଛି ଯୋଗ୍ୟ ହିତାଧିକାରୀଙ୍କୁ ବାଦ ଦେଇ ଅଯୋଗ୍ୟ ହିତାଧିକାରୀଙ୍କୁ ତାଲିକାରେ ଯୋଗ କରିବା ପାଇଁ ହିନ୍ଦୋଳ ବ୍ଲକରେ ଗୁପ୍ତ ମନ୍ତ୍ରଣା ଚାଲିଥିବା ସାଧାରଣରେ ଆଲୋଚନା ହେଉଛି। ଗତ ୨ ଦିନ ହେଲା ଉପଖଣ୍ଡର ବିଭିନ୍ନ ଗ୍ରାମରେ କିଛି ଦଲାଲ ବୁଲି ଘର କରାଇଦେବା ନାମରେ ଟଙ୍କା ଆଦାୟ କରୁଥିବା ମଧ୍ୟ ଅଭିଯୋଗ ହେଉଛି। ଆବାସ ଯୋଜନା ଦାୟିତ୍ୱରେ ଥିବା ଜଣେ ଅଧିକାରୀଙ୍କ ଜ୍ଞାତସାରରେ ଏପରି ଟଙ୍କ ଆଦାୟ କରାଯାଉଥିବା ଅଭିଯୋଗ ହେଉଛି। କିଛିଦିନ ପୂର୍ବରୁ କେବଳ ସ୍ୱଚ୍ଛଳ ବର୍ଗର ତଥା କୋଠାଘର ଥିବା ଲୋକଙ୍କୁ ମୋଟାଅଙ୍କର ହାତଗୁଞ୍ଜା ନେଇ ଅନ୍ତ୍ୟୋଦୟ ଗୃହ ବଣ୍ଟନ କରାଯାଇଥିଲା। ଏ ନେଇ ଅଭିଯୋଗ ହେବା ସହ ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ହେଲେ ଏହାର କୌଣସି ତଦନ୍ତ ଏଯାଏ କରାଗଲା ନାହିଁ କି ସତ୍ୟାସତ୍ୟ ଉନ୍ମୋଚନ କରାଗଲା ନାହିଁ। ରାଜ୍ୟ ସରକାର ଓ ଜିଲ୍ଲାପାଳ ଏହାର ସ୍ୱତନ୍ତ୍ର ତଦନ୍ତ କରି ଗ୍ରାମାଞ୍ଚଳର ଯୋଗ୍ୟ ହିତାଧିକାରୀ କିପରି ଆବାସ ଗୃହ ପାଇପାରିବେ ସେଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ୨୦ ତାରିଖ ଗ୍ରାମସଭା ମାଧ୍ୟମରେ ବିଭିନ୍ନ ପଞ୍ଚାୟତରେ ଯୋଗ୍ୟ ହିତାଧିକାରୀଙ୍କ ନାମ ପ୍ରକାଶ କରିବା ପାଇଁ ନୋଟିସ ହୋଇଥିବା ବେଳେ ଏଯାଏ କାହିଁକି ପ୍ରକାଶ କରାଯାଇ ନାହିଁ ସେ ବିଷୟରେ ପ୍ରତିକ୍ରିୟା ପାଇଁ ହିନ୍ଦୋଳ ବିଡିଓଙ୍କୁ ବାରମ୍ବାର ଫୋନ କରାଯାଇଥିଲେ ସୁଦ୍ଧା ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।

### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୬.୨୪ ● ପାଉଣ୍ଡ ୧୨୯.୨୩
- ୟୁରୋ ୧୧୦.୧୯ ● ୟେନ୍ ୦.୫୯

### ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୩୪,୩୦୦ (ଭୁବନେଶ୍ୱର)
- ରୁପା : ୨,୪୫,୦୦୦ (କେଜି)



### ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୬,୭୫୫.୦୦
- ନିଫ୍ଟି ୨୩,୯୯୬.୦୦



### ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦



## ଟ୍ରମ୍ପ୍‌ଙ୍କ ନୂଆ ଶୁଳ୍କ ବୋମା

# ଜେନେରିକ୍ ଔଷଧ ଉପରେ ୨୦୦% ଟାରିଫ୍

### ଦୁଇ ବର୍ଷ ପାଇଁ ଶୂନ୍ ଶୁଳ୍କ
### ପରେ ଲାଗିବ ୧୦୦% ଏବଂ ୨୦୦% ଶୁଳ୍କ ହାର
### ପ୍ରଭାବିତ ହେବେ ଭାରତୀୟ ଫାର୍ମା କମ୍ପାନୀ

ୱାଶିଂଟନ୍,୨୨।୭ (ଏଜେନ୍ସି):ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଙ୍ଗଳବାର ତାଙ୍କ ଦେଶକୁ ଆମଦାନୀ ହୋଇଥିବା ଜେନେରିକ୍ ଔଷଧ ଉପରେ ବଡ଼ ଶୁଳ୍କ ଘୋଷଣା କରିଛନ୍ତି। ଏଥିରେ ପର୍ଯ୍ୟାୟ କ୍ରମେ ଜେନେରିକ୍ ଔଷଧ ଉପରେ ଟାରିଫ୍ ଲାଗୁ କରିବା ନେଇ ଘୋଷଣା କରିଛନ୍ତି। ହେଲେ ଏଥିରେ ଜେନେରିକ୍ ଔଷଧ ନିର୍ମାତାମାନଙ୍କୁ ଦୁଇ ବର୍ଷର ଅନୁଗ୍ରହ ଅବଧି ପ୍ରଦାନ କରିଛନ୍ତି। ପରେ ଅଧିକ ଶୁଳ୍କ ଲାଗୁ କରିବାର ଯୋଜନା ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ। ଟ୍ରମ୍ପଙ୍କ ନୂତନ ଯୋଜନା ଔଷଧ କମ୍ପାନୀଗୁଡ଼ିକୁ ଆମଦାନୀ ଶୁଳ୍କରେ ଯଥେଷ୍ଟ ବୃଦ୍ଧି ପୂର୍ବରୁ ଦୁଇ ବର୍ଷର ସମୟ ପ୍ରଦାନ କରୁଛି। ଏହି ନୂଆ ଟାରିଫ୍ ପ୍ଲାନ୍‌ରେ ଦୁଇ ବର୍ଷ ପାଇଁ 0% ଶୁଳ୍କ,ପରେ ଏଥିରେ ୧୦୦% ଶୁଳ୍କ ଲାଗିବା ସହ ତାହା ୨୦୦% ଶୁଳ୍କ ହାରରେ ପାଲଟିବ। ଏହି ଶୁଳ୍କ ଯୋଜନା ପଦକ୍ଷେପ ଆମେରିକାକୁ ଔଷଧ ଉତ୍ପାଦନ ଆଣିବାର ଏକ ବୃହତ ପ୍ରୟାସର ଅଂଶ। ଏହାର ଅର୍ଥ ହେଉଛି ଯଦି ଏହି କମ୍ପାନୀଗୁଡ଼ିକ ଆମେରିକାରେ ଉତ୍ପାଦନ ଆରମ୍ଭ କରନ୍ତି, ତେବେ ସେମାନେ ଏହି ଶୁଳ୍କରୁ ମୁକ୍ତ ହେବେ। ଟ୍ରମ୍ପଙ୍କ ଏହି ଘୋଷଣା ପରେ ଭାରତୀୟ ଫାର୍ମା କମ୍ପାନୀଗୁଡିକର ସେୟାର ମୂଲ୍ୟରେ ବୃହତ୍ ହ୍ରାସ ଘଟିଛି।

ଟ୍ରମ୍ପଙ୍କ ନୂତନ ଯୋଜନା ଅନୁଯାୟୀ, ଆମେରିକାରେ ପ୍ରବେଶ କରୁଥିବା ଜେନେରିକ୍ ଔଷଧଗୁଡ଼ିକ ଅଗଷ୍ଟ ପହିଲାରୁ ଦୁଇ ବର୍ଷ ପାଇଁ ଶୁଳ୍କ ମୁକ୍ତ ରହିବ। ଏହାପରେ, ଆମଦାନୀରେ ଗୋଟିଏ ବର୍ଷ ପାଇଁ ୧୦୦% ଶୁଳ୍କ ଲାଗୁ ହେବ ଓ ତା'ପରେ ୨୦୦% ଶୁଳ୍କ ଲାଗୁ ହେବ।ଏହି ପଦକ୍ଷେପ ଔଷଧ କମ୍ପାନୀଗୁଡ଼ିକୁ ବିଦେଶୀ ଉତ୍ପାଦନ ଉପରେ ନିର୍ଭର କରିବା ପରିବର୍ତ୍ତେ ଆମେରିକା ମଧ୍ୟରେ ଉତ୍ପାଦନ ସୁବିଧା ସ୍ଥାପନ କରିବାକୁ ଉତ୍ସାହିତ କରିବା ଲକ୍ଷ୍ୟ ରଖିଛି। ଏହି ସଦ୍ୟତମ ଘୋଷଣା ଭାରତୀୟ ଔଷଧ କମ୍ପାନୀଗୁଡ଼ିକୁ କିଛି ଅସ୍ଥାୟୀ ଆଶ୍ୱସ୍ତି ପ୍ରଦାନ କରେ, କାରଣ ସେମାନେ ଆମେରିକାର ଜେନେରିକ୍ ଔଷଧ ବଜାରରୁ ସେମାନଙ୍କ ରାଜସ୍ୱର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ପାଆନ୍ତି। ଭାରତୀୟ ରପ୍ତାନିକାରୀଙ୍କ ପାଇଁ, ଦୁଇ ବର୍ଷର




ଶୁଳ୍କମୁକ୍ତ ଅବଧି ସେମାନଙ୍କର ଯୋଗାଣ ଶୃଙ୍ଖଳ ଏବଂ ନିବେଶ ଯୋଜନାର ପୁନର୍ବିଚାର ପାଇଁ ଅତିରିକ୍ତ ସମୟ ପ୍ରଦାନ କରେ। ଯଦିଓ ରପ୍ତାନି ଉପରେ ତୁରନ୍ତ ପ୍ରଭାବ ସୀମିତ ହେବାର ସମ୍ଭାବନା ଅଛି, ପ୍ରସ୍ତାବିତ ୧୦୦% ଏବଂ ପରବର୍ତ୍ତୀ ୨୦୦% ଶୁଳ୍କ ନିର୍ମାତାମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ସୃଷ୍ଟି କରିପାରେ ଯଦି ସେମାନେ (ଆମେରିକାରେ) ଏକ ଦୃଢ଼ ସ୍ଥାନୀୟ ଉତ୍ପାଦନ ଆଧାର ସ୍ଥାପନ ନ କରନ୍ତି। ଉଲ୍ଲେଖଯୋଗ୍ୟ ଯେ ଭାରତ ହେଉଛି ଆମେରିକାକୁ ସୁଲଭ ଜେନେରିକ୍ ଔଷଧର ସର୍ବବୃହତ ଯୋଗାଣକାରୀ ମଧ୍ୟରୁ ଗୋଟିଏ। ସନ୍ ଫାର୍ମା, ଡକ୍ଟର ରେଡ୍ଡିଜ୍ ଲାବୋରେଟୋରୀ, ସିପ୍‌ଲା, ଲୁପିନ୍, ଅରବିନ୍ଦ ଫାର୍ମା ଏବଂ ଜାଇଡସ୍ ଲାଇଫ୍ସାଇନ୍ସ ଭଳି କମ୍ପାନୀଙ୍କର ଆମେରିକାରେ ଦବ୍‌ଦବା ରହିଛି। ଶୁଳ୍କ ଘୋଷଣା ଭାରତୀୟ କମ୍ପାନୀଗୁଡ଼ିକୁ ଉତ୍ପାଦନ ଏବଂ ନିବେଶ ରଣନୀତି ବିଚାର କରିବା ସମୟରେ ସତର୍କ ରହିବାକୁ ବାଧ୍ୟ କରିପାରେ।

### ଲୋକସଭାରେ ରେଳ ମନ୍ତ୍ରୀଙ୍କ ସୂଚନା

## ଓଡ଼ିଶାର ରେଳ ବଜେଟ୍ ଆବଣ୍ଟନ ୧୩ ଗୁଣ ବଢ଼ିଛି

ଭୁବନେଶ୍ୱର, ୨୨।୭(ସମିସ): ଓଡ଼ିଶାକୁ ରେଳ ବଜେଟ୍ ଆବଣ୍ଟନ ଗତ ୧୨ ବର୍ଷ ମଧ୍ୟରେ ପ୍ରାୟ ୧୩ ଗୁଣ ବୃଦ୍ଧି ପାଇଛି। ଆଜି ଲୋକସଭାରେ ଏହି ସୂଚନା ଦେଇଛନ୍ତି କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ଶ୍ରୀ ବୈଷ୍ଣବ କହିଛନ୍ତି, ୨୦୦୯ରୁ ୨୦୧୪ ମଧ୍ୟରେ ରାଜ୍ୟକୁ ବାର୍ଷିକ ୮୩୮ କୋଟି ଟଙ୍କାର ରେଳ ବଜେଟ୍ ମିଳୁଥିଲା। ୨୦୨୬-୨୭ରେ ଏହା ୧୩ ଗୁଣ ବୃଦ୍ଧି ପାଇ ୧୦ ହଜାର ୯୨୮ କୋଟି ଟଙ୍କାରେ ପହଞ୍ଚିଛି। ସେହିପରି ଓଡ଼ିଶାରେ ନୂଆ ରେଳ ଟ୍ରାକ୍ ନିର୍ମାଣ ସାଢ଼େ ୩ଗୁଣ ବଢ଼ିଛି। ୨୦୦୯-୧୪ ମଧ୍ୟରେ ବାର୍ଷିକ ହାରାହାରି ନୂଆ ଟ୍ରାକ୍ ନିର୍ମାଣ ୫୩ କିମି ଥିବାବେଳେ୨୦୧୪-୨୬ରେ ଏହା ୧୮୬ କିମିକୁ ବୃଦ୍ଧି ପାଇଛି ବୋଲି ସେ ସୂଚନା ଦେଇଛନ୍ତି। ଭୁବନେଶ୍ୱରକୁ ବିଶ୍ୱସ୍ତରୀୟ ଷ୍ଟେସନରେ ପରିଣତ କରିବା ଲାଗି ବ୍ୟାପକ ବିକାଶ କାମ ଜାରି ରହିଛି।

କେନ୍ଦ୍ର ମନ୍ତ୍ରୀ ଆହୁରି କହିଛନ୍ତି, ଏପ୍ରିଲ୍



### ନୂଆ ରେଳ ଟ୍ରାକ୍ ନିର୍ମାଣରେ ୩.୫ ଗୁଣ ବୃଦ୍ଧି

ପହିଲା ୨୦୨୬ ସୁଦ୍ଧା ୧୯ଟି ନୂଆ ଲାଇନ୍ ଏବଂ ୩୬ଟି ରେଳ ଲାଇନର ଦୋହରୀକରଣ/ପ୍ରଶସ୍ତିକରଣ ସମେତ ମୋଟ୍ ୫୫ଟି ପ୍ରକଳ୍ପକୁ ମଞ୍ଜୁର କରାଯାଇଛି। ମୋଟ୍ ୪,୨୫୬ କିମି ରେଳ ଲାଇନ୍ ନିର୍ମାଣ ଲାଗି ୮୧,୭୩୯ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ନିକଟରେ ଦୈତାରୀ-ବାଂଶପାଣୀ ନୂଆ ଲାଇନ, ଝାରସୁଗୁଡ଼ା-ସରଡେଗା ନୂଆ ଲାଇନ, ହରିଦାସପୁର-ପାରାଦୀପ ନୂଆ ଲାଇନ,ସମ୍ବଲପୁର-ଟିଟିଲାଗଡ଼ ଲାଇନ ଦୋହରୀକରଣ ଆଦି ସମେତ ୩୨ଶହ କୋଟି ଟଙ୍କାର ୧୧ଟି ରେଳ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ବର୍ତ୍ତମାନ ୨୬ଟି ରେଳ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଜାରି ରହିଛି। ସେହିପରି ଅମୃତ ଭାରତ ଷ୍ଟେସନ ଯୋଜନାରେ ଓଡ଼ିଶାର ମୋଟ୍ ୫୯ଟି ଷ୍ଟେସନର ପୁନର୍ବିକାଶ କାମ ଚାଲୁ ରହିଛି। କଟକ, ପୁରୀ, ମଞ୍ଚେଶ୍ୱର, ଲିଙ୍ଗରାଜରୋଡ ଷ୍ଟେସନକୁ ମଧ୍ୟ ବିକଶିତ କରିବା ଲାଗି ପଦକ୍ଷେପ ଗ୍ରହଣ କରାଯାଉଛି। ଗୋପାଳପୁର-ରାଇରଖୋଲ ନୂଆ ଲାଇନ ନିର୍ମାଣ କରାଯିବ। ଦେଶରେ ମୋଟ୍ ୧୪୨ଟି ଏବଂ ଓଡ଼ିଶାରେ ୧୨ଟି ଗତିଶକ୍ତି କାର୍ଗୋ ଟର୍ମିନାଲ କାର୍ଯ୍ୟକ୍ଷମ ହୋଇଛି। ଆହୁରି ୩୬ଟି ଗତିଶକ୍ତି ଟର୍ମିନାଲକୁ ନୀତିଗତ ମଞ୍ଜୁରି ମିଳିଛି। ଓଡ଼ିଶାରେ ସମ୍ପୂର୍ଣ୍ଣ ବ୍ରଡଗଜ୍ ନେଟୱର୍କର ବିଦ୍ୟୁତିକରଣ ଶେଷ ହୋଇଛି।

## ୟୁକୋ ବ୍ୟାଙ୍କର ୬୫୬ କୋଟି ଟଙ୍କାର ନେଟ୍ ଲାଭ

ମୁମ୍ବଇ,୨୨।୭ : ରାଷ୍ଟ୍ରାୟତ୍ତ ୟୁକୋ ବ୍ୟାଙ୍କର ପ୍ରଥମ ତ୍ରୈମାସିକ ଆର୍ଥିକ ଫଳାଫଳ ପ୍ରକାଶ ପାଇଛି। ବ୍ୟାଙ୍କ ଜୁନ୍ ମାସ ଶେଷ ସୁଦ୍ଧା, ପ୍ରଥମ ତ୍ରୈମାସରେ ଶତକଡା ୮.୦୫% ଅଭିବୃଦ୍ଧି ହାର ହାସଲ କରି ୬୫୬ କୋଟି ଟଙ୍କାରେ ପହଞ୍ଚିଛି ଯାହା ପୂର୍ବ ବର୍ଷ ଏହି ସମୟରେ ୬୦୭ କୋଟି ଟଙ୍କା ରହିଥିଲା। ବ୍ୟାଙ୍କର ରିଟେଲ୍, କୃଷି ଓ ଏମ୍‌ଏସ୍‌ଏମ୍‌ଇରେ ଶତକଡା ୨୫.୨୭% ବୃଦ୍ଧି ଘଟି ୧,୫୭,୭୪୫ କୋଟି ଟଙ୍କାରେ ପହଞ୍ଚିଛି। ଜୁନ୍ ମାସ ଶେଷ ସୁଦ୍ଧା ବ୍ୟାଙ୍କର ସମୁଦାୟ ବ୍ୟବସାୟିକ ଅଭିବୃଦ୍ଧିରେ ଶତକଡା ୧୫.୫୩% ବୃଦ୍ଧି ଘଟି ୬,୦୫,୦୮୩ କୋଟିରେ ପହଞ୍ଚିଛି। ଜୁନ୍ ମାସ ଶେଷ ସୁଦ୍ଧା ବ୍ୟାଙ୍କର କାସା ଅଭିବୃଦ୍ଧି ଶତକଡା ୧୨.୩୪% ହାରରେ ୧,୧୬,୧୩୬ କୋଟି ଟଙ୍କାରେ ପହଞ୍ଚିଛି। ବ୍ୟାଙ୍କର ନେଟ୍ ସୁଧ ଆୟରେ ଶତକଡା ୧୬.୮୬% ବୃଦ୍ଧି ଘଟି ୨୮୦୮ କୋଟି ଟଙ୍କାରେ ପହଞ୍ଚିଛି। ପ୍ରଥମ ତ୍ରୈମାସରେ ବ୍ୟାଙ୍କର ନେଟ୍ ସୁଧ ମାର୍ଜିନ ୯ବିପିଏସ୍ ବୃଦ୍ଧି ହୋଇ ଶତକଡା ୩.୦୫ ପ୍ରତିଶତରେ ପହଞ୍ଚିଥିବାବେଳେ ପୁଞ୍ଜି ସ୍ୱଚ୍ଛଳତା ହାର (ସିଆର୍‌ଏଆର୍) ଶତକଡା ୧୯.୦୩% ବୃଦ୍ଧି ପାଇଛି।

## ଖିମଜୀ ଫାଉଣ୍ଡେସନ ପକ୍ଷରୁ ରଥଯାତ୍ରାରେ ସ୍ୱତନ୍ତ୍ର ସେବା

ଭୁବନେଶ୍ୱର,୨୨।୭(ସମିସ): ଓଡ଼ିଶାର ଅନ୍ୟତମ ବିଶ୍ୱସ୍ତ ଓ ପ୍ରସିଦ୍ଧ ଅଳଙ୍କାର ବ୍ରାଣ୍ଡ ଖିମଜୀ ଜୁଏଲର୍ସ ରଥଯାତ୍ରା ୨୦୨୬ରେ ସମାଜ କଲ୍ୟାଣ ପାଇଁ ନିଜର ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଇଛି। ନିଜର ସିଏସଆର ଶାଖା ଖିମଜୀ ଫାଉଣ୍ଡେସନ ମାଧ୍ୟମରେ ଏହା ରଥଯାତ୍ରା ପାଇଁ ଆସିଥିବା ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କୁ ସହାୟତା କରିବା ପାଇଁ ପୁରୀରେ ଅନେକ ସେବାମୂଳକ ପଦକ୍ଷେପ କାର୍ଯ୍ୟକାରୀ କରିଥିଲା। ଖିମଜୀ ଫାଉଣ୍ଡେସନ ପରିବାର ଓ ଖିମଜୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମଜୀ ରଥଯାତ୍ରାର ଏହି ପବିତ୍ର ଅବସରରେ ଆନ୍ତରିକ ଶୁଭେଚ୍ଛା ଜଣାଇଛନ୍ତି। ସେ ଓଡ଼ିଶାର ଜନସାଧାରଣଙ୍କ ଶାନ୍ତି, ଖୁସି, ଉତମ ସ୍ୱାସ୍ଥ୍ୟ ଓ ସମୃଦ୍ଧି କାମନା କରି ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ସେବାର ନିଜ ପରମ୍ପରାକୁ ଜାରି ରଖି ଖିମଜୀ ଫାଉଣ୍ଡେସନ ବଡ଼ଦାଣ୍ଡର ପ୍ରମୁଖ ସ୍ଥାନଗୁଡ଼ିକରେ ଜଳ ସିଞ୍ଚନ ଗାଡ଼ିଗୁଡ଼ିକୁ ନିୟୋଜିତ କରିଥିଲା। ଏହା ବ୍ୟତୀତ ଫାଉଣ୍ଡେସନ ପୂର୍ବରୁ ସମୁଦ୍ର କୂଳରେ ୩୦,୦୦୦ ବର୍ଗଫୁଟର ମାଗଣା ରାତ୍ରି ଆଶ୍ରୟସ୍ଥଳ ସ୍ଥାପନ କରିଥିଲା। ଏହି ଆଶ୍ରୟସ୍ଥଳରେ ପାନୀୟ ଜଳ, ଇ-ଶୌଚାଳୟ ଓ ଅନ୍ୟାନ୍ୟ ମୌଳିକ ସୁବିଧା ସମେତ ଆବଶ୍ୟକୀୟ ସୁବିଧା ଥିଲା, ଯାହା ରଥଯାତ୍ରାରେ ହଜାର ହଜାର ତୀର୍ଥଯାତ୍ରୀଙ୍କ ପାଇଁ ଖିମଜୀ, ସ୍ୱଚ୍ଛ ଓ ସହଜରେ ଉପଲବ୍ଧ ଅସ୍ଥାୟୀ ରହିବା ସ୍ଥାନ ପ୍ରଦାନ କରିଥିଲା। ଏହି ସମ୍ପର୍କରେ ଖିମଜୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମଜୀ କହିଛନ୍ତି ଯେ,ରଥଯାତ୍ରା କେବଳ ଏକ ଉତ୍ସବ ନୁହେଁ; ଏହା ଓଡ଼ିଶାର ଆଧ୍ୟାତ୍ମିକ ସ୍ପନ୍ଦନ। ଏହି ପବିତ୍ର ଅବସରରେ ମହାପ୍ରଭୁ ଜଗନ୍ନାଥଙ୍କ ଶ୍ରଦ୍ଧାଳୁଙ୍କ ସେବା କରିବା ଆମର ସୌଭାଗ୍ୟ ଓ ଆମର ଦାୟିତ୍ୱ। ଖିମଜୀ ଫାଉଣ୍ଡେସନ ମାଧ୍ୟମରେ କରୁଣା, ପରମ୍ପରା ଓ ଯତ୍ନ ଉପରେ ଆଧାରିତ ଅର୍ଥପୂର୍ଣ୍ଣ ପଦକ୍ଷେପ ଜରିଆରେ ସମାଜକୁ ଫେରାଇବା ପାଇଁ ପ୍ରତିବଦ୍ଧ।




## ପୁରୀରେ ଟିପିସିଓଡିଏଲ୍ ସୌର ରଥର ଶୁଭାରମ୍ଭ

ନୂଆଦିଲ୍ଲୀ,୨୨।୭(ସମିସ): ରଥଯାତ୍ରା ସମୟରେ ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପିସିଓଡିଏଲ୍ ପକ୍ଷରୁ ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜିଳି ଯୋଜନାର ପ୍ରଚାର ପ୍ରସାର କରିବା ଏବଂ ରୁଫଟପ୍ ସୋଲାର ଆପଣାଇବା ପାଇଁ ପରିବାରଗୁଡ଼ିକୁ ଉତ୍ସାହିତ କରିବା ଲକ୍ଷ୍ୟରେ ଏହି ସଚେତନତା ଅଭିଯାନର ଶୁଭାରମ୍ଭ କରାଯାଇଛି। ଟିପିସିଓଡିଏଲ୍ ପୁରୀ ଡିଭିଜନ୍ କାର୍ଯ୍ୟାଳୟରୁ ଏହି ଅଭିଯାନ ଆରମ୍ଭ କରାଯାଇଥିଲା। ଟିପିସିଓଡିଏଲ୍‌ର ସର୍କଲ୍ ଏବଂ ଡିଭିଜନ୍ ନେତୃବୃନ୍ଦଙ୍କ ଉପସ୍ଥିତିରେ ମୁଖ୍ୟ ଅତିଥି ନୀତି ରଞ୍ଜନ ସେନ୍, ଓଏଏସ୍ (ଏସ୍‌ଏଜି), ମ୍ୟାନେଜିଂ ଡାଇରେକ୍ଟର, ଓଡ଼ିଶା ରାଜ୍ୟ ବିହନ ନିଗମ ଲିମିଟେଡ୍‌ଙ୍କ ଦ୍ୱାରା ଏହି ଅଭିଯାନ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଥିଲା। ଏହି ପଦକ୍ଷେପର ଅଂଶସ୍ୱରୂପ, ସିଧାସଳଖ ଉପଭୋକ୍ତାମାନଙ୍କ ନିକଟରେ ରୁଫଟପ୍ ସୌର ଶକ୍ତି ସମ୍ପର୍କରେ ସଚେତନତା ପହଞ୍ଚାଇବା ପାଇଁ ସୌର ରଥ ସହିତ ଦୁଇଜଣ ଉତ୍ସର୍ଗୀକୃତ ସୋଲାର ସାଙ୍ଗ ସାମିଲ ଅଛନ୍ତି। ସେମାନେ ଲୋକମାନଙ୍କୁ ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜିଳି ଯୋଜନାର ଲାଭ, ରୁଫଟପ୍ ସୌର ଶକ୍ତି ବ୍ୟବହାର ଦ୍ୱାରା ହେଉଥିବା ଆର୍ଥିକ ସଞ୍ଚୟ, ଉପଲବ୍ଧ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସବ୍‌ସିଡି, ଯୋଗ୍ୟତା ମାପଦଣ୍ଡ ଏବଂ ପର୍ଯ୍ୟାୟକ୍ରମିକ ଆବେଦନ ପ୍ରକ୍ରିୟା ବିଷୟରେ ଲୋକଙ୍କୁ ଅବଗତ କରୁଛନ୍ତି।



## ରଥଯାତ୍ରାରେ 'ମନ୍ କୀ ରଥ'

ଭୁବନେଶ୍ୱର,୨୨।୭: ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କ (ଉଜ୍ଜୀବନ ଏସଏଫବି) ପକ୍ଷରୁ ଜୁଲାଇ ୨୦ରୁ ୨୪ ପର୍ଯ୍ୟନ୍ତ ଓଡିଶାରେ ଏହାର ରଥଯାତ୍ରା ଫ୍ଲାଗସିପ କ୍ୟାମ୍ପେନ 'ଭକ୍ତି ର ଡୋରୀ'ର ୩ୟ ସଂସ୍କରଣ ଲଞ୍ଚ୍ କରିବା ପାଇଁ ପ୍ରସ୍ତୁତ ହୋଇଛି। ଏହି ଅଭିଯାନ ହେଉଛି ଏକ ଅଭିଜ୍ଞତାମୂଳକ କାର୍ଯ୍ୟକ୍ରମ ଯେଉଁଠାରେ ଅଂଶଗ୍ରହଣକାରୀମାନେ ଉଦ୍ଦେଶ୍ୟ, ଦିଗ ଓ ଆର୍ଥିକ ପ୍ରଗତି ପାଇଁ ଏକ ପ୍ରତୀକ ଭାବେ ଏକ 'ରଥଯାତ୍ରା' ଅନୁଭୂତିର ପବିତ୍ର ଯାତ୍ରାର ବ୍ୟବହାର କରି ଏକ ଭର୍ଚୁଆଲ ରଥ ଟାଣିବେ। ଏହି ଅଭିଯାନ ସମ୍ପର୍କରେ ମତବ୍ୟକ୍ତ କରି ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କର ମୁଖ୍ୟ ମାର୍କେଟିଂ ଅଧିକାରୀ ଲକ୍ଷବଚ୍ଛ ଭେଲାୟୁଥମ କହିଛନ୍ତି, "ଗତବର୍ଷର ମନ୍ କୀ ରଥକୁ ମିଳିଥିବା ପ୍ରତିକ୍ରିୟା ବାସ୍ତବରେ ହୃଦୟସ୍ପର୍ଶୀ ଥିଲା। ଯେତେବେଳେ ଆପଣ ଜଣେ ଗ୍ରାହକଙ୍କୁ ସେମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଭେଟନ୍ତି, ସେତେବେଳେ ସଂଯୋଗ ଏକ କାରବାରଠାରୁ ବହୁ ଆଗକୁ ବଢିଥାଏ। ଚଳିତ ବର୍ଷ ଆମେ ଏହାକୁ ଅଧିକ ବ୍ୟକ୍ତିଗତ କରିବା ପାଇଁ ଟେକ୍ନୋଲୋଜିକୁ ସାଂସ୍କୃତିକ ବାସ୍ତବତା ସହ ଏକତ୍ରିତ କରିଛୁ।



## ଅନୁରାଗ ଜୈନ ନିତି ଆୟୋଗ ସିଇଓ

ନୂଆଦିଲ୍ଲୀ,୨୨।୭(ଏଜେନ୍ସି): କେନ୍ଦ୍ର ସରକାର ବୁଧବାର ୧୯୮୯ ବ୍ୟାଚର ବରିଷ୍ଠ ଆଇଏଏସ ଅଧିକାରୀ ଅନୁରାଗ ଜୈନଙ୍କୁ ନୀତି ଆୟୋଗର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ନିଯୁକ୍ତ କରିଛନ୍ତି। ମଧ୍ୟପ୍ରଦେଶ କ୍ୟାଡରର ଏହି ଅଧିକାରୀଙ୍କୁ ୨ ବର୍ଷ ପାଇଁ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀରେ ନିଯୁକ୍ତି ଦିଆଯାଇଛି। କ୍ୟାବିନେଟର ନିଯୁକ୍ତି କମିଟି ଏହି ପ୍ରସ୍ତାବକୁ ଅନୁମୋଦନ କରିଛି। ଅନୁରାଗ ଜୈନ ଜଣେ ଅଭିଜ୍ଞ ପ୍ରଶାସକ ଭାବେ ବେଶ ଜଣାଶୁଣା ଏବଂ ତାଙ୍କର ପ୍ରାୟ ୪ ଦଶନ୍ଧିର ପ୍ରଶାସନିକ ଅଭିଜ୍ଞତା ରହିଛି। ସେ ପୂର୍ବରୁ କେନ୍ଦ୍ର ସରକାର ଏବଂ ମଧ୍ୟପ୍ରଦେଶ ସରକାରଙ୍କ ଅଧୀନରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗରେ କାର୍ଯ୍ୟ କରିସାରିଛନ୍ତି। ବିଶେଷ କରି ଭିତ୍ତିଭୂମି ବିକାଶ, ଶିଳ୍ପ ଅଭିବୃଦ୍ଧି ଏବଂ ଶାସନଗତ ସଂସ୍କାର କ୍ଷେତ୍ରରେ ତାଙ୍କର ବିଶେଷ ଦକ୍ଷତା ରହିଛି।



## ଏଆଇ ଉପରେ ଅଙ୍କୁଶ ଲଗାଇବ ଡ୍ରାଗନ୍

ନୂଆଦିଲ୍ଲୀ,୨୨।୭(ଏଜେନ୍ସି): ରେୟାର ଆର୍ଥ ମାଟେରିଆଲ୍‌ର ଗନ୍ତାଘର ଚୀନ୍ ସାରା ବିଶ୍ୱକୁ ଚକମା ଦେବାକୁ ଯୋଜନା କରୁଛି। ଏ ନେଇ ସରକାର ଘନଘନ ବୈଠକ କରୁଛନ୍ତି। ନିଷ୍କର୍ଷ ଆସିବା ମାତ୍ରେ ବଡ଼ ପଦକ୍ଷେପ ଗ୍ରହଣ କରିପାରେ ଚୀନ୍। ଆଉ ଗୋଟିଏ ନିଷ୍ପତ୍ତି ସମଗ୍ର ବିଶ୍ୱକୁ ଚିନ୍ତାରେ ପକାଇପାରେ। ଚୀନ୍ ଏଆଇ ପ୍ରଯୁକ୍ତିବିଦ୍ୟା ଏବଂ ଚିପ୍ ରପ୍ତାନୀ ଉପରେ ଅଙ୍କୁଶ ଲଗାଇବାକୁ ପ୍ରସ୍ତୁତ ହେଉଛି। ଏକ ରିପୋର୍ଟ ଅନୁଯାୟୀ, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସକୁ ଚୀନ୍ ନିଜର ଜାତୀୟ ସୁରକ୍ଷା ଏବଂ ସମ୍ପତ୍ତି ଭାବେ ଗ୍ରହଣ କରି ସଂରକ୍ଷିତ ରଖିବାକୁ ଚାହୁଁଛି। ଚୀନ୍‌ର ବାଣିଜ୍ୟ ମନ୍ତ୍ରଣାଳୟ ଦେଶର ଏଆଇ ପ୍ରଯୁକ୍ତିବିଦ୍ୟା ଏବଂ ପ୍ରମୁଖ ଷ୍ଟାର୍ଟଅପଗୁଡ଼ିକୁ ପାଶ୍ଚାତ୍ୟ ଦେଶଗୁଡ଼ିକ ଦ୍ୱାରା ଅଧିଗ୍ରହଣ ହେବାରୁ ରୋକିବା ପାଇଁ ପଦକ୍ଷେପ ନେଉଛି।

## ଆୟୋଡିନ୍ ତିଳକ ଅଭିଯାନ

ଭୁବନେଶ୍ୱର,୨୨।୭: ଗତବର୍ଷର 'ଆୟୋଡିନ୍ ର ତିଳକ' ଅଭିଯାନର ସଫଳତା ଆଧାରରେ ବ୍ରାଣ୍ଡ ଚଳିତ ବର୍ଷ ଦର୍ଶନ, ଅନ୍ନ ଓ ସେବା ଭଳି ରଥ ଯାତ୍ରାର ତିନିଟି ସ୍ଥାୟୀ ସ୍ତମ୍ଭ ଦ୍ୱାରା ଅନୁପ୍ରେରିତ ହୋଇ ସଚେତନତା, ପରିପୋଷଣ ଏବଂ ସାମାଜିକ ପ୍ରଭାବକୁ ଗୋଟିଏ ସମନ୍ୱିତ ସାଂସ୍କୃତିକ ପ୍ରୟାସରେ ଏକୀକୃତ କରି ଏକ ବୃହତ୍ତର ଗତିଶୀଳ ଭିତ୍ତିକ ଅନୁଭୂତି ସହିତ ପ୍ରତ୍ୟାବର୍ତ୍ତନ କରିଛି। ଏହି ଅଭିଯାନକୁ ଅଭିନେତ୍ରୀ ଅର୍ଚ୍ଚିତା ସାହୁଙ୍କ ଉପସ୍ଥିତିରେ ଉନ୍ମୋଚନ କରାଯାଇଥିଲା ଏହି କାର୍ଯ୍ୟକ୍ରମର କେନ୍ଦ୍ରସ୍ଥଳରେ ରଥ ଯାତ୍ରାର ସମସ୍ତ ପ୍ରମୁଖ ମାର୍ଗଗୁଡିକରେ ଏକ ଅଣ-ଭୂଭାଗ ଭ୍ରାମ୍ୟମାଣ ଟିମ୍‌କୁ ନେଇ ଆଶୀର୍ବାଦ ଆୟୋଡିନ ସେବକଗଣ ରହିଛନ୍ତି,ଯେଉଁମାନେ ଏହି ଅନୁଭୂତି ଜନସାଧାରଣଙ୍କ ନିକଟକୁ ପ୍ରତ୍ୟକ୍ଷ ଭାବରେ ନେଇଯାଉଛନ୍ତି। ଦର୍ଶନ ଅନୁଭୂତି ଏକ ସରଳ ଚିନ୍ତାଧାରାରୁ ଆରମ୍ଭ ହେଉଛି, ତାହା ହେଉଛି- ଦର୍ଶନ କେବଳ ଭଗବାନଙ୍କୁ ଦେଖିବା ନୁହେଁ, ବରଂ ଯାହା ବାସ୍ତବରେ ଗୁରୁତ୍ୱପୂର୍ଣ୍ଣ ତାହା ଦେଖିବା। ଓଡ଼ିଶାର ସମୃଦ୍ଧ ଖାଦ୍ୟ ପରମ୍ପରାକୁ ପାଳନ କରିବାକୁ ଯାଇ ଅନ୍ନ ଅନୁଭୂତି ଭକ୍ତଗଣଙ୍କୁ ମହାପ୍ରଭୁ ଜଗନ୍ନାଥଙ୍କର ପ୍ରିୟ ପାନୀୟ ଟଙ୍କ ତୋରାଣି ଉପଭୋଗ କରିବାକୁ ଆମନ୍ତ୍ରଣ କରାଯାଉଛି, ଯାହା ପଖାଳ ତୋରାଣି ଏବଂ ଚିମୁଟାଏ ଆୟୋଡିନଯୁକ୍ତ ଲୁଣକୁ ନେଇ ପ୍ରସ୍ତୁତ ହୋଇଛି।




## ପୋଲିକ୍ୟାବ୍‌ର 'ପିପୁଲ୍-ଫାଷ୍ଟ'

ଭୁବନେଶ୍ୱର,୨୨।୭: ଭାରତର ନଂ. ୧ ୱାୟାର୍ସ ଏବଂ କେବୁଲ୍ କମ୍ପାନୀ 'ପୋଲିକ୍ୟାବ୍ ଇଣ୍ଡିଆ ଲିମିଟେଡ୍' ଜଗନ୍ନାଥ ପୁରୀ ରଥଯାତ୍ରାରେ ଯୋଗଦେଉଥିବା ଶ୍ରଦ୍ଧାଳୁମାନଙ୍କ ପାଇଁ ନିଜର ସାମାଜିକ ପଦକ୍ଷେପକୁ ଆହୁରି ସୁଦୃଢ଼ କରିଛି। ଲଗାତାର ଦ୍ୱିତୀୟ ବର୍ଷ ପାଇଁ ଜଗନ୍ନାଥ ପୁରୀ ରଥଯାତ୍ରାକୁ ଫେରି ପୋଲିକ୍ୟାବ୍, କୋଟି କୋଟି ଶ୍ରଦ୍ଧାଳୁଙ୍କ ସୁରକ୍ଷା, ଆରାମ ଏବଂ ସମଗ୍ର ଅନୁଭୂତିକୁ ସୁଧାରିବା ପାଇଁ ବିଭିନ୍ନ ଲୋକ-କେନ୍ଦ୍ରିକ ପଦକ୍ଷେପ ମାଧ୍ୟମରେ ଭାରତର ଏହି ସବୁଠାରୁ ବଡ଼ ଆଧ୍ୟାତ୍ମିକ ପର୍ବ ସହିତ ନିଜର ସମ୍ପର୍କକୁ ଆହୁରି ଗଭୀର କରିଛି। ଗତବର୍ଷର ସଫଳତାକୁ ଆଗକୁ ନେଇ, ପୋଲିକ୍ୟାବ୍ ପୁରୀରେ ଶ୍ରଦ୍ଧାଳୁଙ୍କ ଆଗମନକୁ ସ୍ୱାଗତଯୋଗ୍ୟ କରିବା, ଯୋଗାଯୋଗ ସୁବିଧା ଯୋଗାଇଦେବା, ବିଶ୍ରାମ ସ୍ଥଳ ତିଆରି କରିବା ଏବଂ ସୁରକ୍ଷାକୁ ଅଧିକ କଡ଼ାକଡ଼ି କରିବା ଭଳି ବିଭିନ୍ନ ପଦକ୍ଷେପ ନେଇଛି। ଏହି ସମସ୍ତ କାର୍ଯ୍ୟକ୍ରମ କମ୍ପାନୀର ମୂଳ ଲକ୍ଷ୍ୟ 'ସୁରକ୍ଷିତ ଓ ଖୁସିର ସମ୍ପର୍କ ଯୋଡ଼ିବା' ଦ୍ୱାରା ଅନୁପ୍ରାଣିତ—ଯାହା କେବଳ ଉତ୍ପାଦ ଏବଂ ଭିତ୍ତିଭୂମି ମଧ୍ୟରେ ସୀମିତ ନରହି ସମାଜରେ ଏକ ସକାରାତ୍ମକ ପ୍ରଭାବ ପକାଇବାରେ ବିଶ୍ୱାସ ରଖୁଛି।




## ଟୋଲ୍ ପ୍ଲାଜାର ୨୦ କିମି ପରିଧିରେ ରହୁଥିଲେ 'ଲୋକାଲ୍ ପାସ୍'

ନୂଆଦିଲ୍ଲୀ,୨୨।୭(ଏଜେନ୍ସି): ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ(ଏନ୍‌ଏଚ୍‌ଏଆଇ) ଏହାର ମୋବାଇଲ୍ ଆପ୍‌ରେ ଦୁଇଟି ପ୍ରମୁଖ ନାଗରିକ-କୈନ୍ଦ୍ରିକ ବୈଶିଷ୍ଟ୍ୟ ଆରମ୍ଭ କରିଛି। ଏଥିରୁ ଗୋଟିଏ ହେଉଛି ଅନଲାଇନ୍ 'ଲୋକାଲ୍ ପାସ୍' ଏବଂ ଅନ୍ୟଟି ହେଉଛି ଏକ ଡିଜିଟାଲ୍ ସକ୍ଷମ 'ମାର୍ଗମିତ୍ର' ସହାୟତା କେନ୍ଦ୍ର। ଏହି ବୈଶିଷ୍ଟ୍ୟଗୁଡ଼ିକୁ ପ୍ରଚଳନ କରି ଏନ୍‌ଏଚ୍‌ଏଆଇ ବ୍ୟବହାରକାରୀଙ୍କ ପାଇଁ ଡିଜିଟାଲ୍ ଇକୋସିଷ୍ଟମକୁ ମଜବୁତ କରିଛି। ଏହା ଭାରତ ସରକାରଙ୍କ ଡିଜିଟାଲ୍ ଇଣ୍ଡିଆ ଦୃଷ୍ଟିକୋଣ ଏବଂ ଜୀବନଯାପନର ସହଜତା ବୃଦ୍ଧି କରିବାର ଆବଶ୍ୟକତା ସହିତ ସମାନ। ନୂତନ ପଦକ୍ଷେପର ଲକ୍ଷ୍ୟ ହେଉଛି ଉନ୍ନତ ଡିଜିଟାଲ୍ ସେବା ପ୍ରଦାନ କରି ମାନୁଆଲ୍ ଡକ୍ୟୁମେଣ୍ଟେସନ୍ ଦୂର କରିବା ଏବଂ ଯାତ୍ରୀମାନଙ୍କ ପାଇଁ ସହାୟତାର ଦ୍ରୁତ ପହଞ୍ଚିବା




### ରାଜମାର୍ଗଯାତ୍ରା ଆପ୍‌ରେ କରିହେବ ଆବେଦନ
### ଅସୀମିତ ଯାତାୟାତ, ମାସିକ ୩୫୦ ଟଙ୍କା

ସୁନିଶ୍ଚିତ କରି ଜାତୀୟ ରାଜପଥ ଯାତ୍ରାକୁ ଅଧିକ ସୁଗମ କରିବା।

ନୂତନ ଭାବରେ ଆରମ୍ଭ ହୋଇଥିବା 'ଲୋକାଲ୍ ପାସ୍' ବୈଶିଷ୍ଟ୍ୟ ଯୋଗ୍ୟ ଯାତ୍ରୀମାନଙ୍କୁ ଟୋଲ୍ ପ୍ଲାଜାକୁ ନ ଯାଇ ହାଇୱେ ଯାତ୍ରା ମୋବାଇଲ୍ ଆପ୍ ମାଧ୍ୟମରେ ଡିଜିଟାଲ୍ ଭାବରେ ଟୋଲ୍ ପାସ୍ କିଣିବାକୁ ସକ୍ଷମ କରିଥାଏ। ଡିଜିଟାଲ୍ ଲୋକାଲ୍ ଟୋଲ୍ ପାସ୍ ବୈଶିଷ୍ଟ୍ୟ ପ୍ରଥମେ ଦିଲ୍ଲୀର ଅର୍ବାନ ଏକ୍ସଟେନ୍ସନ୍ ରୋଡ୍-୨ ସ୍ଥିତ ମୁଣ୍ଡକା-ବକ୍କରୱାଲା ଟୋଲ୍ ପ୍ଲାଜାରେ ଆରମ୍ଭ କରିଥିଲା। ଆଗାମୀ ମାସଗୁଡ଼ିକରେ ଏହାକୁ ଦେଶର ଅନ୍ୟ ଟୋଲ୍ ପ୍ଲାଜାରେ ଆରମ୍ଭ କରାଯିବ। ଯୋଗ୍ୟ ଟୋଲ୍ ପ୍ଲାଜାର ୨୦ କିଲୋମିଟର ପରିଧି ମଧ୍ୟରେ ରହୁଥିବା ବାସିନ୍ଦାମାନେ ହାଇୱେ ଯାତ୍ରା ମୋବାଇଲ୍ ଆପ୍ ମାଧ୍ୟମରେ ଡିଜିଟାଲ୍ ଭାବରେ 'ଲୋକାଲ୍ ପାସ୍' କିଣିପାରିବେ। ଏହା ମାସ ମଧ୍ୟରେ ସମ୍ପୃକ୍ତ ଟୋଲ୍ ପ୍ଲାଜା ଦେଇ ଅସୀମିତ ଯାତ୍ରା କରିବାକୁ ଅନୁମତି ଦେବ। ପୂର୍ବରୁ, ଯାତ୍ରୀମାନଙ୍କୁ ସେମାନଙ୍କର ଯୋଗ୍ୟତା ସ୍ଥାପନ କରିବା ଏବଂ ସମର୍ଥନକାରୀ ଡକ୍ୟୁମେଣ୍ଟ ଦାଖଲ କରିବା ପାଇଁ ବ୍ୟକ୍ତିଗତ ଭାବରେ ଟୋଲ୍ ପ୍ଲାଜାକୁ ଯିବାକୁ ପଡୁଥିଲା। ନୂତନ ଡିଜିଟାଲ୍ ଫ୍ରେମୱାର୍କ ଅଧୀନରେ, ସମ୍ପୂର୍ଣ୍ଣ ପ୍ରକ୍ରିୟା ଏବେ କିଛି ମିନିଟ୍ ମଧ୍ୟରେ ଡିଜିଟାଲ୍ ଭାବରେ ସମାପ୍ତ କରାଯାଇପାରିବ। ଏହି ପଦକ୍ଷେପ ଯାତ୍ରୀଙ୍କ ଠିକଣା, ଯାନବାହାନ ନମ୍ବର ଏବଂ ଲିଙ୍କ୍ ହୋଇଥିବା ଫାସ୍‌ଟ୍ୟାଗ୍ ସହିତ ଜଡିତ ଯାଞ୍ଚିତ ବିବରଣୀକୁ ସ୍ୱୟଂଚାଳିତ ଭାବରେ ପୁନରୁଦ୍ଧାର କରିବା ପାଇଁ ଡିଜିଲକର୍ ଏବଂ ବାହନ ସମେତ ସରକାରୀ ଡିଜିଟାଲ୍ ପ୍ଲାଟଫର୍ମ ସହିତ ସମ୍ମତି-ଆଧାରିତ ସମନ୍ୱୟକୁ ଲାଭ ପ୍ରଦାନ କରେ। ଜିଆଇଏସ୍ -ଆଧାରିତ ଯାଞ୍ଚକରଣ ମାଧ୍ୟମରେ ସ୍ଥାନୀୟ ପାସ୍ ପାଇଁ ଯୋଗ୍ୟତା ପ୍ରତିଷ୍ଠା କରାଯାଇଛି, ମାନୁଆଲ୍ ଡକ୍ୟୁମେଣ୍ଟେସନ୍ ଦୂର କରି ଏବଂ ସ୍ୱଚ୍ଛତା ଏବଂ ସଠିକତା ସୁନିଶ୍ଚିତ କରିବା ସହିତ ବ୍ୟବହାରକାରୀଙ୍କ ସୁବିଧାକୁ ଉନ୍ନତ କରି। 'ଲୋକାଲ୍ ପାସ୍' ପାଇବା ପରେ ଜଣେ ରାଜମାର୍ଗରେ ଅସୀମିତ ଯାତାୟାତ ସୁବିଧା ହାସଲ କରିବେ। ଏଥିପାଇଁ ମାସିକ ଫି' ୩୫୦ ଟଙ୍କା ଦେବାକୁ ହେବ।



## ଆଜିର ରାଶିଫଳ

**ମେଷ:** ନୂଆ କାମ ଆରମ୍ଭ କରିବା ପାଇଁ ଭଲ ସମୟ। ଧାର କରଜରୁ ଦୂରେଇ ରହିବେ। ବ୍ୟବସାୟରେ କ୍ଷତି ହେବ। ପ୍ରିୟବନ୍ଧୁଙ୍କୁ ନିଜ ମନକଥା କହିବେ। ପ୍ରେମୀଯୁଗଳଙ୍କ ମତାନ୍ତର ଦୂର ହେବ।

**ବୃଷ:** ଘରେ ମାଙ୍ଗଳିକ କାର୍ଯ୍ୟକ୍ରମ ଆୟୋଜନ କରିବେ। ଅବିବାହିତଙ୍କ ବିବାହ ସ୍ଥିର ହେବ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ନୂଆ ଲୋକଙ୍କ ସହ ସମ୍ପର୍କ ସ୍ଥାପନ ହେବ।

**ମିଥୁନ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଦୂର ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟୀ ନୂଆ ବ୍ୟବସାୟର ଯୋଜନା କରିବେ। ପ୍ରେମୀଯୁଗଳ ସୁନ୍ଦର ସମୟ ଅତିବାହିତ କରିବେ।

**କର୍କଟ:** ପଡ଼ୋଶୀଙ୍କ ସାହାଯ୍ୟ ମିଳିବ। କ୍ରୀଡ଼ାବିତ୍‌ଙ୍କୁ ଶୁଭ ଖବର ମିଳିବ। ଜମି କାରବାରରେ ସଫଳ ହେବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ। ଅଯଥା କାମରେ ସମୟ ନଷ୍ଟ ହେବ।

**ସିଂହ:** ମନପସନ୍ଦ କାମରୁ ସଫଳତା ମିଳିବ। ଆଣ୍ଠୁଗଣ୍ଠି ସମସ୍ୟା ପାଇଁ ଚିନ୍ତାରେ ରହିବେ। ଅଫିସ୍ କାମ ଠିକ୍ ସମୟରେ ଶେଷ କରିବେ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ମିଳିବ। ନାଚ, ଗୀତ ପ୍ରତି ରୁଚି ବଢ଼ିବ। ବନ୍ଧୁଙ୍କ ସହ ସମୟ ଅତିବାହିତ କରିବେ। ଅଫିସ୍‌ରେ ଅସୁବିଧାର ସମ୍ମୁଖୀନ ହେବେ। ଚାକିରିରେ ବଦଳି ସମ୍ଭାବନା ଅଛି।

**ତୁଳା:** ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ନୂଆ ଚାକିରି ମିଳିବା ସମ୍ଭାବନା ଅଛି। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍‌ବୁଝାମଣା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**ବିଛା:** ରାଜନୀତିରେ ସକ୍ରିୟ ହେବେ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ବନ୍ଧୁଙ୍କ କଥା ଖରାପ ଲାଗିବ। ସମସ୍ତ କାର୍ଯ୍ୟ ସୁଚାରୁରୂପେ ତୁଲାଇବେ। ଆୟ ସହ ଖର୍ଚ୍ଚ ବଢ଼ିବ।

**ଧନୁ:** ଚାକିରି ପାଇଁ ବିଦେଶ ଯାତ୍ରା କରିବେ। ପ୍ରିୟଜନଙ୍କ କଥା ଦୁଃଖ ଦେବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପେଟ ଜନିତ ସମସ୍ୟା ଦେଖା ଦେବ। କାର୍ଯ୍ୟରୁ ଆଶାଜନକ ଲାଭ ମିଳିବ ନାହିଁ।

**ମକର:** ସମୟର ସଦୁପଯୋଗ କରିବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ। ଠକାମିର ଶିକାର ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। କଳାକାର, ଡାକ୍ତରଙ୍କୁ ଶୁଭ ଖବର ମିଳିବ।

**କୁମ୍ଭ:** ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁ ନାହିଁ। ସନ୍ତାନଙ୍କ କ୍ୟାରିୟର୍‌କୁ ନେଇ ଚିନ୍ତାରେ ରହିବେ। ବ୍ୟାଙ୍କ ଓ ଆଇଟି କ୍ଷେତ୍ରରେ ସଫଳତା ମିଳିବ। ଚିନ୍ତା ଓ ଅବସାଦରେ ରହିବେ।

**ମୀନ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ବିବାହକୁ ନେଇ ଚିନ୍ତାରେ ରହିବେ। ନିଜ ପାଇଁ ସମୟ ବାହାର କରିବେ। ବୈବାହିକ ଜୀବନ ସୁଖମୟ ହେବ। ଅର୍ଥ ସଞ୍ଚୟ ଯୋଜନା କରିବେ।

## ଆଜିର ଐତିହ୍ୟ

- ୧୮୫୬- ଲୋକମାନ୍ୟ ବାଲ ଗଙ୍ଗାଧର ତିଲକଙ୍କ ଜନ୍ମ।
- ୧୯୦୩- ମୋଟର୍ କମ୍ପାନି ଫୋର୍ଡ ତା'ର କାର୍ ବିକ୍ରି ଆରମ୍ଭ କଲା।
- ୧୯୦୬- କ୍ରାନ୍ତିକାରୀ ଚନ୍ଦ୍ରଶେଖର ଆଜାଦଙ୍କ ଜନ୍ମ।
- ୧୯୨୭- ଭାରତରେ ନିୟମିତ ରେଡିଓ ପ୍ରସାରଣ ଆରମ୍ଭ ହେଲା।
- ୨୦୧୨- ସ୍ୱାଧୀନତା ସଂଗ୍ରାମୀ ତଥା ସମାଜସେବୀ ଲକ୍ଷ୍ମୀ ସେହଗଲ୍‌ଙ୍କ ଦେହାନ୍ତ।


# ଜ୍ୟାକ୍‌ଲିନ୍‌ଙ୍କ ଏଆଇ ଅବତାର




ବଲିଉଡ୍ ଅଭିନେତ୍ରୀ ଜ୍ୟାକଲିନ୍ ଫର୍ଣ୍ଣାଣ୍ଡିଜ୍ ଏବେ ଡିଜିଟାଲ୍ ଅନ୍ଦାଜରେ ନିଜ ପ୍ରଶଂସକମାନଙ୍କ ସହ ଯୋଡ଼ି ହେବାକୁ ଯାଉଛନ୍ତି। ପ୍ରକୃତରେ, ଜ୍ୟାକଲିନ୍ ନିଜର ଏକ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଆଧାରିତ ଡିଜିଟାଲ ଅବତାର ଲଞ୍ଚ୍ କରିଛନ୍ତି, ଯାହା ମାଧ୍ୟମରେ ଏବେ ପ୍ରଶଂସକମାନେ ତାଙ୍କ ଜୀବନ ସହ ଜଡ଼ିତ ଅନେକ ଅନାଲୋଚିତ କାହାଣୀକୁ ଅତି ନିକଟରୁ ଜାଣିପାରିବେ। ଏନେଇ ଜ୍ୟାକଲିନ୍‌ଙ୍କ କହିବା କଥା, "ଏଆଇ ଅବତାର ମାଧ୍ୟମରେ ସେ ତାଙ୍କ ପ୍ରଶଂସକଙ୍କ ସହ ଏକ ଭିନ୍ନ ସ୍ତରରେ ଯୋଡ଼ି ହୋଇପାରିବେ।" ଏହାକୁ ଏପରି ଭାବରେ ପ୍ରସ୍ତୁତ କରାଯାଇଛି, ଯେପରି ଜ୍ୟାକଲିନ୍‌ଙ୍କ ପ୍ରଶଂସକମାନେ ଇଣ୍ଟରଆକ୍ଟିଭ୍ ଶୈଳୀରେ ତାଙ୍କର ବିଚାରଧାରା, ଅନୁଭୂତି ଏବଂ ପସନ୍ଦିତ ଜିନିଷଗୁଡ଼ିକ ବିଷୟରେ ଜାଣିପାରିବେ। ଜ୍ୟାକଲିନ୍‌ଙ୍କର ଏହି ଏଆଇ ଅବତାରକୁ ତାଙ୍କ ବ୍ୟକ୍ତିତ୍ୱର ଏକ ଡିଜିଟାଲ୍ ବିସ୍ତାର ବୋଲି କୁହାଯାଉଛି। ଏହା ଦେଖିବାକୁ ଅବିକଳ ଜ୍ୟାକ୍‌ଲିନ୍‌ଙ୍କ ଭଳି। ତାଙ୍କର ଡିଜିଟାଲ ଅବତାରକୁ କଲେକ୍ଟିଭ୍ ଆର୍ଟିଷ୍ଟ ନେଟ୍‌ୱାର୍କର ଏଆଇ ଷ୍ଟୁଡିଓ 'ଗ୍ୟାଲେରି୫' ପ୍ରସ୍ତୁତ କରିଛି। ଏହାକୁ ତିଆରି କରିବା ଲାଗି ଏଆଇ କଥାବାର୍ତ୍ତା ଟେକ୍‌ନିକ୍, ଭଏସ୍ ସିନ୍ଥେସିସ୍ ଏବଂ ଇଣ୍ଟର ଆକ୍ଟିଭ୍ ଟେକ୍ନୋଲୋଜିର ବ୍ୟବହାର କରାଯାଇଛି। ଯାହାକି କେବଳ ଜ୍ୟାକଲିନ୍‌ଙ୍କ ଚେହେରା ନୁହେଁ, ବରଂ ତାଙ୍କ ଚିନ୍ତାଧାରା ଓ ବ୍ୟକ୍ତିତ୍ୱକୁ ବି ପ୍ରତିଫଳିତ କରିପାରିବ। ତାଙ୍କର ଏହି ଏଆଇ ଅବତାରରେ ଏକ ବିଶେଷ ପ୍ରକାର ବୁକ୍ କ୍ଲବ୍ ରହିବ। ତାଙ୍କ ଚିନ୍ତାଧାରାକୁ ପ୍ରଭାବିତ କରୁଥିବା ବହିଗୁଡ଼ିକ ବାବଦରେ ସେ ଏଠାରେ କହିବେ। ଏହା ବ୍ୟତୀତ ଏହି ପ୍ଲାଟଫର୍ମରେ ତାଙ୍କ ଜୀବନ ସହ ଜଡ଼ିତ ଅନୁଭବ, ଆତ୍ମଚିନ୍ତନ ଏବଂ ବ୍ୟକ୍ତିଗତ କାହାଣୀ ସାମିଲ ହେବ। ଏହା ଏମିତି କଣ୍ଟେଣ୍ଟ ହେବ, ଯାହାକି ଜ୍ୟାକ୍‌ଲିନ୍‌ଙ୍କ ପ୍ରଶଂସକଙ୍କୁ ତାଙ୍କ ବ୍ୟକ୍ତିତ୍ୱର ଅଲଗା ପରିଚୟ ପ୍ରଦାନ କରିବ। ଏନେଇ ଜ୍ୟାକଲିନ୍‌ଙ୍କ କହିବା କଥା, "ବହି ହେଉ କି କୌଣସି ନୂଆ ଚିନ୍ତାଧାରା ମୋତେ ପ୍ରେରଣା ଦେଉଥିବା ଜିନିଷଗୁଡ଼ିକ ସବୁବେଳେ ମୁଁ ସେୟାର୍ କରିବାକୁ ପସନ୍ଦ କରେ। ଏହି ଏଆଇ ଅବତାର ମାଧ୍ୟମରେ ଯେଉଁ କଥାଗୁଡ଼ିକ ସାମାଜିକ ଗଣମାଧ୍ୟମରେ ସେୟାର୍ କରିବା ସହଜ ହୋଇ ନ ଥାଏ ତାହା ସେୟାର୍ କରାଯାଇ ପାରିବ।"

# ଗୋଲାପି ବାସ୍କେଟ୍‌ରେ ଜୀବନସାଥୀ ଖୋଜା

ବର୍ତ୍ତମାନର ଡେଟିଂ ଆପ୍ ଏବଂ ସୋସିଆଲ ମିଡିଆ ଯୁଗରେ ଜୀବନସାଥୀ ଖୋଜିବାର ଏକ ନିଆରା ଉପାୟ ସାମ୍ନାକୁ ଆସିଛି। ଫିନ୍‌ଲ୍ୟାଣ୍ଡ ସୁପରମାର୍କେଟ୍‌ରେ ଗ୍ରାହକଙ୍କୁ ଗ୍ରସରି କିଣିବା ସହିତ ନିଜ ପାଇଁ ଜୀବନସାଥୀ ଖୋଜିବାର ସୁଯୋଗ ମିଳିପାରୁଛି। ଯାହାକୁ ନେଇ ଏବେ ଖୁବ୍ ଚର୍ଚ୍ଚା ହେଉଛି। ଯେଉଁ ଗ୍ରାହକମାନେ ସିଙ୍ଗଲ୍ ଅଛନ୍ତି ଏବଂ ନିଜ ପାଇଁ ସାଥୀଟିଏ ଖୋଜୁଛନ୍ତି, ସେମାନେ ସପିଂ କରିବା ସମୟରେ ଏହି ଗୋଲାପି ବାସ୍କେଟ୍ ବ୍ୟବହାର କରିଥାନ୍ତି। ଏହି ବାସ୍କେଟ୍ ବହନ କରୁଥିବା ବ୍ୟକ୍ତି ସିଙ୍ଗଲ୍ ବୋଲି ଅନ୍ୟମାନେ ଜାଣିପାରନ୍ତି ଏବଂ ସେମାନଙ୍କ ସହ କଥାବାର୍ତ୍ତା ଆରମ୍ଭ କରିବା ପାଇଁ ଏକ ସୁଯୋଗ ସୃଷ୍ଟି ହୁଏ। ଡେଟିଂ ଆପ୍‌ରେ ସ୍ୱାଇପ୍ କରିବା ଅପେକ୍ଷା ବାସ୍ତବ ଦୁନିଆରେ ଲୋକଙ୍କ ସହ ସିଧାସଳଖ ମିଶିବା ପାଇଁ ଏହାକୁ ଏକ ଭଲ ଏବଂ ସୁରକ୍ଷିତ ମାଧ୍ୟମ ଭାବେ ଦେଖାଯାଉଛି। ଆମେରିକାର କଣ୍ଟେଣ୍ଟ କ୍ରିଏଟର ରୋୟା ଫକ୍ସ ନିଜ ଇନଷ୍ଟାଗ୍ରାମ୍ ଆକାଉଣ୍ଟରେ ଏହି ନିଆରା ପରିକଳ୍ପନା ବାବଦରେ ସେୟାର୍ କରିବା ପରେ ସମସ୍ତଙ୍କ ନଜରକୁ ଆସିଛି। ରୋୟା କହିଛନ୍ତି ଏହି ବାସ୍କେଟ୍‌ରେ 'ସିଙ୍କୁ କୋରି' ଲେଖା ଥାଏ। ଏହାର ଅର୍ଥ 'ସିଙ୍ଗଲ ବାସ୍କେଟ।' ଏଠାକାର କିଛି ସୁପରମାର୍କେଟରେ ଏହି ସୁବିଧା ସିଙ୍ଗଲ ଲୋକଙ୍କୁ ସହଜ ଓ ସୁରକ୍ଷିତ ପରିବେଶରେ ପରସ୍ପର ସହ ଭେଟ କରିବାର ସୁଯୋଗ ଦେବା ଉଦ୍ଦେଶ୍ୟରେ ଆରମ୍ଭ କରାଯାଇଥିଲା। ଏହାବାଦ୍ ଏହାର ଅନ୍ୟତମ ଉଦ୍ଦେଶ୍ୟ ହେଉଛି ଡେଟିଂ ଆପ୍ ତଥା ବାର୍ ସଂସ୍କୃତି ଭିନ୍ନ ଲୋକଙ୍କ ମଧ୍ୟରେ ସର୍ବସାଧାରଣ ସ୍ଥାନରେ କଥାବାର୍ତ୍ତା ଆରମ୍ଭ କରାଇବା। ତେବେ ଏହି ସୁବିଧା ପ୍ରତ୍ୟେକ ସୁପରମାର୍କେଟରେ ଉପଲବ୍ଧ ନାହିଁ। କିଛି ବଛା ବଛା ଷ୍ଟୋରରେ ଏହା ଦେଖିବାକୁ ମିଳେ। ସେହିପରି ଏହା କୌଣସି ବିଧିବଦ୍ଧ ଡେଟିଂ ସେବା ନୁହେଁ, ବରଂ ଏହା ପରୀକ୍ଷାମୂଳକ ଭାବେ ଆରମ୍ଭ କରାଯାଇଥିବା ଏକ ପରିକଳ୍ପନା। ଗ୍ରାହକ ନିଜ ଇଚ୍ଛାରେ ବାସ୍କେଟ ଉଠାନ୍ତି ଯଦ୍ଦ୍ୱାରା ଅନ୍ୟମାନେ ଏକଥା ବୁଝନ୍ତି, ସମ୍ପୃକ୍ତ ବ୍ୟକ୍ତିଙ୍କ ସହିତ କଥାବାର୍ତ୍ତା କରିବା ସମ୍ଭବ। ଫିନଲ୍ୟାଣ୍ଡରେ ପୂର୍ବରୁ କମଳା, ହଳଦିଆ ରଙ୍ଗକୁ ସିଙ୍ଗଲ ବାସ୍କେଟ ଭାବେ ବ୍ୟବହାର କରାଯାଉଥିଲା।





# ୩୫ ବର୍ଷ ପରେ ଶୁଝିଲେ ଉଧାର

ଆଜିର ସମୟରେ ଲୋକେ ଛୋଟ ମୋଟ ଧାର କରଜକୁ ଭୁଲି ଯାଉଛନ୍ତି। ତେବେ କେରଳର ଜଣେ ବ୍ୟକ୍ତି ୩୫ ବର୍ଷ ତଳେ ନେଇଥିବା ସାଙ୍ଗର ଉଧାରି ଟଙ୍କାକୁ ଏବେ ଶୁଝି ଚର୍ଚ୍ଚାରେ ରହିଛନ୍ତି। ଘଟଣାଟି ହେଉଛି କେରଳ ନିବାସୀ ମହମ୍ମଦ ଇସ୍ମାଇଲ ଏବଂ ତେଲେଙ୍ଗାନାରେ ରହୁଥିବା ଏଡଲା ଲଚନ୍ନାଙ୍କର। ୧୯୯୦ ମସିହାରେ ସାଉଦି ଆରବରେ ଦୁହେଁ ଏକାଠି କାମ କରୁଥିଲେ। ଏକାଠି ରହିବା ସମୟରେ ସେମାନଙ୍କ ମଧ୍ୟରେ ବନ୍ଧୁତା ଏତେ ନିବିଡ଼ ହୋଇଯାଇଥିଲା ଯେ, ସେମାନେ ପରସ୍ପରର ସୁଖ ଦୁଃଖର ସାଥୀ ହୋଇଥିଲେ। ତେବେ ସେସମୟରେ କୌଣସି ଏକ ଆବଶ୍ୟକତା କାରଣରୁ ଇସ୍ମାଇଲ ନିଜ ସାଙ୍ଗ ଲଚନ୍ନାଙ୍କଠାରୁ ହଜାରେ ଟଙ୍କା ଧାର ନେଇଥିଲେ। ଅବଶ୍ୟ ଟଙ୍କା ନେବା ସମୟରେ ସେ ଶୀଘ୍ର ଫେରାଇବା ପ୍ରତିଶୃତି ବି ତାଙ୍କୁ ପ୍ରଦାନ କରିଥିଲେ। ହେଲେ ପରିସ୍ଥିତି ଏମିତି ହେଲା ଯେ, ଦୁହେଁ ପରସ୍ପରଠାରୁ ଅଲଗା ହୋଇଗଲେ। କିଛି ଦିନ ପରେ ଲଚନ୍ନା ଭାରତ ଫେରିଲେ। ସେ ସମୟରେ ମୋବାଇଲ, ଇଣ୍ଟରନେଟ୍, ସୋସିଆଲ ମିଡିଆର ସୁବିଧା ନ ଥିଲା। ଫଳରେ ଦୁହେଁ ପରସ୍ପର ସହ ଆଦୌ ଯୋଗାଯୋଗରେ ରହିଲେ ନାହିଁ। ତେବେ ୩୫ ବର୍ଷ ପରେ ବି ଇସ୍ମାଇଲ ସେହି ଉଧାର ଟଙ୍କାକୁ ଭୁଲି ନ ଥିଲେ। ବହୁ ବର୍ଷ ପରେ ନିଜ ସାଙ୍ଗକୁ ସେ ଖୋଜିବାକୁ ମନସ୍ତ କଲେ। ଯଦିଓ ତାଙ୍କ ପାଖରେ ସାଙ୍ଗର ଫୋନ୍ ନମ୍ବର କି ଘର ଠିକଣା ନ ଥିଲା, ତଥାପି ସେ କେବଳ ଏତିକି ଜାଣିଥିଲେ ଯେ, ତାଙ୍କ ସାଙ୍ଗ ତେଲେଙ୍ଗାନାର ଧର୍ମପୁରୀ ଅଞ୍ଚଳରେ ରହୁଥିଲେ। ଏହାକୁ ଆଧାର କରି ସେ ତାଙ୍କ ସାଙ୍ଗକୁ ଖୋଜିବାକୁ ଲାଗିଲେ। ଇଣ୍ଟରନେଟ୍‌ରୁ ତଥ୍ୟ ସଂଗ୍ରହ କରିବା ପରେ ସେ ନିଜେ ତେଲେଙ୍ଗାନା ଗଲେ ଏବଂ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିବା ପରେ ଶେଷରେ ନିଜ ସାଙ୍ଗର ପରିବାର ପାଖରେ ପହଞ୍ଚିଲେ। ସେ ସମୟରେ ଲଚନ୍ନା ବିଦେଶରେ କାମ କରୁଥିଲେ। ତେଣୁ ଦୁହିଁଙ୍କ କଥାବାର୍ତ୍ତା ଭିଡିଓ କଲ୍ ମାଧ୍ୟମରେ ହେଲା। ଏହି ସମୟରେ ଇସ୍ମାଇଲ ତାଙ୍କ ପରିବାରକୁ ୨୫ ହଜାର ଟଙ୍କା ଦେଇଥିଲେ। ଯାହାକି ମୂଳ ଉଧାର ଟଙ୍କା ଠାରୁ ଅନେକ ଗୁଣ ଅଧିକ ଥିଲା। ହେଲେ ଇସ୍ମାଇଲଙ୍କ ପାଇଁ ଟଙ୍କାଠୁ ଅଧିକ ତାଙ୍କ ପ୍ରତିଶ୍ରୁତି ରକ୍ଷା କରିବା ବେଶି ଗୁରୁତ୍ୱ ବହନ କରିଥିଲା ବୋଲି ସେ ଜଣାଇ ଦେଲେ। ସାମାଜିକ ଗଣମାଧ୍ୟମରେ ଏହି ଘଟଣାଟି ସେୟାର୍ ହେବା ପରେ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ଏପରିକି ଘଟଣାଟି ଲୋକଙ୍କ ହୃଦୟ ଜିଣିଛି।



## ସୁଶ୍ରୀ

### ହଜିଯାଉଥିବା ସ୍ୱାଦ



# ମହୁ ଘରା

**ଆବଶ୍ୟକ ସାମଗ୍ରୀ**

ଚାଉଳ ଗୁଣ୍ଡ – ଦୁଇ କପ୍, ମଇଦା– ଅଧା କପ୍, କଳା ଜିରା – ଅଧା ଚାମଚ, ପାନମଧୁରୀ – ଅଧା ଚାମଚ, ଗୁଡ଼ - ଅଧା ଚାମଚ, ନଡ଼ିଆ କ୍ଷୀର– ଏକ କପ୍, ତେଲ – ଆବଶ୍ୟକତା ଅନୁସାରେ, ଲୁଣ – ସ୍ୱାଦ ଅନୁସାରେ।

**ପ୍ରସ୍ତୁତି ପ୍ରଣାଳି**

ଗୋଟିଏ ବାଉଲ୍‌ରେ ଚାଉଳଗୁଣ୍ଡ, ମଇଦା, ଗୁଡ଼, ପାନମଧୁରୀ, କଳାଜିରା ସମେତ ନଡ଼ିଆ କ୍ଷୀର ଦେଇ ବହଳିଆ ଘୋଳ ପ୍ରସ୍ତୁତ କରନ୍ତୁ। ଏହାପରେ ଗ୍ୟାସ୍‌ରେ କଡ଼େଇ ବସାଇ ତେଲ ଦିଅନ୍ତୁ। ତେଲ ଗରମ ହୋଇଆସିଲେ ମହୁଘରା ଛାଞ୍ଚକୁ ଘୋଳରେ ବୁଡ଼ାଇ ତେଲ ଭିତରେ ଛାଡ଼ନ୍ତୁ। ଏହିପରି ଭାବେ ଏକା ସହିତ ତିନି ଚାରୋଟି ଲେଖାଏ ଛାଣନ୍ତୁ। ଦୁଇ ପାଖ ସୁନେଲି ରଙ୍ଗ ହୋଇଆସିଲେ ପ୍ଲେଟ୍‌କୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ମହୁ ଘରା'।

# ପରିଚୟ ଦେଇଛି ହସ୍ତତନ୍ତ ଶିଳ୍ପ

**କୁହାଯାଏ ଦୃଢ଼ମନୋବଳ, ଆତ୍ମବିଶ୍ୱାସ ଥିଲେ ଯେ କୌଣସି କାର୍ଯ୍ୟ ସମ୍ଭବ। ଏହାକୁ ପ୍ରମାଣ କରିଛନ୍ତି ବରଗଡ଼ ବରପାଲିର ୫୦ ବର୍ଷିୟା ସୁଲୋଚନା ମେହେର। ବୁଣାକାର ଭାବେ ସେ ଭଲିକି ଭଲି ସମ୍ବଲପୁରୀ ଲୁଗାବୁଣି ସ୍ୱାବଲମ୍ବୀ ହେବା ସହ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ହଜାରରୁ ଊର୍ଦ୍ଧ୍ୱ ମହିଳାଙ୍କୁ ପ୍ରଶିକ୍ଷଣ ଦେଇ ଆତ୍ମନିର୍ଭର କରିଛନ୍ତି। ଶାଢ଼ିରେ ସୂକ୍ଷ୍ମ କାରୁକାର୍ଯ୍ୟ ମାଧ୍ୟମରେ ପାରମ୍ପରିକ କଳାକୁ ପୁନର୍ଜୀବିତ କରି ଓଡ଼ିଶା ସମେତ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି।**



**ସଂଘର୍ଷରୁ ସଫଳ**

ବୁଣାକାର୍ଯ୍ୟ କଠିନ ଥିବାରୁ ସୁଲୋଚନାଙ୍କ ପିତାମାତା ତାଙ୍କୁ ଜଣେ ଟେଲର ମାଷ୍ଟରଙ୍କ ସହ ବିବାହ କରିଥିଲେ। ବିବାହ ପରେ ସେ ଶାଶୁଘର ଲୋକଙ୍କୁ ବୁଣାକାର୍ଯ୍ୟ କରୁଥିବା ଦେଖିଥିଲେ। ପରେ ଏଥିପ୍ରତି ତାଙ୍କ ମନରେ ଆଗ୍ରହ ଆସିଲା। ଅବଶ୍ୟ ପ୍ରାରମ୍ଭରେ ଏଥିରୁ କମ୍ ପାରିଶ୍ରମିକ ମିଳୁଥିଲା। ତଥାପି ତାଙ୍କ ମନୋବଳ ଭାଙ୍ଗି ନ ଥିଲା। ଜିଲ୍ଲା ପ୍ରଶାସନ ଦ୍ୱାରା ଦିଆଯାଉଥିବା ଡିଜାଇନର ଟ୍ରେନିଂରେ ସେ ପ୍ରଶିକ୍ଷଣ ନେଇଥିଲେ। ଏହାପରେ ଧୀରେ ଧୀରେ ସମ୍ବଲପୁରୀ ତନ୍ତକଳା ଶିଖି ଏଥିରେ ସେ ସିଦ୍ଧହସ୍ତ ହୋଇଥିଲେ।

**ଲୁପ୍ତକଳାକୁ ନୂଆ ରୂପ**

ସୁଲୋଚନା ଶାଢ଼ି ବୁଣିବା ସହ ଲୁପ୍ତ ପାରମ୍ପରିକ କଳାକୁ ବଜାୟ ରଖିଛନ୍ତି। ଉତ୍କଳ ଲକ୍ଷ୍ମୀ, ମଞ୍ଜୁଷା ଏବଂ ସାଚୀପତ ଭଳି ଶାଢ଼ି ସମୟ ସହ ଉଭେଇ ଯାଉଥିବାବେଳେ ସୁଲୋଚନା ଏହାକୁ ଆଧୁନିକ ସ୍ପର୍ଶ ଦେଇ ଲୋକପ୍ରିୟ କରିଛନ୍ତି।

ଏବେର ମହିଳାମାନେ ମୟୁର ଚନ୍ଦ୍ରିକା ପୁଷ୍ପାହାତୀ ଏବଂ ଗଜଗାମିନୀ ଭଳି ଐତିହାସିକ ଏବଂ ପ୍ରକୃତି ଆଧାରିତ ଶାଢ଼ି ବେଶ୍ ପସନ୍ଦ କରୁଛନ୍ତି।

**ଜିଲ୍ଲାରୁ ଜାତୀୟ ସ୍ତରରେ ଲୋକାଦୃତି**

ତାଙ୍କ ନିର୍ମିତ ଶାଢ଼ି ସମ୍ବଲପୁର, ଭୁବନେଶ୍ୱର ଏବଂ ଦିଲ୍ଲୀର ଅନେକ ବଡ଼ ସୋ ରୁମ୍‌ରେ ବିକ୍ରି ହେଉଛି। ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମ ଜରିଆରେ ସେ ନିଜକଳାକୁ ବିଶ୍ୱବିଦିତ କରିଛନ୍ତି। ୨୦୨୩ ମସିହାର ସେ ଲେହ-ଲଦାଖ ଗସ୍ତ କରି ସେନାକେନ୍ଦ୍ରର ୫୦ ଜଣ ମହିଳାଙ୍କୁ ବୟନଶିଳ୍ପ ତାଲିମ ଦେଇଥିଲେ।

**ଆତ୍ମନିର୍ଭର ୧୦୦୦ ମହିଳା**

ସମାଜ ପ୍ରତି ତାଙ୍କର ବଡ଼ ଯୋଗଦାନ ରହିଛି। ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ସେ ପାଖାପାଖି ୧୦୦୦ରୁ ଊର୍ଦ୍ଧ୍ୱ ମହିଳାଙ୍କୁ ବୁଣାକାର୍ଯ୍ୟ, ପ୍ରାକୃତିକ ରଙ୍ଗ ବ୍ୟବହାର ସମେତ ବିଭିନ୍ନ ଡିଜାଇନିଂ ପ୍ରଶିକ୍ଷଣ ଦେଇଛନ୍ତି। ଏହାଦ୍ୱାରା ମହିଳାମାନେ ଆତ୍ମନିର୍ଭର ହୋଇପାରିଛନ୍ତି। ସୁଲୋଚନାଙ୍କ ଏହି ସଫଳତା ପଛରେ ତାଙ୍କ ସ୍ୱାମୀଙ୍କ ପୂର୍ଣ୍ଣ ସହଯୋଗ ଏବଂ ସମର୍ଥନ ରହିଛି।

# ନେଲ୍ ସିରମ୍‌ରୁ ଚମକିବ ନଖ

**ସାଧାରଣତଃ ହାତକୁ ଆକର୍ଷଣୀୟ କରିବା ପାଇଁ ନଖର ଉପଯୁକ୍ତ ଯତ୍ନ ନେବା ଆବଶ୍ୟକ। ଏଥିପାଇଁ ଉଭୟ ହାତ ଓ ପାଦ ନଖକୁ ସୁନ୍ଦର ରଖିବା ପାଇଁ ମହିଳାମାନେ ମେନିକ୍ୟୁୟର ଏବଂ ପେଡିକ୍ୟୁୟର୍ ଆଦି କରିଥାନ୍ତି। ଅନେକ ବଡ଼ ନଖ ରଖିବା ସତ୍ତ୍ୱେ ଯତ୍ନ ନ ନେବା ଦ୍ୱାରା ଏହା ଭାଙ୍ଗିଯାଏ। ଏଣୁ ନଖକୁ ମଜଭୁତ୍ ରଖିବା ପାଇଁ ବଜାରରେ ମିଳୁଥିବା ରାସାୟନିକ ସିରମ୍ ପରିବର୍ତ୍ତେ ଘରୋଇ ସିରମ୍ ବ୍ୟବହାର କରିପାରିବେ।**



ନଖର ଶୁଷ୍କତା ଦୂର କରିବାକୁ ଚାହୁଁଥିଲେ ଏଥିପାଇଁ ଏକ ଚାମଚ ନଡ଼ିଆ ତେଲ, ଅଧା ଚାମଚ ଗ୍ଲିସେରିନ୍, ଏବଂ ଦୁଇତିନି ବୁନ୍ଦା ଲାଭେଣ୍ଡର ଏସେନ୍ସିଆଲ୍ ଅଏଲ୍‌କୁ ଭଲରେ ମିଶାନ୍ତୁ। ଏହାକୁ ଏକ ଛୋଟ ବୋତଲରେ ସଂରକ୍ଷିତ କରି ଦିନକୁ ଥରେ ନଖରେ ମସାଜ୍ କରନ୍ତୁ।


ସେହିପରି ଏକ ଚାମଚ ଅଲିଭ୍ ଅଏଲ୍, ଅଧା ଚାମଚ ଲେମ୍ବୁରସ ଏବଂ ଏକ କୋଳା ରସୁଣ ମିଶାଇ ଏହାକୁ ଏକ କାଚ ଶିଶିରେ ରଖନ୍ତୁ। ରାତିରେ ଶୋଇବା ପୂର୍ବରୁ ଏହାକୁ ନଖରେ ମସାଜ୍ କରନ୍ତୁ। ଏହା ନଖ ଭାଙ୍ଗିବାରୁ ସୁରକ୍ଷା ଦେବା ସହ ବୃଦ୍ଧି କରିଥାଏ।

ତେବେ ଏହି ଘର ତିଆରି ସିରମ୍ ନଖକୁ ଆବଶ୍ୟକ ପୋଷକ ତତ୍ତ୍ୱ ପ୍ରଦାନ କରିଥାଏ। ଏହା ନଖର ଚମକ ବୃଦ୍ଧି କରି, ନଖ ଭାଙ୍ଗିବା କମ୍ କରିଥାଏ। ଏଥିସହ ନଖ ଶୀଘ୍ର ବୃଦ୍ଧି ହୋଇଥାଏ।

# ସାୱାର୍ ମେକ୍‌ଅପ୍

**ସମୟାନୁସାରେ ଅନେକ ମେକ୍‌ଅପ୍ ଟ୍ରେଣ୍ଡ ଦେଖିବାକୁ ମିଳିଥାଏ। ଏହି କ୍ରମରେ ଏବେ ସାୱାର ମେକ୍‌ଅପ୍ ଲୋକପ୍ରିୟ ରହିଛି। ଏହା ଚିକ୍କଣ, ଉଜ୍ଜ୍ୱଳ ଏବଂ ଆକର୍ଷଣୀୟ ଦିଶିଥାଏ। ଏଥିରେ ଫାଉଣ୍ଡେସନ ବଦଳରେ ହାଲୁକା ଟିଣ୍ଟ ବ୍ଲଶ୍, ଲିକୁଇଡ୍ ହାଇଲାଇଟର୍ ଏବଂ ମଏଶ୍ଚରାଇଜର୍ ଲଗାଯାଏ। ଏଥିରୁ ଏକ ପ୍ରାକୃତିକ ଚମକ ମିଳିଥାଏ।**

- ତ୍ୱଚାକୁ ସଫା କରି ମଏଶ୍ଚରାଇଜର, ହାଲୁକା ସ୍କିନ୍ ଟିଣ୍ଟ ବା ବିବି କ୍ରିମ୍ ଲଗାନ୍ତୁ। ଏହାପରେ କ୍ରିମ୍ ବ୍ଲଶ୍‌ରେ ଗାଲକୁ ହାଲୁକା ରଙ୍ଗ ଦିଅନ୍ତୁ। ଆବଶ୍ୟକ ହେଲେ ହାଇଲାଇଟର୍ ଲଗାନ୍ତୁ। ଆଖିରେ ମସ୍କାରା ଏବଂ ଗାଲରେ ହାଲୁକା ଟିଣ୍ଟେଡ୍ ଲିପ୍ ବାମ୍ ଲଗାନ୍ତୁ।
- ଅପେକ୍ଷାକୃତ ମେକ୍‌ଅପ୍‌ର କମ୍ କଲେ ଏହା ଆଖିକୁ ସୁନ୍ଦର ଏବଂ ନାଚୁରାଲ ଦିଶିଥାଏ।
- କଲେଜ ଛାତ୍ରୀ, କର୍ମଜୀବୀ ମହିଳାଙ୍କ ସମେତ ହାଲୁକା ମେକ୍‌ଅପ୍ ପସନ୍ଦ ମହିଳାଙ୍କ ପାଇଁ ଏହା ଭଲ ହୋଇଥାଏ।



# କେଶ ଅନୁଯାୟୀ ପାନିଆ

ସାଧାରଣତଃ ଗୋଟିଏ ପାନିଆରେ ଘରର ସମସ୍ତ ଲୋକ ମୁଣ୍ଡ କୁଣ୍ଡାନ୍ତି। ହେଲେ କେଶ ବିଶେଷଜ୍ଞଙ୍କ କହିବାନୁଯାୟୀ, ତେଲ, ସାମ୍ପୁ ଭଳି, କେଶ ଅନୁଯାୟୀ ପାନିଆ ବ୍ୟବହାର କରିବା ଉଚିତ୍। ଭୁଲ୍ ପାନିଆରେ କୁଣ୍ଡାଇଲେ କେଶଝଡ଼ା ସହ କେଶମୂଳ ଦୁର୍ବଳ ହୋଇଥାଏ।

**ସିଧା, ଘନ କେଶ ପାଇଁ ସି- ଟାଇପ୍ ପାନିଆ**

- ସିଧା, ଲମ୍ବା ଏବଂ ଘନ କେଶ ଥିଲେ ପେଡାଲ ବ୍ରଶ୍ ଭଲ ହୋଇଥାଏ। ଏହାର ଚଉଡ଼ା ଦାନ୍ତ ଗୋଟିଏ ଥରର କେଶର ବଡ଼ ଅଂଶକୁ କଭର କରିଥାଏ। ଏହା କେଶକୁ ଜଟ ନ କରି ସହଜରେ କୁଣ୍ଡାଇ ହୋଇଥାଏ।


**କୁଞ୍ଚ କେଶ ପାଇଁ ୱାଇଡ୍ ଟୁଥ୍**

- ଛୋଟ ଏବଂ କୁଞ୍ଚ କେଶ ଶୀଘ୍ର ଅସଜଡ଼ା ହୋଇଯାଏ। ତେଣୁ ଏହାକୁ କୁଣ୍ଡାଇବା ପାଇଁ ମୋଟାଦାନ୍ତ ପାନିଆ ଭଲ। ଏହି ପାନିଆ ମଝିରେ ଗ୍ୟାପ୍ ଥିବାରୁ ଏଥିରେ ଭଲ ସେ ଜଟ ଛାଡ଼ିଯାଏ।

**ପତଳା କେଶ ପାଇଁ ନରମ ଦାନ୍ତ ପାନିଆ**

- କେଶ ପତଳା ଥିଲେ କିମ୍ବା ଧରୁ ଧରୁ ଛିଡ଼ି ଯାଉଥିଲେ, ଏଥିପାଇଁ ପତଳା ଦାନ୍ତ ପାନିଆ ବ୍ୟବହାର କରିପାରିବେ। ଏହା ନରମ ଥିବାରୁ ସହଜରେ କେଶ କୁଣ୍ଡାଇ ହୋଇଥାଏ, ଏହା କେଶମୂଳରେ ଚାପ ପକାଏନି। ଏହାଦ୍ୱାରା ଦୈନିକ କେଶଝଡ଼ା ମଧ୍ୟ କମ୍ ହୋଇଥାଏ।

# ଦୋଷ ସ୍ୱୀକାର କଲେ ୱାର୍ଣ୍ଣର



ସିଡ୍‌ନୀ,୨୨।୭ (ଏଜେନ୍ସି): ଅଷ୍ଟ୍ରେଲିଆର କିଂବଦନ୍ତୀ କ୍ରିକେଟର ଡେଭିଡ୍ ୱାର୍ଣ୍ଣର ମଦ୍ୟପାନ କରି ଗାଡି ଚଳାଇବା ଅପରାଧକୁ ସ୍ୱୀକାର କରିଛନ୍ତି। ଏହି ମକଦ୍ଦମାର ବିଚାର କରୁଥିବା ବିଚାରପତି ୱାର୍ଣ୍ଣରଙ୍କ ସ୍ୱୀକାରୋକ୍ତିଙ୍କୁ ଗ୍ରହଣ କରିଛନ୍ତି। ଅଗଷ୍ଟ ୧୮ ରେ ଦଣ୍ଡବିଧାନ କରିବେ ବୋଲି ବୁଧବାର ଶୁଣାଣି ପରେ ବିଚାରପତି ତାଙ୍କ ରାୟରେ ଜଣାଇଛନ୍ତି। କିଛି ଦିନ ତଳେ ୱାର୍ଣ୍ଣର ଅଧିକ ମଦ୍ୟପାନ କରି ଗାଡି ଚଳାଇଥିଲା ବେଳେ ପୁଲିସ୍ ଚେକିଂରେ ଧରାପଡ଼ିଥିଲେ। ପ୍ରଥମେ ମଦ୍ୟପାନକୁ ଅସ୍ୱୀକାର କରୁଥିବା ୱାର୍ଣ୍ଣର ପରେ ଗିରଫ ହୋଇଥିଲେ। ଏଭଳି ସମୟରେ ତାଙ୍କୁ ଛାଡ଼ କରାଯାଇଥିଲା। ମକଦ୍ଦମା ଚାଲୁଥିଲାବେଳେ ସେ ତାଙ୍କ ଦୋଷ ସ୍ୱୀକାର କରିଥିଲେ। ନିୟମ ଅନୁଯାୟୀ ସେ ଜେଲ ମଧ୍ୟ ଯାଇପାରନ୍ତି।

# ୱେଷ୍ଟଇଣ୍ଡିଜର ସାନ୍ତ୍ୱନାମୂଳକ ବିଜୟ

ବାର୍ବାଡସ, ୨୨।୭ (ଏଜେନ୍ସି): ଭ୍ରମଣକାରୀ ନ୍ୟୁଜିଲାଣ୍ଡ ବିପକ୍ଷରେ ବୁଧବାର ବାର୍ବାଡସରେ ଅନୁଷ୍ଠିତ ଦିନିକିଆ ସିରିଜର ଅନ୍ତିମ ତଥା ୫ମ ମୁକାବିଲାରେ ୱେଷ୍ଟଇଣ୍ଡିଜ ବିଜୟୀ ହୋଇଛି। ଏହି ମ୍ୟାଚରେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ନ୍ୟୁଜିଲାଣ୍ଡ ୫୦ ଓଭରରେ ୯ ୱିକେଟ ହରାଇ ୨୬୯ ରନ କରିଥିଲା। ଦଳ ପକ୍ଷରୁ ଟମ୍ ଲଥାମ ୬୯, ନିକ କେଲୀ ୬୪ ଓ ୱିଲ୍ ୟଙ୍ଗ ୫୬ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ବୋଲିଂରେ ଭିଟେଲ ଲୁଇସ ଓ ଆଲ୍‌ଜାରୀ ଜୋସେଫଙ୍କୁ ୨ଟି ଲେଖାଏ ୱିକେଟ୍ ସଫଳତା ମିଳିଥିଲା। ଜବାବରେ ଘରୋଇ ୱେଷ୍ଟଇଣ୍ଡିଜ ୧୫ଟି ବଲ୍ ବଳକା ଥାଇ ୮ ୱିକେଟ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ସିମରନ ହେଟମାୟର ୬୯ ଓ ସିର୍ଫାନ ରଦରଫୋର୍ଡ ୬୧ ରନ କରି ଦଳକୁ ଜିତାଇଥିଲେ। ସଫଳ ବୋଲର ଭାବେ ନ୍ୟୁଜିଲାଣ୍ଡର ବାମହାତୀ ସ୍ପିନର ଜେଡେନ ଲିନକ୍ସ ଓ ଜ୍ୟାକବ ଡଫିଙ୍କୁ ୩ଟି ଲେଖାଏ ୱିକେଟ୍ ମିଳିଥିଲା। ପରାଜୟ ସତ୍ତ୍ୱେ ନ୍ୟୁଜିଲାଣ୍ଡ ପାଞ୍ଚ ମ୍ୟାଚବିଶିଷ୍ଟ ସିରିଜକୁ ୩-୨ରେ ବିଜୟୀ ହୋଇଛି।

# ଆଜିଠାରୁ ରାଜ୍ୟଗୋଷ୍ଠୀ କ୍ରୀଡ଼ା




ଗ୍ଲାସ୍‌ଗୋ,୨୨।୭ (ଏଜେନ୍ସି): ବ୍ରିଟେନ ଶାସନାଧୀନ ଦେଶଗୁଡିକ ମଧ୍ୟରେ ପ୍ରତି ୪ ବର୍ଷରେ ଥରେ ଆୟୋଜିତ ହୋଇ ଆସୁଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୨୩ତମ ଏକ ସଂସ୍କରଣ ଗୁରୁବାରଠାରୁ ଆରମ୍ଭ ହେବ। ୧୧ ଦିନ ଧରି ସ୍କଟ୍‌ଲାଣ୍ଡର ରାଜଧାନୀ ଗ୍ଲାସ୍‌ଗୋ ସହରରେ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାରେ ଏଥର ଅନେକ ଲୋକପ୍ରିୟ ଖେଳକୁ ବାଦ୍ ଦିଆଯାଇଛି। ଗ୍ଲାସଗୋ ସଂସ୍କରଣରେ ଏଥର ମୋଟ ୧୦ଟି କ୍ରୀଡ଼ାରେ ପ୍ରତିଯୋଗିତା ହେବ। ଏହି ୧୦ଟି କ୍ରୀଡ଼ା ଶୃଙ୍ଖଳାରେ ୭୪ ଦେଶର ୩୨୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିବେ ବୋଲି ଜଣାଯାଇଛି। ଭାରତରୁ ୮ଟି ନିୟମିତ ଓ ୫ଟି ପାରା ସ୍ପୋର୍ଟ୍ସରେ ୧୨୬ ଜଣ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରୁଛନ୍ତି। ଏହା ମଧ୍ୟରେ ୭୮ଜଣ ପୁରୁଷ ଓ ୪୮ଜଣ ମହିଳା ପ୍ରତିଯୋଗୀ ରହିଛନ୍ତି। ସେମାନଙ୍କ ମଧ୍ୟରେ ଅଲିମ୍ପିକ୍ ପଦକ ବିଜେତା ଭାରୋତ୍ତୋଳିକା ମିରାବାଈ ଚାନୁ ଉଦ୍‌ଘାଟନୀ ଉତ୍ସବ ପରେଡ୍‌ରେ ଭାରତର ଜାତୀୟ ପତାକା ଧରିବେ। ମହିଳା ମୁଷ୍ଟିଯୋଦ୍ଧା ଲଭଲିନା ବୋରୋଗୋହାଇଁ ବାଟନ ଧରିବେ ବୋଲି ପୂର୍ବରୁ ଭାରତୀୟ ଅଲିମ୍ପିକ୍ ସଂଘ ପକ୍ଷରୁ ଘୋଷଣା କରାଯାଇଛି।

୨୦୨୬ରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରିବାକୁ ପ୍ରଥମେ ଅଷ୍ଟ୍ରେଲିଆର ଭିକ୍ଟୋରିଆକୁ ଚୟନ କରାଯାଇଥିଲା। କିନ୍ତୁ ଶେଷ ମୁହୂର୍ତ୍ତରେ ଭିକ୍ଟୋରିଆ ଏହି କ୍ରୀଡ଼ା ଆୟୋଜନରୁ ଓହରି ଯାଇଥିଲା। ଫଳରେ ବାତିଲ ହେବାକୁ ଯାଉଥିବା ଏହି ପ୍ରତିଯୋଗିତାକୁ କାଣ୍ଟଛାଣ୍ଟ କରି ଆୟୋଜନ ଲାଗି ସ୍କଟ୍‌ଲାଣ୍ଡକୁ ମନେଇବାରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସଂଘ ସଫଳ ହୋଇଥିଲା। ଫଳରେ କେବଳ ୧୦ଟି ଇଭେଣ୍ଟ ଏଥର ଆୟୋଜିତ ହେବ। ଏଗୁଡିକ ହେଲା ଲନ୍ ବଲ, ବାସ୍କେଟବଲ, ଜିମ୍ନାଷ୍ଟିକ୍ସ, ଆଥଲେଟିକ୍ସ, ବକ୍ସିଂ, ସାଇକ୍ଲିଂ, ଜୁଡୋ, ନେଟ୍‌ବଲ, ସନ୍ତରଣ ଓ ଭାରୋତ୍ତୋଳନ। ଏଥିରେ ୨୧୫ଟି ମେଡାଲ ଇଭେଣ୍ଟ ରହିଛି। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତୀୟମାନେ ଅଧିକ ପଦକ ଜିତୁଥିବା ବ୍ୟାଡ୍‌ମିଣ୍ଟନ, ରେସଲିଂ, ହକି ଓ ସୁଟିଂ ସହ ୯ଟି ଇଭେଣ୍ଟକୁ ଏଥର ବାଦ୍ ପଡ଼ିଛି। ଏଥର ଭାରତୀୟଙ୍କ ମଧ୍ୟରେ ଅଲିମ୍ପିକ୍ ପଦକ ବିଜେତା ନୀରଜ ଚୋପ୍ରା, ମୁରଲୀ ଶ୍ରୀଶଙ୍କର, ତାଜିନ୍ଦର ପାଲ ସିଂ ପ୍ରମୁଖ ଦୌଡ଼କୁଦରେ ପଦକ ଜିତିବାର ସମ୍ଭାବନା ରହିଛି। ମୀରାବାଇ ଓ ବିନ୍ଦିଆରାଣୀ ଦେବୀ, ଲଭଲିନାଙ୍କଠାରୁ ଭାରତ ପଦକ ଆଶା ରଖିଛି।

## ୟର୍କସାୟର ପକ୍ଷରୁ ଖେଳିବେ କୁଲଦୀପ

ଲଣ୍ଡନ,୨୨।୭ (ଏଜେନ୍ସି): ଭାରତର ପ୍ରମୁଖ ବାମହାତୀ ସ୍ପିନର କୁଲଦୀପ ଯାଦବ ଇଂଲିଶ କାଉଣ୍ଟି କ୍ରିକେଟ ଖେଳିବା ଲାଗି ୟର୍କସାୟର ସହ ଚୁକ୍ତିବଦ୍ଧ ହୋଇଛନ୍ତି। ଏହି ଚୁକ୍ତିନାମା ଅନୁଯାୟୀ ସେ ୱାନ୍‌ଡେ କପ୍‌ରେ ୫ଟି ମ୍ୟାଚ୍ ଓ ପରେ କାଉଣ୍ଟି କ୍ରିକେଟର ଶେଷ ୪ଟି ମୁକାବିଲାରେ ୟର୍କସାୟର ପକ୍ଷରୁ ଖେଳିବେ। ଭାରତ ଲାଗି ୧୮ଟି ଟେଷ୍ଟ ଖେଳିଥିବା ୩୧ ବର୍ଷୀୟ କୁଲଦୀପ ୭୯ଟି ୱିକେଟ ଅକ୍ତିଆର କରିଛନ୍ତି।

## ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାଗନେବେ ଓଡ଼ିଶା ଜିମ୍ନାଷ୍ଟିକ ଏଚପିସିର ୩ ଜିମ୍ନାଷ୍ଟ



ଭୁବନେଶ୍ୱର, ୨୨।୭ (ସମିସ): ଗ୍ଲାସଗୋଠାରେ ଗୁରୁବାରଠାରୁ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆରମ୍ଭ ହେବାକୁଯାଉଛି। ଏଥିରେ ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରିବା ପାଇଁ ଓଡ଼ିଶା ଏଏମ୍/ଏନଏସ ଇଣ୍ଡିଆ ଜିମ୍ନାଷ୍ଟିକ ଏଚପିସି'ର ୩ଜଣ ଜିମ୍ନାଷ୍ଟ ଯୋଗ୍ୟତା ଅର୍ଜନ କରିଛନ୍ତି। ସେମାନେ ହେଲେ ତପନ ମହାନ୍ତି, ତପେଶ୍ୱରନାଥ ଦାସ ଓ ଅଲିମ୍ପିଆନ ପ୍ରଣତି ନାୟକ। ତପନ ଓ ତପେଶ୍ୱରନାଥ ପୁରୁଷ ଆର୍ଟିଷ୍ଟିକ ଜିମ୍ନାଷ୍ଟ (ଏମଏଜି)ରେ ସେମାନଙ୍କ କ୍ରୀଡ଼ା ନୈପୁଣ୍ୟ ଦେଖାଇବେ। ସେହିଭଳି ପ୍ରଣତି ମହିଳା ଟିମ୍ ଓ ମହିଳା ଆର୍ଟିଷ୍ଟିକ ଜିମ୍ନାଷ୍ଟ (ଡବ୍ଲ୍ୟୁଏଜି) ଇଭେଣ୍ଟରେ ଭାଗନେବେ। 'ଏଚପିସିର ତିନିଜଣ ଆଥଲେଟ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଅଂଶଗ୍ରହଣ କରିବା ଆମ ପାଇଁ ଅତ୍ୟନ୍ତ ଗର୍ବର ବିଷୟ। ଏଚପିସି ପକ୍ଷରୁ ସେମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି। ବିଶ୍ୱ ମଞ୍ଚରେ ପ୍ରତିଭାର ପ୍ରଦର୍ଶନ କରି ସେମାନେ ସଫଳତା ହାସଲ କରନ୍ତୁ' ବୋଲି ଏଏମ୍/ଏନ୍ଏସ୍ ଇଣ୍ଡିଆ ମାନବ ସମ୍ବଳ ଓ ପ୍ରଶାସନ ବିଭାଗର ନିର୍ଦ୍ଦେଶକ ଓ ଉପସଭାପତି ଆଶୁତୋଷ ତେଲାଙ୍ଗ କହିଛନ୍ତି।

### ଆଜିଠୁ ଜିମ୍ବାୱେ ବିପକ୍ଷ ଟି-୨୦ ସିରିଜ

# ଆୟର ଓ ସୂର୍ଯ୍ୟବଂଶୀଙ୍କ ଉପରେ ନଜର

ହରାରେ, ୨୨।୭ (ଏଜେନ୍ସି): ଘରୋଇ ଜିମ୍ବାୱେ ଓ ଭାରତ ମଧ୍ୟରେ ଗୁରୁବାରଠାରୁ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଆରମ୍ଭ ହେବ। ଏହା ପୂର୍ବରୁ ଶ୍ରେୟସ ଆୟରଙ୍କ ନେତୃତ୍ୱରେ ଆୟର୍ଲାଣ୍ଡ ଓ ଇଂଲଣ୍ଡ ଯାଇଥିବା ଭାରତୀୟ ଦଳ ଗୋଟିଏ ହେଲେ ଟି-୨୦ ମ୍ୟାଚ୍‌ରେ ଜିତି ପାରି ନ ଥିଲା। ଉଭୟ ସିରିଜ୍‌ରେ ସୁଙ୍ଗ, ବାଉନ୍ସ ଓ ସର୍ଟବଲ ବିପକ୍ଷରେ ଭାରତୀୟ ବ୍ୟାଟରଙ୍କ ଥିବା ଦୁର୍ବଳତା ପଦାରେ ପଡ଼ିଯାଇଥିଲା। ଜଣେ ହେଲେ ଖେଳାଳି ପ୍ରତିପକ୍ଷ ବୋଲରଙ୍କୁ ମୁକାବିଲା କରି ପାରି ନ ଥିଲେ। ଫଳରେ ଦୟନୀୟ ପ୍ରଦର୍ଶନ ସହ ସ୍ୱଦେଶ ଫେରିଥିଲା। ଟି-୨୦ ବିଶ୍ୱକପ୍ ଚାମ୍ପିଅନ ହେବା ପରେ ଭାରତଠାରୁ ଏଭଳି ପ୍ରଦର୍ଶନ କେହି ଆଶା କରୁ ନ ଥିଲେ। ଭାରତକୁ ଚାମ୍ପିଅନ କରାଇଥିବା ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଓ ବିଶ୍ୱକପର ଶ୍ରେଷ୍ଠ ଖେଳାଳି ସଞ୍ଜୁ ସାମସନ ଏହି ସିରିଜ୍ ଲାଗି ମନୋନୀତ ହୋଇନାହାନ୍ତି। ଗତ ଦୁଇଟି ସିରିଜ୍‌ରେ ଶ୍ରେୟସ ଆୟର ଦଳର ନେତୃତ୍ୱ ନେଇଥିଲେ। ସାମସନ ୩ଟି ମ୍ୟାଚ୍‌ରେ ଫେଲ୍ ମାରିବା ପରେ ଆଇପିଏଲ୍‌ର ବିସ୍ଫୋରକ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀଙ୍କୁ ସୁଯୋଗ ମିଳିଥିଲା। ସେ ମଧ୍ୟ ସର୍ଟବଲ ଓ ବାଉନ୍ସର ବଲର ଉଚିତ ମୁକାବିଲା କରି ପାରି ନ ଥିଲେ। ଏଭଳି ସମୟରେ ଉଭୟ ଆୟର ଓ ସୂର୍ଯ୍ୟବଂଶୀଙ୍କ ଲାଗି ଏହି ସିରିଜ୍ ଗୁରୁତ୍ୱପୂର୍ଣ୍ଣ। ସାମସନ ଦଳରେ ନ ଥିବାରୁ ସୂର୍ଯ୍ୟବଂଶୀ ଇନିଂସ ଓପନ କରିବେ। ଜିମ୍ବାୱେ ଟିମ୍ ନିକଟରେ ଭଲ ଫାଷ୍ଟ ବୋଲର ଅଛନ୍ତି, କିନ୍ତୁ ଇଂଲଣ୍ଡ ଭଳି ପିଚ୍ ନାହିଁ। ଏଣୁ ଏଠାରେ ଭାରତୀୟ ବ୍ୟାଟର ଫେଲ୍ ମାରିଲା ଭଳି ଆଶଙ୍କା ନାହିଁ। ଭାରତୀୟ ଦଳର ପେସ୍ ବାହିନୀ ଯୁବ ଖେଳାଳିଙ୍କୁ ନେଇ ଗଠିତ। ମୟଙ୍କ ଯାଦବ, ଅଶୋକ ଶର୍ମା, ଯଶ ଠାକୁର ଓ ଇଂଲଣ୍ଡରେ ଡେବ୍ୟୁ କରିଥିବା ପ୍ରିନ୍ସ ଯାଦବଙ୍କୁ ଏହି ସିରିଜ୍ ଲାଗି ଚୟନ କରାଯାଇଛି। ଜୁଲାଇ ୨୫ ଓ ୨୬ରେ ସିରିଜ୍‌ର ଶେଷ ୨ଟି ମ୍ୟାଚ୍ ଅନୁଷ୍ଠିତ ହେବ।

**ଖେଳ ଆରମ୍ଭ- ଅପରାହ୍ଣ ୪ଟା ୩୦**
**ପ୍ରସାରଣ- ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ**
**ଲାଇଭ୍ ଷ୍ଟ୍ରିମିଂ: ସୋନି ଲାଇଭ, ଫ୍ୟାନ୍ କୋଡ଼**

**ଉଭୟ ଦଳ**

**ଭାରତ:** ଅଭିଷେକ ଶର୍ମା, ଇଶାନ କିଶାନ, ବୈଭବ ସୂର୍ଯ୍ୟବଂଶୀ, ଶ୍ରେୟସ ଆୟର (ଅଧିନାୟକ), ତିଳକ ବର୍ମା, ଶିବମ ଦୁବେ, ରିଙ୍କୁ ସିଂ, ସୂର୍ଯ୍ୟାଂଶ ଶେଡ୍‌ଜେ, ମୟଙ୍କ ଯାଦବ, ଅଶୋକ ଶର୍ମା, ଯଶ ଠାକୁର ଓ ପ୍ରିନ୍ସ ଯାଦବ, ହର୍ଷ ଦୁବେ, ରବି ବିଷ୍ଣୋଇ ଓ ପ୍ରଭସିମରନ ସିଂହ।

**ଜିମ୍ବାୱେ:** ସିକନ୍ଦର ରାଜା (ଅଧିନାୟକ), ବ୍ରିଆନ ବେନେଟ, ତାଡିୱାନସେ ମାରୁମାନି (ୱିକେଟ ରକ୍ଷକ), ବେନ୍ କରାନ, ଡିଓନ ମାୟର୍ସ, ରିୟାନ ବୁର୍ଲ, ବ୍ରାଡ ଇଭାନ୍ସ, ୱେଲିଂଟନ ମାସକାଦ୍‌ଜା, ୱେସ୍‌ଲୀ ମାଧେଭେରେ, ମିଲଟନ ଶୁମ୍ବା, ରିଚାର୍ଡ ଏନ୍‌ଗାରଭା, ତାନକା ଚିଭାଙ୍ଗା, ବ୍ଲେସିଂ ମୁଜାରବାନି, ତାଫଦ୍‌ଜୱା ଶିଗା, ନ୍ୟୁମ୍ୟାନ୍ ନୟାମୁରୀ।

## ୟୁଏସ୍ ଓପନରେ ସିନ୍ନର, ସାବାଲେଙ୍କା ଟପ୍ ସିଡ୍

ନ୍ୟୁୟର୍କ,୨୨।୭ (ଏଜେନ୍ସି): ୟୁଏସ୍ ଟେନିସ ଆସୋସିଏସନ ପକ୍ଷରୁ ବର୍ଷର ଶେଷ ଗ୍ରାଣ୍ଡସ୍ଲାମ୍ ଟେନିସ ପ୍ରତିଯୋଗିତା ଲାଗି ସିଡେଡ ଖେଳାଳି ଓ ଅନ୍ୟମାନଙ୍କ ନାମ ଘୋଷଣା କରାଯାଇଛି। ନିକଟରେ ୱିମ୍ବଲଡନ ଟାଇଟଲ ହାସଲ କରିଥିବା ଇଟାଲୀର ଜାନିକ୍କ ସିନ୍ନରଙ୍କୁ ଟପ୍ ସିଡ୍ ମାନ୍ୟତା ମିଳିଛି। ମହିଳା ଏକକରେ ଗତ ଦୁଇଥରର ଚାମ୍ପିଅନ ଆରିନା ସାବାଲେଙ୍କାଙ୍କୁ ମଧ୍ୟ ନଂ-୧ ର୍ୟାଙ୍କ ମିଳିଛି। ଅଗଷ୍ଟ ୨୩ ତାରିଖରୁ ୟୁଏସ୍ ଓପନ ଗ୍ରାଣ୍ଡ ସ୍ଲାମ୍ ଆରମ୍ଭ ହେବ।

## କିଟ୍, କିସ୍‌ରୁ ଆରମ୍ଭ ହେବ ଏଆଇୟୁ କ୍ରୀଡ଼ା ଋତୁ

ଭୁବନେଶ୍ୱର,୨୨।୭(ସମିସ): ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏଆଇୟୁ)ର ଆଗାମୀ ୨୦୨୬-୨୭ କ୍ରୀଡ଼ା ଋତୁର କାର୍ଯ୍ୟସୂଚୀ ପ୍ରକାଶ ପାଇଛି। କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟରୁ ଏଆଇୟୁର କ୍ରୀଡ଼ାଋତୁ ଆରମ୍ଭ ହେବ। ଚେନ୍ନଇଠାରେ ଅନୁଷ୍ଠିତ ଏଆଇୟୁ'ର ୩୫ତମ ବାର୍ଷିକ ସାଧାରଣ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଜାତୀୟ କ୍ରୀଡ଼ା ଦିବସ ଅବସରରେ ଅଗଷ୍ଟ ୨୯ରୁ ସର୍ବଭାରତୀୟ ଆନ୍ତଃ-ବିଶ୍ୱବିଦ୍ୟାଳୟ ଆଥଲେଟିକ୍ସ ଚାମ୍ପିଅନସିପ୍ (ପୁରୁଷ ଓ ମହିଳା) କିଟ୍‌ରେ ଅନୁଷ୍ଠିତ ହେବ। ଏହି କ୍ରୀଡ଼ା ଋତୁରେ କିଟ୍ ଓ କିସ୍ ପୁରୁଷ ଓ ମହିଳା କ୍ରିକେଟ୍ ଏବଂ ପୁରୁଷ ହକି ଭଳି ୫ଟି ପ୍ରମୁଖ ସର୍ବଭାରତୀୟ ଓ ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟ ଚାମ୍ପିଅନସିପ୍ ଆୟୋଜନ କରିବ। ଏଥିସହ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ୨ଟି ଚାମ୍ପିଅନସିପ୍ ସହ ଓଡ଼ିଶା ମୋଟ ୭ଟି ପ୍ରତିଯୋଗିତାର ଆୟୋଜନ ଅଧିକାର ପାଇଛି।


**FOR RENT**

Warehouse/Shed Available for Rent. A **9,000 sq. ft.** shed built on a **20,000 sq.ft.** plot is available for rent on the **Panikoili National Highway.** Ideal for a Warehouse, Industrial Unit, Logistics Operations, Showroom or other Commercial purposes. Interested parties may contact:

**8249526803**


## ଖୋର୍ଦ୍ଧା ଦଳଗତ ଚାମ୍ପିଅନ



ରାଜ୍ୟ ଜୁନିଅର, ସବ୍-ଜୁନିଅର ସନ୍ତରଣ ଉଦଯାପିତ

ଭୁବନେଶ୍ୱର, ୨୨।୭ (ସମିସ): କଳିଙ୍ଗ ଷ୍ଟାଡିୟମସ୍ଥିତ ଆକ୍ୱାଟିକ ସେଣ୍ଟରରେ ଚାଲିଥିବା ଓଡ଼ିଶା ରାଜ୍ୟ ଜୁନିଅର ଓ ସବ୍-ଜୁନିଅର ସନ୍ତରଣ ଚାମ୍ପିଅନସିପ୍‌ର ୬୬ତମ ସଂସ୍କରଣ ବୁଧବାର ଉଦଯାପିତ ହୋଇଯାଇଛି। ଏହି ଚାମ୍ପିଅନସିପ୍‌ରେ ଖୋର୍ଦ୍ଧା ସନ୍ତରଣକାରୀମାନେ ଦମ୍‌ଦାର ପ୍ରଦର୍ଶନ କରି ସର୍ବାଧିକ ପଦକ ଜିତିବା ସହ ଦଳଗତ ଚାମ୍ପିଅନ ହୋଇଛି। ସେହିଭଳି କିଟ୍ ଓ କିସ୍ ଦଳ ରନର୍ସଅପ୍ ହୋଇଛି। ଉଦଯାପନୀ ଉତ୍ସବରେ କ୍ରୀଡ଼ା ବିଭାଗର ସ୍ୱତନ୍ତ୍ର ସଚିବ ଅଶୋକ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ା ବିଭାଗର ଅମିତ କୁମାର ନାୟକ, ଧୀରଜ ପଟ୍ଟନାୟକ, ରାଜ୍ୟ ସନ୍ତରଣ ସଂଘର ସଭାପତି ପ୍ରଦୀପ କୁମାର ପାଢ଼ୀ, ସମ୍ପାଦକ ଗୋଲାପମଣି ମହନ୍ତା, କୋଷାଧ୍ୟକ୍ଷ ବିଜୟ କୁମାର ଦୀକ୍ଷିତ ପ୍ରମୁଖ ଅତିଥିଭାବେ ଉପସ୍ଥିତ ରହିଥିଲେ।


ସକାଳ THE SAKALA
www.thesakala.in

The Sakala require the following post for Head Office urgently.

**ADVERTISEMENT EXECUTIVE**

Qualification: MBA with 5 yrs. experience.

Send your CV by 31.07.2026 to
Asst. Manager HR
Email: hr@thesakala.com
Mob.: 8249526803

**THE SAKALA**
(A unit of Nandighosha Network Pvt. Ltd.)
**Plot No.: 90 & 91, Bhagabanpur I/E, Bhubaneswar**


### ଚାଇନା ଓପନ୍

## ପ୍ରି-କ୍ୱାର୍ଟରରେ ସିନ୍ଧୁ

ଚାଙ୍ଗଝୋଉ, ୨୨।୭ (ଏଜେନ୍ସି): ଷ୍ଟାର ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ପିଭି ସିନ୍ଧୁ ଚାଇନା ଓପନ୍ ପ୍ରତିଯୋଗିତାରେ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ବୁଧବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ରାଉଣ୍ଡ-୩୨ ମୁକାବିଲାରେ ସିନ୍ଧୁ ୨୧-୧୪, ୯-୨୧, ୨୧-୧୦ ଗେମରେ ସାଥୀ ଖେଳାଳି ଉନ୍ନତି ହୁଡାଙ୍କୁ ପରାସ୍ତ କରିଥିଲେ। ବିଶ୍ୱ ମାନ୍ୟତାର ୧୫ତମ ସ୍ଥାନରେ ରହିଥିବା ସିନ୍ଧୁ ପ୍ରି-କ୍ୱାର୍ଟରରେ ଘରୋଇ ସଟଲର୍ ଚେନ୍ ୟୁ ଫେଇ'ଙ୍କୁ ଭେଟିବେ। ଗତ ସପ୍ତାହରେ ସିନ୍ଧୁ ଜାପାନ ଓପନରେ ଚାମ୍ପିଅନ ହୋଇଥିଲେ। ଯାହାକି ଦୁଇବର୍ଷ ପରେ ତାଙ୍କର ପ୍ରଥମ ଟାଇଟଲ୍ ଥିଲା। ଅନ୍ୟ ଭାରତୀୟଙ୍କ ମଧ୍ୟରେ ପୁରୁଷ ସିଙ୍ଗଲ୍ସରେ ଆୟୁଷ ସେଟ୍ଟୀ ୨୧-୧୭, ୫-୨୧, ୨୧-୧୭ ଗେମରେ ବିଶ୍ୱର ୧୧ ନମ୍ବର ଖେଳାଳି ଇଣ୍ଡୋନେସିଆର ଆଲୱି ଫରହାନଙ୍କୁ ହରାଇ ବିପର୍ଯ୍ୟୟ ଘଟାଇଛନ୍ତି। ତେବେ ମିକ୍ସଡ ଡବଲ୍ସରେ ଧ୍ରୁବ କପିଳା ଓ ତନିଷା କ୍ରାଷ୍ଟୋ ପ୍ରଥମ ରାଉଣ୍ଡରେ ହାରି ବିଦାୟ ନେଇଛନ୍ତି।






PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS